# ଧରିତ୍ରୀ DHARITRI

ବାଲେଶ୍ୱର, ଶୁକ୍ରବାର, ଅଗଷ୍ଟ ୨୦/୨୦୨୧ (୧୬ ପୃଷ୍ଠା) | Balasore, Friday, August 20/2021 | ★★★★

୪୭ଶ ଭାଗ ୨୬୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ମନିକା ବାତ୍ରା ସେମିଫାଇନାଲରେ**

ଭାରତର ଷ୍ଟାର୍ ଟେବୁଲ ଟେନିସ ଖେଳାଳି ମନିକା ବାତ୍ରା ଡବ୍ଲ୍ୟୁଟିଟି କଣ୍ଟେଣ୍ଡର ମିଚ୍ସ୍ ସେମିଫାଇନାଲରେ ପ୍ରବେଶ କରିଛନ୍ତି।

୧୫

୧୪

**ରଣଦୀପଙ୍କୁ ୧୦ କୋଟିର ନୋଟିସ**

ସ୍ପ୍ରିପ୍ଟ ରାଇଟର ପ୍ରିୟଙ୍କା ଶର୍ମା ଅଭିନେତା ରଣଦୀପଙ୍କୁ ୧୦ କୋଟି ଟଙ୍କାର ଲିଗାଲ ନୋଟିସ୍ ପଠାଇଛନ୍ତି।





**ଶ୍ରାବଣରେ ଶୁଖିଲା:** ଶ୍ରାବଣ ଶେଷ ହେବାକୁ ବସିଥିବାବେଳେ ସମ୍ବଲପୁର ନିକଟ ମହାନଦୀ ଶୁଖିଲା ପଡ଼ିଛି। (ଫଟୋ: ଶୁଭାଶିଷ ପାଢ଼ୀ)

# କୋଟିଆରେ ଆନ୍ଧ୍ରର ଜବରଦସ୍ତି କାର୍ଯ୍ୟ

**ରାଜ୍ୟ ସରକାରଙ୍କ ଯୋଜନା, ଜନପ୍ରତିନିଧିଙ୍କ ଚେତାବନୀ, ପ୍ରଶାସନିକ ଅଧିକାରୀଙ୍କ ଦୃଢ଼ୋକ୍ତି ଫସର ଫାଟିଛି । ସୀମା ବିବାଦରେ ଫସିଥିବା କୋଟିଆରେ ପୁଣି ଥରେ ନିଜର ଉପସ୍ଥିତି ଜାହିର କରିଛି ଆନ୍ଧ୍ର। ଏଥର ପଡ଼ୋଶୀ ରାଜ୍ୟର କାର୍ଯ୍ୟକଳାପ କେବଳ ଅନୁପ୍ରବେଶରେ ସୀମିତ ରହିନି, ବରଂ ଜବରଦସ୍ତ ଚାରା ରୋପଣ ସହ ସରକାରୀ କାର୍ଯ୍ୟାଳୟ ନିର୍ମାଣ କରିବାକୁ ଜାଗା ଚିହ୍ନଟ କରିବା ପର୍ଯ୍ୟନ୍ତ କଥା ଯାଇଛି। ନିଷ୍ପତ୍ତି କାର୍ଯ୍ୟକାରୀ କରିବାରେ ଓଡ଼ିଶାର ରାଜନେତା, ପ୍ରଶାସନିକ ଅଧିକାରୀଙ୍କ ଚାପ କୌଣସି କାମ ଦେବ ନାହିଁ କି ଆନ୍ଧ୍ର ପ୍ରଶାସନ ପଛକୁ ହଟିବ ନାହିଁ ବୋଲି ପାର୍ବତୀପୁରମ୍ ପିଓ ଆଇଟିଡିଏ କୋର୍ମନାଥ ଦୃଢ଼ୋକ୍ତି ପ୍ରକାଶ କରିବା ପରେ କୋଟିଆକୁ ନେଇ ଛିଡ଼ା ହୋଇଛି ନୂଆ ବିବାଦ।**

- ସରକାରୀ କାର୍ଯ୍ୟାଳୟ ନିର୍ମାଣ ପାଇଁ ଜାଗା ଚିହ୍ନଟ
- ସାଲୁର ବ୍ଲକ ପ୍ରଶାସନକୁ ଦିଆଯାଇଛି ଦାୟିତ୍ୱ
- ପଛଘୁଞ୍ଚା ଦେବୁନି: ଆନ୍ଧ୍ର ପିଓ ଆଇଟିଡିଏ

ପଟ୍ଟାଙ୍ଗୀ, ୧୯।୮ (ଡି.ଏନ୍.ଏ.)

ଓଡ଼ିଶା ସରକାରଙ୍କ ତୀବ୍ର ବିରୋଧ ସତ୍ତ୍ୱେ କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକର କୋଟିଆ ପଞ୍ଚାୟତରେ ଜବରଦସ୍ତ ପଶିଛି ଆନ୍ଧ୍ର। ଗୁରୁବାର କୋଟିଆର ୨ ଗ୍ରାମ ଫାଟୁସିନେରି ଏବଂ ଫଗୁଣସିନେରିରେ ଚାରା ରୋପଣ କରିବା ସହ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ନିର୍ମାଣ ଲାଗି ଜାଗା ଚିହ୍ନଟ କରିଛି ପଡ଼ୋଶୀ ରାଜ୍ୟ ପ୍ରଶାସନ, ଯାହା ଦୁଇ ରାଜ୍ୟର ସମ୍ପର୍କକୁ ଆହୁରି ତିକ୍ତ କରିଥିବାବେଳେ ପୁଣି ଆରମ୍ଭ ହୋଇଛି ନୂଆ ବିବାଦ। ଫାଟୁସିନେରି ଗ୍ରାମରେ ସୋମବାର ଆନ୍ଧ୍ର ପ୍ରଶାସନ ବିଭିନ୍ନ କାର୍ଯ୍ୟକ୍ରମ କରିବାକୁ ଯୋଜନା କରିଥିଲା। ସାଲୁର ବିଧାୟକ ପି. ରାଜନା ଦୋରାଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ ଏଥିରେ ଯୋଗଦେବା ଲାଗି ନିଷ୍ପତ୍ତି ହୋଇଥିଲା। ହେଲେ କୋରାପୁଟ ଜିଲା ପ୍ରଶାସନ, ବିଭିନ୍ନ ରାଜନୈତିକ ଦଳର ଜନପ୍ରତିନିଧି ଏକାଠି ହୋଇ ତୀବ୍ର ବିରୋଧ କରିବା ପରେ ଏହା ଫସର ଫାଟିଥିଲା। ଆନ୍ଧ୍ରର କୌଣସି ରାଜନେତା କିମ୍ବା ପ୍ରଶାସନିକ ଅଧିକାରୀ ଗ୍ରାମରେ ପଶିବାକୁ ସାହସ ଜୁଟାଇ ପାରି ନ ଥିଲେ। ଏହାର ଠିକ୍ ଦୁଇଦିନ ପରେ ଗୁରୁବାର ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛି ଆନ୍ଧ୍ର ପ୍ରଶାସନ। ଫାଟୁସିନେରିରେ ଚାରା ରୋପଣ ସହ ସରକାରୀ କାର୍ଯ୍ୟାଳୟ ଲାଗି ଜାଗା ଚିହ୍ନଟ କରି ନିଜର ଉପସ୍ଥିତି ଜାହିର କରିଛି। ପାର୍ବତୀପୁରମ୍ ପିଓ ଆଇଟିଡିଏ ଆର୍. କୋର୍ମନାଥ, ସାଲୁର ବିଡିଓ ଜି. ପାର୍ବତୀ, ଡିଏସ୍‌ପି ସୁବାସ, କୋଟିଆ ସର୍କଲ ଇନ୍ସପେକ୍ଟର ବି. ରୋହିଣୀ ପାଠୀ, ଫଗୁଣସିନେରି ସରପଞ୍ଚ କୁନେଟି କୁସାମାଁ, ଫାଟୁସିନେରି ସରପଞ୍ଚ ସେଦା ରାପୋ କାମିଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ। ଚିହ୍ନଟ ହୋଇଥିବା ଜମିରେ ସ୍ୱାସ୍ଥ୍ୟସେବା ପାଇଁ ଗୃହ, ପଞ୍ଚାୟତ କାର୍ଯ୍ୟାଳୟ, ବିଦ୍ୟାଳୟ ଗୃହ, ଅଙ୍ଗନୱାଡି ଗୃହ ଏବଂ ଫଗୁଣସିନେରିରେ ଅଙ୍ଗନୱାଡି ଗୃହ, ବିଦ୍ୟାଳୟ, କୃଷି ବିଭାଗର ଗୃହ ନିର୍ମାଣ କରାଯିବାକୁ ଯୋଜନା ରହିଛି। ସେହିପରି ସଲପଗୁଡ଼ା ଏବଂ କୋନାଦୋରା ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କରାଯିବ। ଶୁକ୍ରବାରଠାରୁ ଏହି କାର୍ଯ୍ୟ ଆରମ୍ଭ ହୋଇ ମାସେ ଭିତରେ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖିଛି ଆନ୍ଧ୍ର। ଏସବୁ ପ୍ରକଳ୍ପ କାର୍ଯ୍ୟର ଦାୟିତ୍ୱ ନେଇଛି ସାଲୁର ବ୍ଲକ ପ୍ରଶାସନ। ଓଡ଼ିଶାର କୌଣସି ରାଜନେତା, ପ୍ରଶାସନିକ ଅଧିକାରୀଙ୍କ ଚାପରେ ଆନ୍ଧ୍ର ତାହାର ନିଷ୍ପତ୍ତି କାର୍ଯ୍ୟକାରୀ ☞ପୃଷ୍ଠା-୪

# ଡିଜେଲ ୨୫ପଇସା କମିଲା

## ୩୪ ଦିନ ହେଲା ସ୍ଥିର ରହିଛି ପେଟ୍ରୋଲ

ଭୁବନେଶ୍ୱର,୧୯।୮

ଲଗାତର ୨ୟ ଦିନ ପାଇଁ ଡିଜେଲ ଦରରେ ସାମାନ୍ୟ ହ୍ରାସ ଘଟିଛି। ବୁଧବାର ୨୨ ପଇସା ହ୍ରାସ ହୋଇଥିବାବେଳେ ଗୁରୁବାର ୨୫ ପଇସା କମିଛି। ଫଳରେ ଭୁବନେଶ୍ୱରରେ ଡିଜେଲ ଲିଟର ପିଛା ୯୭.୪୮ ଟଙ୍କାରେ ବିକ୍ରି ହେଉଛି। ଅପରପକ୍ଷରେ ଗତ ୩୪ ଦିନ ହେବ ପେଟ୍ରୋଲ୍ ମୂଲ୍ୟ ଅପରିବର୍ତ୍ତିତ ରହିଛି। ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୧୦୨.୬୬ ଟଙ୍କାରେ କାରବାର ହେଉଛି। ସେହିପରି ନୂଆଦିଲ୍ଲୀରେ ମଧ୍ୟ ଡିଜେଲ ଉପରେ ୨୦ ପଇସା ହ୍ରାସ ପାଇଥିବା ଜଣାପଡ଼ିଛି। ଏହି ଦର ହ୍ରାସ ଫଳରେ ସେଠାରେ ଡିଜେଲ ☞ପୃଷ୍ଠା-୪

# ଭର୍ତ୍ତୃହରିଙ୍କ ବୋହୂ ଆଣିଲେ ଯୌତୁକ ନିର୍ଯାତନା ଅଭିଯୋଗ

ଭୁବନେଶ୍ୱର,(ବ୍ୟୁରୋ)/ଭୋପାଳ, ୧୯।୮(ପି.ଟି.)

କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ତାଙ୍କ ସ୍ତ୍ରୀ ଓ ପୁଅଙ୍କ ବିରୋଧରେ ବୋହୂ ସାକ୍ଷୀ ଯୌତୁକ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ମଧ୍ୟପ୍ରଦେଶର ମହାଦେବ ପରିସର ଅଞ୍ଚଳରେ ରହୁଥିବା ବୋହୂଙ୍କ ଅଭିଯୋଗ ଆଧାରରେ ଭୋପାଳ ମହିଳା ଥାନା ପୋଲିସ ବିଜେଡି ଏମ୍‌ପି ଭର୍ତ୍ତୃହରି, ତାଙ୍କ ସ୍ତ୍ରୀ ମହାଶ୍ୱେତା ଓ ପୁଅ ଲୋକରଞ୍ଜନଙ୍କ ବିରୋଧରେ ମାମଲା ରୁଜୁ କରିଛି। ଅଭିଯୋଗକାରିଣୀ ୨୦୧୬ ଡିସେମ୍ବରରେ ଲୋକରଞ୍ଜନଙ୍କୁ ବିବାହ କରିଥିଲେ। ବିବାହରେ ତାଙ୍କ ବାପଘର ପକ୍ଷରୁ ଦେଢ଼ କୋଟି ଟଙ୍କା ଖର୍ଚ୍ଚ କରିଥିଲେ। ଏହାସତ୍ତ୍ୱେ ଶାଶୁଘରେ ତାଙ୍କୁ ଯୌତୁକ ପାଇଁ ନିର୍ଯାତନା ଦିଆଯାଇ ଆସୁଥିଲା ବୋଲି ବୋହୂ ତାଙ୍କ ଏତଲାରେ ଦର୍ଶାଇଛନ୍ତି। ଆଇପିସିର ଧାରା ୪୯୮ ଏ (ମହିଳାଙ୍କ ପ୍ରତି ନିଷ୍ଠୁରତା), ୩୪ ଏବଂ ଯୌତୁକ ☞ପୃଷ୍ଠା-୪

# କରୋନା ଯୁଦ୍ଧରେ ହାରିଲେ ସଂଗ୍ରାମ

ଭୁବନେଶ୍ୱର, ୧୯।୮(ବ୍ୟୁରୋ)

**କରୋନାରେ ପୀଡ଼ିତ ହୋଇ ଇକ୍‌ମୋ ଚିକିତ୍ସାରେ ଥିଲେ**



ପୂର୍ବତନ ଯୁବ କଂଗ୍ରେସ ସଭାପତି ସଂଗ୍ରାମ ଯେନା କରୋନା ମହାମାରୀ ସହ ଲଢ଼ି ହାରିଯାଇଛନ୍ତି। ଗୁରୁବାର ସକାଳେ ତାଙ୍କର ପରଲୋକ ଘଟିଛି। ତାଙ୍କ ସାନଭାଇ ମନୋଜ ଯେନା ଏହି ସୂଚନା ଦେଇଛନ୍ତି। ସଂଗ୍ରାମ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ପିସିସି ସଭାପତି ଜୟଦେବ ଯେନାଙ୍କ ବଡ଼ପୁଅ। ତାଙ୍କୁ ୪୪ ବର୍ଷ ବୟସ ହୋଇଥିଲା। କରୋନାରେ ଆକ୍ରାନ୍ତ ହୋଇ ହାଇଦ୍ରାବାଦରେ ସେ ଚିକିତ୍ସିତ ହେଉଥିଲେ। ୮୪ ଦିନ ହେବ ତାଙ୍କୁ ଇକ୍‌ମୋ ଚିକିତ୍ସାରେ ରଖାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଧୀରେ ଧୀରେ ଉନ୍ନତି ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ପୁନର୍ନିର୍ମାଣର ଚାବିକାଠି




ଧରିତ୍ରୀ
DHARITRI
ଶୁକ୍ରବାର, ୨୦ ଅଗଷ୍ଟ, ୨୦୨୧

## ରାଷ୍ଟ୍ରପତିଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର

ନୂଆଦିଲ୍ଲୀର ଆର୍ମି ହସ୍ପିଟାଲରେ ଗୁରୁବାର ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଆଖିରେ ମୋତିଆବିନ୍ଦୁ ଅସ୍ତ୍ରୋପଚାର କରାଯାଇଛି। ଅସ୍ତ୍ରୋପଚାର ସଫଳତାର ସହ ସମ୍ପନ୍ନ ହେବା ପରେ କୋବିନ୍ଦ ହସ୍ପିଟାଲରୁ ଫେରିଥିବା ରାଷ୍ଟ୍ରପତି ଭବନ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ୭୫ ବର୍ଷୀୟ ରାଷ୍ଟ୍ରପତିଙ୍କ ଛାତିରେ ଯନ୍ତ୍ରଣା ହେବାରୁ ଗତ ମାର୍ଚ୍ଚରେ ସେ ହସ୍ପିଟାଲ ଯାଇଥିଲେ। ଏହା ପରେ ସେ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଉଥିଲେ।



## ତାଲିବାନ୍‌କୁ ମିଳିବନି ଋଣ: ଆଇଏମ୍‌ଏଫ୍

ୱାଶିଂଟନ୍, ୧୯।୮: ୧୯୦ ରାଷ୍ଟ୍ର ସଦସ୍ୟ ଥିବା ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍)ରୁ କୌଣସି ମାଧ୍ୟମରେ ତାଲିବାନକୁ ଋଣ ପାଇଁ ଏବେ ଅନୁମତି ମିଳିବ ନାହିଁ ବୋଲି ଆଇଏମ୍‌ଏଫ୍ ଏକ ବିବୃତିରେ କହିଛି। ଏବେ ତାଲିବାନ ସରକାରକୁ ଅନ୍ତର୍ଜାତୀୟ ସମୁଦାୟ ସ୍ପଷ୍ଟ ସ୍ୱୀକୃତି ଦେଇନାହାନ୍ତି। ତେଣୁ ସ୍ପେଶାଲ ଡ୍ରଇଂ ରାଇଟ୍‌ସ(ଏସ୍‌ଡିଆର୍) କିମ୍ବା ଆଇଏମ୍‌ଏଫ୍‌ର ଅନ୍ୟାନ୍ୟ ଉତ୍ସରୁ ତାଲିବାନ ଅର୍ଥ ନେଇପାରିବନି ବୋଲି ଉକ୍ତ ବିବୃତିରେ କୁହାଯାଇଛି।

## ତାଲିବାନ ପୂର୍ବାପେକ୍ଷା ଅଧିକ ଯୁକ୍ତିସଙ୍ଗତ: ଚାଇନା

ବେଜିଂ, ୧୯।୮: ଆଫଗାନିସ୍ତାନକୁ ତାଲିବାନ କବ୍‌ଜା କରିବା ପରେ ପାକିସ୍ତାନ ଓ ଚାଇନା ଏହି ଗୋଷ୍ଠୀକୁ ସମର୍ଥନ ଦେଇଆସୁଛନ୍ତି। ଏପରି କି ଚାଇନା ମୁହଁରେ ତାଲିବାନ୍ ପ୍ରଶଂସାର ପାତ୍ର ପାଲଟିଛି। ତାଲିବାନ୍ ପୂର୍ବାପେକ୍ଷା ଅଧିକ ସ୍ପଷ୍ଟ ଏବଂ ଯୁକ୍ତିସଙ୍ଗତ ଲାଗୁଛି ବୋଲି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ହୁଆ ଚୁନିଙ୍ଗ୍ ଗୁରୁବାର କହିଛନ୍ତି। ଏହି ଗୋଷ୍ଠୀ ସହ ବେଜିଂ ଆଲୋଚନା କରୁଛି ଏବଂ ଆଫଗାନିସ୍ତାନରେ କ୍ଷମତା ଦଖଲ କରିବା ପରେ ସେମାନଙ୍କ କାର୍ଯ୍ୟ ଉପରେ ବିଚାର କରିବାକୁ ପରାମର୍ଶ ଦେଇଛି।

# ଅଭେଦ୍ୟ ଦୁର୍ଗ ପଞ୍ଜଶିର



**ଆଫଗାନିସ୍ତାନକୁ ତାଲିବାନ୍ ଦଖଲ କରିଛି ସତ। ହେଲେ ଏବେ ସୁଦ୍ଧା ସଶସ୍ତ୍ର ଆତଙ୍କବାଦୀଙ୍କ ପାଇଁ ଅପହଞ୍ଚ ହୋଇ ରହିଛି ଗୋଟିଏ ଇଲାକା। ନାଁ ତା'ର ପଞ୍ଜଶିର ଉପତ୍ୟକା। ଏଇଠୁ ତାଲିବାନ୍ ବିରୋଧୀଙ୍କୁ ଏକାଠି କରିବାରେ ଲାଗିଛନ୍ତି ଆତ୍ମଘୋଷିତ ରାଷ୍ଟ୍ରପତି ଅମରୁଲ୍ଲା ସାଲେହ, ଯାହାଙ୍କୁ ନେଇ ସବୁଠି ଚାଲିଛି ଚର୍ଚ୍ଚା।**

କାବୁଲ,୧୯।୮

ଅମରୁଲ୍ଲା ସାଲେହ ହେଉଛନ୍ତି ଆଫଗାନିସ୍ତାନର ପ୍ରଥମ ଉପରାଷ୍ଟ୍ରପତି। ଅଗଷ୍ଟ ୧୫ରେ ତାଲିବାନ୍ ପକ୍ଷରୁ କାବୁଲ ଦଖଲ ଘୋଷଣା ପରେ ରାଷ୍ଟ୍ରପତି ଅଶ୍ରଫ୍ ଗନିଙ୍କ ସମେତ ଅନେକ ନେତା ଦେଶ ଛାଡ଼ି ପଳାୟନ କରିଥିଲେ। ହେଲେ ତାଲିବାନ୍‌ର ଆତଙ୍କ ଆଗରେ ମୁଣ୍ଡ ନୁଆଇ ନ ଥିଲେ ଅମରୁଲ୍ଲା। ସେ ନିଜକୁ ଆଫଗାନିସ୍ତାନର ବୈଧ କାମଚଳା ରାଷ୍ଟ୍ରପତି ଘୋଷଣା କରିଛନ୍ତି। ଅମରୁଲ୍ଲା ଏବେ ତାଲିବାନ୍ ବିରୋଧୀଙ୍କୁ ଏକାଠି କରିବାରେ ଲାଗିଛନ୍ତି। କେବଳ ଅମରୁଲ୍ଲାଙ୍କ ଭୟରେ ୩୪ ପ୍ରଦେଶ ମଧ୍ୟରୁ ଅନ୍ୟତମ ପଞ୍ଜଶିରକୁ ତାଲିବାନ୍ ମାଡ଼ିପାରି ନାହିଁ। ତାଲିବାନ୍ ବିରୋଧରେ ବିକ୍ଷୋଭକାରୀଙ୍କୁ ସମର୍ଥନ ଜଣାଇଛନ୍ତି। ଜାତୀୟ ପତାକା ଧରି ଦେଶର ମର୍ଯ୍ୟାଦା ରକ୍ଷା ପାଇଁ ଲଢ଼େଇ କରୁଥିବା ଲୋକଙ୍କୁ ସାଲ୍ୟୁଟ୍ ବୋଲି ଟୁଇଟ୍ କରିଛନ୍ତି। ତାଙ୍କ ଟୁଇଟର ଆକାଉଣ୍ଟକୁ ସୋସିଆଲ ନେଟ୍‌ୱର୍କିଂ ସାଇଟ୍ ପକ୍ଷରୁ ବ୍ଲକ୍ କରିଦିଆଯାଇଛି। ନ୍ୟାଶନାଲ ରେଜିଷ୍ଟାନ୍ସ ଫ୍ରଣ୍ଟ ଅଫ୍ ଆଫଗାନିସ୍ତାନ ତାଲିବାନ ବିରୋଧୀ ସଂଗ୍ରାମକୁ ଜୋରଦାର କରିଛି। ଦ୍ୱିତୀୟ ପ୍ରତିରୋଧ ନାମରେ ପରିଚିତ ଏହି ଲଢ଼େଇ ହେଉଛି 'ପଞ୍ଜଶିର ରେଜିଷ୍ଟାନ୍ସ'। ଏହାର ବ୍ୟାନର ତଳେ ନର୍ଦର୍ନ ଆଲାଏନ୍ସ ସଦସ୍ୟ ଓ ତାଲିବାନ୍ ବିରୋଧୀ ନେତାମାନେ ଏକାଠି ହେବାରେ ଲାଗିଛନ୍ତି। ଉକ୍ତ ମେଣ୍ଟର ନେତୃତ୍ୱ ନେଉଛନ୍ତି ଅମରୁଲ୍ଲା ଏବଂ ଅହମଦ ମସୌଦ। ଅହମଦ ମସୌଦ ହେଉଛନ୍ତି ଅହମଦ ଶାହ ମସୌଦଙ୍କ ପୁଅ, ଯାହାଙ୍କୁ ତାଲିବାନ ହତ୍ୟା କରିଥିଲା। ଅହମଦ ମସୌଦ ତାଲିବାନ୍ ବିରୋଧରେ ଲଢ଼େଇ ପାଇଁ ପାଶ୍ଚାତ୍ୟ ଦେଶଗୁଡ଼ିକର ସହାୟତା ମାଗି ୱାଶିଂଟନ ପୋଷ୍ଟକୁ ଏକ ସାକ୍ଷାତ୍‌କାର ଦେଇଛନ୍ତି।

## ସିଆଇଏ ଗୁପ୍ତଚରରୁ ଆତ୍ମଘୋଷିତ ରାଷ୍ଟ୍ରପତି



ଅମରୁଲ୍ଲା ସାଲେହ

୧୯୭୨ରେ ପଞ୍ଜଶିରର ଏକ ତାଜିକ୍ ପରିବାରରେ ଜନ୍ମିତ ଅମରୁଲ୍ଲା ସାଲେହ ଛୋଟ ବେଳୁ ଅନାଥ ହୋଇଯାଇଥିଲେ। ତାଲିବାନ୍ ବିରୋଧୀ ଆନ୍ଦୋଳନ ଭିତରେ ସେ ବଢ଼ିଥିଲେ। ଅହମଦ ଶାହ ମସୌଦଙ୍କ ନେତୃତ୍ୱରେ ଏହି ଆନ୍ଦୋଳନରେ ଖୁବ୍ କମ୍ ବୟସରେ ଯୋଗଦେଇଥିଲେ। କାରଣ ତାଲିବାନ ଯୋଗୁ ସେ ବହୁ କିଛି ହରାଇଦେଇଥିଲେ। ତାଲିବାନ ବର୍ବରତା ଯୋଗୁ ୧୯୯୬ରେ ଅମରୁଲ୍ଲାଙ୍କ ଭଉଣୀଙ୍କ ଜୀବନ ଯାଇଥିଲା। ୧୯୯୭ରେ ଅମରୁଲ୍ଲାଙ୍କୁ ତାଜିକିସ୍ତାନସ୍ଥିତ ଆଫଗାନ ଦୂତାବାସରେ ୟୁନାଇଟେଡ୍ ଫ୍ରଣ୍ଟର ଅନ୍ତର୍ଜାତୀୟ ଲିଆସନ ଅଫିସର ନିଯୁକ୍ତ କରାଯାଇଥିଲା। ଅଲ୍-କାଏଦାର ୯/୧୧ ଆକ୍ରମଣ ପରେ ଆମେରିକା ଆଫଗାନିସ୍ତାନରେ ପ୍ରବେଶ କରିଥିଲା। ସେତେ ଦିନ ପର୍ଯ୍ୟନ୍ତ ଅମରୁଲ୍ଲା ନର୍ଦର୍ନ ଆଲାଏନ୍ସରେ କାମ କରୁଥିଲେ। ପରେ ସେ ଆମେରିକୀୟ ଗୋଇନ୍ଦା ସଂସ୍ଥା ସେଣ୍ଟ୍ରାଲ ଇଣ୍ଟେଲିଜେନ୍ସ ଏଜେନ୍ସି(ସିଆଇଏ) ଗୁପ୍ତଚର ଭାବେ କାର୍ଯ୍ୟ କରି ଅନେକ ଅପରେଶନରେ ସହଯୋଗ କରିଥିଲେ। ଏଥିପାଇଁ ଅମରୁଲ୍ଲାଙ୍କୁ ଆଫଗାନିସ୍ତାନରେ ତାଲିବାନ ପତନର ସୂତ୍ରଧର ବୋଲି କୁହାଯାଏ। ୨୦୦୪ରେ ନବଗଠିତ ଆଫଗାନିସ୍ତାନ ଇଣ୍ଟେଲିଜେନ୍ସ ଏଜେନ୍ସିର ମୁଖ୍ୟ ହୋଇଥିଲେ। ୨୦୧୦ ଜୁନ୍ ୬ରେ ଅବସର ନେଇ ପ୍ରତ୍ୟକ୍ଷ ରାଜନୀତିରେ ପ୍ରବେଶ କରିଥିଲେ। ତାଲିବାନ ଭୟରେ ଆଫଗାନିସ୍ତାନ ଥରୁଥିବାବେଳେ ଅଗଷ୍ଟ ୧୭ରେ ଅମରୁଲ୍ଲା ନିଜକୁ କାମଚଳା ରାଷ୍ଟ୍ରପତି ଘୋଷଣା କରିଥିଲେ।

## ଗୁଳିମାଡ଼ରେ ଅନେକେ ନିହତ

**ଆଫଗାନିସ୍ତାନରେ ଗୁରୁବାର ୧୦୨ତମ ସ୍ୱାଧୀନତା ଦିବସ ପାଳନ କରାଯାଇଛି। ଜାତୀୟ ପତାକାଧାରୀ ବିକ୍ଷୋଭକାରୀମାନେ ଅନେକ ସହରରେ ରାସ୍ତାକୁ ଓହ୍ଲାଇ ତାଲିବାନ୍‌କୁ ଖୋଲାଖୋଲି ବିରୋଧ କରିଛନ୍ତି। ବିକ୍ଷୋଭ ବେଳେ ତାଲିବାନ୍ ପକ୍ଷରୁ ଭିଡ଼ ଉପରେ ଆଖିବୁଜା ଗୁଳି ଚଳାଯାଇଛି। ଏଥିରେ ଅନେକେ ମୃତାହତ ହୋଇଥିବା ଜଣାପଡ଼ିଛି।**

❖ ରାଜଧାନୀ କାବୁଲ ରାସ୍ତାରେ ଆଫଗାନିସ୍ତାନର କଳା, ଲାଲ ଓ ସବୁଜ ରଙ୍ଗର ଜାତୀୟ ପତାକା ଧରି ମହିଳା ଏବଂ ପୁରୁଷମାନେ ସ୍ଲୋଗାନ ଦେଉଥିଲେ 'ଆମ ପତାକା, ଆମର ପରିଚୟ'। ୧୯୧୯ରେ ବ୍ରିଟିଶ ନିୟନ୍ତ୍ରଣରୁ ଆଫଗାନିସ୍ତାନ ସ୍ୱାଧୀନ ହୋଇଥିଲା। ସ୍ୱାଧୀନତା ପ୍ରାପ୍ତିର ୧୦୨ ବର୍ଷ ପୂର୍ତ୍ତି ଅବସରରେ ଗୁରୁବାର ସୋସିଆଲ ମିଡିଆରେ ପୋଷ୍ଟ କରାଯାଇଥିବା ଏକ ଭିଡିଓ କ୍ଲିପ୍‌ରେ ଦେଖିବାକୁ ମିଳିଛି।

❖ ତାଲିବାନ ରବିବାର କାବୁଲ ଦଖଲ କରିବା ପରଠାରୁ ବିଶ୍ୱକୁ ଏକ ଉଦାରବାଦୀ ଚେହେରା ଦେଖାଇବାକୁ ଉଦ୍ୟମ କରିଆସିଛି। ଆମେ ଶାନ୍ତି ଚାହୁଁ, ପୁରୁଣା ଶତ୍ରୁଙ୍କଠାରୁ ପ୍ରତିଶୋଧ ନେବୁ ନାହିଁ ଏବଂ ଇସ୍‌ଲାମିକ୍ ଆଇନ ଅନୁସାରେ ମହିଳାମାନଙ୍କ ଅଧିକାରଗୁଡ଼ିକୁ ସମ୍ମାନ ଦେବୁ ବୋଲି ତାଲିବାନ କହୁଛି।

❖ ଏହାସତ୍ତ୍ୱେ ଆଫଗାନିସ୍ତାନରେ ତାଲିବାନ ବିରୋଧୀ ବିକ୍ଷୋଭ ବଢ଼ିଚାଲିଛି। ୧୯୯୬-୨୦୦୧ ଶାସନ ବେଳର ତାଲିବାନ ଆଉ ନାହିଁ। ଏବେ ସଙ୍ଗଠନ ବଦଳିଯାଇଛି ବୋଲି ଏହାର ଆଶ୍ୱାସନାକୁ ଲୋକେ କେତେ ବିଶ୍ୱାସ କରିବେ ତାହା ବିକ୍ଷୋଭ ମୁକାବିଲା ଶୈଳୀ ଉପରେ ନିର୍ଭର କରିବ।

❖ ପୂର୍ବାଞ୍ଚଳ ପ୍ରଦେଶ କୁଅଁର ରାଜଧାନୀ ଅସାଦାବାସରେ ବିକ୍ଷୋଭ ଶୋଭାଯାତ୍ରା ବେଳେ ତାଲିବାନ ପକ୍ଷରୁ ଗୁଳି ଚଳାଯାଇଥିଲା। ଫଳରେ ଦଳାଚକଟା ହୋଇଥିଲା। ଏଥିରେ ଅନେକେ ମୃତାହତ ହୋଇଛନ୍ତି। ତେବେ ମୃତାହତଙ୍କ ସଂଖ୍ୟା ଜଣାପଡ଼ିନାହିଁ।

❖ ବିକ୍ଷୋଭକାରୀମାନେ ବୁଧବାର ମଧ୍ୟ ଜଲାଲାବାଦ ଓ ପକ୍ତିଆ ପ୍ରଦେଶର ଏକ ଜିଲାରେ ବିକ୍ଷୋଭ କରିଥିଲେ। ସେମାନେ ତାଲିବାନ ପତାକାକୁ ହଟାଇଦେଇଥିବାବେଳେ ଆତଙ୍କବାଦୀଙ୍କ ଗୁଳିମାଡ଼ରେ ୩ ଜଣଙ୍କ ଜୀବନ ଯାଇଛି।

❖ ରବିବାର ତାଲିବାନର କାବୁଲ ଦଖଲ ପରଠାରୁ ରାଜଧାନୀ ଶାନ୍ତ ଥିବାବେଳେ ଦେଶ ଛାଡ଼ି ଚାଲିଯିବା ପାଇଁ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ସେବେଠୁ ବିମାନବନ୍ଦରରେ ମୃତ୍ୟୁସଂଖ୍ୟା ୧୨ କୁ ବୃଦ୍ଧି ପାଇଛି। ଗୁଳିମାଡ଼ କିମ୍ବା ଦଳାଚକଟାରେ ସେମାନଙ୍କ ମୃତ୍ୟୁ ଘଟିଥିବା କୁହାଯାଉଛି।



କାବୁଲରେ ମହିଳାଙ୍କ ତାଲିବାନ୍ ବିରୋଧୀ ବିକ୍ଷୋଭ।

# ଆଫଗାନିସ୍ତାନକୁ ଯୁଦ୍ଧାସ୍ତ୍ର ବିକ୍ରି ବନ୍ଦ

ୱାଶିଂଟନ୍, ୧୯।୮

ଆଫଗାନିସ୍ତାନରେ ତାଲିବାନ ସରକାର ଗଠନ କରିବାକୁ ଯାଉଥିବାବେଳେ ଆମେରିକାର ଜୋ ବାଇଡେନ୍ ପ୍ରଶାସନ ଏହି ଦେଶକୁ ସମସ୍ତ ଯୁଦ୍ଧାସ୍ତ୍ର ବିକ୍ରି ବନ୍ଦ କରିଛି। ଏଥିସହ ପୂର୍ବରୁ ଏ ସଂକ୍ରାନ୍ତରେ ବାକି ଥିବା କିମ୍ବା ଯୋଗାଣ ହୋଇ ନ ଥିବା ଅସ୍ତ୍ରଶସ୍ତ୍ର ଯୋଗାଣକୁ ମଧ୍ୟ ବାତିଲ କରାଯାଇଛି। ଆଫଗାନିସ୍ତାନରେ ଦ୍ରୁତ ଭାବେ ବଦଳୁଥିବା ପରିସ୍ଥିତିକୁ ଦୃଷ୍ଟିରେ ରଖି ଡିଫେନ୍ସ ସେଲ୍‌ସ କଣ୍ଟ୍ରୋଲ ନିର୍ଦ୍ଦେଶାଳୟ ବିଶ୍ୱ ଶାନ୍ତି, ଜାତୀୟ ନିରାପତ୍ତା ଏବଂ ଆମେରିକା ବହିର୍ବ୍ୟାପାର ନୀତି ଅନୁସାରେ ସମସ୍ତ ବାକିଥିବା ଅସ୍ତ୍ରଶସ୍ତ୍ର ପ୍ରଦାନ, ଲାଇସେନ୍ସ ଏବଂ ଅନ୍ୟାନ୍ୟ ଅନୁମୋଦନର ସମୀକ୍ଷା କରୁଥିବା ରାଜନୈତିକ ଓ ସାମରିକ ବ୍ୟାପାର ବ୍ୟୁରୋ ପକ୍ଷରୁ ଜାରି ଏକ ନୋଟିସ୍ କୁହାଯାଇଛି। ଆଗାମୀ ଦିନରେ ପ୍ରତିରକ୍ଷା ଉପକରଣ ରପ୍ତାନି ନିମନ୍ତେ ଅପଡେଟ୍ ଜାରି କରାଯିବ ସେଥିରେ ଦର୍ଶାଯାଇଛି।



ଜୋ ବାଇଡେନ୍

## ଆବଶ୍ୟକ ହେଲେ କାବୁଲରେ ରହିବେ ଆମେରିକୀୟ ସୈନ୍ୟ

ଆଫଗାନିସ୍ତାନରୁ ଆମେରିକୀୟଙ୍କୁ ଉଦ୍ଧାର ନିମନ୍ତେ ଯାଇଥିବା ସୈନ୍ୟ ଆବଶ୍ୟକ ପଡ଼ିଲେ ଅଗଷ୍ଟ ୩୧ ପରେ ମଧ୍ୟ କାବୁଲରେ ରହିବେ ବୋଲି ରାଷ୍ଟ୍ରପତି ଜୋ ବାଇଡେନ୍ କହିଛନ୍ତି। ସୈନ୍ୟ ପ୍ରତ୍ୟାହାର ନିଷ୍ପତ୍ତିକୁ ଠିକ୍ ବୋଲି ଦୋହରାଇ ବାଇଡେନ୍ କହିଛନ୍ତି, ତାଲିବାନ୍ ଗୋଷ୍ଠୀ ଆମେରିକା ନାଗରିକଙ୍କୁ ସେଠାରୁ ଫେରିବାରେ ସହଯୋଗ କରୁଛନ୍ତି। କିନ୍ତୁ ଆମେରିକା ସୈନ୍ୟ ସେଠାରେ ଥିବାବେଳେ ସହାୟତା କରିଥିବା ଅନେକ ବ୍ୟକ୍ତିଙ୍କ ବାବଦରେ ସମସ୍ୟା ଦେଖାଦେଇଛି। ତେବେ ଯେ ପର୍ଯ୍ୟନ୍ତ ସମସ୍ତ ଆମେରିକୀୟ ସେଠାରୁ ଫେରିନାହାନ୍ତି ସେ ପର୍ଯ୍ୟନ୍ତ ସୈନ୍ୟ ମୁତୟନ ରହିବେ ବୋଲି ବାଇଡେନ୍ କହିଛନ୍ତି। ଗତ ୨୪ ଘଣ୍ଟାରେ ୨ ହଜାରରୁ ଊର୍ଦ୍ଧ୍ୱ ଆମେରିକା ନାଗରିକଙ୍କୁ ସେନା ବିମାନ ଯୋଗେ ଉଦ୍ଧାର କରାଯାଇଛି। ରିପୋର୍ଟ ଅନୁସାରେ ଆହୁରି ୧୫ ହଜାର ଆମେରିକୀୟ ଆଫଗାନିସ୍ତାନରେ ଫସିଛନ୍ତି।

## ନିର୍ଦ୍ଧାରିତ ସମୟରେ ଦ୍ୱିତୀୟ ଡୋଜ୍ ଟିକା ନେଇନାହାନ୍ତି ୩.୮୬ କୋଟି

ନୂଆଦିଲ୍ଲୀ, ୧୯।୮

ଦେଶରେ ୩.୮୬ କୋଟିରୁ ଊର୍ଦ୍ଧ୍ୱ ଲୋକ କୋଭିଡ୍ ଭାକ୍ସିନ ପ୍ରଥମ ଡୋଜ୍ ନେବାର ନିର୍ଦ୍ଧାରିତ ସମୟ ବ୍ୟବଧାନରେ ଦ୍ୱିତୀୟ ଡୋଜ୍ ନେଇପାରିନାହାନ୍ତି। ଆର୍‌ଟିଆଇ ବଳରେ କରାଯାଇଥିବା ଏକ ଆବେଦନ ଉପରେ କେନ୍ଦ୍ର ସରକାର ଏହା କହିଛନ୍ତି। କୋୱିନ୍ ପୋର୍ଟାଲ ସୂଚନା ଅନୁଯାୟୀ ଗୁରୁବାର ଅପରାହ୍ନ ସୁଦ୍ଧା ୪୪,୨୨,୮୫,୮୫୪ ଜଣ କୋଭିଡ୍ ଭାକ୍ସିନର ପ୍ରଥମ ଡୋଜ୍ ଏବଂ ୧୨,୫୯,୦୭,୪୪୩ ଜଣ ଦ୍ୱିତୀୟ ଡୋଜ୍ ନେଇଛନ୍ତି। କେତେଜଣ କୋଭାକ୍ସିନ କିମ୍ବା କୋଭିଶିଲ୍ଡ ନେବାର ନିର୍ଦ୍ଧାରିତ ସମୟ ବ୍ୟବଧାନରେ ଦ୍ୱିତୀୟ ଡୋଜ୍ ନେଇପାରି ନାହାନ୍ତି, ତାହା ଜାଣିବା ପାଇଁ ସୂଚନା ଅଧିକାର କର୍ମୀ ରମଣ ଶର୍ମା ଆର୍‌ଟିଆଇରେ ଆବେଦନ କରିଥିଲେ। କୋଭିଶିଲ୍ଡ ନେବାର ୮୪ରୁ ୧୧୨ ଦିନ ମଧ୍ୟରେ ଏବଂ କୋଭାକ୍ସିନ ନେବାର ୨୮ରୁ ୪୨ ଦିନ ମଧ୍ୟରେ ଦ୍ୱିତୀୟ ଡୋଜ୍ ନେବା ଲାଗି ସୁପାରିସ କରାଯାଇଥିବା କେନ୍ଦ୍ର କହିଥିଲା। କୋଭିଶିଲ୍ଡ ନେଇଥିବା ୩,୪୦,୭୨,୯୯୩ ଏବଂ କୋଭାକ୍ସିନ ନେଇଥିବା ୪୬,୭୮,୪୦୬ ହିତାଧିକାରୀ ଧାର୍ଯ୍ୟ ବ୍ୟବଧାନ ମଧ୍ୟରେ ଦ୍ୱିତୀୟ ଡୋଜ୍ ନେଇପାରିନାହାନ୍ତି।




## ଦିଲ୍ଲୀ 'ମିନି କାବୁଲ'ରେ ନିରାଶା

ନୂଆଦିଲ୍ଲୀ, ୧୯।୮

୧୯୧୯ ପରଠାରୁ ପ୍ରତିବର୍ଷ ଅଗଷ୍ଟ ୧୯ରେ ସ୍ୱାଧୀନତା ଦିବସ ପାଳନ କରିଥାନ୍ତି ଆଫଗାନିସ୍ତାନବାସୀ। ଏବେ ତାଲିବାନ କବଳକୁ ଦେଶ ଚାଲିଯିବା ସମୟରେ ପୁଣି ସିନା ସ୍ୱାଧୀନତା ଦିବସ ଫେରିଛି କିନ୍ତୁ ଆଫଗାନ୍‌ମାନେ ଜାଣନ୍ତି ଯେ ପୂର୍ବର ସେ ସ୍ୱାଧୀନତା ସେମାନଙ୍କ ପାଇଁ ସ୍ୱପ୍ନ ପାଲଟିବାକୁ ଯାଉଛି। ଭୟ ଓ ଆତଙ୍କର ବାତାବରଣରେ ସ୍ୱାଧୀନତା ଦିବସ ପାଳନର ଉତ୍ସାହ ଦେଶବାସୀଙ୍କ ମନରେ ନ ଥିବାବେଳେ ଦିଲ୍ଲୀର 'ମିନି କାବୁଲ' କୁହାଯାଉଥିବା ଲଜ୍‌ପତ ନଗର ସମେତ ଭାଗଲ ଏବଂ ହଜ୍‌ରତ ନିଜାମୁଦ୍ଦିନରେ ମଧ୍ୟ ସମାନ ଦୃଶ୍ୟ ଦେଖିବାକୁ ମିଳିଛି। ଆଫଗାନିସ୍ତାନରେ ଗୃହ ଯୁଦ୍ଧବେଳେ ଭାରତକୁ ପଳାଇଆସିଥିବା ଆଫଗାନମାନେ ବିଶେଷ କରି ଏହି ଅଞ୍ଚଳରେ ବହୁ ସଂଖ୍ୟାରେ ବାସ କରୁଛନ୍ତି। ଲଜପତ୍ ନଗରରେ 'ଲିଟିଲ୍ କାବୁଲ' ନାମରେ ଏକ ରେଷ୍ଟୁରାଣ୍ଟରେ କାମ କରନ୍ତି ୨୩ ବର୍ଷୀୟା ଶରିଫା ଆଶୁରି। ୨୦୧୫ରେ ଆଫଗାନ୍ ସେନାରେ ଥିବା ବାପାଙ୍କୁ ହତ୍ୟା କରାଯିବା ପରେ ଶରିଫା ଭୟରେ ମା'ଙ୍କ ସହ କାବୁଲରୁ ଦିଲ୍ଲୀ ପଳାଇଆସିଥିଲେ। ଆଫଗାନିସ୍ତାନରେ ଏବେକାର ସ୍ଥିତି ତାଙ୍କୁ ବ୍ୟତିବ୍ୟସ୍ତ କରୁଛି। ନିଜ ଦେଶର ମହିଳାଙ୍କ ସୁରକ୍ଷା ଓ ସେମାନଙ୍କ ଭବିଷ୍ୟତକୁ ନେଇ ସେ ଚିନ୍ତାରେ ପଡ଼ିଛନ୍ତି। କାବୁଲଠାରୁ ଭାରତ ସୁରକ୍ଷିତ ବୋଲି ଶରିଫା କହିଛନ୍ତି। ନିଜ ଦେଶବାସୀଙ୍କ ଏପରି ଦୁର୍ଦ୍ଦଶା ଦେଖି ସ୍ୱାଧୀନତା ଦିବସ ପାଳନ ଦିଗରେ ଶରିଫାଙ୍କ ସମେତ ଏଠାରେ ରହୁଥିବା ଆଫଗାନ୍‌ଙ୍କଠାରେ ସେହି ଉତ୍ସାହ ଦେଖିବାକୁ ମିଳିନାହିଁ। ଏପରିକି ପୂର୍ବଭଳି ଆଫଗାନ୍ ପତାକା ମଧ୍ୟ କୌଣସି ହୋଟେଲ କିମ୍ବା ଷ୍ଟୋରରେ ଲଗାଯାଇଥିବା ଦେଖାଯାଇନାହିଁ।



ଆଫଗାନ୍‌ମାନେ ଭିଜା ଆବେଦନ ପରେ ନୂଆଦିଲ୍ଲୀସ୍ଥିତ ଆମେରିକା ଦୂତାବାସ ବାହାରେ ଛିଡ଼ାହୋଇଛନ୍ତି।

## ଏନ୍‌କାଉଣ୍ଟରବେଳେ ଯବାନ ଶହୀଦ

ଜମ୍ମୁ, ୧୯।୮: ଜମ୍ମୁ-କଶ୍ମୀରର ରାଜୌରି ଜିଲାରେ ଗୁରୁବାର ଏନ୍‌କାଉଣ୍ଟର ବେଳେ ଭାରତୀୟ ସେନାର ଜଣେ ଜୁନିୟର କମିଶନ୍ଡ ଅଫିସର (ଜେସିଓ) ଶହୀଦ ହୋଇଛନ୍ତି। ଆତଙ୍କବାଦୀମାନଙ୍କ ସନ୍ଦିଗ୍ଧ ଗତିବିଧି ସମ୍ପର୍କରେ ସୂଚନା ପାଇ ବୁଧବାର ପୋଲିସ ଏବଂ ସୁରକ୍ଷା ବଳ ପକ୍ଷରୁ ଥାନାମଣ୍ଡି ଅନ୍ତର୍ଗତ କାର୍ୟୋଟେ କଳସଠାରେ ତଲାସି ଅଭିଯାନ ଆରମ୍ଭ ହୋଇଥିଲା। ଆତଙ୍କବାଦୀମାନେ ଗୁଳି ଚଳାଇବାରୁ ସୁରକ୍ଷା ବଳ ଏହାର ପାଲଟା ଜବାବ ଦେଇଥିଲା। ଗୁଳି ବିନିମୟ ବେଳେ ଜଣେ ଆତଙ୍କବାଦୀ ନିହତ ହୋଇଥିବାବେଳେ ରାଷ୍ଟ୍ରୀୟ ରାଇଫଲ୍‌ର ଜେସିଓ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଥିଲା ଓ ସେଠାରେ ତାଙ୍କର ମୃତ୍ୟୁ ଘଟିଛି।

## ଲଭ୍ ଜିହାଦ ନିରୋଧୀ ଆଇନର କେତେକ ଧାରା ଉପରେ ସ୍ଥଗିତାଦେଶ

ଅହମଦାବାଦ, ୧୯।୮

ଧର୍ମାନ୍ତରୀକରଣ ବିରୋଧରେ ଅଣାଯାଇଥିବା ନୂଆ ଆଇନର ଆନ୍ତଃଧର୍ମ ବିବାହ ସମ୍ପର୍କିତ କେତେକ ଧାରାର କାର୍ଯ୍ୟକାରିତା ଉପରେ ଗୁଜରାଟ ହାଇକୋର୍ଟ ଗୁରୁବାର ସ୍ଥଗିତାଦେଶ ଲଗାଇଛନ୍ତି। ଜନସାଧାରଣଙ୍କୁ ଅଯଥା ହଇରାଣରୁ ରକ୍ଷା କରିବା ପାଇଁ ଏହି ଅନ୍ତରୀଣ ନିର୍ଦ୍ଦେଶନାମା ଜାରି କରାଗଲା ବୋଲି ମୁଖ୍ୟ ବିଚାରପତି ବିକ୍ରମ ନାଥ ଏବଂ ଜଷ୍ଟିସ୍ ବୀରେନ ବୈଷ୍ଣବଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ବିବାହ ନାଁରେ ବଳପୂର୍ବକ କିମ୍ବା ଧୋକାବାଜି କରି ଧର୍ମ ପରିବର୍ତ୍ତନକୁ ରୋକିବା ପାଇଁ ରାଜ୍ୟ ସରକାର ଜୁନ୍ ୧୫ରେ ଗୁଜରାଟ ଧର୍ମୀୟ ସ୍ୱାଧୀନତା (ସଂଶୋଧନ) ଆଇନ, ୨୦୨୧ କାର୍ଯ୍ୟକାରୀ କରିଥିଲେ। ତେବେ ଏହି ଆଇନର କେତେକ ସଂଶୋଧିତ ଧାରା ଅସାମ୍ବିଧାନିକ ଦର୍ଶାଇ ଜମାଏତ୍ ଉଲେମା-ଇ-ହିନ୍ଦ୍‌ର ଗୁଜରାଟ ଚାପ୍ଟର ଗତ ମାସରେ ହାଇକୋର୍ଟରେ ପିଟିଶନ ଦାଏର କରିଥିଲା। ମାମଲାର ଅଧିକ ଶୁଣାଣି ଆବଶ୍ୟକ ଥିବା ଅନୁଭବ କରି ବିନା ଚାପ ଏବଂ ପ୍ରଲୋଭନ କିମ୍ବା ଷଡ଼ଯନ୍ତ୍ରରେ ଗୋଟିଏ ଧର୍ମର ବ୍ୟକ୍ତି ଅନ୍ୟ ଧର୍ମରେ ବିବାହ କରୁଥିଲେ, ଏହାକୁ ବେଆଇନ ଧର୍ମ ପରିବର୍ତ୍ତନ ଉଦ୍ଦେଶ୍ୟରେ ବିବାହ କୁହାଯାଇପାରିବ ନାହିଁ ବୋଲି ମୁଖ୍ୟ ବିଚାରପତି ଜଷ୍ଟିସ୍ ନାଥ କହିଥିଲେ। ଏଭଳି କ୍ଷେତ୍ରରେ ନୂଆ ଲଭ୍-ଜିହାଦ ବିରୋଧୀ ଆଇନର ଧାରା ୩, ୪, ୪ଏରୁ ୪ସି, ୫, ୬ ଏବଂ ୬ଏ କାର୍ଯ୍ୟକାରିତାକୁ ସ୍ଥଗିତ ରଖିବା ଲାଗି ଖଣ୍ଡପୀଠ କହିଥିଲେ।



**ପଶ୍ଚିମବଙ୍ଗ ନିର୍ବାଚନ ପରବର୍ତ୍ତୀ ହିଂସା**

# ସିବିଆଇ ତଦନ୍ତ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୧୯।୮

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପରବର୍ତ୍ତୀ ହିଂସା ବେଳେ ହୋଇଥିବା ହତ୍ୟାକାଣ୍ଡ ଓ ବଳାତ୍କାର ଅଭିଯୋଗର ସିବିଆଇ ତଦନ୍ତ ଅଦାଲତଙ୍କ ତତ୍ତ୍ୱାବଧାନରେ କରିବା ପାଇଁ ଗୁରୁବାର କାଲ୍‌କାଟା ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାକୁ ୬ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ବ୍ୟତୀତ ଅନ୍ୟାନ୍ୟ ଅପରାଧଗୁଡ଼ିକର ତଦନ୍ତ ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ ନିମନ୍ତେ ହାଇକୋର୍ଟ କହିଛନ୍ତି। ରାଜ୍ୟ ସରକାର ସମସ୍ତ ଆବଶ୍ୟକ ଦସ୍ତାବିଜ୍ ଓ ରେକର୍ଡ ତଦନ୍ତକାରୀ ସଂସ୍ଥାକୁ ହସ୍ତାନ୍ତର କରିବା ଲାଗି କୁହାଯାଇଛି। ରାଜ୍ୟ ସରକାର ଯଦି ତଦନ୍ତରେ ସହାୟତା ନ କରନ୍ତି, ତେବେ ଏହାକୁ ଗୁରୁତର ସହ ନିଆଯିବ ବୋଲି ହାଇକୋର୍ଟ ସ୍ପଷ୍ଟ କରିଦେଇଛନ୍ତି।

ଅନ୍ୟପକ୍ଷରେ ହାଇକୋର୍ଟଙ୍କ ସିବିଆଇ ତଦନ୍ତ ନିର୍ଦ୍ଦେଶକୁ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ପଶ୍ଚିମବଙ୍ଗ ସରକାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସରକାରଙ୍କ ପକ୍ଷରୁ ଖୁବ୍‌ଶୀଘ୍ର ସ୍ୱତନ୍ତ୍ର ଲିଭ୍ ପିଟିଶନ ଦାଏର ହେବ। ହାଇକୋର୍ଟ ନିର୍ଦ୍ଦେଶନାମାର ଅନୁଧ୍ୟାନ ପାଇଁ ରାଜ୍ୟ ସରକାର ଆଇନଜୀବୀ ଓ ନ୍ୟାୟିକ ବିଶେଷଜ୍ଞମାନଙ୍କର ଏକ ଟିମ୍ ନିଯୁକ୍ତ କରିଛନ୍ତି।

ସୂଚନାଯୋଗ୍ୟ, ଗତ ମେ' ୨ରେ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଫଳାଫଳ ଘୋଷଣା ପରେ ରାଜ୍ୟର ବିଭିନ୍ନ ଭାଗରେ ହିଂସାକାଣ୍ଡ ଦେଖାଦେଇଥିଲା। ଏଥିରେ ୧୧ ଜଣଙ୍କ ମୃତ୍ୟୁ ଘଟିବା ସହ କେତେଜଣ ମହିଳା ବଳାତ୍କାରର ଶିକାର ହୋଇଥିଲେ। ଅନେକଙ୍କ ଘରଦ୍ୱାର ଓ ଦୋକାନ ଭଙ୍ଗାରୁଜା ଓ ପୋଡ଼ାଜଳା କରାଯାଇଥିଲା। ଅନେକ ଲୋକ ଜୀବନ ବଞ୍ଚାଇବାକୁ ଘରଦ୍ୱାର ଛାଡ଼ି ପଳାଇଯାଇଥିଲେ। ଏସବୁର ନିରପେକ୍ଷ ତଦନ୍ତ ଦାବି କରି ବିଭିନ୍ନ ସଂଗଠନ ଏବଂ ବ୍ୟକ୍ତିବିଶେଷଙ୍କ ପକ୍ଷରୁ କାଲକାଟା ହାଇକୋର୍ଟରେ ଏକାଧିକ ଜନସ୍ୱାର୍ଥ ମାମଲା ଦାଏର ହୋଇଥିଲା। କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ରାଜେଶ ବିନ୍ଦଲଙ୍କ ଅଧ୍ୟକ୍ଷତାରେ କାଲ୍‌କାଟା ହାଇକୋର୍ଟର ୫ ଜଣିଆ ପୀଠ ନିର୍ବାଚନ ପରବର୍ତ୍ତୀ ହତ୍ୟାକାଣ୍ଡ ଓ ବଳାତ୍କାରର ସିବିଆଇ ତଦନ୍ତ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ହାଇକୋର୍ଟ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)କୁ ବିଭିନ୍ନ ହିଂସା ଅଭିଯୋଗର ତଦନ୍ତ ପାଇଁ ଏକ ତଦନ୍ତ କମିଟି ଗଠନ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ନିର୍ବାଚନ ପରବର୍ତ୍ତୀ ହିଂସା ବେଳେ ହତ୍ୟା ଓ ବଳାତ୍କାର ଭଳି ଗମ୍ଭୀର ଅପରାଧର ସିବିଆଇ ତଦନ୍ତ ପାଇଁ ଏନ୍‌ଏଚ୍‌ଆର୍‌ସି ଏହାର ରିପୋର୍ଟରେ ସୁପାରିସ କରିଥିଲେ। ମମତା ବାନାର୍ଜୀ ସରକାର ରାଜନୈତିକ ହିଂସା ରୋକିବାରେ ବିଫଳ ହୋଇଥିବାରୁ ଏନ୍‌ଏଚ୍‌ଆର୍‌ସି ରିପୋର୍ଟରେ ଏହାର କଡ଼ା ସମାଲୋଚନା କରାଯାଇଥିଲା।

ହାଇକୋର୍ଟଙ୍କ ତତ୍ତ୍ୱାବଧାନରେ ସିବିଆଇ ତଦନ୍ତ ନିର୍ଦ୍ଦେଶକୁ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ସ୍ୱାଗତ କରିଛନ୍ତି। ଗଣତନ୍ତ୍ରରେ ହିଂସାର ସ୍ଥାନ ନାହିଁ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ତୃଣମୂଳ କଂଗ୍ରେସ ନେତା ସୌଗତ ରାୟ ହାଇକୋର୍ଟଙ୍କ ନିର୍ଦ୍ଦେଶନାମାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିବା ସହ ଆବଶ୍ୟକ ପଡ଼ିଲେ ରାଜ୍ୟ ସରକାର ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବେ ବୋଲି କହିଛନ୍ତି।

### ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବେ ରାଜ୍ୟ ସରକାର



କାଲ୍‌କାଟା ହାଇକୋର୍ଟ

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୧,୦୪,୭୩,୭୩୭ | ୪୪,୧୧,୬୦୬ | ୧୮,୮୫,୩୩,୬୭୨ |
| ଭାରତ | ୩,୨୩,୫୬,୯୪୪ | ୪,୩୩,୬୦୫ | ୩,୧୫,୫୨,୩୦୭ |
| ଓଡ଼ିଶା | ୯,୯୮,୧୮୭ | ୭୧୫୪(+୫୩) | ୯,୮୨,୩୧୯ |

ଗୁରୁବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ପୁରୀକୁ ଚାଲିବ ବନ୍ଦେ ଭାରତ ଟ୍ରେନ୍

**ଭୁବନେଶ୍ୱର, ୧୯।୮ (ବ୍ୟୁରୋ)**

ଦେଶରେ ଚାଲିବାକୁ ଥିବା ୭୫ଟି ବନ୍ଦେ ଭାରତ ଟ୍ରେନ ମଧ୍ୟରୁ ଗୋଟିଏ ପୁରୀକୁ ଚଳାଚଳ କରିବ। ପୁରୀ ଏକ ଅନ୍ତର୍ଜାତୀୟ ପର୍ଯ୍ୟଟନସ୍ଥଳୀ ହୋଇଥିବାରୁ ଓ ଜଗନ୍ନାଥ ସଂସ୍କୃତି ସହ ଯୋଡ଼ିହୋଇ ରହିଥିବାରୁ ରେଳପଥର ବିକାଶ ପାଇଁ ପୁରୀ-କୋଣାର୍କ ରେଳଲାଇନର ନିର୍ମାଣ କାର୍ଯ୍ୟ ନିମନ୍ତେ କେନ୍ଦ୍ର ଖୁବ୍‌ଶୀଘ୍ର ପଦକ୍ଷେପ ନେବ ବୋଲି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଘୋଷଣା କରିଛନ୍ତି। ଏହାସହ ଶ୍ରୀକ୍ଷେତ୍ର ପୁରୀ ସହ ସାଂସ୍କୃତିକ ଓ ରାଜ୍ୟବାସୀଙ୍କ ଭାବାବେଗ ଯୋଡ଼ିହୋଇ ରହିଥିବାରୁ ଏଠାକାର ବିକାଶ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଅଶ୍ୱିନୀ କହିଛନ୍ତି। ଦେଶବ୍ୟାପୀ ଭାଜପା ପକ୍ଷରୁ ଆରମ୍ଭ କରାଯାଇଥିବା ଜନ ଆଶୀର୍ବାଦ ଯାତ୍ରାର ପ୍ରଥମ ଦିନରେ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶା ଗସ୍ତରେ ଆସିଛନ୍ତି। ଦୁଇ କେନ୍ଦ୍ରମନ୍ତ୍ରୀଙ୍କ ସହିତ ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର ମଧ ଆସି ପୂରା କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି।

୪ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ୨ କେନ୍ଦ୍ରମନ୍ତ୍ରୀ ଭୁବନେଶ୍ୱର ବିମାନବନ୍ଦରଠାରେ ଗୁରୁବାର ପହଞ୍ଚିବାପରେ ଉଭୟଙ୍କୁ ଭାଜପା ପକ୍ଷରୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ଏକ ବିରାଟ ଶୋଭାଯାତ୍ରା ପୁରୀ ଅଭିମୁଖେ ବାହାରିଥିଲା। ପ୍ରଥମେ ମନ୍ତ୍ରୀଦ୍ୱୟ ସର୍ବପୁରାତନ ବକୁଳବନ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିଥିଲେ। ଶିକ୍ଷା କ୍ଷେତ୍ରରେ ସାକ୍ଷୀଗୋପାଳ ବକୁଳବନ ଏକ ସ୍ୱତନ୍ତ୍ର ଭୂମିକା ସୃଷ୍ଟି କରିଥିବାରୁ ଏଠାରେ ହେବାକୁ ଥିବା ଓଡ଼ିଶା ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କାର୍ଯ୍ୟରେ ରାଜ୍ୟକୁ କେନ୍ଦ୍ର ସମ୍ପୂର୍ଣ୍ଣ ସହାୟତା ପ୍ରଦାନ କରିବ। ବକୁଳବନ ବିଶ୍ୱବିଦ୍ୟାଳୟକୁ ନୂଆ ଶିକ୍ଷାନୀତିର ପ୍ରୟୋଗଶାଳା କରାଯିବାସହ ରାଜ୍ୟର ୫୦ ହଜାର ଗାଁକୁ ଇଣ୍ଟରନେଟ୍ ସୁବିଧା ଯୋଗାଇ ଦିଆଯିବ ଏବଂ ଇଞ୍ଜିନିୟରିଂ ଓ ମେଡିକାଲ ପାଠ୍ୟକ୍ରମକୁ ଓଡ଼ିଶାରେ ପ୍ରଚଳନ ଲାଗି ଉଦ୍ୟମ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର କହିଛନ୍ତି।

ପରେ ଉଭୟ ମନ୍ତ୍ରୀ ଏବଂ ଭାଜପା ମୁଖପାତ୍ର ପୁରୀର ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ ଅରୁଣସ୍ତମ୍ଭ ନିକଟରେ ମହାପ୍ରଭୁଙ୍କୁ ଦୀପଦାନ କରିବା ସହ ସାଷ୍ଟାଙ୍ଗ ପ୍ରଣିପାତ କରିଥିଲେ। ସାଙ୍ଗରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଓ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଥିଲେ। ଏହାପରେ ଦୁଇ ମନ୍ତ୍ରୀ ସର୍କିଟ ହାଉସରେ ଅନୁଷ୍ଠିତ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଉଭୟଙ୍କୁ ୫୦ରୁ ଉର୍ଦ୍ଧ୍ୱ ସଙ୍ଗଠନର କର୍ମକର୍ତ୍ତା ସମ୍ବର୍ଦ୍ଧିତ କରିବା ସହ ଦାବିପତ୍ର ଦେଇଥିଲେ। ପୁରୀ-କୋଣାର୍କ ରେଳପଥ ନିର୍ମାଣ, ପୁରୀ ରେଳଷ୍ଟେଶନରେ ଜଗନ୍ନାଥ ପରମ୍ପରା ଓ ସଂସ୍କୃତି ଗ୍ୟାଲେରି ନିର୍ମାଣ ପାଇଁ ଦାବି କରାଯାଇଛି। ଅଟୋରିକ୍ସା ସଂଘ, ଟ୍ରକ୍ ସଂଘ ଓ କ୍ଷୁଦ୍ର ବ୍ୟବସାୟୀ ସଂଘ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ଆର୍ଥିକ ସହାୟତା ଦାବି କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ପ୍ରଧାନ କହିଛନ୍ତି, ପୂର୍ବ ଭାରତ ବିକାଶ ଚିତ୍ରରେ ଓଡ଼ିଶାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସର୍ବଦା ପ୍ରାଥମିକତା ଦେଇ ଆସିଛନ୍ତି। ନୂଆ ଶିକ୍ଷାନୀତି ଆଧାରରେ ରାଜ୍ୟର ଶିକ୍ଷାକ୍ଷେତ୍ରରେ ପରିବର୍ତ୍ତନ ଆସିବ ଓ ବକୁଳବନ ବିଦ୍ୟାଳୟକୁ ନୂତନ ଶିକ୍ଷାନୀତିର ପ୍ରୟୋଗଶାଳାରେ ପରିଣତ କରାଯିବ। ସେହିପରି ଆଞ୍ଚଳିକ ଭାଷାରେ ଇଞ୍ଜିନିୟରିଂ ଓ ମେଡିକାଲ ପାଠ୍ୟକ୍ରମ ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଆଗାମୀ ଦିନରେ ଓଡ଼ିଆ ଭାଷାରେ ଏହି ପାଠ୍ୟକ୍ରମ ହେବାର ଯୋଜନା ରହିଛି।

ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ସମସ୍ତ କେନ୍ଦ୍ରମନ୍ତ୍ରୀ ଦେଶର ପ୍ରାୟ ୨୧୨ ସଂସଦୀୟ କ୍ଷେତ୍ରକୁ ଯାଇ ଜନ ଆଶୀର୍ବାଦ ଲୋଡ଼ିବେ। ଏହି ଜନ ଆଶୀର୍ବାଦ ଯାତ୍ରା ୧୪୨ ଦିନ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀମାନେ ଲୋକମାନଙ୍କ ସହ ସିଧାସଳଖ ଆଲୋଚନା କରି ବାସ୍ତବ ସ୍ଥିତି ଅନୁଧ୍ୟାନ କରିବା ସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ସାଧାରଣ ଲୋକଙ୍କୁ ଅବଗତ କରିବେ। ଏହି ଯାତ୍ରା ଅବସରରେ ଗୁରୁବାର ଧର୍ମେନ୍ଦ୍ର ଏବଂ ଅଶ୍ୱିନୀ ୪ଦିନିଆ ଓଡ଼ିଶା ଗସ୍ତରେ ଆସି ସକାଳେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଥିଲେ। ବାଦ୍ୟ ଏବଂ ପାରମ୍ପରିକ ପାଇକନୃତ୍ୟ ଓ ଗୀତ ସହ ଦୁଇ ମନ୍ତ୍ରୀଙ୍କୁ ବିମାନବନ୍ଦରଠାରେ ସ୍ୱାଗତ କରାଯାଇଥିଲା। ଜଗନ୍ନାଥଙ୍କ ଆଶୀର୍ବାଦ ପାଇଁ ଦୁଇ ମନ୍ତ୍ରୀ ସିଧାସଳଖ ପୁରୀ ଅଭିମୁଖେ ଯାତ୍ରା କରିଥିଲେ। ପୁରୀ ଯାତ୍ରା ଅବସରରେ କଳ୍ପନା ଛକ, ବାର୍ ଆସୋସିଏଶନ, ଲିଙ୍ଗିପୁର ଛକ, ଉତ୍ତରା, ପିପିଲି, ବଳଙ୍ଗା, ସାତଶଙ୍ଖ, ଚନ୍ଦନପୁର, ଅଠରନଳା ଆଦି ସ୍ଥାନରେ ଦଳୀୟ କାର୍ଯ୍ୟକର୍ତ୍ତା ଓ ବିଭିନ୍ନ ସାମାଜିକ ଅନୁଷ୍ଠାନ ତରଫରୁ ବ୍ୟାପକ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ସମ୍ବିତଙ୍କୁ ମଧ ପୁରୀ ଜିଲାବାସୀ ବହୁଳ ମାତ୍ରାରେ ସ୍ୱାଗତ ଜଣାଇଥିଲେ। ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରି ଉଭୟ କେନ୍ଦ୍ରମନ୍ତ୍ରୀ ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ରାଜ୍ୟ ସଭାପତି ସମୀର ମହାନ୍ତି ଦୁଇ ମନ୍ତ୍ରୀଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ । ଏହାପରେ ଜିଲା ସଭାପତିମାନଙ୍କ ନେତୃତ୍ୱରେ ଆସିଥିବା ବିଭିନ୍ନ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତାମାନେ ମଧ ଉଭୟଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଧର୍ମେନ୍ଦ୍ର ଏହି ଗସ୍ତ ଅବସରରେ ଖୋର୍ଦ୍ଧା, ପୁରୀ, କଟକ ଜିଲାର ବିଭିନ୍ନ ସ୍ଥାନରେ ହେବାକୁ ଥିବା କାର୍ଯ୍ୟକ୍ରମରେ ଯୋଗଦେବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମୂଳ ପ୍ରୟାସ ହେଉଛି ପୂର୍ବୋଦୟର ବିକାଶ। ରାଜ୍ୟର ଗରିବ, ବଞ୍ଚିତ, ଶୋଷିତ ବର୍ଗଙ୍କ କଲ୍ୟାଣ ପାଇଁ ତ୍ୱରିତ ପଦକ୍ଷେପ ସ୍ୱରୂପ ଆମେ ସମସ୍ତେ କାର୍ଯ୍ୟ କରିବୁ। ଯେଉଁସବୁ ଅଞ୍ଚଳରେ ଏ ପର୍ଯ୍ୟନ୍ତ ଇଣ୍ଟରନେଟ୍ ପହଞ୍ଚିପାରି ନାହିଁ ସେହି କାମ ତୁରନ୍ତ ଶେଷ କରାଯିବ ବୋଲି ଏହି ଅବସରରେ ଅଶ୍ୱିନୀ କହିଛନ୍ତି। ପରେ ଅଶ୍ୱିନୀ ଟ୍ରେନ୍ ଯୋଗେ ରାୟଗଡ଼ା ଅଭିମୁଖେ ଯାତ୍ରା କରିଛନ୍ତି ।



ଶ୍ରୀମନ୍ଦିର ସମ୍ମୁଖ ଅରୁଣସ୍ତମ୍ଭ ନିକଟରେ ଗୁରୁବାର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ୍ ପାତ୍ର, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଏବଂ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ମହାପ୍ରଭୁଙ୍କୁ ପ୍ରଣାମ କରୁଛନ୍ତି।

- ଓଡ଼ିଶାରେ ଧର୍ମେନ୍ଦ୍ର, ଅଶ୍ୱିନୀ
- ନୂଆ ଶିକ୍ଷା ନୀତିର ପ୍ରୟୋଗଶାଳା ହେବ ବନ ବିଦ୍ୟାଳୟ: ଧର୍ମେନ୍ଦ୍ର
- ରେଳ ବିକାଶରେ ପୁରୀକୁ ମିଳିବ ପ୍ରାଥମିକତା: ଅଶ୍ୱିନୀ
- ପଞ୍ଚସଖା ପୀଠ ବୁଲିଲେ, ସିଂହଦ୍ୱାରରେ ମହାପ୍ରଭୁଙ୍କୁ ପ୍ରଣିପାତ କଲେ

## ଆଜି ମୁଖ୍ୟମନ୍ତ୍ରୀଙ୍କ ମାଲକାନଗିରି ଗସ୍ତ

**ମାଲକାନଗିରି, ୧୯।୮ (ଡି.ଏନ.ଏ.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ମାଲକାନଗିରି ଜିଲା ଗସ୍ତ କରିବେ। ସେ ସଂସ୍କୃତି ଭବନ ନିକଟରେ ଥିବା ହେଲିପ୍ୟାଡରେ ଅବତରଣ କରି ସଂସ୍କୃତି ଭବନରେ କେତେକ ହିତାଧିକାରୀଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ କାର୍ଡ ବଣ୍ଟନ କରି ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବେ। ପରେ ସେ ଜିଲା ପ୍ରଶାସନର ଅଧିକାରୀମାନଙ୍କ ସହ ଆଲୋଚନା କରି ଭୁବନେଶ୍ୱର ଫେରିଯିବାର କାର୍ଯ୍ୟକ୍ରମ ରହିଛି। ୨୧ରେ ଜିଲାର ୭ଟି ବ୍ଲକ, ମାଲକାନଗିରି ପୌର ପରିଷଦ ଓ ବାଲିମେଳା ଏନଏସିରେ ଏହି କାର୍ଡ ବଣ୍ଟନ କରାଯିବ।

## ଦୋଷୀଙ୍କୁ ସାଢ଼େ ୩ ବର୍ଷ ଜେଲ ଦଣ୍ଡାଦେଶ

**ବଳାତ୍କାର ଉଦ୍ୟମ ମାମଲା**

**ଚମ୍ପୁଆ, ୧୯।୮ (ଡି.ଏନ.ଏ)**

କେନ୍ଦୁଝର ଜିଲା ଚମ୍ପୁଆ ଅତିରିକ୍ତ ଜିଲା ଦୌରାଜଜ୍ ଦୋଳଗୋବିନ୍ଦ ବାରିକ ଗୁରୁବାର ଏକ ବଳାତ୍କାର ଉଦ୍ୟମ ମାମଲାର ବିଚାର କରି ଦୋଷୀଙ୍କୁ ୩ ବର୍ଷ ୬ ମାସ କାରାଦଣ୍ଡ ସହିତ ୧ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୧୮ ଫେବୃଆରୀ ୪ତାରିଖରେ ଚମ୍ପୁଆ ଥାନା ଅଞ୍ଚଳର ଜନୈକା ମହିଳା ଘରେ ଲୁଗା ବଦଳାଉ ଥିବା ବେଳେ ସୁଦର୍ଶନ ମହାକୁଡ଼ ନାମକ ଜଣେ ବ୍ୟକ୍ତି ତାଙ୍କ ଘର ଭିତରେ ପଶି ବଳାତ୍କାର ଉଦ୍ୟମ କରିଥିଲେ। ମହିଳା ଜଣକ ପନିକି ଧରି ନିଜକୁ ରକ୍ଷା କରିବା ସହିତ ଗ୍ରାମବାସୀଙ୍କୁ ଡାକ ପକାଇଥିଲେ। ଗ୍ରାମବାସୀ ପହଞ୍ଚି ଯିବାରୁ ସୁଦର୍ଶନ ଘଟଣାସ୍ଥଳରୁ ଦୌଡ଼ି ପଳାଇଥିଲେ। ଏ ନେଇ ମହିଳା ଜଣକ ଚମ୍ପୁଆ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସଂକ୍ରାନ୍ତରେ ଏକ ମାମଲା (ନଂ.୧୯/୧୮) ରୁଜୁ କରି ତଦନ୍ତ ଜାରି ରଖିଥିଲା। ୨୧ଜଣ ସାକ୍ଷୀଙ୍କ ବୟାନ ଓ ପାରିପାର୍ଶ୍ୱିକ ଅବସ୍ଥାକୁ ଭିତ୍ତି କରି ଅଭିଯୁକ୍ତଙ୍କୁ ୩ ବର୍ଷ ୬ ମାସ ଦଣ୍ଡାଦେଶ ହୋଇଛି। ଏହି ମାମଲାକୁ ବରିଷ୍ଠ ସରକାରୀ ଓକିଲ ତପନ କୁମାର ମିଶ୍ର ପରିଚାଳନା କରିଥିଲେ।

**ଆପଣଙ୍କ ବ୍ୟଥାକୁ ଆପଣଙ୍କ ବ୍ୟତୀତ ଆଉ କିଏ ବୁଝିପାରିବ?**

**ବଡ଼ ବିଜ୍ଞାପନ ଦେଖି ଭ୍ରମିତ ହୁଅନ୍ତୁ ନାହିଁ। KWIK ଆପଣାନ୍ତୁ**

ମୁଁ ରାଜୁ ଦାସ, ବୟସ 55 ବର୍ଷ, ପେସାରେ ମୁଁ ଜଣେ ହାର୍ଡୱେର୍ ଦୋକାନୀ। ସାରା ଦିନ ବସି ରହିବା ଦ୍ୱାରା ଆଣ୍ଠୁରେ ବ୍ୟଥା ହେବାକୁ ଲାଗିଥିଲା ଏବଂ ତାହା ଫୁଲି ମଧ ଯାଇଥିଲା । ଅନେକଗୁଡ଼ିଏ ଖାଇବା ଓ ଲଗାଇବା ଔଷଧ ବ୍ୟବହାର କଲି କିନ୍ତୁ ଆରାମ ମିଳିଲା ନାହିଁ । ଦୋକାନକୁ ଯିବା ପାଇଁ ମୁଁ ବାଧ୍ୟ, କାରଣ ମୋ ପରିବାରର ଭରଣପୋଷଣ ଏଇ ଦୋକାନରୁ ହିଁ ହୋଇଥାଏ ଏବଂ ମୋର ପୁଅ-ଝିଅ ଚାକିରିରେ ସେଟ୍ ହୋଇନାହାନ୍ତି । **କେହି ମୋ ବ୍ୟଥାକୁ ବୁଝିପାରନ୍ତା କି....** ଯଦି ଆପଣ ମଧ ଏପରି କୌଣସି ପୁରୁଣା ବ୍ୟଥାରେ ପୀଡ଼ିତ ଅଛନ୍ତି ତେବେ ମହାନାରାୟଣ-ମହାମାଷ-ବିଷଗର୍ଭ ଭଳି ବ୍ୟଥାନାଶକ ସ୍ପେଶାଲିଷ୍ଟ ତେଲ ଓ ଅନ୍ୟାନ୍ୟ ଦୁର୍ଲଭ ଜଡ଼ିବୁଟିର ମିଶ୍ରଣ ଏବଂ ସିଦ୍ଧ ଆୟୁର୍ବେଦିକ ଚିକିତ୍ସା ପଦ୍ଧତିରେ ପ୍ରସ୍ତୁତ କ୍ୱିକ୍ ଆୟୁର୍ବେଦିକ ବ୍ୟଥାନାଶକ ତେଲ ଥରେ ବ୍ୟବହାର କରନ୍ତୁ । ଆମର ବିଶ୍ୱାସ ରହିଛି ଯେ Kwik ହୁଏତ ଆପଣଙ୍କ ଚେହେରାରେ ପୁଣିଥରେ ହସ ଖେଳାଇଦେବ । ଏହାକୁ ଥରେ ବ୍ୟବହାର କରି ଦେଖିବା ପାଇଁ ନିବେଦନ କରୁଛୁ ।

ଅଧିକ ସୂଚନା ପାଇଁ ଏବଂ କୌଣସି ଅସୁବିଧା କ୍ଷେତ୍ରରେ କମ୍ପାନୀର ହେଲ୍ପଲାଇନ୍ ନଂ. 7328008854, 8127080666 ରେ ଯୋଗାଯୋଗ କରନ୍ତୁ ।

**ଯଦି KWIK ପାଖରେ ଥିବ ବ୍ୟଥା ଖଲାସ୍ ହୋଇଯିବ**




## ବିଜେଡି ଜିଲା ପରିଷଦ ସଭ୍ୟ ଧରଣୀଧର ଘଡ଼ାଇ ବହିଷ୍କୃତ

ଭୁବନେଶ୍ୱର, ୧୯।୮ (ବ୍ୟୁରୋ)- ଯାଜପୁର ଜିଲା କୋରେଇ ବ୍ଲକ ୩ ନମ୍ବର ଜୋନ୍‌ର ବିଜେଡି ଜିଲା ପରିଷଦ ସଭ୍ୟ ଧରଣୀଧର ଘଡ଼େଇଙ୍କୁ ବିଜୁ ଜନତା ଦଳରୁ ବହିଷ୍କାର କରାଯାଇଛି । ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କୁ ଦଳରୁ ବହିଷ୍କୃତ କରାଯାଇଛି। ଗୁରୁବାର ବିଜେଡି ସାଧାରଣ ସମ୍ପାଦକ (ଗଣମାଧ୍ୟମ) ମାନସ ମଙ୍ଗରାଜ ଏନେଇ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି।

## ଓମଫେଡ୍ ଅତ୍ୟାବଶ୍ୟକ ସେବା ଆଇନ ପରିସରଭୁକ୍ତ

**ଭୁବନେଶ୍ୱର, ୧୯।୮ (ବ୍ୟୁରୋ)**

ଓଡିଶା ରାଜ୍ୟ ଦୁଗ୍ଧ ଉତ୍ପାଦକ ସଂଘ (ଓମଫେଡ୍)କୁ ରାଜ୍ୟ ସରକାର ଓଡିଶା ଅତ୍ୟାବଶ୍ୟକ ସେବା (ମେଣ୍ଟେନାନ୍ସ) ଆଇନ ପରିସର ଭୁକ୍ତ କରିଛନ୍ତି। ଆସନ୍ତା ୬ ମାସ ଯାଏ ଓମଫେଡ କର୍ମଚାରୀଙ୍କ ଧର୍ମଘଟ ଉପରେ କଟକଣା ଜାରି କରାଯାଇଛି। ଏହି ସମୟରେ କର୍ମଚାରୀମାନେ ଧର୍ମଘଟ କରି ପାରିବେ ନାହିଁ।

## କାବୁଲରେ ସମ୍ବଲପୁରର ଝିଅ

**ଦେଢ଼ମାସ ହେଲା ହୋଇପାରୁନି ଯୋଗାଯୋଗ**



ଝିଅଜ୍ୱାଇଁଙ୍କ ଫଟୋ ଧରିଛନ୍ତି ଜୁହୁରା ବେଗମ୍।

**ସମ୍ବଲପୁର, ୧୯।୮ (ବ୍ୟୁରୋ)**

ଆଫଗାନିସ୍ତାନକୁ ତାଲିବାନ ନିଜ କବ୍‌ଜାକୁ ନେବା ପରେ ସେଠାରେ ରହୁଥିବା ଭାରତୀୟ ସମ୍ପର୍କୀୟଙ୍କ ମନରେ ଭୟ ସୃଷ୍ଟି ହୋଇଛି। ସମ୍ବଲପୁର ଜିଲା ଧନୁପାଲି ଥାନା ସୁନାପାଲି (ମୋତିଝରଣ) ଅଞ୍ଚଳର ଜୁହୁରା ବେଗମ୍ ଏଥିରୁ ବାଦ୍ ପଡିନାହାନ୍ତି। ପ୍ରାୟ ଦେଢ଼ମାସ ହେବ ଝିଅ ସକିଲା ବାନୁ ଓ ତାଙ୍କ ପରିବାର ସଦସ୍ୟଙ୍କ ସହ ଯୋଗାଯୋଗ ହୋଇପାରୁ ନ ଥିବାରୁ ସେ ଚିନ୍ତାଗ୍ରସ୍ତ ହୋଇପଡିଛନ୍ତି। ଜ୍ୱାଇଁ ଓ ଝିଅର ଫଟୋକୁ ଧରି କାନ୍ଦି କାନ୍ଦି ଦିନ କଟୁଛି। ଜୁହୁରା ବେଗମ୍ କହିଛନ୍ତି, କାବୁଲର ମୂଳବାସିନ୍ଦା ଜ୍ୱାଇଁ ଉତାଉଲ୍ଲା ଖାନ୍ ସମ୍ବଲପୁରରେ ରହୁଥିବା ସମୟରେ ଝିଅ ସହ ପ୍ରେମ ସମ୍ପର୍କ ଗଢିଉଠିଥିଲା। ପରେ ସେମାନେ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ନାତିନାତୁଣୀ ସହ ଆମେ ବେଶ୍ ଖୁସିରେ ରହୁଥିଲୁ। ୧୨ବର୍ଷ ପୂର୍ବେ ସେମାନେ କାବୁଲ ଚାଲିଯାଇଥିଲେ। ଅଧିକାଂଶ ସମୟ ଆମେ ଫୋନରେ କଥାବାର୍ତ୍ତା ହେଉଥିଲୁ। ହେଲେ ପ୍ରାୟ ଦେଢମାସ ହେବ ସେମାନଙ୍କ ସହ ଯୋଗାଯୋଗ ହୋଇପାରୁନାହିଁ। ଏବେ ତାଲିବାନ କବ୍‌ଜାରେ ଆଫଗାନିସ୍ତାନ ରହିଛି। ପୂର୍ବରୁ ତାଲିବାନ ଶାସନରେ ମହିଳା ଓ ଯୁବତୀଙ୍କ ପ୍ରତି ହେଉଥିବା ଘଟଣାକୁ ନେଇ ଭୟ ଲାଗୁଛି। ଏବେ ସେମାନେ କିଭଳି ଭାବେ କେଉଁ ପରିସ୍ଥିତିରେ ଜୀବନ ବିତାଉଥିବେ ସେହି ଚିନ୍ତାରେ ଅଛୁ। ସରକାରୀ ସ୍ତରରେ ପଦକ୍ଷେପ ଗ୍ରହଣ କରି ସହାୟତା କରିବାକୁ ସେ ଅନୁରୋଧ କରିଛନ୍ତି।

**UNIVERSITY LAW COLLEGE**
**UTKAL UNIVERSITY, VANI VIHAR, BHUBANESWAR-04, Tel: 0674-2589507**
UTKAL UNIVERSITY NAAC ACCREDITED A+
No. ULC / 225 / 2021 Date : 19.08.2021

**ADMISSION NOTICE**
**5 Year Integrated B.A.LL.B (Hons.) Course For The Session, 2021-2022**

Applications are invited **ON-LINE** form the eligible candidates for admission into 5 Year Integrated B.A.LL.B (Hons.) Course 2021-22 at University Law College, Bhubaneswar-751007

- **Number of Seats** : 60 (Sixty)
- **Eligibility Criteria** : 45% of marks for General and 40% of marks for S.C./S.T. candidates at +2 Arts/Science/Commerce or equivalent examinations.
- **Cost of the Form** : Rs.600/- (Rupees six hundred only)
- **Course Fee** : Rs.45,000/- (Rupees forty five thousand only) towards Course Fee per annum
- **Selection for Admission** : Selection for admission will be made on the basis of the last qualifying examination (+2 Arts/ Science/Commerce or equivalent examination)aggregate marks only in order of merit.

The candidates can visiting the website **www.universitylawcollegebbsr.org.in** OR **www.utkal-lawcollege.in**. Candidates must log in with correct and valid e-mail and mobile number. The candidate must upload recent passport size colour photograph( Height -200 px, width-150 px,size-200 kb maximum) and full signature (Height-100 px, width-150 px, size-200 kb maximum) both scanned in the JPG/JPEG format. Candidate must ensure proper uploading of photo and signature. The candidate has to pay Rs. 600/-(Rupees Six hundred) only towards application fees besides bank charges through online payment gateway using internet banking/debit card/credit card of any bank/UPI. Application without payment of fees will be rejected. Form is editable till the payment of application fee.

**IMPORTANT DATES**
1.Availability of prospectus & Online form in ULC website : **20.08.2021**
2.Last date for Submission of application form online : **03.09.2021 (payment till 04.09.2021)**
3.Publication of Merit List : **06.09.2021**
Help line number to be contacted only during office hours (10 am to 5 pm) on working days only.

**Application Submission and Admission**
- Common service center helpline number : **9692958088**
- ULC Office Number : **0674-2589507**
- Help-desk e-mail id : **utkal.helpline@gmail.com**

For further details, please visit our website **www.universitylawcollegebbsr.org.in**

**Sd/- Dr. Prativa Panda (Principal)**
**University Law College, Bhubaneswar-04**
**Tel.: (0674) 2589507 (Off.)**

pnb Oriental United
ଉନ୍ନତି ପାଇଁ ଏକାଠି

**ପୂର୍ବ ଦିନର ଓରିଏଣ୍ଟାଲ୍ ବ୍ୟାଙ୍କ୍ ଅଫ କମର୍ସ ଓ ୟୁନାଇଟେଡ ବ୍ୟାଙ୍କ୍ ଅଫ ଇଣ୍ଡିଆର ପ୍ରିୟ ଗ୍ରାହକମାନେ**

**15.09.2021 ପୂର୍ବରୁ ନୂଆ ଚେକ୍ ବୁକ୍ ଆବେଦନ କରି ନିଅନ୍ତୁ**

ନିୟାମକ ନିର୍ଦ୍ଦେଶନାବଳୀ ଅନୁସାରେ 01.10.2021 ଠାରୁ ଆପଣଙ୍କର ପୁରୁଣା ଚେକ୍ ବୁକ୍ ବୈଧ ନୁହେଁ ଏଣୁ ନୂତନ MICR ଏବଂ IFSC ସହ ପୁରୁଣା ଚେକ୍ ବୁକ୍ କୁ ପରିବର୍ତ୍ତନ କରି ନିଅନ୍ତୁ।

- ଆମର ଶାଖା
- ATM/IBS/PNB ONE ମାଧ୍ୟମରେ ନୂଆ ଚେକ୍ ବୁକ୍ ପାଇଁ ତୁରନ୍ତ ଆବେଦନ କରନ୍ତୁ

ଆପଣଙ୍କୁ ମଧ୍ୟ ପରବର୍ତ୍ତୀ ତାରିଖର ଚେକ୍ (ପୂର୍ବରୁ ଓରିଏଣ୍ଟାଲ୍ ବ୍ୟାଙ୍କ ଅଫ୍ କମର୍ସ ଓ ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର) ଯଦି ଜାରି କରାଯାଇଥାଏ, ତାହାକୁ ନୂଆ ଚେକ୍ ସହିତ ବଦଳ କରିବାକୁ ଅନୁରୋଧ କରାଯାଉଛି।

**ଅଧିକ ସବିଶେଷ ପାଇଁ:**
ଦୟାକରି ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କର ନିକଟତମ ଶାଖାରେ ଯୋଗାଯୋଗ କରନ୍ତୁ ବା ଆମର ଗ୍ରାହକ ସହାୟତା ନମ୍ବର 18001802222/ 18001032222 ରେ କଲ୍ କରନ୍ତୁ ବା care@pnb.co.in ରେ ଆମକୁ ଲେଖନ୍ତୁ

पंजाब नैशनल बैंक ...भरोसे का प्रतीक ! punjab national bank ...the name you can BANK upon !



## ଜନ୍ମଦିନର ଶୁଭେଚ୍ଛା

ନାମ: ...................................

ବୟସ: ...................................

ଜନ୍ମ ତାରିଖ: ..............................



ଇପ୍ସିତା (ଗୁଡ଼ି)
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଷ୍ଟୀ ତ କଷ୍ଟୀ ପରାନ୍ନଭୋଜି**
**କଷ୍ଟୀ ତ କଷ୍ଟୀ ଯୁବା ଦରିଦ୍ର**
**କଷ୍ଟୀ ତ କଷ୍ଟୀ ଚିର ପ୍ରବାସୀ**
**କଷ୍ଟୀ ତ କଷ୍ଟୀ ବନିତା ବିଯୋଗୀ।**

ପର ଉପରେ ନିର୍ଭର ବା ଆଶ୍ରା କରି ରହିଥିବା ବ୍ୟକ୍ତିର ନିଜତ୍ୱ ବୋଲି କିଛି ନ ଥାଏ। ପରର ଦୟା ଉପରେ ତା'ର ଜୀବନ ବିତିଥାଏ। ଯୁବାବସ୍ଥାରେ ଦରିଦ୍ରତା ସବୁଠାରୁ ବଳି ଦୁର୍ଭାଗ୍ୟ ହୋଇଥାଏ। ଯିଏ ଘରଠାରୁ ସବୁବେଳେ ବାହାରେ ରହିଥାଏ ତା'ର ସୁଖଦୁଃଖରେ ସମଭାଗୀ ହେବା ପାଇଁ ଆପଣାର ଲୋକ କେହି ନ ଥାଏ। ସେହିପରି ସ୍ତ୍ରୀ ବା ଘରଣୀର ବିଚ୍ଛେଦ କି ମୃତ୍ୟୁ ଘଟିବା ବ୍ୟକ୍ତି ପକ୍ଷେ ଅତୀବ ଯାତନାଦାୟକ ହେଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**କଂସାରୀ ବାଡ଼ିରେ ଦୂବ**
**ତତେ ଦେଖି ମତେ ଲାଗୁଛି ଲୋଭ**
**ବସିଯିବା ଗଜାମୁଗା।**

ଚେହେରାରୁ ପ୍ରେମର ପରିପ୍ରକାଶ। ସାଧାରଣତଃ ସୌନ୍ଦର୍ଯ୍ୟ ପ୍ରତି ସଭିଙ୍କ ମନରେ ଦୁର୍ବଳତା ଭାବ ରହିଥାଏ। ସୁନ୍ଦରତା ଆଡ଼କୁ ସଭିଙ୍କ ମନ ଅଚିରେ ଟାଣି ହୋଇଯାଇଥାଏ। ସୁନ୍ଦର ଚେହେରା ଦେଖି ସମ୍ପର୍କ ଯୋଡିବା ନେଇ ମନ ବଳେଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ନେପାଳର ମୁଖ୍ୟ ବିରୋଧୀ ଦଳ ଦୁଇଭାଗ

**କାଠମାଣ୍ଡୁ, ୧୯।୮:** ନେପାଳର ମୁଖ୍ୟ ବିରୋଧୀ ଦଳ ତଥା ଦେଶର ସର୍ବବୃହତ କମ୍ୟୁନିଷ୍ଟ ପାର୍ଟି ସିପିଏନ୍-ୟୁଏମ୍ଏଲ୍ ଆନୁଷ୍ଠାନିକ ଭାବେ ଦୁଇଭାଗ ହୋଇଛି। ମାଧବ କୁମାର ନେପାଳଙ୍କ ନେତୃତ୍ୱରେ ଗୋଟିଏ ଗୋଷ୍ଠୀ ନୂଆ ରାଜନୈତିକ ଦଳ ଭାବେ ପଞ୍ଜୀକୃତ ହେବା ଲାଗି ଆବେଦନ କରିଛି। ରାଜନୈତିକ ଦଳରେ ବିଭାଜନକୁ ସହଜ କରିବା ଲାଗି ସରକାର ବୁଧବାର ଏକ ବିବାଦୀୟ ଅଧାଦେଶ ଜାରି କରିଥିଲେ। ଅଧାଦେଶ ଅନୁଯାୟୀ ସଂସଦୀୟ ଦଳ ଏବଂ ରାଜନୈତିକ ଦଳ କେନ୍ଦ୍ରୀୟ କମିଟିର ୨୦ ପ୍ରତିଶତ କିମ୍ବା ତଦୂର୍ଦ୍ଧ୍ୱ ସଦସ୍ୟ ଚାହିଁଲେ ସେମାନେ ମୂଳ ଦଳରୁ ଅଲଗା ହୋଇପାରିବେ। ଏହି ଅଧାଦେଶ ପରେ ମାଧବ କୁମାରଙ୍କ ଗୋଷ୍ଠୀ ସେମାନଙ୍କ ଦଳକୁ ସିପିଏନ୍-ୟୁଏମ୍ଏଲ୍ (ସୋସିଆଲିଷ୍ଟ) ଭାବେ ପଞ୍ଜୀକୃତ କରିବା ଲାଗି ନିର୍ବାଚନ କମିଶନଙ୍କ ନିକଟରେ ଆବେଦନ କରିଥିଲେ।

## ପ୍ରଥମ ପୃଷ୍ଠାରୁ...

### ଡିଜେଲ ୨୫ପଇସା...

ଲିଟର ପିଛା ୮୯.୪୭ ଟଙ୍କା ରହିଛି। ଦିଲ୍ଲୀରେ ମଧ୍ୟ ବୁଧବାର ଡିଜେଲ ୨୦ ପଇସା କମିଥିବା ସୂଚନା ମିଳିଛି। ସେହିପରି ନୂଆଦିଲ୍ଲୀରେ ପେଟ୍ରୋଲ ଦର ସ୍ଥିର ରହିବା ସହ ଲିଟର ପିଛା ୧୦୧.୮୪ ଟଙ୍କାରେ ବିକ୍ରି ହେଉଛି। ପ୍ରକାଶ ଯେ, କୋଭିଡ୍ ମହାମାରୀ ସମୟରେ କ୍ରମାଗତ ତୈଳ ଦର ବୃଦ୍ଧିକୁ ନେଇ ପଲ୍ଲୀରୁ ପାର୍ଲାମେଣ୍ଟ ପର୍ଯ୍ୟନ୍ତ ଏହାକୁ ନେଇ ଚର୍ଚ୍ଚା ହେଉଥିଲା। ଏପରିକି ମହାମାରୀର ମାନ୍ଦାବସ୍ଥା ସମୟରେ ଡିଜେଲ ଦର ରେକର୍ଡସ୍ତର ଛୁଇଁବା ଯୋଗୁ ତା'ର ପ୍ରଭାବ ସବୁ କ୍ଷେତ୍ର ଉପରେ ପଡ଼ିଛି। ଏହାକୁ ନେଇ ବିରୋଧୀ ଓ ଖାଉଟି ଏପରିକି ବିଭିନ୍ନ ସଙ୍ଗଠନ ପକ୍ଷରୁ ମଧ୍ୟ କେନ୍ଦ୍ର ସରକାରଙ୍କ ବିରୋଧରେ ଅସନ୍ତୋଷ ପ୍ରକାଶ ସହ ବିରୋଧ ପ୍ରଦର୍ଶନ କରାଯାଇଥିଲା।

### ଭର୍ତ୍ତୃହରିଙ୍କ ବୋହୂ...

ନିରୋଧୀ ଆଇନର ଧାରା ଅନୁଯାୟୀ ଭର୍ତ୍ତୃହରି, ତାଙ୍କ ସ୍ତ୍ରୀ ଏବଂ ପୁଅଙ୍କ ବିରୋଧରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିବା ଜଣେ ପୋଲିସ ଅଧିକାରୀ କହିଛନ୍ତି।ଅଭିଯୋଗ ସମ୍ପର୍କରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଭର୍ତ୍ତୃହରି କହିଛନ୍ତି, ତାଙ୍କ ଜୀବନ ଏକ ଖୋଲାବହି। ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂର୍ବରୁ ଜାଣିଥିଲେ। ନିର୍ବନ୍ଧ ଓ ରିସେପ୍ସନ ବେଳେ ସେ ଉପସ୍ଥିତ ଥିଲେ। ପରିବାରର ବଡ଼ଭାଇ ଭାବେ ସେ ଏସବୁ କଥା ଜାଣିଥିଲେ। ୨୦୧୯ରେ ନିର୍ବାଚନ ହେଲା। ୨୦୧୮ ଶେଷ ଆଡ଼କୁ ସେ ଜାଣିଥିଲେ। ଯୌତୁକ ଅଭିଯୋଗ କ'ଣ ୪/୫ ବର୍ଷ ପରେ କରାଯାଏ କି ବୋଲି ଭର୍ତ୍ତୃହରି ପ୍ରଶ୍ନ କରିଛନ୍ତି। ଜଣେ ବାପା ହିସାବରେ ମୁଁ ଚାହୁଁଥିଲି ସେମାନେ ଏକାଠି ରୁହନ୍ତୁ। କୌଣସି କାରଣରୁ ସେମାନେ ୪/୫ ଦିନ ଏକାଠି ରହିପାରିଲେନି ବୋଲି ଭର୍ତ୍ତୃହରି କହିଛନ୍ତି।

### କରୋନା ଯୁଦ୍ଧରେ...

ଆସୁଥିଲା। ହେଲେ ଶେଷରେ ହୃଦ୍‌ଘାତରେ ତାଙ୍କର ପରଲୋକ ହୋଇଛି। ସଂଗ୍ରାମଙ୍କୁ ୩ ସପ୍ତାହରୁ ଊର୍ଦ୍ଧ୍ୱ ଦିନ ଧରି ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲର ଭେଣ୍ଟିଲେଟରରେ ରଖାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା ସହ ଫୁସ୍‌ଫୁସ୍ ସମ୍ପୂର୍ଣ୍ଣ ସଂକ୍ରମିତ ହେବାପରେ ତାଙ୍କୁ ମେ ଶେଷ ସପ୍ତାହରେ ଇକ୍‌ମୋ ଚିକିତ୍ସା ଲାଗି ଏୟାର ଆମ୍ବୁଲାନ୍ସ ଯୋଗେ ହାଇଦ୍ରାବାଦ ନିଆଯାଇଥିଲା। ସଂଗ୍ରାମଙ୍କ ପାର୍ଥିବ ଶରୀର ଗୁରୁବାର ସନ୍ଧ୍ୟା ୬ଟା ୪୫ ମିନିଟ୍‌ରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ କଂଗ୍ରେସ ଭବନ ନିଆଯାଇଥିଲା। ଦଳର ବହୁ ବରିଷ୍ଠ, ଯୁବ, ମହିଳା, ଛାତ୍ର ନେତା ଓ କର୍ମୀମାନେ ଶେଷ ଦର୍ଶନ କରିବା ପାଇଁ ପହଞ୍ଚିଥିଲା। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଦୁଃଖ ପ୍ରକାଶ କରିଛନ୍ତି। ଦଳର ଅନ୍ୟ ବରିଷ୍ଠ ନେତା ନରସିଂହ ମିଶ୍ର, ସୁରେଶ କୁମାର ରାଉତରାୟ, ରାମଚନ୍ଦ୍ର ଖୁଣ୍ଟିଆ ପ୍ରମୁଖ ଶୋକବ୍ୟକ୍ତ କରିବା ସହିତ ସଂଗ୍ରାମଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି। କଂଗ୍ରେସ ଭବନରୁ ମୃତଦେହ ତାଙ୍କ ଭୁବନେଶ୍ୱରସ୍ଥିତ ବାସଭବନକୁ ନିଆଯାଇଛି। ଶୁକ୍ରବାର ଆନନ୍ଦପୁରସ୍ଥିତ ତାଙ୍କ ପୈତୃକ ଗ୍ରାମ ହାଟଡିହୀଠାରେ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ଜଣାପଡିଛି। ସଂଗ୍ରାମ ୨୦୧୪ ସାଧାରଣ ନିର୍ବାଚନରେ ଭଦ୍ରକ ଲୋକ ସଭା ଆସନରେ କଂଗ୍ରେସରୁ ପ୍ରାର୍ଥୀ ହୋଇଥିଲେ। ସେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନରେ ସଭାପତି ପଦବୀ ପାଇଁ ମଧ୍ୟ ଲଢ଼ିଥିଲେ। ସଂଗ୍ରାମ ଜଣେ ଦୃଢ଼ ସଙ୍ଗଠକ ଥିଲେ। ଦୀର୍ଘଦିନ ସେ ଯୁବକଂଗ୍ରେସ ସଭାପତି ଭାବେ ଦାୟିତ୍ୱ ତୁଲାଇ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ।



ଆନ୍ଧ୍ର ଅଧିକାରୀମାନେ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

### କୋଟିଆରେ ଆନ୍ଧ୍ରର...

କରିବାରେ ପଛଘୁଞ୍ଚା ଦେବନାହିଁ ବୋଲି ପିଓ ଆଇଟିଡିଏ କୋର୍ମନାଥ କହିଛନ୍ତି। ସୂଚନାଯୋଗ୍ୟ, କୋଟିଆର ୨ ଗ୍ରାମ ଫାଟୁସିନେରି ଏବଂ ଫଗୁଣସିନେରିକୁ ଆନ୍ଧ୍ର ୨ ପଞ୍ଚାୟତର ମାନ୍ୟତା ଦେଇଛି। ଓଡ଼ିଶାର ବିରୋଧ ସତ୍ତ୍ୱେ ଉଭୟ ସ୍ଥାନରେ ପଞ୍ଚାୟତ ନିର୍ବାଚନ କରିଛି।

ଏ ସମ୍ପର୍କରେ ପଟ୍ଟାଙ୍ଗୀ ବିଡିଓ ବେଦ ଭୂଷଣ କୁହନ୍ତି, କୋଟିଆକୁ ନେଇ ଓଡ଼ିଶା ଏବଂ ଆନ୍ଧ୍ର ମଧ୍ୟରେ ସୀମା ବିବାଦ ଲାଗି ରହିଛି। ସୁପ୍ରିମକୋର୍ଟ ସ୍ଥିତାବସ୍ଥା ବଜାୟ ରଖି ନିଜ ନିଜ ସ୍ଥାନରେ ରହିବାକୁ ଉଭୟ ରାଜ୍ୟକୁ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶା ତାହା ପାଳନ କରୁଥିବା ବେଳେ ଆନ୍ଧ୍ର ବାରମ୍ବାର ଅନୁପ୍ରବେଶ କରୁଛି। ଏ ସଂକ୍ରାନ୍ତରେ ଜିଲା ପ୍ରଶାସନକୁ ରିପୋର୍ଟ ଦିଆଯିବ। ଆବଶ୍ୟକ ହେଲେ ସୁପ୍ରିମକୋର୍ଟକୁ ଜିଲା ପ୍ରଶାସନ ଅବଗତ କରାଇପାରିବେ ବୋଲି ବିଡିଓ କହିଛନ୍ତି।

# ଦୁଇ ବାନ୍ଧବୀଙ୍କୁ ଏକତ୍ର ରହିବାକୁ କୋର୍ଟ ଅନୁମତି

**ରାମପୁର(ୟୁପି), ୧୯।୮:** ଦୁଇ ପ୍ରାପ୍ତବୟସ୍କା ବାନ୍ଧବୀଙ୍କୁ ଏକତ୍ର ବାସରେ ରହିବା ପାଇଁ ଉତ୍ତରପ୍ରଦେଶ ରାମପୁରର ଏକ ଅଦାଲତ ଅନୁମତି ପ୍ରଦାନ କରିଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଯୁବତୀ ମାସେ ପୂର୍ବରୁ ନିଖୋଜ ହୋଇଯାଇଥିଲା। ତାଙ୍କ ନିଖୋଜ ସମ୍ପର୍କରେ ଜୁଲାଇରେ ପରିବାର ପକ୍ଷରୁ ଏତଲା ଦାଏର ହୋଇଥିଲା। ସେ ରାମପୁରର ଶାହବାଦ ଅଞ୍ଚଳରେ ତାଙ୍କ ବାନ୍ଧବୀଙ୍କ ସହ ରହୁଥିବାବେଳେ ନିକଟରେ ଠାବ ହୋଇଥିଲେ। ସେ ନିଜ ଇଚ୍ଛାରେ ଘର ଛାଡ଼ିଛନ୍ତି ଓ ବାନ୍ଧବୀଙ୍କ ସହ ଏକତ୍ର ରହିବାକୁ ଚାହାନ୍ତି ବୋଲି ପୋଲିସକୁ କହିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଶନି ଚନ୍ଦ୍ର ଯୋଗର ପ୍ରଭାବରେ ପ୍ରତ୍ୟେକ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବାରେ ସମର୍ଥହେବେ। ପୁନଶ୍ଚ ବ୍ୟବସାୟ ଓ ପରିବହନରେ ଶିଥିଳତା ଦେଖାଦେଇପାରେ। ପରିବାରର ଆବଶ୍ୟକତା ଉପଲବ୍ଧି ଅନୁଭବ କରି ନୂତନ ଗୃହୋପକରଣ କ୍ରୟ କରିପାରନ୍ତି। ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ଖୋଜ ଖବର ପାଇବାର ସମ୍ଭାବନା ରହିଛି।

**ବୃଷ**
ଅନ୍ୟଗ୍ରହମାନଙ୍କ ସହ ମଙ୍ଗଳ ଆପଣଙ୍କୁ କାର୍ଯ୍ୟ ହାସଲରେ ସାହାଯ୍ୟ କରିବେ। କିନ୍ତୁ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବାରୁ ଖୁସୀ ହୋଇପାରନ୍ତି। କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କଲେ ଉପକୃତ ହୋଇପାରିବେ।

**ମିଥୁନ**
ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଓ ସାହାଯ୍ୟ ସହଯୋଗ ମଧ୍ୟ ପାଇବେ। ସତର୍କରେ ନ ଚଳିଲେ ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ବ୍ୟବସାୟ ବାଣିଜ୍ୟକ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ। କୌଣସି ଜିନିଷଟି ପାଇଁ ସହକର୍ମୀମାନଙ୍କ ମଧ୍ୟରେ ତର୍କ ଓ ବିବାଦ ବଢ଼ିବାର ସୂଚନା ରହିଛି।

**କର୍କଟ**
ଦୀର୍ଘଦିନର ଆଶା ଫଳବତୀ ହେବାରୁ ମନ ପ୍ରଫୁଲ୍ଲ ହୋଇଯିବ। ବନ୍ଧୁଙ୍କ ନିକଟରୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। କଠୋର ପରିଶ୍ରମଜନିତ ଶାରୀରିକ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିପାରନ୍ତି। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ।

**ସିଂହ**
ପାରିବାରିକ କ୍ଷେତ୍ରରେ ସ୍ତ୍ରୀଙ୍କ ସାହାଯ୍ୟରୁ ମନୋବଳ ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ଧୀରପାଣି ପଥର କାଟେ ନୀତିରେ କାମ ହାସଲ କରି ଉପକୃତ ହେବେ। ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ। ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

**କନ୍ୟା**
କର୍ମକ୍ଷେତ୍ରରେ କାର୍ଯ୍ୟହାସଲ ପାଇଁ ମିଠା କଥା କହି ବନ୍ଧୁଙ୍କୁ ଆପଣାର କରିବେ। ପ୍ରେମପ୍ରଣୟ କ୍ଷେତ୍ରରେ ସଫଳତା ପାଇବେ। ପ୍ରତ୍ୟେକ କ୍ଷେତ୍ରରେ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ସାମୟିକ ବ୍ୟସ୍ତତା ବୃଦ୍ଧି ପାଇବ। ବିବାଦୀୟ ଘଟଣା ଓ ମାଲିମକଦ୍ଦମା ସମାଧାନ ହୋଇଯିବ।

**ତୁଳା**
ଅନ୍ୟର ପ୍ରରୋଚନାରେ ପଡି ଭୁଲ୍ ମାର୍ଗର ଅନୁସରଣ କରିବାରୁ ବିରତ ରହିବା ଭଲ। ପାଖ,ପଡ଼ୋଶୀଙ୍କ ସହାୟତାରେ ପାରିବାରିକ ତିକ୍ତତାର ସମାପ୍ତି ଘଟାଇବେ। କର୍ମକ୍ଷେତ୍ରରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। କାର୍ଯ୍ୟହାସଲ ପରିପ୍ରେକ୍ଷୀରେ ଭ୍ରାତୃ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ବିଛା**
ପରିଜନମାନଙ୍କ ସହ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ଆଲୋଚନା କରିପାରନ୍ତି। ସହକର୍ମୀଙ୍କ ଅସଂଯତ କାର୍ଯ୍ୟକଳାପ ସମସ୍ୟାକୁ ବଢ଼ାଇ ଦେଇପାରେ। କର୍ମକ୍ଷେତ୍ରରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**ଧନୁ**
କୌଣସି ଅତୀତ ଘଟଣାକୁ ନେଇ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ପୁଣି ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ପାଇବା ହେତୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ। ପ୍ରଶାସନିକ ସ୍ତରରେ ଅପରାହ୍ଣରେ ସମସ୍ୟାର ସମାଧାନ ହୋଇଯିବ। ପାରିବାରିକ ସ୍ତରରେ ଅର୍ଥାଭାବ ଯୋଗୁ ବିଚଳିତ ହୋଇପାରନ୍ତି।

**ମକର**
ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ଆକସ୍ମିକ ଭାବରେ ଭ୍ରମଣ ସୁଯୋଗ ଲାଭ କରିବାର ସୁଯୋଗ ମିଳିବ। ଅପରାହ୍ଣରେ ବନ୍ଧୁଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବେ। ପ୍ରତ୍ୟେକ କ୍ଷେତ୍ରରେ ସହନଶୀଳତା ଗୁଣରୁ ପ୍ରଶଂସିତ ହେବେ।

**କୁମ୍ଭ**
ମନ ଭଲ ନ ଥିବା କାରଣରୁ କର୍ମକ୍ଷେତ୍ର ପ୍ରତି ଉଦାସୀନ ରହିପାରନ୍ତି। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ନୀଚମନୋଭାବସମ୍ପନ୍ନ ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ବନ୍ଧୁ ପରିଜନଙ୍କ ସହ ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ।

**ମୀନ**
କର୍ମକ୍ଷେତ୍ରରେ କୂଟନୀତି ବଳରେ କାର୍ଯ୍ୟ ସାଧନ କରିବେ। ରାଜନୈତିକ ସ୍ତରରେ ହଠାତ୍ ବିରୋଧୀ ପକ୍ଷ ସକ୍ରିୟ ହୋଇ ଉଠିପାରନ୍ତି। ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବ। ପରିବାରର ଆଲୋଚନାକ୍ରମେ ସୌଖୀନ ଦ୍ରବ୍ୟ କ୍ରୟ କରିବା ସକାଶେ ମନ ବଳାଇବେ।

# ବିଦେଶୀ ଅଟକ କେନ୍ଦ୍ର ହେଲା 'ଟ୍ରାଞ୍ଜିଟ୍ କ୍ୟାମ୍ପ'

**ଗୁଆହାଟୀ, ୧୯।୮**

ଆସାମ ସରକାର ରାଜ୍ୟରେ ଥିବା ଅଟକ କେନ୍ଦ୍ରଗୁଡ଼ିକ ନାଁ ବଦଳାଇ ସେଗୁଡ଼ିକୁ 'ଟ୍ରାଞ୍ଜିଟ୍ କ୍ୟାମ୍ପ' ଭାବେ ନାମିତ କରିଛନ୍ତି। ଏନେଇ ଗତ ୧୭ ତାରିଖରେ ଆସାମ ଗୃହ ତଥା ରାଜନୈତିକ ବିଭାଗ ପ୍ରମୁଖ ସଚିବ ନିରଜ ବର୍ମାଙ୍କ ସ୍ୱାକ୍ଷରରେ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟରେ ବହୁସଂଖ୍ୟାରେ ବାଂଲାଦେଶୀ ବେଆଇନ ଭାବେ ରହୁଛନ୍ତି। ସେମାନଙ୍କୁ ଅଟକ ରଖିବା ଲାଗି ୬ଟି କେନ୍ଦ୍ର ରହିଥିବାବେଳେ ଗୋଲପଡ଼ା ଜିଲାର ମାଟିଆଠାରେ ଆଉ ଗୋଟିଏ ଡିଟେନଶନ ସେଣ୍ଟର ନିର୍ମାଣାଧୀନ ରହିଛି। ୬ଟି ସେଣ୍ଟରରେ ୧୮୧ ଜଣ ଅଟକ ରହିଥିବାବେଳେ ସେମାଙ୍କ ମଧ୍ୟରୁ ୬୧ ଜଣ ଘୋଷିତ ବିଦେଶୀ ଏବଂ ୧୨୦ ଜଣ ଦୋଷୀସାବ୍ୟସ୍ତ ବିଦେଶୀ ବୋଲି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ବିଧାନସଭାକୁ ଜଣାଇଥିଲେ। ଘୋଷିତ ବିଦେଶୀମାନେ ୩ ବର୍ଷ ଅଟକ ରହିବା ପରେ ନିର୍ଦ୍ଦିଷ୍ଟ ସର୍ତ୍ତରେ ମୁକ୍ତ ହୋଇପାରିବେ ବୋଲି ସୁପ୍ରିମକୋର୍ଟଙ୍କ ୨୦୧୯ ମେ' ୧୦ ନିର୍ଦ୍ଦେଶ ପରେ ଡିଟେନ୍‌ଶନ ସେଣ୍ଟରରେ ଏହି ବର୍ଗର ବିଦେଶୀଙ୍କ ସଂଖ୍ୟା ଯଥେଷ୍ଟ ହ୍ରାସ ପାଇଥିଲା। ଏହା ପରେ ୨୦୨୦ ଏପ୍ରିଲରେ ଆଉ ଏକ ନିର୍ଦ୍ଦେଶନାମାରେ ସେମାନଙ୍କ ଅଟକ ସମୟକୁ ୨ ବର୍ଷକୁ ହ୍ରାସ କରାଯାଇଥିଲା। ଉପରୋକ୍ତ ଦୁଇ ନିର୍ଦ୍ଦେଶନାମା ଯୋଗୁ ୭୫୦ ବିଦେଶୀଙ୍କୁ ମୁକ୍ତ କରାଯାଇଛି।

# ମସ୍‌ଜିଦରେ ଜାତୀୟ ସଙ୍ଗୀତକୁ ବିରୋଧ

## ମୌଲବୀଙ୍କ ବିରୋଧରେ ମାମଲା

ଆଗ୍ରା, ୧୯।୮(ଆଇଏଏନ୍ଏସ୍)

ମସ୍‌ଜିଦ ପରିସରରେ ଜାତୀୟ ସଙ୍ଗୀତ ଗାନ ଇସ୍‌ଲାମ ବିରୋଧୀ ବୋଲି କହିଥିବା ଆଗ୍ରା ଜାମା ମସ୍‌ଜିଦ୍‌ର ଜଣେ ଖ୍ୟାତନାମା ମୌଲବୀଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ସ୍ୱାଧୀନତା ଦିବସରେ ସ୍ଥାନୀୟ ଭାଜପା ନେତା ଆଶଫାକ୍ ସୈଫିଙ୍କ ନେତୃତ୍ୱରେ ଗୋଟିଏ ଗୋଷ୍ଠୀ ମସ୍‌ଜିଦରେ ପ୍ରବେଶ କରି ଜାତୀୟ ପତାକା ଉତ୍ତୋଳନ କରିବା ସହ ଜାତୀୟ ସଙ୍ଗୀତ ଗାନ କରିଥିଲେ। ଏହାକୁ ବିରୋଧ କରିଥିବା ଶାହେର ମୁଫତି, ମାଜିଦୁଲ କୁଧୁଶ ଖୁବାଏବ୍ ରୁମି(୭୫)ଙ୍କ ବିରୋଧରେ ସ୍ଥାନୀୟ ପୋଲିସ ମାମଲା ରୁଜୁ କରିଛି। ମସ୍‌ଜିଦ ପରିଚାଳନା କମିଟି ସଦସ୍ୟ ତଥା ସ୍ଥାନୀୟ ନେତା ହାଜି ଅସ୍‌ଲାମ କୁରେଶି ତାଙ୍କ ବିରୋଧରେ ଏତଲା ଦେଇଥିଲେ। ମସ୍‌ଜିଦ ପରିସରରେ ପତାକା ଉତ୍ତୋଳନକୁ ରୁମି ନିନ୍ଦା କରୁଥିବାର ଅଡିଓ କ୍ଲିପ୍ ମଧ୍ୟ ପୋଲିସର ହସ୍ତଗତ ହୋଇଛି।


# classifieds Everyday
0674-2580101, 2549302

**real estate**

2BHK simplex 30,00,000/-, 5BHK duplex 45,00,000/- finishing Hanspal- 8093465134, 9668194157. D-70946

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ ଓଡ଼ିଶାର ବୃହତ୍ତମ Commercial Hub 'Grand Bazar' ସମ୍ମୁଖରୁ 1 Km. ଦୂରତାରେ ଘରବାରି ପ୍ଲଟ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ- 9078699286. D-70892

**2/3 BHK flats sale at Mancheswar Railway Station, Bhubaneswar discount upto- 5,00,000/-. 8114982646, 9040744989.** D-70890

Duplex, Prime location Bhubaneswar (CHAKAISIANI). 93 Lacs. Do not call if you want to pay cash or black money. Whatsapp: 7008560412 / 9437313333. D-21371

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପଦୂରତାରେ 1200 Sq.ft. 2,80,000/-, ନଖରା ତ୍ରିନାଥବଜାର Sq.ft. 150/- (outright) 9348232008. D-70883

**Bhubaneswar residential plot Pahal NH Back Side of Jagannath Temple, sqft. 1850/-, 2250/-, Balianta 850/- 1250/-, 8249477254, 7978230118.** D-70887

ଭୁବନେଶ୍ୱର-ଖୋର୍ଦ୍ଧା ରୋଡ୍ ଜଟଣୀ ଗେଟ୍ ପାଖରେ ଇଲେକ୍ଟ୍ରିଫିକେସନ ଥାଇ ସ୍ଥିତିବାନ demarcated ପ୍ଲଟ୍ କିଣି ଘର କରନ୍ତୁ -9438315973. D-21374

**Residential cum Commercial Road side Plot, Niali Road @ 750 Sft., Residential Plots with Boundary Wall, Electricity System, Homely Temple, Nakhara 7 K.M., BBSR - 12 K.M. 8249851363, 7809525452.** D-70467

ଭୁବନେଶ୍ୱର ଚନ୍ଦକାରେ **Nalanda** ଓ **BCCST College** ପାଖରେ **road, electricity, water** ସୁବିଧା ଥାଇ ବାସୋପଯୋଗୀ ପ୍ଲଟ୍ **possession** ଥାଇ ମିଳୁଛି। **9348870771, 9090543542.** D-70889

**construction**

**Construct your home with branded material. We provide plan approval, boring, vastu. 7789824989, 9040744989.** D-70891

**healthcare**

Monalisa massage Club: All types Body massage with hiprofile smart lady rooms service available. 9708545108. D-21391

Swarna SPA newly open positively health benefits with expert therapist. 9556978408. D-71133

Lotus SPA newly open positively health benefits/ expert therapist. 8455987557. D-71403

Refreshing your mind, your body with tha best therapy at Lotus Spa. 8018891951. D-70468

Newly open SPA center positively health benefits by expert therapist, (home service available). 9439008685. D-71402

Newly Open Saikrupa Panchakarma Spa positively health benefits with Expert. 8984068077. D-21326

Newly open full body massage ladies and gents. 8658471570, 8327740003. D-70469

**business**

Job- Rapido Captainରେ ରେଜିଷ୍ଟ୍ରେସନ୍ ହେବା ପାଇଁ DL, RC & Android Mobile ନେଇ ତଳ ଏଡରେସ୍‌ରେ ଆସନ୍ତୁ ଆଉ 25000/- ଯାଏ ମାସିକ କମାନ୍ତୁ। Address- 40, Pawani Complex, Lane L 4, Jagmohan Nagar, Bhubaneswar. Call & WhatsApp. 9513764947, 080-41434143. D-21338

**AFFIDAVIT**

Affidavit before Executive Magistrate, Dhenkanal, I have changed my name from Bhagaban Baral to Srikant Baral. So my name treated as Srikant Baral, S/o. Babaji Baral, Village- Motari, PO- Kakudibhga, PS- Sadar, Dist.- Dhenkanal for LIC policy vide No.- 588620911. D-70343

By virtue of affidavit before Executive Magistrate, Panposh, Rourkela on 06 August 2021, I Smt. Gruhalaxmi Nath have changed my surname from Nath to Sharma. Henceforth, I shall be known as Gruhalaxmi Sharma for all purposes and both Gruhalaxmi Nath and Gruhalaxmi Sharma are one and same person. D-21395

**LOST**

I Asutosh Mishra, S/o. Bhikari Charan Mishra, At- Sriram Vihar, PO. Burla, Dist. Sambalpur declare that the original documents of the property Khata No.104, Plot No.1209/1666, Area Ac.0.22dec. of Mouza- Burla unit No.3 has been missing. And also the Registered sale deed vide R.S.D. No.2699/1972 Dt.10.11.1972 has been missing, which is not found till date. D-21393

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଉଦ୍ୟାନକୃଷି ବିକାଶରେ ଜଙ୍ଗଲ ବିନାଶ

■ତଦନ୍ତ ନିର୍ଦ୍ଦେଶ ଦେଲେ ଏନ୍‌ଜିଟି
■ରିପୋର୍ଟ ଦାଖଲ କରିବ କମିଟି

ଯାଜପୁର ଅଫିସ,୧୯।୮

ଯାଜପୁର ଜିଲା ସୁକିନ୍ଦା ତହସିଲ ଦାମୋଦରପୁର, ବତଲଣ୍ଡା ଓ କରଗୋଳା ମୌଜା ଅଞ୍ଚଳରେ ୫୦ କିମ୍ବା ୧୦୦ ନୁହେଁ, ୩୭୭.୮୩ ଏକର ପତରା ଓ ଶାଳ ଜଙ୍ଗଲ କିସମ ଜମିରୁ ଏକାଧିକ ମେଶିନ ଲଗାଇ ବହୁ ପରିମାଣର ଗଛ କଟାଯାଇଛି। ତାହା ପୁଣି ଉଦ୍ୟାନ କୃଷିର ବିକାଶ ନାଁରେ କରାଯାଇଛି। ଖୋଦ୍ ରାଜ୍ୟ ସରକାରଙ୍କ ଉଦ୍ୟାନକୃଷି ବିଭାଗ କର୍ତ୍ତୃପକ୍ଷ ଜଙ୍ଗଲର ବିନାଶ କରିଥିବା ଅଭିଯୋଗ କରି ସ୍ଥାନୀୟ ଅଞ୍ଚଳ ବାସିନ୍ଦା ତପନ କୁମାର ବରାଳ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)ର ଦ୍ୱାରସ୍ଥ ହୋଇଛନ୍ତି। ଏହିମର୍ମରେ ଏନଜିଟିରେ ଏକ ମାମଲା (ନଂ.୫୯/୨୦୨୧/ଇଜେଡ) ରୁଜୁ ହୋଇଛି। ତେବେ ଜଷ୍ଟିସ ବି. ଅମିତ ସ୍ଥାଲେକର ଓ ଜୁଡିସିଆଲ ମେମ୍ବର ଶୈବାଳ ଦାସଗୁପ୍ତା ୧୮।୮।୨୦୨୧ରେ ଏହି ମାମଲାର ଶୁଣାଣି କରି ଏକ ତଦନ୍ତକାରୀ କମିଟି ଦ୍ୱାରା ୧ ମାସ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି।

ଜୋର୍‌ସୋରରେ ଖଣି ଖନନ ଚାଲିଥିବା ଯାଜପୁର ଜିଲାରେ ଜଙ୍ଗଲ ବିଭାଗ ଟଙ୍କା ଯା'ର ଜଙ୍ଗଲ ତା'ର ନୀତି ଆପଣେଇଥିବା ମନେ ହେଉଛି। କଳକାରଖାନା, ଖଣି ପ୍ରତିଷ୍ଠା ପାଇଁ ଶିଳ୍ପସଂସ୍ଥାଗୁଡିକ ସରକାରୀ ଆଇନର ଉଲ୍ଲଂଘନ କରି ଜଙ୍ଗଲ ନଷ୍ଟ କରୁଥିବାବେଳେ ଜଙ୍ଗଲ ବିଭାଗ ନୀରବଦ୍ରଷ୍ଟା ସାଜିଛି। ନିୟମ ଅନୁଯାୟୀ ରାଜସ୍ୱ ଓ ଜଙ୍ଗଲ ବିଭାଗ ମିଳିତ ଭାବେ ଅଧିଗୃହୀତ ହେବାକୁ ଥିବା ଜମିର ଗଛ ସଂଖ୍ୟା ସମ୍ପର୍କରେ ହିସାବ କରି ରିପୋର୍ଟ ଦେବେ। ତଦନୁଯାୟୀ ଗଛର ମୂଲ୍ୟ ପୈଠ କରିବା ପରେ କମ୍ପାନୀକୁ ଜମି ପ୍ରଦାନ କରାଯାଇଥାଏ। ଅଧିଗୃହୀତ ଜମିର ଲିଜ୍ ପାଇବା ପରେ କମ୍ପାନୀ ସେଠାରେ ଥିବା ଗଛଗୁଡିକୁ ଆବଶ୍ୟକତା ଅନୁଯାୟୀ ଓଡ଼ିଶା ଜଙ୍ଗଲ ଉନ୍ନୟନ ନିଗମ (ଓଏଫ୍‌ଡିସି) ଜରିଆରେ କାଟିବା କଥା। କିନ୍ତୁ ଜିଲାରେ ଏହାର ଉଲ୍ଲଂଘନ କରାଯାଉଛି। ୨୦୧୮ ଜୁନ ଓ ଜୁଲାଇରେ ସୁକିନ୍ଦା ଅଞ୍ଚଳର ୧୬୨.୪୨ ହେକ୍ଟର ଜଙ୍ଗଲ ଜମିରୁ ପ୍ରାୟ ୨୦ ହଜାରରୁ ଊର୍ଦ୍ଧ୍ୱ ଗଛ କଟାଯାଇଥିଲା। ହେଲେ ଓଏମ୍‌ସିର ପରିବେଶ ପ୍ରଭାବ ମୂଲ୍ୟାୟନ ଓ ପରିବେଶ ପରିଚାଳନା ଯୋଜନା ସାରମର୍ମରେ ୯,୪୯୯ ମୂଲ୍ୟବାନ ଗଛ କଟାଯିବ ବୋଲି ଦର୍ଶାଇ ସରକାରଙ୍କୁ ଭୁଆଁ ବୁଲାଯାଇଥିଲା। ଏହାବାଦ କଳିଙ୍ଗନଗର ଶିଳ୍ପାଞ୍ଚଳରେ ମଧ ବଡ଼ ବଡ଼ ଶିଳ୍ପ କମ୍ପାନୀ ଲକ୍ଷାଧିକ ମୂଲ୍ୟବାନ ଗଛ କାଟି କାରଖାନା ପ୍ରତିଷ୍ଠା କରିଥିବା ପୂର୍ବରୁ ଅଭିଯୋଗ ହୋଇଛି। ତେବେ କଟାଯାଇଥିବା ଗଛର ୧୦ ଗୁଣ ନୂତନ ଗଛ ସୃଷ୍ଟି କରିବାର ନିୟମ ରହିଥିଲେ ହେଁ ତାହା ପୂରଣ ହୋଇପାରିନାହିଁ। ଉଭୟ ସରକାରୀ ଏବଂ ଘରୋଇ ଜମିରେ ଥିବା ଗଛ କାଟିଲେ ଜଙ୍ଗଲ ବିଭାଗ କାର୍ଯ୍ୟାନୁଷ୍ଠାନ କରିବା କଥା। କିନ୍ତୁ ଉଦ୍ୟାନକୃଷିର ବିକାଶ ନାମରେ ଲକ୍ଷାଧିକ ମୂଲ୍ୟବାନ ଗଛ କଟାଯାଇଥିଲେ ହେଁ ଜଙ୍ଗଲ ବିଭାଗ ଏ କ୍ଷେତ୍ରରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହିଁ। ଫଳରେ ବାଧ ହୋଇ ଆଡଭୋକେଟ ଶଙ୍କରପ୍ରସାଦ ପାଣିଙ୍କ ଜରିଆରେ ତପନ କୁମାର ବରାଳ ଏନ୍‌ଜିଟିର ଦ୍ୱାରସ୍ଥ ହୋଇଛନ୍ତି। ଏହିକ୍ରମରେ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଆଞ୍ଚଳିକ କାର୍ଯ୍ୟାଳୟର ଜଣେ ବୈଜ୍ଞାନିକ, ଯାଜପୁର ଜିଲାପାଳ ଏବଂ କଟକ ଡିଏଫ୍‌ଓଙ୍କୁ ନେଇ ଏକ କମିଟି ଗଠନ କରିବାକୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଛି। ଏହି କମିଟି ଦ୍ୱାରା ଗଛ କଟାଯାଇଥିବା ଜମିର ସ୍ଥିତି, ତାହା ଜଙ୍ଗଲ କି ରାଜସ୍ୱ ବିଭାଗର ଜମି, ଜଙ୍ଗଲ ସଂରକ୍ଷଣ ଆଇନ-୧୯୮୦ର ଉଲ୍ଲଂଘନ ହୋଇଛି କି, ଆଜି ଯାଏ କେତେ ଗଛ କଟାଯାଇଛି, ଏଥିପାଇଁ ଦାୟୀ କିଏ, ପରିବେଶ କ୍ଷୟକ୍ଷତି ଅନୁସାରେ କଟାଯାଇଥିବା ଗଛର ମୂଲ୍ୟ ଇତ୍ୟାଦି ତଦନ୍ତ କରି ୧ ମାସ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଛି। ପରବର୍ତ୍ତୀ ଶୁଣାଣି ୨୭।୯।୨୦୨୧ରେ ସ୍ଥିରୀକୃତ କରାଯାଇଛି।


ମେଶିନ୍ ଯୋଗେ ଗଛ କଟାଯାଉଛି।

## ସଂକ୍ଷେପରେ

### ଡିଇଏଲ୍‌ଇଡି ପରୀକ୍ଷା ପାଇଁ ଫର୍ମପୂରଣ ଆରମ୍ଭ

କଟକ ଅଫିସ,୧୯।୮: ଡିପ୍ଲୋମା ଇନ୍ ଏଲିମେଣ୍ଟାରୀ ଏଜୁକେଶନ(ଡିଇଏଲ୍‌ଇଡି) ପ୍ରଥମ ଓ ଦ୍ୱିତୀୟ ବର୍ଷ ପରୀକ୍ଷା ପାଇଁ ଗୁରୁବାରଠାରୁ ଫର୍ମପୂରଣ ଆରମ୍ଭ ହୋଇଛି। ଏହା ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଉଭୟ ରେଗୁଲାର ଏବଂ ଏକ୍ସ-ରେଗୁଲାର ଛାତ୍ରୀଛାତ୍ରମାନେ ଫର୍ମପୂରଣ କରିପାରିବେ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ କୁହାଯାଇଛି। ଚୂଡାନ୍ତ ପରୀକ୍ଷା ପୂର୍ବରୁ ଛାତ୍ରୀଛାତ୍ରଙ୍କର ଇଣ୍ଟରନାଲ ମାର୍କ ବୋର୍ଡ କଣ୍ଟ୍ରୋଲରଙ୍କ ନିକଟରେ ସେପ୍ଟେମ୍ବର ୩୦ ସୁଦ୍ଧା ଦାଖଲ କରିବାକୁ ସମସ୍ତ ପ୍ରତିଷ୍ଠାନର ମୁଖ୍ୟଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅନୁସୂଚିତ ଜାତି ଏବଂ ଜନଜାତି ଛାତ୍ରୀଛାତ୍ରଙ୍କ ପାଇଁ ଫର୍ମପୂରଣ ବାବଦକୁ ୧୨ଶହ ଟଙ୍କା ଏବଂ ଅନ୍ୟ ବର୍ଗର ଛାତ୍ରୀଛାତ୍ରଙ୍କ ଲାଗି ୧୪ଶହ ଟଙ୍କା ଫି' ଧାର୍ଯ୍ୟ କରାଯାଇଛି। ଚଳିତବର୍ଷ ପରୀକ୍ଷା ପଦ୍ଧତିରେ ପରିବର୍ତ୍ତନ କରାଯାଇଛି। ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରମାନେ ନିଜର ମାତୃଭାଷା ଓଡ଼ିଆ, ଉର୍ଦ୍ଦୁ, ଅଲିଚିକ ଏବଂ ତେଲୁଗୁରେ ପରୀକ୍ଷା ଦେଇପାରିବେ। ହେଲେ ଅନ୍ୟ ସମସ୍ତ ବିଷୟ କେବଳ ଓଡ଼ିଆରେ ପରୀକ୍ଷା ଦେବେ ବୋଲି ଗତ ୧୨ ତାରିଖରେ ବୋର୍ଡ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା।

### ପୋଖରୀରୁ ଯୁବକଙ୍କ ମୃତଦେହ ଜବତ

### ହତ୍ୟା ଅଭିଯୋଗ ଆଣିଲେ ପରିବାର

ଯାଜପୁର ଟାଉନ,୧୯।୮(ଡି.ଏନ.ଏ.): ଯାଜପୁର ଟାଉନ ଥାନା ଅଧୀନ ସଦର ବ୍ଲକ କାର୍ଯ୍ୟାଳୟର ଅନତିଦୂର ବିଚିତ୍ରପୁର ପଞ୍ଚାୟତ ବାଣପୁର ଗ୍ରାମ ବିଶ୍ୱାଳ ପୋଖରୀରୁ ଗୁରୁବାର ଜଣେ ଯୁବକଙ୍କ ଗୋଡ଼ ବନ୍ଧା କ୍ଷତବିକ୍ଷତ ମୃତଦେହକୁ ପୋଲିସ ଜବତ କରିଛି। ସେ ହେଲେ ବିଞ୍ଝାରପୁର ଥାନା ଉତ୍ତରକୂଳ ପଞ୍ଚାୟତ ଉତ୍ତରକୂଳ ଗ୍ରାମର କମଳାକାନ୍ତ ଆଚାର୍ଯ୍ୟଙ୍କ ପୁଅ ରୁଦ୍ରପ୍ରତାପ ଆଚାର୍ଯ୍ୟ(୩୮)। ସେ ବୁଧବାର ସନ୍ଧ୍ୟାରୁ ନିଖୋଜ ଥିଲେ। ପରିବାର ଲୋକ ବହୁ ଖୋଜାଖୋଜି କରିଥିଲେ ମଧ କୌଣସି ସୂଚନା ପାଇ ନ ଥିଲେ। ମୃତଦେହ ମିଳିବା ଖବର ପାଇ ପରିବାର ଲୋକ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ କେହି ହତ୍ୟା କରିଥିବା ଅଭିଯୋଗ କରିଛନ୍ତି। ସୂଚନା ମୁତବାକ, ଅପରାହ୍ନ ପ୍ରାୟ ୩ଟା ବେଳେ ସ୍ଥାନୀୟ ଲୋକେ ଏଠାରେ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ଏନେଇ ଥାନାରେ ଖବର ଦେବାପରେ ଭାରପ୍ରାପ୍ତ ଥାନାଧିକାରୀ ମାନସ ରଞ୍ଜନ ଚକ୍ର ସଦଳବଳ ପହଞ୍ଚି ଲୋକଙ୍କ ସହାୟତାରେ ପୋଖରୀରୁ ମୃତଦେହ ଉପରକୁ ଆଣିଥିଲେ। ଜବତବେଳେ ଦେଖିବାକୁ ମିଳିଥିଲା ଯେ, ଯୁବକ ହଳଦିଆ ଟି ଶାର୍ଟ, କଳା ଫରମାଲ ପ୍ୟାଣ୍ଟ ଓ ବୁଟ ପିନ୍ଧିଥିଲେ। ତାଙ୍କ କାନ୍ଧରେ ପଇତା ଥିଲା। ମଥାର ବାମପାର୍ଶ୍ୱକୁ ଏକ ଧାରୁଆ ଅସ୍ତ୍ରରେ ଆଘାତ ହୋଇଥିବାରୁ ସେଠାରେ ଗଭୀର କ୍ଷତ ଚିହ୍ନ ରହିଛି। ଓଠ ତଳ ଥୋଡ଼ିରେ ମଧ କ୍ଷତ ଚିହ୍ନ ରହି ରକ୍ତ ଲାଗିଥିଲା। ଗୋଡ଼ ୨ଟିକୁ ବନ୍ଧା ଯାଇ ଏକ ହଳଦିଆ ଜରିରେ ଶରୀରକୁ ଅଣ୍ଟା ଉପର ପର୍ଯ୍ୟନ୍ତ ବନ୍ଧା ଯାଇଥିଲା। ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛିଯେ, ଏକାଧିକ ବ୍ୟକ୍ତି ଯୁବକଙ୍କୁ ହତ୍ୟା କରି ଏଠାରେ ବୁଧବାର ବିଳମ୍ବିତ ରାତି ପ୍ରାୟ ୨ଟାରୁ ୩ଟା ମଧ୍ୟରେ ଫିଙ୍ଗି ଦେଇଛନ୍ତି। ଯୁବକଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ହସ୍ପିଟାଲକୁ ପଠାଯାଇଛି। ଏନେଇ ଥାନାରେ ଦଫା ୩୦୨ ଓ ୨୦୧ ଆଇପିସିରେ ଏକ ହତ୍ୟା ମାମଲା ନଂ.୨୯୬/୨୧ ରୁଜୁ କରାଯାଇଛି।

## ସ୍ତ୍ରୀଙ୍କୁ ବଞ୍ଚାଇବାକୁ ଯାଇ ସ୍ୱାମୀ ମୃତ

### ଲୁଗା ଶୁଖାଇବା ବେଳେ ବିଦ୍ୟୁତ୍ ଆଘାତ

ଅନୁଗୋଳ ଅଫିସ, ୧୯।୮

ଲୁଗା ଶୁଖାଇବା ବେଳେ ବିଦ୍ୟୁତ୍ ତାରରେ ଲାଖି ଯାଇଥିବା ସ୍ତ୍ରୀଙ୍କୁ ବଞ୍ଚାଇବାକୁ ଯାଇ ସ୍ୱାମୀଙ୍କ ମୃତ୍ୟୁ ହୋଇଛି। ଗୁରୁବାର ଏଭଳି ଅଭାବନୀୟ ଘଟଣା ଘଟିଛି ଅନୁଗୋଳ ଜିଲା ବିକ୍ରମପୁର ଥାନା ଏଫ୍‌ସିଆଇ ମୀନା ବଜାର ଗ୍ରାମରେ। ଉଭୟଙ୍କୁ ପରିବାର ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ ହେଁ ସେଠାରେ ଡାକ୍ତର ସ୍ୱାମୀଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ସ୍ତ୍ରୀଙ୍କ ଚିକିତ୍ସା ଜାରି ରହିଛି। ସୂଚନା ଅନୁଯାୟୀ, ମୀନାବଜାର ଗ୍ରାମର ମୁନା ଦେହୁରୀ(୫୫)ଙ୍କ ସ୍ତ୍ରୀ ସଞ୍ଜୁ ଦେହୁରୀ(୪୫) ସକାଳ ୮ଟା ବେଳେ ଗାଧୋଇବା ପରେ ଲୁଗା ଶୁଖାଇବାକୁ ଯାଇଥିଲେ। ଏହି ସମୟରେ ତାଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିଲା। ଏହା ଦେଖି ମୁନା ଧାଇଁଯାଇ ସଞ୍ଜୁଙ୍କୁ ଟାଣି ଆଣିବାକୁ ଚେଷ୍ଟା କରିଥିଲେ। ହେଲେ ଦୁହେଁ ଜୋରଦାର୍ ଆଘାତରେ ଛିଟିକି ପଡ଼ିଥିଲେ। ପରିବାର ଲୋକେ ତୁରନ୍ତ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ମୁନାଙ୍କୁ ମୃତ ଘୋଷଣା କରାଯାଇଥିଲା। ଖବରପାଇ ଅନୁଗୋଳ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ବାଘନଖ ବିକ୍ରି ବେଳେ ଜଣେ ଗିରଫ

### ଅନ୍ୟ ବନ୍ୟପ୍ରାଣୀଙ୍କ ଶରୀର ଅଂଶ ଜବତ

ସମ୍ବଲପୁର,୧୯।୮ (ବ୍ୟୁରୋ)

ସମ୍ବଲପୁର ଜିଲା ହୀରାକୁଦ ବନ୍ୟପ୍ରାଣୀ ବିଭାଗ ଓ ପୋଲିସ ମିଳିତ ଭାବେ ଗୁରୁବାର ବୁର୍ଲା ଅଞ୍ଚଳରେ ଚଢ଼ାଉ କରି ବାଘ ନଖ ଓ ଅନ୍ୟ ବନ୍ୟପ୍ରାଣୀଙ୍କ ଶରୀର ବିକ୍ରି କରୁଥିବା ସମ୍ବଲପୁର ନିବାସୀ ଆକାଶ ଅଗ୍ରୱାଲ (୩୭)ଙ୍କୁ ଗିରଫ କରିଛି। କଲରାପତରିଆ ବାଘର ୪ଟି ନଖ, ବାଘ ଛାଲ, ବନ୍ୟ କୁକୁରର ଲୋମ, ବଜ୍ରକାପ୍ତା କାତି ଜବତ ହୋଇଛି। ଏ ନେଇ ବନ୍ୟପ୍ରାଣୀ ବିଭାଗ ଆଇନ ଅନୁସାରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ବନ୍ୟପ୍ରାଣୀ ଶରୀରର ବିଭିନ୍ନ ଅଂଶ ବିକ୍ରି ହେଉଥିବା ନେଇ ହୀରାକୁଦ ୱାଇଲ୍ଡଲାଇଫ ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାଶଙ୍କୁ ବିଶେଷ ସୂତ୍ରରୁ ଖବର ମିଳିଥିଲା। ତଦନୁଯାୟୀ ପୋଲିସ ଓ ବନ ବିଭାଗର ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଚଢାଉ କରାଯାଇଥିଲା। ଗୋଟିଏ ବାଘ ନଖକୁ ୫ ହଜାର ଟଙ୍କାରେ ବିକ୍ରି କରାଯାଉଥିବା ବନ ବିଭାଗ ସୂଚନା ଦେଇଛି। ଡିଏଫ୍‌ଓ ଦାଶ କହିଛନ୍ତି, ଡେବ୍ରିଗଡ ଅଭୟାରଣ୍ୟ ପ୍ରାୟ ୩୮୩ ବର୍ଗ କିଲୋମିଟର ଅଞ୍ଚଳରେ ରହିଛି। ଏଠାରେ କଲରାପତରିଆ ବାଘ ସହ ନୀଳଗିରି, ସମ୍ବର, ହରିଣ, ଭାଲୁ ଭଳି ପ୍ରାୟ ୩୦ରୁ ଅଧିକ ବନ୍ୟପ୍ରାଣୀ ବାସ କରୁଛନ୍ତି। ଏହି ଅଭୟାରଣ୍ୟରୁ ବନ୍ୟପ୍ରାଣୀ ଶୀକାର ହୋଇଥିବା ସନ୍ଦେହ କରାଯାଉଛି। ତେଣୁ ଏଠାରେ ପୂର୍ବାପେକ୍ଷା ପାଟ୍ରୋଲିଂ ବ୍ୟବସ୍ଥା କଡାକଡି କରାଯାଇଛି। ଗ୍ରାମବାସୀ ଓ ବନସୁରକ୍ଷା ସମିତି ସହ ଯୋଗାଯୋଗ କରି କର୍ମଚାରୀ ନିଯୁକ୍ତ କରାଯାଇଛି। ଦିନ ଓ ରାତି ଜଙ୍ଗଲ ସୀମାରେ କର୍ମଚାରୀମାନେ ପହରା ଦେଉଛନ୍ତି।


ଜବତ ବାଘ ନଖ ଓ ଅନ୍ୟ ବନ୍ୟପ୍ରାଣୀ ଶରୀର ଅଂଶ ।

## ୭ ବର୍ଷ ପରେ ଧରାପଡ଼ିଲେ ଅଭିଯୁକ୍ତ

### ନାବାଳିକା ବଳାତ୍କାର ମାମଲା

ସାରସକଣା,୧୯।୮(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଞ୍ଚଳର ଜନୈକା ନାବାଳିକାଙ୍କୁ ବଳାତ୍କାର କରି ଫେରାର ଥିବା ଅଭିଯୁକ୍ତଙ୍କୁ ୭ବର୍ଷ ପରେ ପୋଲିସ ଗିରଫ କରିଛି। ସେ ହେଲେ ଦାଶରଥି ହାଁସଦା(୩୫)। ଗୁରୁବାର ତାଙ୍କୁ କୋର୍ଟଚାଲାଣ କରାଯାଇଛି। ୨୦୧୩ରେ ଏହି ବଳାତ୍କାର ଘଟଣା ଘଟିଥିଲା। ତେବେ ବିଶେଷ ସୂତ୍ରରୁ ଖବର ପାଇ ଝାରପୋଖରିଆ ଥାନା ଏସ୍‌ଆଇ. ପଞ୍ଚାନନ ମହାନ୍ତି ସଦଳବଳେ ବାଲଡିହା ଗ୍ରାମସ୍ଥିତ ଘରୁ ତାଙ୍କୁ ଗିରଫ କରିବାରେ ସଫଳ ହୋଇଥିବା ସୂଚନା ମିଳିଛି।

## କଲେଜ ଛାତ୍ରୀ ଅପହରଣ, ଏତଲା ରଖିଲାନି ପୋଲିସ

ଚଣ୍ଡିଖୋଲ,୧୯।୮(ଡି.ଏନ.ଏ.)

ଯାଜପୁର ଜିଲା ବାଲିଚନ୍ଦ୍ରପୁରସ୍ଥିତ ଏକ ମହାବିଦ୍ୟାଳୟକୁ ଆସିଥିବା ଜଣେ ଛାତ୍ରୀଙ୍କୁ କେହି ଅପହରଣ କରି ନେଇଛନ୍ତି। ଏନେଇ ଅପହୃତା ଛାତ୍ରୀଙ୍କ ପରିବାର ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ କରିବାକୁ ଆସିଥିଲେ। ହେଲେ ପୋଲିସ ଏତଲା ଗ୍ରହଣ କରି ନ ଥିବା ଛାତ୍ରୀଙ୍କ ପରିବାର ଅଭିଯୋଗ କରିଛନ୍ତି। ସୂଚନା ମୁତାବକ, କଟକ ଜିଲା ମାହାଙ୍ଗା ଥାନା ମାଣିତ୍ରୀ ଅଞ୍ଚଳର ସମ୍ପୃକ୍ତା ଛାତ୍ରୀ ଯୁକ୍ତ ୩ରେ ଅଧ୍ୟନ କରନ୍ତି। ବୁଧବାର ସେ ଘରୁ ମହାବିଦ୍ୟାଳୟକୁ ଆସି ପରୀକ୍ଷା ନିମନ୍ତେ ଫର୍ମପୂରଣ କରିଥିଲେ। ଏହାପରେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି ପରେ ମଧ କୌଣସି ସୂଚନା ପାଇ ନ ଥିଲେ। ଶେଷରେ ଥାନାରେ ଅଭିଯୋଗ କରିବାକୁ ଆସିଥିଲେ। ଏସମ୍ପର୍କରେ ଥାନା ଅଧିକାରୀ ବିଜୟନୀ ମଲ୍ଲ କହିଛନ୍ତି, ଛାତ୍ରୀ କେଉଁ ସ୍ଥାନରୁ ଅପହରଣ ହୋଇଛନ୍ତି ତାହା ଠିକ୍ ଭାବେ ଜଣାନାହିଁ। ପରିବାର ଲୋକେ କହୁଛନ୍ତି ସେ ଘରୁ ମହାବିଦ୍ୟାଳୟକୁ ଆସି ପେରିନାହାନ୍ତି। ତେଣୁ ନିଜ ଥାନା ଅଞ୍ଚଳରେ ଏତଲା ଦେବାକୁ ତାଙ୍କ ପରିବାରକୁ ପରାମର୍ଶ ଦେଇଛୁ।

# ସଂକ୍ରମିତ ହେଲେ ଆଉ ୧୨୮ ପିଲା

### ୨୪ ଘଣ୍ଟାରେ ୧୦୪୧ ପଜିଟିଭ୍ ଚିହ୍ନଟ, ୬୮ ମୃତ

ଭୁବନେଶ୍ୱର, ୧୯।୮ (ବ୍ୟୁରୋ)

କିଛିଦିନର ବ୍ୟବଧାନ ପରେ ପୁଣିଥରେ ହଜାରେ ଡେଇଁଛି ଦୈନିକ କରୋନା ସଂକ୍ରମଣ। ଗତ ୨୪ ଘଣ୍ଟାରେ ଆଉ ୧୦୪୧ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୬୦୫ଜଣ କ୍ୱାରାଣ୍ଟାଇନ୍‌ରୁ ଓ ୪୩୬ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ତେବେ ନୂତନ ଆକ୍ରାନ୍ତଙ୍କ ମଧ୍ୟରେ ୧୨୮ଜଣ ୧୮ ବର୍ଷରୁ କମ୍ ଶିଶୁ ଓ କିଶୋର ରହିଛନ୍ତି। ଦୁଇଦିନ ହେବ ୧୦୦ରୁ ଊର୍ଦ୍ଧ୍ୱ ପିଲା କରୋନାରେ ଆକ୍ରାନ୍ତ ହେବା ଓ ଏ ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତଥ୍ୟ ଦିଆଯାଉଥିବାରୁ ଅଭିଭାବକମାନେ ଚିନ୍ତିତ ହୋଇପଡିଛନ୍ତି। ଯଦି ଏଯାଏ ରାଜ୍ୟରେ ସଂକ୍ରମଣର ତୃତୀୟ ଲହର ଆସିନାହିଁ ତେବେ ଏବେଠୁ ସତର୍କ ଓ ସଚେତନ ରହିବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ ଦେଇଆସୁଛନ୍ତି।



ଅନ୍ୟପକ୍ଷରେ ସଂକ୍ରମଣ ପୂରା ନିୟନ୍ତ୍ରଣକୁ ଆସୁ ନ ଥିବାବେଳେ ମୃତ୍ୟୁ ମଧ ୬୦ ଉପରେ ରହୁଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୩୧୮ଜଣ ରହିଥିବାବେଳେ କଟକରୁ ୧୭୬ଜଣ, ଯାଜପୁର ୫୬, ଜଗତ୍‌ସିଂହପୁର ୪୩, କେନ୍ଦ୍ରାପଡା ୩୭, ମୟୂରଭଞ୍ଜ ୩୬, ପୁରୀ ୩୪, ଅନୁଗୋଳ ୨୯, ବାଲେଶ୍ୱର ୨୨, ଢେଙ୍କାନାଳ ଓ ଭଦ୍ରକରୁ ୧୫ ଲେଖାଏ, ନୟାଗଡ଼ ଓ ସୁନ୍ଦରଗଡ଼ରୁ ୧୩ ଲେଖାଏ, କେନ୍ଦୁଝର ୧୨, ସମ୍ବଲପୁର ୯, ବରଗଡ଼ ଓ ଦେବଗଡ଼ରୁ ୭ଜଣ ଲେଖାଏ, ଗଞ୍ଜାମ ଓ ରାୟଗଡ଼ାରୁ ୫ଜଣ ଲେଖାଏ, କଳାହାଣ୍ଡି ୪ଜଣ, ମାଲକାନଗିରି ୩, ବଲାଙ୍ଗୀର ଓ କନ୍ଧମାଳରୁ ୨ଜଣ ଲେଖାଏ, ବୌଦ୍ଧ, ଝାରସୁଗୁଡ଼ା, ନୂଆପଡ଼ା, ସୋନପୁର ଓ ଗଜପତିରୁ ଜଣେ ଲେଖାଏ ଓ ଷ୍ଟେଟ୍ ପୁଲ୍‌ରୁ ୮୮ଜଣ ରହିଛନ୍ତି।

ସେହିପରି ରାଜ୍ୟରୁ ଆଉ ୬୮ ଜୀବନ ନେଇଛି ମହାମାରୀ କରୋନା। ଫଳରେ ମୃତ୍ୟୁ ସଂଖ୍ୟା ୭,୧୫୪କୁ ବୃଦ୍ଧି ପାଇଛି। ତେବେ କଟକରୁ ସର୍ବାଧିକ ୧୮ଜଣଙ୍କର ମୃତ୍ୟୁ ହୋଇଛି। ସେହିପରି ଜଗତ୍‌ସିଂହପୁରରୁ ୧୦, ଖୋର୍ଦ୍ଧାରୁ ୭, ଢେଙ୍କାନାଳରୁ ୬, ଭଦ୍ରକ ଓ ମୟୂରଭଞ୍ଜରୁ ୫ଜଣ ଲେଖାଏ, ଅନୁଗୋଳ ୪, ବାଲେଶ୍ୱର, ଯାଜପୁର ଓ କେନ୍ଦ୍ରାପଡାରୁ ୩ଜଣ ଲେଖାଏ, ଗଞ୍ଜାମ ୨ଜଣ, ସୁନ୍ଦରଗଡ ଓ ନୟାଗଡରୁ ଜଣେ ଲେଖାଏ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି।

## ପରୀ ହତ୍ୟାକାଣ୍ଡ: ଚିଲ୍‌ଡ୍ରେନ୍ କୋର୍ଟରେ ଚାର୍ଜଫ୍ରେମ୍

ନୟାଗଡ ଅଫିସ,୧୯।୮

ବହୁଚର୍ଚ୍ଚିତ ପରୀ ହତ୍ୟାକାଣ୍ଡର ଶୁଣାଣି ଆରମ୍ଭ ହେବା ପାଇଁ ଅତିରିକ୍ତ ଜିଲା ଦୌରାଜଜ୍ ତଥା ଚିଲଡ୍ରେନ୍ କୋର୍ଟର ବିଚାରପତି ଇତିଶ୍ରୀ ମହାପାତ୍ର ଗୁରୁବାର ଚାର୍ଜଫ୍ରେମ କରିଛନ୍ତି। ଆଇପିସି ଦଫା ୩୭୬(ଏ), ୩୭୬(ଏବି), ୩୬୪, ୩୦୨, ୨୦୧, ପୋକ୍‌ସୋ ଆଇନର ଧାରା ୬କୁ ଆଧାର କରି ସେପ୍ଟେମ୍ବର ୨୦ରୁ ଏହି ଶୁଣାଣି ହେବ। ଏଥିରେ ୭୦ ଜଣ ସାକ୍ଷୀ ଅଛନ୍ତି। ଗୁରୁବାର କଲେଜ ଛାତ୍ରଙ୍କୁ କୋର୍ଟରେ ହାଜର କରାଯାଇଥିଲା ବୋଲି ଆଇନଜୀବୀ ଚନ୍ଦ୍ରବିଜୟୀ ମିଶ୍ର ଓ ସରକାରୀ ଓକିଲ ଅନୱର ମଲ୍ଲିକ କହିଛନ୍ତି। ପ୍ରକାଶ ଯେ, ନୟାଗଡ଼ ସଦର ଥାନା ଯଦୁପୁରରେ ଗତବର୍ଷ ଜୁଲାଇ ୧୪ରେ ୫ବର୍ଷର ଶିଶୁକନ୍ୟା ପରୀ ଗାଁଦାଣ୍ଡରେ ଖେଳୁଥିବାବେଳେ ନିଖୋଜ ହୋଇଥିଲେ। ସେହିମାସ ୨୩ ତାରିଖରେ କିଛି ଖପୁରି ଓ ହାଡ ଜବତ ହୋଇଥିଲା। ଏହି ଘଟଣାରେ ପୋଲିସର ତଦନ୍ତ ସନ୍ଦେହଘେରରେ ରହିବାରୁ ଗତ ନଭେମ୍ବର ୨୪ରେ ପରୀର ମା' ସୌଦାମିନୀ ସାହୁ ଓ ବାପା ଅଶୋକ ସାହୁ ବିଧାନସଭା ସମ୍ମୁଖରେ ଦେହରେ ନିଆଁ ଲଗାଇ ଆତ୍ମାହୁତି କରିବାକୁ ଚେଷ୍ଟା କରିଥିଲେ। ଏହି ଘଟଣା ରାଜ୍ୟ ରାଜନୀତିରେ ଝଡ଼ ସୃଷ୍ଟି କରିଥିଲା। ପରେ କ୍ରାଇମବ୍ରାଞ୍ଚର ଏସ୍‌ଆଇଟି ପକ୍ଷରୁ ତଦନ୍ତ କରାଯାଇ ଜଣେ ନାବାଳକ କଲେଜ ଛାତ୍ରଙ୍କୁ ଅଭିଯୁକ୍ତ ଦର୍ଶାଇ କୋର୍ଟରେ ହାଜର କରାଯାଇଥିଲା। କଲେଜ ଛାତ୍ର ବାଳ ସୁଧାର ଗୃହରେ ଅଛନ୍ତି। ତେବେ ପରୀ ହତ୍ୟାକାଣ୍ଡର ତଦନ୍ତ ଠିକ୍ କରାଯାଉ ନାହିଁ ବୋଲି ମା' ବାପା ପ୍ରଶ୍ନ ଉଠାଇଥିଲେ। ଏପରିକି ତଦନ୍ତ ଉପରେ ଅସନ୍ତୋଷ ବ୍ୟକ୍ତ କରି ସିବିଆଇ ତଦନ୍ତ ଦାବିରେ ଗତ ଜାନୁୟାରୀରେ ପରୀର ମା' ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ସତ୍ୟପାଠ ଦାଖଲ କରାଯାଇ ମାମଲାର ସିବିଆଇ ତଦନ୍ତକୁ ବିରୋଧ କରାଯାଇଛି। ଇତିମଧ୍ୟରେ ପରୀ ନିଖୋଜ, ହତ୍ୟା, ବଳାତ୍କାରକୁ ଗତ ଜୁଲାଇ ୧୪ରେ ବର୍ଷେ ପୂରିଯାଇଛି। ପରୀର ମା'ବାପା ନ୍ୟାୟ ପାଇନାହାନ୍ତି।

# ପୋଲିସ କର୍ମଚାରୀଙ୍କୁ ଶପଥପାଠ କଲେ ଡିଜିପି


ପୋଲିସ ମୁଖ୍ୟାଳୟରେ ଡିଜିପି ଅଭୟ ଉପସ୍ଥିତ ଅଧିକାରୀ ଓ କର୍ମଚାରୀଙ୍କୁ ଶପଥ ପାଠ କରାଉଛନ୍ତି।

### ଜାତୀୟ ସଦ୍‌ଭାବନା ଦିବସ

କଟକ ଅଫିସ,୧୯।୮

ଜାତୀୟ ସଦ୍‌ଭାବନା ଦିବସ ଅବସରରେ କଟକ ବକ୍ସିବଜାରସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ ଶପଥପାଠ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିଜିପି ଅଭୟ ଯୋଗଦେଇ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ସଦ୍‌ଭାବନାର ଶପଥପାଠ କରାଇଥିଲେ। ଜାତି, ଧର୍ମ, ଭାଷା ଓ ଅଞ୍ଚଳ ନିର୍ବିଶେଷରେ ସମସ୍ତ ଅଧିକାରୀ ଓ କର୍ମଚାରୀ ଏକତ୍ରିତ ହୋଇ କାର୍ଯ୍ୟ କରିବା, ନିଜ ମଧ୍ୟରେ ଥିବା ମତଭେଦକୁ ଆପୋସ ଆଲୋଚନା ମାଧ୍ୟମରେ ଦୂର କରିବାକୁ ଶପଥ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏଡିଜି (ଆଇନ୍‌ଶୃଙ୍ଖଳା) ଆର୍.କେ ଶର୍ମା, ଆଇଜି (ହେଡ୍‌କ୍ୱାର୍ଟର) ଏସ୍. ଦେବଦତ୍ତ ସିଂ, ଆଇଜି (ପ୍ରୋଭିଜନିଂ), ଯତୀନ୍ଦ୍ର କୋଏଲ, ଆଇଜି (ପର୍ସୋନେଲ) ଏସ୍. ପ୍ରବୀଣ କୁମାରଙ୍କ ସମେତ ସମସ୍ତ ଅଧିକାରୀ, ଉପବିଭାଗ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଡିଜିପିଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ଜବାବ ତଲବ

### ପିହୁ ନିଖୋଜ ଘଟଣା

■୪ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ ନିର୍ଦ୍ଦେଶ

ଯାଜପୁର ଅଫିସ,୧୯।୮

ଯାଜପୁର ଜିଲା ବିଞ୍ଝାରପୁର ଥାନା ମଧୁସୂଦନପୁର ପଞ୍ଚାୟତ ରଥସାହି ଗ୍ରାମର ୨ ବର୍ଷ ବୟସ୍କା ଶିଶୁକନ୍ୟା ପିହୁ ଓରଫ ଲକ୍ଷ୍ମୀନାରାୟଣ ନାୟକ ନିଖୋଜ ଘଟଣାରେ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ଓଡ଼ିଶା ଡିଜିପିଙ୍କୁ ଜବାବ ତଲବ କରିଛନ୍ତି। ୧୮।୮।୨୦୨୧ରେ ଏନ୍‌ଏଚ୍‌ଆର୍‌ସି ମାମଲାର ଶୁଣାଣି କରିଥିଲେ। ମାମଲାକୁ ଅତି ଜରୁରୀ ମନେକରି ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ଏନ୍‌ଏଚ୍‌ଆରସି ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟଥା ଶିଶୁ ସୁରକ୍ଷା ଅଧିକାର ଆଇନ-୧୯୯୩ ଧାରା ୧୩ ଅନୁସାରେ ସମ୍ପୃକ୍ତ ଅଧିକାରୀଙ୍କୁ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହି ରିପୋର୍ଟ ଦାଖଲ କରିବାକୁ ବାଧ କରାଯିବ ବୋଲି ନିର୍ଦ୍ଦେଶରେ କଡ଼ା ଚେତାବନୀ ଦିଆଯାଇଛି।

ପିହୁଙ୍କୁ ଠାବ କରିବାରେ ଯାଜପୁର ଜିଲା ପୋଲିସ ବିଫଳ ହେବାରୁ ତାଙ୍କ ମା' ମୋନାଲିସା ନାୟକ ୧୧।୬।୨୦୨୧ରେ ଏନଏଚ୍‌ଆର୍‌ସିରେ ଦ୍ୱାରସ୍ଥ ହୋଇଥିଲେ। ଏହିକ୍ରମରେ ଏନଏଚ୍‌ଆର୍‌ସିରେ ୧୨୮୬/୧୮/୨୪/୨୦୨୧ ନମ୍ବରରେ ଏକ ମାମଲା ରୁଜୁ ହୋଇଥିଲା। ମୋନାଲିସାଙ୍କ ଅଭିଯୋଗ ଅନୁସାରେ ୯।୮।୨୦୨୦ରୁ ପିହୁଙ୍କୁ ଅପହରଣ କରାଯାଇଥିଲା। ଏନେଇ ଅଭିଯୋଗ ହେବା ପରେ ବିଞ୍ଝାରପୁର ଥାନାରେ ୨୨୮/୨୦୨୦ ନମ୍ବରରେ ଏକ ମାମଲା ରୁଜୁ ହୋଇଥିଲା। କିନ୍ତୁ ପୋଲିସ ଉପଯୁକ୍ତ ଭାବେ ତଦନ୍ତ ନ କରି ହାତବାନ୍ଧି ବସିଛି। ଏପରିକି ତାଙ୍କ ଅଭିଯୋଗରେ ରାଜ୍ୟରେ ପ୍ରାୟ ୩୫୦୦ ଶିଶୁ ନିଖୋଜ ହୋଇଥିବାବେଳେ ରାଜ୍ୟ ପୋଲିସ ସେମାନଙ୍କୁ ଉଦ୍ଧାର କରିବାକୁ କୌଣସି ପଦକ୍ଷେପ ନେଉନାହିଁ। ତେଣୁ ମୋନାଲିସା କମିଶନଙ୍କ ସହଯୋଗ ଲୋଡ଼ିଥିଲେ।

ସୂଚନାଯୋଗ୍ୟ, ଇତିମଧ୍ୟରେ ପିହୁ ନିଖୋଜ ହେବା ଘଟଣାକୁ ୧ ବର୍ଷ ୧୦ ଦିନ ଅତିକ୍ରାନ୍ତ ହୋଇ ସାରିଛି। ପିହୁଙ୍କୁ ଉଦ୍ଧାର କରିବାକୁ ତତ୍କାଳୀନ ଏସ୍‌ପି ଚରଣ ସିଂ ମୀନାଙ୍କ ନିର୍ଦ୍ଦେଶରେ ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ନେଇ ୫ଟି ସ୍ୱତନ୍ତ୍ର ଦଳ ଗଠନ କରାଯାଇଥିଲା। ପୋଲିସ ଟିମ୍ ସେତେବେଳେ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲା। ହେଲେ କୌଣସି ସୁଫଳ ମିଳି ନ ଥିଲା। ଏସ୍‌ପି ମୀନାଙ୍କ ବଦଳି ପରେ ଏସ୍‌ପି ରାହୁଲ ପି.ଆର.ଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ରଥସାହି ଗ୍ରାମର ୨ଟି ପୋଖରୀ ଶୁଖାଇ ପିହୁଙ୍କୁ ଖୋଜିଥିଲା। ଏହାସହ ପିହୁଙ୍କ ନିଖୋଜ ସମ୍ପର୍କରେ ସୂଚନା ଦେଲେ ୨୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିବାକୁ ପୋଲିସ ଘୋଷଣା କରିଥିଲା। ଅନ୍ୟପକ୍ଷରେ ପିହୁଙ୍କ ମା' ମୋନାଲିସା ବିଞ୍ଝାରପୁର ଥାନା ଠାରୁ ଆରମ୍ଭ କରି ଏସ୍‌ପି, ଜିଲାପାଳ, ଜିଲା ଶିଶୁ ସୁରକ୍ଷା କମିଟି, ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ପ୍ରମୁଖଙ୍କୁ ଭେଟି ଆକୁଳ ନିବେଦନ କରି ଆସୁଛନ୍ତି। ହେଲେ ପିହୁଙ୍କୁ ନ ପାଇ ସେ ଭାଙ୍ଗି ପଡ଼ିଛନ୍ତି।

ଭାରତର ଆତ୍ମା ଏକ। ଭାରତକୁ ଏକ ଓ ଅଖଣ୍ଡ, ଅବିଭାଜିତ ବୋଲି କହିବା ଆଗରୁ ଆମର ସରବ ପ୍ରାର୍ଥନା ହେବା ଉଚିତ-ଭାରତର ଆତ୍ମା ଅମର ରହୁ। -ଶ୍ରୀମା



# ପୁନର୍ନିର୍ମାଣର ଚାବିକାଠି



ଡଜୋମାର୍ଟ ଓଟୋର୍ବାଏଭ

ଆଫଗାନ୍ ସରକାରଙ୍କ ପତନ ଓ ତାଲିବାନ୍ କାବୁଲ ଦଖଲ କରିବା ପରେ ସେଠାରେ ନୀରବତା ଛାଇଯାଇଛି। ଅଧିକାଂଶ ଦୋକାନ ଓ ଶିଳ୍ପସଂସ୍ଥା ବନ୍ଦ ରହିଛି। ସାଧାରଣ ନାଗରିକମାନେ ଘରେ ଲୁଚି ରହିଛନ୍ତି। ଲୁଟେରାଙ୍କ କବଳରୁ ସହରକୁ ରକ୍ଷା କରିବା ପାଇଁ ତାଲିବାନ୍ ପୋଲିସ ଭଳି କାମ କରୁଛି। ଏହି ନୀରବ ମୁହୂର୍ତ୍ତରେ ଆଫଗାନ୍‌ମାନେ ଏକ ନୂଆ ଦେଶରେ ରହିଥିବାର ଅନୁଭବ କରୁଛନ୍ତି। ଆଫଗାନିସ୍ତାନରୁ ସମସ୍ତ ଆମେରିକୀୟ ସୈନ୍ୟ ପ୍ରତ୍ୟାହାର ନିଷ୍ପତ୍ତି ସପକ୍ଷରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଯୁକ୍ତି ଦର୍ଶାଇ କହିଛନ୍ତି, ଆମେରିକୀୟ ଅଧିକାରୀମାନେ ଯାହା ଆଶା କରିଥିଲେ ତା'ଠାରୁ ବହୁ ଶୀଘ୍ର ଏହି ଘଟଣା ଘଟିଗଲା। ବାଇଡେନ୍‌ଙ୍କ ମତରେ, ଏହା କେବଳ ରାଷ୍ଟ୍ରପତି ଅଶ୍ରଫ ଗନିଙ୍କ ସମେତ ଆଫଗାନିସ୍ତାନ ରାଜନେତାଙ୍କ ଯୋଗୁ ଘଟିଲା। ସେମାନେ ତାଲିବାନ୍‌କୁ ପ୍ରତିରୋଧ କରିବାକୁ ଚେଷ୍ଟା ନ କରି ଦେଶ ଛାଡି ଚାଲିଗଲେ। ଏହା ଯୋଗୁ ଆଫଗାନ୍ ସେନା ସମ୍ପୂର୍ଣ୍ଣ ଦୁର୍ବଳ ହୋଇଗଲା ଓ ତାଲିବାନ୍ ସହ ଲଢେଇ କରିବାକୁ ଚାହିଁଲା ନାହିଁ। ଆଫଗାନିସ୍ତାନର କାର୍ଯ୍ୟନିର୍ବାହୀ ପ୍ରତିରକ୍ଷାମନ୍ତ୍ରୀ ତଥା ସେନାଧକ୍ଷ ବିସ୍‌ମିଲ୍ଲା ଖାନ ମହମ୍ମଦି ଟୁଇଟ୍ କରି ଜଣାଇଛନ୍ତି, ଗନି ଓ ତାଙ୍କ ଗୋଷ୍ଠୀ ଆମ ହାତ ପଛରୁ ବାନ୍ଧିଦେଇ ଦେଶକୁ ବିକ୍ରି କରିଦେଲେ।

ଗତ ସପ୍ତାହରେ କାବୁଲରେ କ୍ଷମତା ପରିସରରେ ଯାହା ଘଟିଗଲା ତାହାଯୋଗୁ ଆଫଗାନିସ୍ତାନ ତାଲିବାନ୍ ହାତକୁ ଆସିଲା। କିନ୍ତୁ କିଏ ସେହି ତାଲିବାନ୍, ଯାହାପାଇଁ ବିଶ୍ୱର ସବୁଠୁ ଶକ୍ତିଶାଳୀ ଦେଶ ୨ ଟ୍ରିଲିୟନ ଡଲାର ଖର୍ଚ୍ଚ କରିଛି। ତାଲିବାନ୍ ଗୋଷ୍ଠୀଗୁଡ଼ିକ ସଂଗଠିତ ଫୋର୍ସ ନୁହନ୍ତି। ଭିନ୍ନ ଭିନ୍ନ ଗୋଷ୍ଠୀ ଏକାଠି ହୋଇ ସ୍ୱାର୍ଥ ପାଇଁ ଲଢୁଛନ୍ତି। ତାଲିବାନ୍ ପଲିଟିକାଲ ୱିଂର ନେତୃବର୍ଗ, ପ୍ରଭାବଶାଳୀ ମୌଲବୀ ଏବଂ କ୍ଷେତ୍ର ବିଶେଷରେ ଅନେକ ସେନାପ୍ରମୁଖଙ୍କ ମଧ୍ୟରେ ତୀବ୍ର ମତଭେଦ ରହିଛି। ତେବେ କୁହାଯାଇପାରେ, ତାଲିବାନ୍ ଯେଉଁ ବିଷୟ ଉପରେ ଗୁରୁତ୍ୱ ଦେବ ତାହା ହିଁ ତା' ଭବିଷ୍ୟତ ନିର୍ଦ୍ଧାରଣ କରିବ। ସେଥିପାଇଁ ତାଲିବାନ୍ ଅଧିକ ଉଦାରବାଦୀ ନେତାମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ସମର୍ଥନ କରିବାକୁ ପଡ଼ିବ। ଏବେ କିଛି ଖବର ଭଲ ସଙ୍କେତ ସାମ୍ନାକୁ ଆସିଛି। ସଦ୍ୟ ସୂଚନା ମୁତାବକ, ତାଲିବାନ୍ ସହ ପ୍ରତିଷ୍ଠାତା ତଥା ରାଜନୈତିକ ମୁଖ୍ୟ ମୁଲ୍ଲା ଅବଦୁଲ୍ ଗନି ବରାଦର ଆଫଗାନିସ୍ତାନର ନୂଆ ନେତା ହେବେ। ସେ ନିଜକୁ ଜଣେ ଯଥାର୍ଥବାଦୀ, ଅନୁଭବୀ ତଥା ବିଚାରଶୀଳ ନେତା ଭାବେ ପ୍ରତିଷ୍ଠିତ କରିପାରିଛନ୍ତି। ପ୍ରଭାବଶାଳୀ ତାଲିବାନ୍ ଗୋଷ୍ଠୀଗୁଡ଼ିକୁ ଏକାଠି କରି ଅନ୍ତର୍ଜାତୀୟ ନେତାମାନଙ୍କ ସହ ବୁଝାମଣା କରିବାର ଦକ୍ଷତା ତାଙ୍କର ରହିଛି। ଏହାବ୍ୟତୀତ ତାଲିବାନ୍ ନେତାମାନେ ଏକ ସମ୍ମିଳିତ ଇସ୍‌ଲାମିକ ସରକାର ଗଠନ କରିବାର ପ୍ରତିଶ୍ରୁତି ଦେଇଛନ୍ତି। ତାଲିବାନ୍ ମୁଖପାତ୍ର ସୁହେଲ ଶାହିନଙ୍କ ଅନୁଯାୟୀ, ସରକାରରେ ଅଣ-ତାଲିବାନ୍ ଆଫଗାନ୍‌ଙ୍କ ସମେତ କେତେଜଣ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ସାମିଲ କରାଯିବ। ଏହି ବ୍ୟକ୍ତିମାନଙ୍କ ମଧ୍ୟରେ ପୂର୍ବତନ ରାଷ୍ଟ୍ରପତି ହମିଦ କାର୍ଜାଇ ରହିଛନ୍ତି। ଶାନ୍ତିପୂର୍ଣ୍ଣ ଭାବେ କ୍ଷମତା ହସ୍ତାନ୍ତର ପାଇଁ କାର୍ଜାଇ ଏକ ସମନ୍ୱୟ ପରିଷଦ ଗଠନ କରିଛନ୍ତି। ତାଲିବାନ୍ ନେତୃବର୍ଗଙ୍କୁ ସାକ୍ଷାତ କରିବା ଲାଗି ପରିଷଦ ଏବେ ଦୋହାରେ ଅଛି। ତାଲିବାନ୍ ନେତାମାନଙ୍କ ମଧ୍ୟରେ ରହିଛନ୍ତି ଆଫଗାନିସ୍ତାନ ହାଇ କାଉନସିଲ୍ ଫର୍ ନ୍ୟାଶନାଲ ରିକନ୍ସିଲେସନର ଅଧ୍ୟକ୍ଷ ଅବଦୁଲ୍ଲା ଅବଦୁଲ୍ଲା ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଗୁଲ୍‌ବୁଦ୍ଦିନ ହେକ୍‌ମତେୟାର। ଆଶ୍ଚର୍ଯ୍ୟର ବିଷୟ, ତାଲିବାନ୍‌ର ବହୁ କଠୋରପନ୍ଥୀ ଗୋଷ୍ଠୀ ଯେଉଁମାନେ ଅଲକାଏଦା କିମ୍ବା ଇସ୍‌ଲାମିକ ଷ୍ଟେଟ୍ (ଆଇଏସ୍) ଭଳି ସନ୍ତ୍ରାସବାଦୀ ଗୋଷ୍ଠୀ ସହ ମିଶି ବିପଦ ବଢ଼ାଇବାର ଆଶଙ୍କା ରହିଛି, ସେମାନଙ୍କୁ ଉକ୍ତ ସରକାର ବାଦ୍‌ଦେବ ବୋଲି ଜଣାପଡ଼ିଛି। କିନ୍ତୁ ଆଫଗାନିସ୍ତାନକୁ ଗୋଟିଏ ଜାତି ବା ଧର୍ମର ଦେଶରେ ପରିବର୍ତ୍ତନ କରିବାକୁ ଯଦି ପ୍ରୟାସ କରାଯାଏ ତେବେ ପୁଣି ବିପଦ ମୁଣ୍ଡ ଟେକିବ। ଏହା ଯୋଗୁ ଦେଶରେ ଗୃହଯୁଦ୍ଧ ଆରମ୍ଭ ହୋଇଯିବ।

ସବୁ ବର୍ଗକୁ ନେଇ ଏକ ସରକାର ଗଠନ ପରେ ବି ତାଲିବାନ୍ ଏହାର ସେନା, ପୋଲିସକୁ ମଜଭୁତ କରିବା ସହ ଅବଶିଷ୍ଟ ବିଶ୍ୱ ସହ ତା'ର କୂଟନୈତିକ ସମ୍ପର୍କ ପ୍ରତିଷ୍ଠା କରିବାକୁ ପଡ଼ିବ। ତେବେ ସାମ୍ପ୍ରତିକ ପରିସ୍ଥିତିରେ ଚାଇନା ଓ ରୁଷିଆ ଖୁବ୍‌ଶୀଘ୍ର ଏହାର ବନ୍ଧୁ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଆଫଗାନିସ୍ତାନରେ ରୁଷିଆର ରାଷ୍ଟ୍ରଦୂତ ଜମିର କବୁଲୋଭ୍ କହିଛନ୍ତି, ରୁଷିଆ ସରକାରଙ୍କର ତାଲିବାନ୍ ସହ ଉତ୍ତମ ସମ୍ପର୍କ ରହିଛି। ଏଥିପାଇଁ ଆଫଗାନିସ୍ତାନରେ କ'ଣ ଘଟୁଛି ତାହାକୁ ନେଇ ରୁଷିଆ ଆଦୌ ଚିନ୍ତିତ ନୁହେଁ। ନିକଟରେ ଚାଇନାର ବୈଦେଶିକ ମନ୍ତ୍ରୀ ୱାଙ୍ଗ୍ ୟି ରୁଷିଆର ପ୍ରତିପକ୍ଷ ସର୍ଗେ ଲାଭ୍‌ରୋଭ୍‌ଙ୍କୁ ଫୋନ୍‌ରେ ଜଣାଇଛନ୍ତି ଯେ, ଆଫଗାନିସ୍ତାନରେ ଉଭୟେ ସେମାନଙ୍କ ନ୍ୟାୟସଙ୍ଗତ ସ୍ୱାର୍ଥ ସୁରକ୍ଷା ପ୍ରତି ଦୃଷ୍ଟିଦେବା ସହ ପରସ୍ପରକୁ ସମର୍ଥନ କରିବା ଉପରେ ଗୁରୁତ୍ୱ ଦେବା ଉଚିତ। ଏହାବାଦ୍ କେନ୍ଦ୍ର ଏସିଆର ପଡ଼ୋଶୀଦେଶଗୁଡ଼ିକୁ ଆଫଗାନିସ୍ତାନ ତା'ମିତ୍ର ଭାବେ ଗ୍ରହଣ କରିବାକୁ ମଧ୍ୟ ଚାହିଁପାରେ। ଆଫଗାନିସ୍ତାନର ଉଜ୍‌ବେକ ଏବଂ ତାଜିକ୍ ଜାତିର ନେତା ତଥା ସେନା କମାଣ୍ଡର ଅବଦୁଲ ରସିଦ୍ ଦସ୍ତମ ଏବଂ ଆଟ୍ଟା ମହମ୍ମଦ ନୁର୍ ଦେଶ ଛାଡ଼ି ଚାଲିଯାଇଛନ୍ତି। ସେମାନେ ତାଲିବାନ୍ ବିରୋଧରେ ଲଢେଇ କରି ଆସୁଥିଲେ। ତାଲିବାନ୍ ଏମାନଙ୍କୁ ସରକାରରେ ଗ୍ରହଣ କରି ନ ପାରନ୍ତି ବୋଲି ଅନେକ ସମାଲୋଚକଙ୍କ ମତ। କିନ୍ତୁ ମୋର ବିଶ୍ୱାସ, ସେମାନେ ଆଉ ଲଢ଼େଇ କରିବାକୁ ଚାହୁଁ ନାହାନ୍ତି ଓ ଉଭୟେ ଶୀଘ୍ର ଆଫଗାନିସ୍ତାନ ଫେରିବାର ଆଶା ରହିଛି।

କେନ୍ଦ୍ର ଏସୀୟ ରାଷ୍ଟ୍ରଗୁଡ଼ିକ ତାଲିବାନ୍ ସହ ସମ୍ପର୍କ ରକ୍ଷା କରିବାରେ ସତର୍କତା ଅବଲମ୍ବନ କରୁଥିବା ଜଣାପଡୁଛି। ତେବେ ଆଫଗାନିସ୍ତାନ ପକ୍ଷରୁ କୌଣସି ବିପଦ ନାହିଁ ବୋଲି ବରାଦର କେନ୍ଦ୍ର ଏସୀୟ ଦେଶଗୁଡ଼ିକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହା ସହ ଉଜ୍‌ବେକିସ୍ତାନ ଦ୍ୱାରା ଆରମ୍ଭ କରାଯାଇଥିବା 'କାବୁଲ କରିଡର' ରେଲୱେକୁ ସ୍ୱାଗତ କରିଛନ୍ତି। ଅବଶ୍ୟ, ଆମେରିକା ଛାଡି ଚାଲି ଯାଇଥିଲେ ବି 'ସମୃଦ୍ଧ କେନ୍ଦ୍ର ଏସିଆ' ଲକ୍ଷ୍ୟ ଦେଶଗୁଡ଼ିକ ମଧ୍ୟରେ ଅଧିକ ମୁକ୍ତ ବାଣିଜ୍ୟ ଏବଂ ଭିତ୍ତିଭୂମି ବିକାଶ ଦ୍ୱାରା ଧୀରେ ଧୀରେ ହାସଲ କରାଯାଇପାରିବ। ଆମେରିକା ଓ ଏହାର ମିତ୍ର ଦେଶଗୁଡ଼ିକର ନୀତି ଦ୍ୱାରା ଆଫଗାନିସ୍ତାନର ଭବିଷ୍ୟତ ମଧ୍ୟ ଗଠନ ହେବ ବୋଲି ଆଶା କରାଯାଇପାରେ। କିନ୍ତୁ ଆଫଗାନିସ୍ତାନକୁ ନଷ୍ଟ କରିବାରେ ପ୍ରମୁଖ ଭୂମିକା ନେଇଥିବା ଆମେରିକା ଆଫଗାନ୍ ନାଗରିକଙ୍କ କଲ୍ୟାଣ ନିଶ୍ଚିତ କରିବାକୁ କେତେ ଦାୟିତ୍ୱବାନ ହେବ, ତାହା ହିଁ ପ୍ରଶ୍ନ।

ଏବେ ବାଇଡେନ୍ ପ୍ରଶାସନ ପ୍ରକାଶ କରିଛି ଯେ, ଏକ ସମ୍ମିଳିତ ସରକାର ଚଳାଇବା ଓ ସନ୍ତ୍ରାସବାଦ ଦୂର କରିବାରେ ତାଲିବାନ୍ କିଭଳି ପ୍ରତିବଦ୍ଧତା ପ୍ରଦର୍ଶନ କରୁଛି ତାହା ଦେଖିବାକୁ ଅପେକ୍ଷା କରିଛି। କହିବାକୁ ଗଲେ ସାଧାରଣ ଆଫଗାନ୍‌ଙ୍କୁ ଆମେରିକା ଓ ଏହାର ମିତ୍ରରାଷ୍ଟ୍ରଗୁଡ଼ିକ ଅଧିକ ସାହାଯ୍ୟ କରିବା ଉଚିତ। କିନ୍ତୁ ପାଶ୍ଚାତ୍ୟ ଦେଶଗୁଡ଼ିକ ପ୍ରତି ଲୋକମାନଙ୍କର ବିଶ୍ୱାସ କମିଯାଇଥିବାରୁ ସ୍ୱାଧୀନ ଭାବେ ସେମାନେ ବିକାଶମୂଳକ ଅଭିଯାନ ଚଳାଇବାର ସମ୍ଭାବନା କମ୍ ରହିଛି। ଏଣୁ ଆଫଗାନିସ୍ତାନର ବିକାଶ ପାଇଁ ତା'ର ସବୁ ପଡ଼ୋଶୀ ଦେଶ ଓ ରୁଷିଆ ଏଥିରେ ଜଡିତ ହେବା ଦରକାର। ପ୍ରଥମ ପଦକ୍ଷେପ ସ୍ୱରୂପ, ଆଫଗାନିସ୍ତାନ ଉପରେ ଆଗ୍ରହୀ ସମସ୍ତ ଦେଶକୁ ନେଇ ଏକ ଅନ୍ତର୍ଜାତୀୟ ସମ୍ମିଳନୀ ଆୟୋଜନ କରାଯିବା ଆବଶ୍ୟକ, ଯେଉଁଥିରେ ମୁଖ୍ୟ ଭୂମିକାରେ ରହିବେ ରୁଷିଆ ଓ ଚାଇନା। ବିକାଶ ଲାଗି ଅନୁଦାନ ଦେବାକୁ ଇଚ୍ଛୁକ ଦେଶଗୁଡ଼ିକ ଜାତିସଂଘ ସୁରକ୍ଷା ପରିଷଦ ତତ୍ତ୍ୱାବଧାନରେ ଏକାଠି ହେବା ଉଚିତ ଓ ଜାତିସଂଘ ସିଷ୍ଟମ ଏବଂ ବିକାଶ ଲାଗି କାର୍ଯ୍ୟ କରୁଥିବା ବିଭିନ୍ନ ବ୍ୟାଙ୍କ ସହ ଜଡିତ ହେବା ଦରକାର। ସେମାନେ ଆଫଗାନିସ୍ତାନର ବିକାଶ ପାଇଁ ଏକ ସ୍ୱତନ୍ତ୍ର ପାଣ୍ଠି ମଧ୍ୟ ଗଠନ କରିବା ଆବଶ୍ୟକ। କୂଟନୈତିକ ସ୍ତରରେ କେହି ଏହାକୁ ପସନ୍ଦ କରନ୍ତୁ ବା ନ କରନ୍ତୁ, କେନ୍ଦ୍ର ଏସିଆରେ ପ୍ରଭାବ ବଜାୟ ରଖିଥିବା ରୁଷିଆ ହାତରେ ହିଁ ରହିଛି ଆଫଗାନିସ୍ତାନର ପୁନଃ ନିର୍ମାଣର ଚାବିକାଠି। ଯଦି ପାଶ୍ଚାତ୍ୟ ଦେଶଗୁଡ଼ିକ ଏହି ଧାରାକୁ ଗ୍ରହଣ କରନ୍ତେ, ତେବେ ରୁଷିଆ ସହ ସେମାନଙ୍କ ସମ୍ପର୍କ ମଧ୍ୟ ବୃଦ୍ଧି ପାଇପାରନ୍ତା।

**ପୂର୍ବତନ ପ୍ରଧାନମନ୍ତ୍ରୀ, କିର୍ଗିସ୍ତାନ**

## କେତେ ସତ



ଡା. ଶୁଭଶ୍ରୀ ମିଶ୍ର

ମହିଳାମାନଙ୍କ ମଧ୍ୟରେ ମାସିକ ଋତୁସ୍ରାବ ବେଳେ ଟିକା ନେବାକୁ ନେଇ ଏକ ଗୁଜବ ଚାରିଆଡ଼େ ଚାଲିଛି। କିନ୍ତୁ ଋତୁସ୍ରାବ ପୂର୍ବରୁ କିମ୍ବା ହେଉଥିଲାବେଳେ ନଚେତ୍ ହୋଇସାରିବା ପରେ ଟିକା ନେଲେ ତାହାର ପାର୍ଶ୍ୱ ପ୍ରତିକ୍ରିୟା ସହିତ କୌଣସି ସମ୍ପର୍କ ନାହିଁ। କରୋନା ଟିକା ନେବା ଭିତରେ ଗର୍ଭଧାରଣ ବିପଦପୂର୍ଣ୍ଣ ବୋଲି ଜଣାପଡ଼ିବା ପରେ ସାଧାରଣରେ ଏ ନେଇ ସଚେତନତା ବଢୁଛି। ଗର୍ଭଧାରଣ କରିବା ପରେ ବହୁ କଟକଣା ଲଗାଯାଏ। ଏହା ପଛକୁ ଅନ୍ଧବିଶ୍ୱାସ ବି ଏଥିରେ ସାମିଲ ହୋଇଯାଇଛି। ଗର୍ଭଧାରଣର ସମୟକୁ ନେଇ ପୁଅ ହେବ କି ଝିଅ ଏମିତି ଚିନ୍ତା କରାଯାଏ। କୁହାଯାଏ ପୂର୍ଣ୍ଣିମାରେ ସମ୍ଭୋଗରୁ ଝିଅ ଓ ଚତୁର୍ଥୀ ଚନ୍ଦ୍ର ସମୟରେ ଗର୍ଭ ସଞ୍ଚାର ହେଲେ ପୁଅ ହୁଏ। ଯଦି ଗର୍ଭଧାରଣ ସମୟରେ ହାତ ଶୁଖିଲା ରହେ ତେବେ ପୁଅ ଏମିତି ଧାରଣା ରହିବା ଠିକ୍ ନୁହେଁ। କିନ୍ତୁ ସାଧାରଣରେ ଏଭଳି ମତ ପ୍ରକାଶ ପାଏ ଗର୍ଭଧାରଣ ପରେ। ବେଳେବେଳେ ବି ବେଶି ମିଠା ଖାଇବାକୁ ଇଚ୍ଛା ହେଉଥିଲେ ଝିଅ ଓ ଲୁଣିଆ ଖାଦ୍ୟ ଖାଇବାକୁ ଇଚ୍ଛା ହେଲେ ପୁଅ ହେବ ବୋଲି ବିଶ୍ୱାସ ରହିଛି। କିନ୍ତୁ ଚିକିତ୍ସକଙ୍କ ମତରେ ଏସବୁ ଜିନିଷ ଖାଇବା ଲାଗି ପ୍ରବଳ ଇଚ୍ଛା କିଛି ମିନେରାଲ ଅଭାବ ଓ ଗର୍ଭସ୍ଥ ଶିଶୁ ଲାଗି ଚିନ୍ତା ବଢ଼ିଯିବା ଯୋଗୁ ହୋଇଥାଏ। ବହୁ ମହିଳା ଯେଉଁମାନେ ମା' ହୋଇସାରିଛନ୍ତି ସେମାନେ ବି କହନ୍ତି ଯେ, ସକାଳୁ ଦୁର୍ବଳ ଲାଗିଲେ ଝିଅ ହୁଏ। କିନ୍ତୁ ଚିକିତ୍ସକ କୁହନ୍ତି, ସକାଳୁ ବ୍ଲଡ ସୁଗାର କମିଗଲେ ଦୁର୍ବଳ ଲାଗେ। ଏହାସହ ପୁଅ କି ଝିଅ ହେବାର କିଛି ସମ୍ବନ୍ଧ ନାହିଁ। ଯଦି କେଶ ସୁନ୍ଦର ଓ ସିଲ୍କ ଭଳି ଝଟକିବ ତେବେ ପୁଅର ସୂଚନା ଏହା ବ୍ୟତିରେକ ଯଦି ଚେହେରାରେ କି କେଶରେ ଚମକ ନ ଥିବ- ତେବେ ଝିଅ ହେବା ଧାରଣା ବି ରହିଛି, ଯାହା ଅମୂଳକ। ଏହା ପଛରେ କୌଣସି ବୈଜ୍ଞାନିକ କାରଣ ନାହିଁ। ଏଭଳି ଶରୀରର ହରମୋନରେ ପରିବର୍ତ୍ତନ ହେବା କାରଣରୁ ହୋଇଥାଏ।

ବାରମ୍ବାର ମନୋଦଶାରେ ପରିବର୍ତ୍ତନ ହେଲେ ଗର୍ଭବତୀର ଝିଅ ଯଦି ଏପରି ହେଉନାହିଁ ତ ପୁଅ ହେବ। କିନ୍ତୁ ମୁଡ୍ ସୁଇଙ୍ଗ ହରମୋନରେ ପରିବର୍ତ୍ତନ ହେବା ଯୋଗୁ ହୋଇଥାଏ। ପେଟ ବଡ଼ ହେଲେ ଝିଅ ଓ ଛୋଟ ରହିଲେ ପୁଅ ହେବାର କଥା ବି ଉଠେ। ଏହା ମଧ୍ୟ ଗ୍ରହଣୀୟ ନୁହେଁ। ପେଟ ବଡ଼ କି ଛୋଟ ତାହା ଶରୀରର ଆକାର ଓ ମାଂସପେଶୀର ଟୋନ ଉପରେ ନିର୍ଭର କରେ। ଅନେକେ ଗର୍ଭବତୀଙ୍କୁ ବେଶି ଖାଇବା ଲାଗି କହନ୍ତି। ଉଭୟ ମା' ଓ ଶିଶୁ ଲାଗି ବଳଦାୟକ ବୋଲି କୁହାଯାଇଥାଏ। କିନ୍ତୁ ଏହା ଅନାବଶ୍ୟକ। ବେଶି ନ ଖାଇ ସୁଷମ ଖାଦ୍ୟ ଖାଇବା ଉଚିତ। ଆଉ ଗୋଟିଏ କଥା ବି ରହିଛି ଯେ, ଘିଅ ଖାଇଲେ ସହଜରେ ଶିଶୁ ଜନ୍ମ ହୋଇଯାଏ। ଆଗେ ମହିଳାମାନେ ପୂରା ପରିବାର ସଦସ୍ୟ ଖାଇସାରିବା ପରେ ଯାହା ବଳୁଥିଲା ତାହା ଖାଉଥିଲେ। ଏଣୁ ଯେତେବେଳେ ଗର୍ଭଧାରଣ କରୁଥିଲେ ସେତେବେଳେ ଭଲ ଖାଦ୍ୟ ତାଙ୍କୁ ଦେବା ବା ସେମାନେ ଭଲ ଖାଇବାର ଏକ ସୁଯୋଗ ପାଉଥିଲେ। ଏଣୁ ଶୁଖିଲା ଖାଦ୍ୟ ସାଙ୍ଗକୁ ଘିଅ ସେମାନଙ୍କୁ ଦିଆଯାଉଥିଲା। ଏବେ କିନ୍ତୁ ସୁଷମ ଓ ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ବେଶି ଖାଇବାକୁ ମିଳୁଛି, କିନ୍ତୁ ଏଭଳି ଅଭ୍ୟାସ ଭଲ ନୁହେଁ। ଏହା ଶିଶୁର ଓଜନ ବୃଦ୍ଧି କରିଦିଏ ଓ ପ୍ରସବ ସମୟରେ ବିପଦ ଦେଖାଦିଏ। ନର୍ମାଲ ଡେଲିଭରି ସମ୍ଭବ ହୋଇ ନ ଥାଏ। କହନ୍ତି ଗର୍ଭଧାରଣର ଶେଷ ମାସ ଆଡ଼କୁ ଘର ଝାଡୁ କଲେ ନର୍ମାଲ ଡେଲିଭରି ହୁଏ। ଏହା ବି ସତ ନୁହେଁ। ଏହାଦ୍ୱାରା ବ୍ୟାକ୍‌ପେନ ହୋଇଥାଏ। ଏହା ବଦଳରେ ସ୍କାଟ କରିବା ଭଲ। ଗର୍ଭଧାରଣ ସମୟରେ କ୍ରାମ୍ପସ, ଭେରିକସ ଭେନ୍‌ସ ଓ ଫୁଲା ଆଦି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ। ଏଣୁ ଏଥିପ୍ରତି ବି ଧ୍ୟାନ ଦେବାକୁ ହୁଏ। ଯଦି ମାଂସପେଶୀରେ ଯନ୍ତ୍ରଣା ଅନୁଭବ କରନ୍ତି ତେବେ ମ୍ୟାଟ ଉପରେ ଗୋଡ଼ ସିଧା ଲମ୍ବାଇ ଧୀରେ ଧୀରେ ପାଦକୁ ଆଣ୍ଠୁ ଆଡ଼କୁ ଆଣନ୍ତୁ। ଏହାଦ୍ୱାରା କାଫ୍ ମସଲ୍‌ସ ରିଲାକ୍ସ ହୋଇଯିବ। ବେଶି ସମୟ ଗୋଡ଼ ଛନ୍ଦି ଠିଆ ହୋଇ ରୁହନ୍ତୁନି। ନିୟମିତ ବ୍ୟାୟାମ କରନ୍ତୁ। ମୁଣ୍ଡ ବୁଲାଇବା, ଛାତି ଜଳାପୋଡ଼ା ଓ ବଦହଜମୀର ଶିକାର ହୋଇଥିଲେ ଅଧିକ ପାଣି ଥିବା ଫଳ ଖାଆନ୍ତୁ। ଯେଉଁମାନେ ପ୍ରଥମ ଗର୍ଭଧାରଣ କରିଥାନ୍ତି ସେମାନଙ୍କ କ୍ଷେତ୍ରରେ ଏହା ବେଶି ଦେଖାଦିଏ। ଅଦା ଚୋବାଇବାରେ କିଛିଟା ସୁଫଳ ମିଳିବ। ଗର୍ଭଧାରଣ ବେଳେ ପୂରା ଶରୀରର ଲିଗାମେଣ୍ଟ ନମନୀୟ ରହେ ଓ ଏହା ଡେଲିଭରି ବେଳେ ସହାୟକ ହୋଇଥାଏ। ଏହା ଯୋଗୁ ତଳପିଠିର ଖଞ୍ଜା ଉପରେ ଚାପ ପଡ଼େ, ଯାହା ବ୍ୟାକ୍‌ପେନର କାରଣ ହୁଏ। ଗର୍ଭଧାରଣ ଜଣେ ମହିଳାଙ୍କ ପାଇଁ ଜୀବନର ଶ୍ରେଷ୍ଠ ଅନୁଭବ। ଏ କ୍ଷେତ୍ରରେ ଅନ୍ୟମାନଙ୍କର କାନକୁହା ଗୁଜବ ଶୁଣନ୍ତୁ ନାହିଁ। ସରକାର ବ୍ୟବସ୍ଥିତ ସମସ୍ତ ଚିକିତ୍ସା ସେବା ଗ୍ରହଣ କରନ୍ତୁ ଓ କରୋନା ମହାମାରୀ ପାଇଁ ସମସ୍ତ ସ୍ୱାସ୍ଥ୍ୟ ସତର୍କତାକୁ ମଧ୍ୟ ମାନି ଚଳନ୍ତୁ।

**ସହକାରୀ ପ୍ରଫେସର, ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ, ମୋ:୯୮୬୧୪୬୩୪୦୬**

## ଏଇ ଭାରତରେ

ପିଢ଼ି ପରେ ପିଢ଼ି ୧୦୩ ବର୍ଷ ହେବ ସୁରୁଖୁରୁରେ ଚାଲିଥିବା ଏକ ଭୋଜନାଳୟ କଥା ଭାବିଲେ ଆଶ୍ଚର୍ଯ୍ୟ ଲାଗେ। ଏହି ଭୋଜନାଳୟ ରହିଛି କୋଲକାତାର କଲେଜ ଷ୍ଟ୍ରିଟ୍‌ରେ। ଏହାକୁ ୧୯୧୮ରେ ସ୍ୱାଧୀନତା ସଂଗ୍ରାମୀ ନୀହାର ରଞ୍ଜନ ମଜୁମ୍‌ଦାର ଆରମ୍ଭ କରିଥିଲେ। ଏହାର ନାମ 'ଦାମ ସର୍ବତ'। ଏହାକୁ ବର୍ତ୍ତମାନ ତାଙ୍କ ନାତି ପାର୍ଥ ପ୍ରତୀମ ମଜୁମ୍‌ଦାର ଚଳାଉଛନ୍ତି। ଏଠାରେ ସ୍ୱାଧୀନତା ସଂଗ୍ରାମୀମାନେ ରହି ବୈଠକ କରିବା ସହ ସୁସ୍ୱାଦୁ ପାନୀୟ ପିଉଥିଲେ ଓ ଖାଉଥିଲେ। ଏହା ମଧ୍ୟ ଥିଲା ସଂଗ୍ରାମୀମାନଙ୍କର ଗୁପ୍ତସ୍ଥାନ। ଏବେ ସୁଦ୍ଧା ଭୋଜନାଳୟ ପଛରେ ବୈଠକର ଗୁପ୍ତ କୋଠରି ରହିଛି। ଅଦ୍ୟାବଧି ଭୋଜନାଳୟ ଲୋକମାନଙ୍କୁ ସୁସ୍ୱାଦୁ ବ୍ୟଞ୍ଜନ ପରଷି ଆସୁଛି। କିନ୍ତୁ ଏଠାର ଆକର୍ଷଣ ହେଉଛି ବିଭିନ୍ନ ପ୍ରକାର ପାନୀୟ ବା ସର୍ବତ। ପ୍ରାୟ ୩୦ ପ୍ରକାର ପାନୀୟ ପ୍ରସ୍ତୁତ କରାଯାଉଛି। ଏହାବାଦ୍ ବିଭିନ୍ନ ଦୁଗ୍ଧଜାତୀୟ ଖାଦ୍ୟ ମଧ୍ୟ ମିଳୁଛି। ଖାଦ୍ୟ ଓ ପାନୀୟ ପାଇଁ ଲୋକମାନେ ଧାଡ଼ି ଲଗାଉଛନ୍ତି। ଏଠାକୁ ସୁଭାଷ ଚନ୍ଦ୍ର ବୋଷ ଓ ରବୀନ୍ଦ୍ରନାଥ ଠାକୁର ଆସିଥିଲେ। ଏହା ବ୍ୟତୀତ ସୁଚିତ୍ରା ସେନ୍, ପିସି ସରକାର, ସତ୍ୟଜିତ୍ ରାୟ,ଏସ୍.ଡି. ବର୍ମନଙ୍କ ପାଦ ମଧ୍ୟ ଏହି ଭୋଜନାଳୟରେ ପଡ଼ିଛି। ସେତେବେଳେ ଏହା ଯେମିତି ଥିଲା ଏବେ ସେମିତି ରଖିବାକୁ ଚେଷ୍ଟା କରିଛନ୍ତି ପାର୍ଥ। ଭୋଜନାଳୟରେ ୧୦୦ ବର୍ଷ ତଳର ଚେୟାର ଓ ଟେବୁଲ ଶୋଭାପାଉଛି ଓ କାନ୍ଥରେ ପୁରୁଣା ଫଟୋଗୁଡ଼ିକ ବି ଝୁଲୁଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୦ ଅଗଷ୍ଟ ୧୯୯୬

- ପାକିସ୍ତାନରେ ସିହା-ସୁନ୍ନି ସମ୍ପ୍ରଦାୟ ମଧ୍ୟରେ ପରସ୍ପର ସଂଘର୍ଷ ଘଟି ୧୮ ନିହତ।
- ଓଡ଼ିଶାରେ ବିବାହ ଖର୍ଚ୍ଚର ସର୍ବୋଚ୍ଚ ସୀମା ୨୫ ହଜାର ଟଙ୍କା ମଧ୍ୟରେ ସୀମିତ କରିବା ଲାଗି ରାଜ୍ୟ ବିଧାନସଭାରେ ଗୃହୀତ ବିଲ୍‌କୁ ରାଷ୍ଟ୍ରପତି ଅନୁମୋଦନ ନ ଦେଇ ଫେରାଇ ଦେଇଛନ୍ତି।
- ପ୍ରବାସୀ ଭାରତୀୟମାନଙ୍କ ଉଦ୍ୟମରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରିସରରେ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସାଇନ୍ସ ଆଣ୍ଡ୍ ଟେକ୍‌ନୋଲୋଜି ନାମରେ ପ୍ରତିଷ୍ଠା କରାଯାଇଥିବା ଇଞ୍ଜିନିୟରିଂ କଲେଜକୁ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି।

# ନାମ ପାଇଁ ଉହଳବିକଳ



ବିଚିତ୍ର ବିଶ୍ୱାଳ

ଆମେ ଦେଖୁଛେ ଟୋକିଓ ଅଲିମ୍ପିକ୍ସରେ ପଦକ ଜିତିଥିବା ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇବା ବେଳେ ଖେଳାଳିଙ୍କ ଫଟୋ ଅପେକ୍ଷା ନେତାମାନଙ୍କର ଫଟୋ ବଡ଼ ହୋଇ ଦେଖାଯାଉଛି। ବିଶେଷ କରି ପ୍ରଧାନମନ୍ତ୍ରୀ ମୋଦି ଏହି ପ୍ରତିଯୋଗିତାରେ ସମସ୍ତଙ୍କଠାରୁ ଆଗରେ ରହିଛନ୍ତି। ଅବଶ୍ୟ ପ୍ରଧାନମନ୍ତ୍ରୀଙ୍କ ଫଟୋ ଆଗ୍ରହକୁ ଆମେ ପୂର୍ବରୁ ଦେଖିଛେ। କିନ୍ତୁ ଏବେ ନିଜର ପ୍ରଚାର କରିବାରେ ପ୍ରଧାନମନ୍ତ୍ରୀ ଅତୀତର ସବୁ ରେକର୍ଡକୁ କାଟି ଦେଇଛନ୍ତି। ନାମ ପାଇବା ପାଇଁ ଏତେ ଉହଳ ବିକଳ ହେବା କ'ଣ ଶୋଭାପାଏ! ଭାରତୀୟ ହକି ଦଳ ବ୍ରୋଞ୍ଜ ପଦକ ଜିତିବା ପରେ ସ୍ୱାଭାବିକ ଭାବେ ସାରା ଦେଶର ପ୍ରଶଂସା ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଆଡ଼କୁ ଆସିଲା। କାରଣ ଭାରତୀୟ ହକି ଦଳ ୨୦୧୮ରେ ପ୍ରାୟୋଜକ ଅଭାବରୁ ସଙ୍କଟରେ ପଡ଼ିଥିବା ବେଳେ ଓଡ଼ିଶା ହିଁ ଜାତୀୟ ପୁରୁଷ ଓ ମହିଳା ହକି ଦଳର ପ୍ରାୟୋଜକ ସାଜିଥିଲା। ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଯାହା ବି ପ୍ରଶଂସା ମିଳିଲା ତାହା ତାଙ୍କ ଭାଷଣ ପାଇଁ ନୁହେଁ, ତାଙ୍କ କାମ ପାଇଁ ମିଳିଲା। ତାଙ୍କ କାମ ହିଁ କଥା କହିଲା। କିନ୍ତୁ ଏହି ପ୍ରଚାରକୁ ଯେନତେନ ପ୍ରକାରେ ନିଜ ନାମରେ କରିବା ପାଇଁ ପ୍ରଧାନମନ୍ତ୍ରୀ ଏକ ନୂଆ ଚାଲ୍ ଖେଳିଲେ। ରାତାରାତି ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାରର ନାମ ପରିବର୍ତ୍ତନ କରି ବିଶିଷ୍ଟ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ନାମରେ କରିଦେଲେ। ତାଙ୍କର ଏକ ମାତ୍ର ଉଦ୍ଦେଶ୍ୟ ଥିଲା ହକି ଦଳର ଏହି ସଫଳତାରେ ତାଙ୍କ ନାମ ବି ପ୍ରଚାରକୁ ଆସୁ। ଅବଶ୍ୟ କ୍ରୀଡ଼ା ପାଇଁ ଗୋଟିଏ ପୁରସ୍କାରକୁ କୌଣସି ବିଶିଷ୍ଟ ଖେଳାଳିଙ୍କ ନାମରେ କରାଯିବା ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ପ୍ରଧାନମନ୍ତ୍ରୀ ଯେ, ଖେଳର ବିକାଶ ପାଇଁ ଏପରି ପଦକ୍ଷେପ ନେଲେ, ତାହା ଆଦୌ ବିଶ୍ୱାସଯୋଗ୍ୟ ନୁହେଁ। କାରଣ ସେମିତି ହୋଇଥିଲେ, ପ୍ରଧାନମନ୍ତ୍ରୀ ନିକଟ ଅତୀତରେ ଅହମଦାବାଦ୍‌ର ମୋଟେରା ଷ୍ଟାଡିୟମ୍‌କୁ ନିଜ ନାମରେ କରି ନ ଥା'ନ୍ତେ। ଦିଲ୍ଲୀର ଫିରୋଜଶାହ କୋଟ୍‌ଲା ଷ୍ଟାଡିୟମ୍‌କୁ ଭାଜପା ନେତା ଅରୁଣ ଜେଟ୍‌ଲୀଙ୍କ ନାମରେ କରି ନ ଥା'ନ୍ତେ। ଏବେ ପୁରସ୍କାରକୁ ଧ୍ୟାନଚାନ୍ଦଙ୍କ ନାମରେ କରିବାର ତାଙ୍କର ଅସଲ ଉଦ୍ଦେଶ୍ୟ ହେଉଛି, ରାଜୀବ ଗାନ୍ଧୀଙ୍କୁ ଛୋଟ କରି ନିଜର ହକିପ୍ରେମର ପରିଚୟ ଦେବା। କୁହାଯାଉଛି ଯେ, କଂଗ୍ରେସ୍ ସବୁ ଯୋଜନା ନିଜ ନେତାଙ୍କ ନାମରେ କରିଛି, କିନ୍ତୁ ଦୀନ୍‌ଦୟାଲ୍ ଉପାଧ୍ୟାୟ ନ୍ୟାଶ୍‌ନାଲ୍ ୱେଲ୍‌ଫେୟାର୍ ଫଣ୍ଡ କ'ଣ? ୧୯୮୨ରୁ ଥିବା ଏହି ଯୋଜନା ୨୦୧୭ରେ ଦୀନ୍‌ଦୟାଲ୍ ଉପାଧ୍ୟାୟଙ୍କ ନାମରେ କରାଗଲା କାହିଁକି? କୌଣସି ଖେଳାଳିଙ୍କ ନାମରେ କରାଗଲା ନାହିଁ କାହିଁକି? ପ୍ରସିଦ୍ଧ କ୍ରିକେଟର୍ ମହାରାଜା ରଣଜିତ୍ ସିଂହ, ସଇଦ୍ ମୁସ୍ତାକ ଅଲୀ, ସଲିମ୍ ଦୁରାନୀ, ଭିନୁ ମଙ୍କଡ୍, ନରି କଣ୍ଟ୍ରାକ୍ଟର, ଇରଫାନ୍ ପଠାନ୍, ପାର୍ଥିବ ପଟେଲ୍ ଆଦି ଗୁଜରାଟ୍ ଖେଳାଳିଙ୍କ ନାମରେ ଅହମଦାବାଦ ଷ୍ଟାଡିୟମ କରାଗଲା ନାହିଁ କାହିଁକି? ଅସଲ କଥା ହେଉଛି, ରାଜନୈତିକ ନେତାମାନେ ନିଜ ଦଳୀୟ ନେତାଙ୍କ ନାମରେ ସବୁକିଛି କରିବାକୁ ଚାହୁଁଛନ୍ତି। ଭାଜପା ବି କଂଗ୍ରେସ୍‌ଠାରୁ ଅଲଗା ନୁହେଁ। ଏତଦ୍‌ବ୍ୟତୀତ ନିକଟ ଅତୀତରେ ଦିଲ୍ଲୀର ଫରେନ୍ ସର୍ଭିସ୍ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍‌ର ନାମ ସୁଷମା ସ୍ୱରାଜଙ୍କ ନାମରେ ରଖାଯାଇଛି। ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡିଫେନ୍‌ସ ଷ୍ଟଡିଜ୍ ଆଣ୍ଡ ଆନାଲିସିସ୍‌ର ନାମ ପୂର୍ବତନ ଭାଜପା ନେତା ମନୋହର ପାରିକର୍‌ଙ୍କ ନାମରେ ରଖାଯାଇଛି। ଏଥିରୁ ଗୋଟିଏ କଥା ବୁଝାପଡୁଛି ସରକାର ଭିନ୍ନ ଭିନ୍ନ ଅନୁଷ୍ଠାନ ଓ ପୁରସ୍କାରକୁ କଂଗ୍ରେସ୍ ନେତାଙ୍କ ନାମ ସ୍ଥାନରେ ଭାଜପା ନେତାମାନଙ୍କର ନାମ ରଖୁଛନ୍ତି। ଏଥିରେ କେନ୍ଦ୍ର ସରକାରଙ୍କର ସାଂସ୍କୃତିକ ସଂକୀର୍ଣ୍ଣତା ସହିତ ରାଜନୈତିକ ପ୍ରତିଶୋଧ ବି ଅଧିକ ଦେଖାଯାଉଛି।

ପୂର୍ବରୁ ଧ୍ୟାନଚାନ୍ଦଙ୍କ ନାମରେ କ୍ରୀଡ଼ା କ୍ଷେତ୍ରରେ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାର ଅଛି। ସରକାରଙ୍କ ଅସଲ ଲକ୍ଷ୍ୟ ଧ୍ୟାନଚାନ୍ଦଙ୍କୁ ସମ୍ମାନ ନୁହେଁ, ଅସଲ ଲକ୍ଷ୍ୟ ହେଉଛି କଂଗ୍ରେସ ନେତାଙ୍କୁ ଅସମ୍ମାନ କରିବା ଓ ବୁଲେଇ ବଙ୍କେଇ କେବଳ ନିଜ ନାମ ପ୍ରଚାର କରିବା। ଧ୍ୟାନଚାନ୍ଦଙ୍କ ପାଇଁ ଅସଲ ସମ୍ମାନ ହେଉଛି ଭାରତରେ ହକିର ବିକାଶ। ବିଶ୍ୱ ସ୍ତରୀୟ ସୁବିଧା ସୁଯୋଗ ତିଆରି କରିବା, ଷ୍ଟାଡିୟମ୍ ତିଆରି କରିବା, ଅଭ୍ୟାସ ପଡ଼ିଆ, ପ୍ରାୟୋଜକ ଆଦି ବ୍ୟବସ୍ଥା କରିବା। କିନ୍ତୁ ସରକାର ଏସବୁ ନ କରି କେବଳ ନାମର ଖେଳ ଖେଳୁଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ଯେ, କେନ୍ଦ୍ର ସରକାର ଭାରତୀୟ ହକି ଦଳର ପ୍ରାୟୋଜକ ନ ହୋଇ ଓଡ଼ିଶା ପରି ଏକ ରାଜ୍ୟକୁ ପ୍ରାୟୋଜକ ହେବାକୁ ପଡ଼ିଲା କାହିଁକି? ଓଡ଼ିଶା ହକିର ପ୍ରାୟୋଜକ ହେବା ପରେ ଯେତେବେଳେ ଦଳୀୟ ଜର୍ସି ଉନ୍ମୋଚନ କରାଗଲା, ସେତେବେଳେ ଜର୍ସିରେ ବି କେବଳ କୋଣାର୍କ ଚକ ଓ ଓଡ଼ିଶାର ବିରଳ କଇଁଛର ଏକ ପ୍ରଜାତିର ଫଟୋ ଥିଲା। କେନ୍ଦ୍ର ସରକାର ହକି ଦଳର ପ୍ରାୟୋଜକ ହୋଇଥିଲେ ଖେଳାଳିମାନଙ୍କୁ ତାଙ୍କ ଜର୍ସିରେ ମୋଦିଙ୍କ ଫଟୋକୁ ବୋହିବାକୁ ପଡ଼ିଥାନ୍ତା। ଯେମିତି ଟିକାକରଣର ଫଟୋରେ ଆମେ ମୋଦିଙ୍କ ଫଟୋ ଦେଖୁଛେ।

ଅଲିମ୍ପିକ୍ସକୁ ଯିବା ପୂର୍ବରୁ ଖେଳାଳିମାନଙ୍କୁ ଉତ୍ସାହିତ କରିବା ପାଇଁ ସରକାର 'ଚିଅର୍ ଫର୍ ଇଣ୍ଡିଆ' ନାମରେ ଏକ ଅଭିଯାନ ଆରମ୍ଭ କରିଥିଲେ। ଏହି ଅଭିଯାନର ୱେବ୍‌ସାଇଟ୍‌ରେ ବି ମୋଦିଙ୍କର ନାମ ଥିଲା। ଚିଅର୍ ଫର୍ ଇଣ୍ଡିଆ ଡଟ୍ ନରେନ୍ଦ୍ର ମୋଦି ଡଟ୍ ଇନ୍। ଏ ୱେବ୍‌ସାଇଟ୍‌ସାରା ଯେତିକି ଖେଳାଳିଙ୍କ ଫଟୋ ନ ଥିଲା ତା' ଠାରୁ ଅଧିକ ମୋଦିଙ୍କର ଫଟୋ ଥିଲା। ଗୋଟିଏ ପଟେ ସରକାର କ୍ରୀଡ଼ା ବଜେଟ୍‌କୁ କମେଇ ଚାଲିଛନ୍ତି, କିନ୍ତୁ ଅନ୍ୟ ପଟେ ଖେଳାଳିଙ୍କ ସଫଳତାରୁ ନିଜ ନାମର ପ୍ରଚାର କରିବା ପାଇଁ ଟାକି ବସିଛନ୍ତି। ୨୦୨୦-୨୧ରେ କ୍ରୀଡ଼ା ବଜେଟ୍ ୨୮୨୬.୯୨ କୋଟି ଥିଲା, ଯାହାକୁ ସଂଶୋଧନ କରି ୧୮୦୦.୧୫ କୋଟି କରିଦିଆଯାଇଛି। ୨୦୧୪ରୁ ଏପର୍ଯ୍ୟନ୍ତ ଆମ ଦେଶରେ ୬ ଜଣ କ୍ରୀଡ଼ାମନ୍ତ୍ରୀ ବଦଳି ସାରିଲେଣି। କିନ୍ତୁ କୌଣସି ଖେଳ ବିଜ୍ଞାପନ ହେଉ ବା ଖେଳ କାର୍ଯ୍ୟକ୍ରମ ହେଉ ଆମେ କ୍ରୀଡ଼ା ମନ୍ତ୍ରୀମାନଙ୍କ ଅପେକ୍ଷା ପ୍ରଧାନମନ୍ତ୍ରୀଙ୍କ ଫଟୋ ଅଧିକ ଦେଖୁଛୁ।

ଓଡ଼ିଶା ସରକାର ପୁରୁଷ ଓ ମହିଳା ହକି ଦଳର ପ୍ରାୟୋଜକ ହେବା ପରେ କେବଳ ବ୍ରାଣ୍ଡିଙ୍ଗ୍ ବା ନାମ ପଛରେ ପଡ଼ିଥିଲେ, ଆଜି ହୁଏତ ଏହି ସଫଳତା ମିଳି ନ ଥାନ୍ତା। ସୂଚନା ଯୋଗ୍ୟ ଯେ, ପୂର୍ବ ପ୍ରାୟୋଜକଙ୍କଠାରୁ ପ୍ରାୟ ତିନି ଗୁଣ ଅଧିକ ଟଙ୍କା ଦେଇ ଓଡ଼ିଶା ସରକାର ହକି ଦଳର ପ୍ରାୟୋଜକ ହୋଇଛନ୍ତି। ଏଥିପାଇଁ କେବଳ ଓଡ଼ିଶା ସରକାର ଧନ୍ୟବାଦର ପାତ୍ର ନୁହନ୍ତି, ଓଡ଼ିଶାର ସମସ୍ତ ନାଗରିକ ଏଥିପାଇଁ ଧନ୍ୟବାଦ ପାଇବାକୁ ହକ୍‌ଦାର। କାରଣ ଏହା ହେଉଛି ତାଙ୍କ ଟିକସ ଟଙ୍କା। ଓଡ଼ିଶା ସରକାର ଷ୍ଟାଡିୟମ୍ ଓ ତାଲିମ୍‌ରେ ଟଙ୍କା ଖର୍ଚ୍ଚ କଲେ। ୨୦୧୮ର ବିଶ୍ୱକପ୍ ଆୟୋଜନ କଲେ। ଏହି ଆୟୋଜନର ସଫଳତା ପାଇଁ ୨୦୨୩ ବିଶ୍ୱକପ୍ ବି ଓଡ଼ିଶା ଆୟୋଜନ କରିବାକୁ ଯାଉଛି। ୧୧୨ କୋଟି ଟଙ୍କା ଖର୍ଚ୍ଚ କରି ରାଉରକେଲାରେ ସବୁଠାରୁ ବଡ଼ ହକି ଷ୍ଟାଡିୟମ୍ ତିଆରି ଚାଲୁଛି। କେବଳ ସୁନ୍ଦରଗଡ଼ରେ ୧୭ଟି ହକି ଟର୍ଫ ତିଆରି ହେଉଛି। କେନ୍ଦ୍ର ସରକାର ଯଦି କେବଳ ନାମ ବା ପ୍ରଚାର ପଛରେ ନ ପଡ଼ି ଓଡ଼ିଶା ସରକାରଙ୍କ ପରି ହକିର ବିକାଶ ପାଇଁ କାମରେ ମନ ଦେବେ, ତେବେ ଭାରତୀୟ ହକି ଦଳ ଆହୁରି ଅନେକ ସଫଳତାକୁ ଅଚିରେ ଛୁଇଁପାରିବ। କାରଣ ହକି ଆମ ଐତିହ୍ୟ। କିନ୍ତୁ ଅତ୍ୟନ୍ତ କଷ୍ଟ ସ୍ୱୀକାର କରି ପ୍ରଚୁର ନିଷ୍ଠାର ସହିତ ଯେଉଁ ଖେଳାଳିମାନେ ନିଜ ଅଧ୍ୟବସାୟ ବଳରେ ଆଖିଦୃଷ୍ଟିଆ ସରକାରୀ ସାହାଯ୍ୟ ସହଯୋଗ ନ ଥିବା ସତ୍ତ୍ୱେ ବି ଅଲିମ୍ପିକ୍ସର ପୋଡିଅମ୍ ଉପରେ ଠିଆ ହୋଇପାରିଛନ୍ତି, ନିଜ ନାମ ପାଇଁ ତାଙ୍କୁ ଛୋଟ ନ କରନ୍ତୁ।

**ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର**
**ମୋ: ୯୪୩୮୪୬୮୪୭୪**

## ସୁଡୋକୁ

su|do|ku Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 5 | | | | | | | 7 | |
| | | | | 5 | 2 | 6 | | |
| | | 4 | | | 3 | | | 1 |
| 2 | | | | | | | | 4 |
| 6 | | | 8 | | | 3 | 5 | |
| | | | | 9 | | | | |
| | | | | 1 | 6 | 4 | | |
| | | 9 | | | | | 3 | |
| | 1 | | | | 4 | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 9 | 8 | 4 | 7 | 6 | 5 | 1 | 3 |
| 1 | 4 | 5 | 8 | 3 | 9 | 2 | 6 | 7 |
| 7 | 3 | 6 | 1 | 2 | 5 | 8 | 9 | 4 |
| 6 | 8 | 1 | 9 | 4 | 3 | 7 | 5 | 2 |
| 4 | 2 | 3 | 6 | 5 | 7 | 1 | 8 | 9 |
| 9 | 5 | 7 | 2 | 8 | 1 | 4 | 3 | 6 |
| 5 | 6 | 9 | 7 | 1 | 4 | 3 | 2 | 8 |
| 8 | 1 | 4 | 3 | 6 | 2 | 9 | 7 | 5 |
| 3 | 7 | 2 | 5 | 9 | 8 | 6 | 4 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସଂରକ୍ଷଣ ନୁହେଁ, ମେଧାବୀ ଦରକାର

ମହାଶୟ,

ଆମ ଭାରତୀୟ ସମ୍ବିଧାନରେ ବିଭିନ୍ନ କ୍ଷେତ୍ରରେ ଯଥା ଶିକ୍ଷା, ସେବା, ନିଯୁକ୍ତି ଆଦି ପାଇବା କ୍ଷେତ୍ରରେ ଭିନ୍ନ ଭିନ୍ନ ବର୍ଗର ଲୋକଙ୍କ ପାଇଁ ଜାତିଗତ, ବର୍ଣ୍ଣ ଗତ, ଲିଙ୍ଗଗତ, ଆୟ ବା ସମ୍ପତ୍ତିଗତ ଦୃଷ୍ଟିରୁ ସଂରକ୍ଷଣ ବ୍ୟବସ୍ଥା ରହିଛି। ସ୍ୱାଧୀନ ଭାରତରେ ସମ୍ବିଧାନ ପ୍ରଣୟନଠାରୁ ନିର୍ଦ୍ଦିଷ୍ଟ କିଛି କାଳ ପର୍ଯ୍ୟନ୍ତ ଏହି ସଂରକ୍ଷଣ ବ୍ୟବସ୍ଥା ରାଷ୍ଟ୍ର ହିତ ପାଇଁ ଲାଗୁ କରାଯାଇଥିଲା। ତତ୍କାଳୀନ ସମୟରେ ପ୍ରଚଳିତ ସାମାଜିକ ବ୍ୟବସ୍ଥାରେ ଜାତିଗତ, ବର୍ଣ୍ଣଗତ, ଲିଙ୍ଗଗତ ଏବଂ ବୃତ୍ତିଗତ ବୈଷମ୍ୟ ଥିବାରୁ ଦେଶରେ ସବୁ ନାଗରିକଙ୍କ ମଧ୍ୟରେ ସମାନତା ଆଣିବାକୁ ଏପରି ସାମ୍ବିଧାନିକ ବିଧି ବ୍ୟବସ୍ଥାର ସୂତ୍ରପାତ ହୋଇଥିଲା ସୀମିତ ସମୟ ପାଇଁ। ହେଲେ ଏଥି ମଧ୍ୟରେ ସାତ ଦଶନ୍ଧିରୁ ଊର୍ଦ୍ଧ୍ୱ କାଳ ବିତି ଯାଇଥିଲେ ହେଁ ଦେଶରେ ଈପ୍ସିତ ସମାନତା ଅଣାଯାଇ ପାରିନାହିଁ। ଏହାର ନିର୍ଦ୍ଦିଷ୍ଟ ଉତ୍ତର ସରକାରଙ୍କ ପାଖରେ ନାହିଁ। ବାସ୍ତବରେ ରାଷ୍ଟ୍ର ହିତ ପାଇଁ ଆନୁପାତିକ ସଂରକ୍ଷଣ ବ୍ୟବସ୍ଥା ପରିବର୍ତ୍ତେ ମେଧାବୀ ସୃଷ୍ଟି କରିବା ସରକାରଙ୍କ ଲକ୍ଷ୍ୟ ହେବା ଦରକାର। ସଂରକ୍ଷଣ ଆଳ ଦେଖାଇ ମେଧାକୁ ଗୁରୁତ୍ୱ ନ ଦେଲେ ବିକାଶ ପରିବର୍ତ୍ତେ ଦେଶ ବିନାଶ ଆଡ଼କୁ ଗତି କରିବ। ସବୁ କ୍ଷେତ୍ରରେ ମେଧାବୀ ସୃଷ୍ଟି କରିବାର ଆଭିମୁଖ୍ୟ ରଖିଲେ ବୈଷମ୍ୟ ଦୂର ହେବଏବଂ ରାଷ୍ଟ୍ରର ହିତ ସାଧିତ ହେବ।

**-ଅବନୀ ଚନ୍ଦ୍ର ଦାସ, ସାଇ ସଦନ, ପ୍ରଶାନ୍ତି ବିହାର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଧରଣୀର ତନ୍ତ୍ରୀ ଥରେ
ତୃଣ ସମ ଦୋହଲେ ଅଚଳ!
ସେ ଶବଦେ ଉଠେ କମ୍ପି
ସକଳ ବିଶ୍ୱର ବକ୍ଷସ୍ଥଳ।
-(ମହାଦୀପ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ୯ ଘଣ୍ଟା ଘେରାଉ

**ପୋଲିସ-ପିଇଟି ଆଶାୟୀ ଧସ୍ତାଧସ୍ତି**

- ପିଇଟି ନିଯୁକ୍ତି ପ୍ରକ୍ରିୟାରେ ସଂଶୋଧନ ଦାବି
- ଛାତ୍ରୀଛାତ୍ରଙ୍କୁ ଦୁର୍ବ୍ୟବହାର ଅଭିଯୋଗ

**ଭୁବନେଶ୍ୱର, ୧୯।୮ (ବ୍ୟୁରୋ)**

ପିଇଟି ନିଯୁକ୍ତି ପ୍ରକ୍ରିୟାରେ ସଂଶୋଧନ ଦାବି କରି ଗୁରୁବାର ଅଲ୍ ଓଡ଼ିଶା ବିପିଇଡି ଓ ଏମ୍‌ପିଇଡି ଷ୍ଟୁଡେଣ୍ଟ ଆସୋସିଏଶନ ପକ୍ଷରୁ ନ'ତାଲାସ୍ଥିତ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଘେରାଉ କରାଯାଇଥିଲା। ସକାଳ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଅଫିସ୍ ସମ୍ମୁଖରେ ଧାରଣା ଦିଆଯାଇଥିଲା। ପରେ ପୋଲିସ ଡକାଇ ବଳପ୍ରୟୋଗ କରାଯିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ସମୟରେ ଫିଜିକାଲ ଏଜୁକେଶନ ଟିଚର (ପିଇଟି) ଆଶାୟୀ ଛାତ୍ରୀଛାତ୍ର ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଶେଷରେ ପୋଲିସ ସେମାନଙ୍କୁ ଉଠାଇନେଇ ଗିରଫ କରି ଛାଡ଼ିଥିଲା। ଏପରିକି ଛାତ୍ରୀଛାତ୍ରଙ୍କୁ ମଧ୍ୟ ଦୁର୍ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ଦୀର୍ଘ ୭ବର୍ଷ ପରେ ଗତ ୧୩ ତାରିଖରେ ୧୨୬୦ ପିଇଟି ପୋଷ୍ଟ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ଏଥିରେ ସଂଶୋଧନ ଦାବି କରିଛନ୍ତି ବ୍ୟାଚେଲର ଅଫ୍ ଫିଜିକାଲ ଏଜୁକେଶନ (ବିପିଇଡି) ଓ ମାଷ୍ଟର ଅଫ୍ ଫିଜିକାଲ ଏଜୁକେଶନ (ଏମ୍‌ପିଇଡି) ଛାତ୍ରୀଛାତ୍ର। ବିଜ୍ଞପ୍ତି ଅନୁଯାୟୀ, ପିଇଟି ପଦବୀ ପାଇଁ ଯୁକ୍ତ ୨ରେ ସାଧାରଣ ବର୍ଗ ପିଲାଙ୍କ ପାଇଁ ୫୦% ଓ ଏସ୍‌ସି, ଏସ୍‌ଟି ଭଳି ଅନ୍ୟ ବର୍ଗଙ୍କ ପାଇଁ ୪୫% ମାର୍କ ସହ ବିପିଇଡି ଯୋଗ୍ୟତା ରଖାଯାଇଛି। ଏହାଦ୍ୱାରା କେବଳ ସାର୍ଟିଫିକେଟ୍ ଇନ୍ ଫିଜିକାଲ ଏଜୁକେଶନ (ସିପିଇଡି) କୋର୍ସ କରିଥିବା ଛାତ୍ରୀଛାତ୍ର ଆବେଦନ କରିପାରିବେ। ମାତ୍ର ଯୁକ୍ତ ୨ରେ କମ୍ ନମ୍ବର ଥିବା ତଥା ଯୁକ୍ତ ୩ରେ ଅଧିକ ନମ୍ବର ରଖି ବିପିଇଡି ଓ ଏମ୍‌ପିଇଡି କରିଥିବା ଛାତ୍ରୀଛାତ୍ର ଏହି ଆବେଦନରୁ ବଞ୍ଚିତ ହେଉଛନ୍ତି। ଆସୋସିଏଶନ ସଭାପତି ଶିବ ପ୍ରସାଦ ସେନାପତି କହିଛନ୍ତି, ଏନେଇ ପୂର୍ବରୁ ବିଭାଗୀୟ ମନ୍ତ୍ରୀ ଓ ନିର୍ଦ୍ଦେଶକଙ୍କୁ ଜଣାଇବା ପରେ କିଛି ସୁଫଳ ମିଳି ନ ଥିବାରୁ ଶେଷରେ ଏଭଳି ଆନ୍ଦୋଳନ କରାଯାଇଛି। ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ କେନ୍ଦ୍ର ସରକାରଙ୍କ ଏନ୍‌ସିଟିଇ (ନ୍ୟାଶନାଲ କାଉନ୍‌ସିଲ୍ ଫର୍ ଟିଚର୍ ଏଜୁକେଶନ୍) ଗାଇଡ୍‌ଲାଇନ୍‌କୁ ମାନୁ ନାହାନ୍ତି। ଗ୍ରାଜୁଏଶନ ନମ୍ବର ଅନୁଯାୟୀ ବିପିଇଡି ଯୋଗ୍ୟତା ହାସଲ ସତ୍ତ୍ୱେ ଯୁକ୍ତ୨ ନମ୍ବର ଅନୁଯାୟୀ ନିଯୁକ୍ତି ବିଜ୍ଞପ୍ତି ଆଦୌ ଯୁକ୍ତିଯୁକ୍ତ ନୁହେଁ। ଆସନ୍ତା ୨୩ରୁ ଆବେଦନ ନେଇ ଅନ୍‌ଲାଇନ୍ ପ୍ରକ୍ରିୟା ଆରମ୍ଭ ହେଉଥିବାରୁ ବହୁ ଛାତ୍ରୀଛାତ୍ର ସେମାନଙ୍କ ଅଧିକାରରୁ ବଞ୍ଚିତ ହେବେ। ୬ଶହରୁ ଊର୍ଦ୍ଧ୍ୱ ଆଶାୟୀ ଛାତ୍ରୀଛାତ୍ରଙ୍କ ଭାଗ୍ୟ ଅନ୍ଧାର ଭିତରକୁ ଠେଲି ହୋଇଯିବ। ଏହାକୁ ବିରୋଧ କରିବାରୁ ୪ ପ୍ଲାଟୁନ୍ ପୋଲିସ ଡାକି ଆମ ଉପରେ ଅତ୍ୟାଚାର କରିଛନ୍ତି କର୍ତ୍ତୃପକ୍ଷ। ପ୍ରାୟ ୪୦ଜଣଙ୍କୁ ଗିରଫ କରି ଥାନାକୁ ନିଆଯାଇଥିଲା। ଏପରିକି ଘଟଣାସ୍ଥଳରୁ ଗଣମାଧ୍ୟମ ପ୍ରତିନିଧି ଚାଲିଯିବା ପରେ ସେମାନଙ୍କଠାରୁ ମୋବାଇଲ ଛଡାଇ ନେବା ସହ ଛାତ୍ରୀଛାତ୍ରଙ୍କୁ ଦୁର୍ବ୍ୟବହାର କରାଯାଇଥିବା ଶିବ ଅଭିଯୋଗ କରିଛନ୍ତି। ତେବେ ଦୁର୍ବ୍ୟବହାର ନେଇ ନିର୍ଦ୍ଦେଶାଳୟ ଓ ପୋଲିସ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।



୯ ତାଲା ସ୍ଥିତ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପରିସର ମଧ୍ୟରେ ଗୁରୁବାର ପିଇଟି ଆଶାୟୀ ଛାତ୍ରୀଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ବିଧାନସଭା ପ୍ରବେଶ ପାଇଁ ଆର୍‌ଟି-ପିସିଆର୍ ଟେଷ୍ଟ ବାଧ୍ୟତାମୂଳକ

**ଭୁବନେଶ୍ୱର, ୧୯।୮ (ବ୍ୟୁରୋ)**

ସେପ୍ଟେମ୍ବର ପହିଲାରୁ ଓଡ଼ିଶା ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ ହେବ। ଅଧିବେଶନ ପୂର୍ବରୁ ବିଧାନସଭାର ସମସ୍ତ ସଦସ୍ୟ, ସେମାନଙ୍କ ଡ୍ରାଇଭର ଏବଂ ବ୍ୟକ୍ତିଗତ କର୍ମଚାରୀ, ବିଧାନସଭାରେ କାର୍ଯ୍ୟରତ ସମସ୍ତ ଅଧିକାରୀ ଓ କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧିମାନଙ୍କର ମଧ୍ୟ ଆର୍‌ଟି-ପିସିଆର୍ ଟେଷ୍ଟ ବାଧ୍ୟତାମୂଳକ କରାଯାଇଛି। ଏଥିସହିତ ସମସ୍ତ କୋଭିଡ୍ ନିୟମ ପାଳନ କରାଯିବ। ଗୁରୁବାର ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ଅଗଷ୍ଟ ୨୯, ୩୦ ଏବଂ ୩୧ ତାରିଖ ୩ଦିନ ଧରି ସକାଳ ୮ଟା ୩୦ରୁ ମଧ୍ୟାହ୍ନ ୧ଟା ୩୦ ଏବଂ ଅପରାହ୍ନ ୩ ଟାରୁ ୫ଟା ପର୍ଯ୍ୟନ୍ତ ଆର୍‌ଟି-ପିସିଆର୍ ଟେଷ୍ଟ କରାଯିବ।

ବିଧାନସଭା ସଭ୍ୟମାନଙ୍କୁ ପ୍ରତ୍ୟହ ଅଧିବେଶନ ଦିବସରେ ମାସ୍କ, ସାନିଟାଇଜର ଓ ଗ୍ଲୋଭ୍ସ ପ୍ରଦାନ କରାଯିବ। କୋଭିଡ୍ ନେଗେଟିଭ ଥିବା ବିଧାୟକ ଓ ଅଧିକାରୀମାନଙ୍କୁ ହିଁ ବିଧାନସଭା ମଧ୍ୟରେ ପ୍ରବେଶ କରିବା ପାଇଁ ଅନୁମତି ଦିଆଯିବ। ସମସ୍ତ ବିଧାନସଭା ସଭ୍ୟ, ସେମାନଙ୍କ ବ୍ୟକ୍ତିଗତ କର୍ମଚାରୀ, ବିଧାନସଭା ସଚିବାଳୟର ଅଧିକାରୀ ଓ କର୍ମଚାରୀ ଯେଉଁମାନେ ଥରେ ହେଲେ କୋଭିଡ୍ ଟିକା ନେଇନାହାନ୍ତି ସେମାନଙ୍କୁ ବିଧାନସଭା ଭିତରକୁ ପ୍ରବେଶ କରିବା ପାଇଁ ଅନୁମତି ଦିଆଯିବ ନାହିଁ। ସମଗ୍ର ବିଧାନସଭାକୁ ସାନିଟାଇଜ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମକୁ ଦାୟିତ୍ୱ ଦିଆଯାଇଛି ବୋଲି ବାଚସ୍ପତି କହିଛନ୍ତି।

ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର, ବିଏମ୍‌ସି ଅତିରିକ୍ତ କମିଶନର ଏଲ୍. କେ. ସେଠୀ, ନିର୍ଦ୍ଦେଶକ ଆରଏମ୍‌ଆରସି ଏସ୍. ପତି, କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଲକ୍ଷ୍ମୀଧର ସାହୁ, ଓଡ଼ିଶା ବିଧାନସଭା ସଚିବ ଦାଶରଥି ଶତପଥୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ସଚିବ ଏସ୍. ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ରେଡ୍‌କ୍ରସ୍‌ରେ ଅନିୟମିତତା ନେଇ ରାଜ୍ୟପାଳଙ୍କୁ ଭେଟିଲା ସୁରକ୍ଷା ସମିତି



ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ରେଡ୍‌କ୍ରସ୍ ରାଜ୍ୟ ଶାଖା ସୁରକ୍ଷା ସମିତିର ଆବାହକ ଦିଲୀପ ଦାଶଶର୍ମା ସ୍ୱରଚିତ ପୁସ୍ତକ ପ୍ରଦାନ କରୁଛନ୍ତି।

**ଭୁବନେଶ୍ୱର, ୧୯।୮ (ବ୍ୟୁରୋ)**

ଭାରତୀୟ ରେଡ୍‌କ୍ରସ୍ ସୋସାଇଟି ଓଡ଼ିଶା ରାଜ୍ୟ ଶାଖାରେ ଆର୍ଥିକ ଓ ପ୍ରଶାସନିକ କ୍ଷେତ୍ରରେ ବ୍ୟାପକ ଅନିୟମିତତା ହେଉଛି। ଏନେଇ ରେଡ୍‌କ୍ରସ୍ ରାଜ୍ୟ ଶାଖା ସୁରକ୍ଷା ସମିତି ବାରମ୍ବାର ଅଭିଯୋଗ ଉଠାଇ ଆସୁଛି। ଗୁରୁବାର ସୁରକ୍ଷା ସମିତିର ଏକ ପ୍ରତିନିଧି ଦଳ ରାଜ୍ୟପାଳ ତଥା ରେଡ୍‌କ୍ରସ୍ ରାଜ୍ୟ ଶାଖା ସଭାପତି ପ୍ରଫେସର ଗଣେଶୀ ଲାଲ୍‌ଙ୍କୁ ସାକ୍ଷାତ୍ କରି ଏ ସମ୍ପର୍କରେ ଅବଗତ କରାଇଛନ୍ତି। ସମସ୍ତ ଅଭିଯୋଗ ଶୁଣିବା ପରେ ରେଡ୍‌କ୍ରସ୍ ରାଜ୍ୟ ଶାଖା ପାଇଁ ଭଲ ଦିନ ଆସୁଛି ବୋଲି ରାଜ୍ୟପାଳ କହିଛନ୍ତି। ରାଜ୍ୟପାଳଙ୍କୁ ସାକ୍ଷାତ୍ କରିବା ପରେ ସୁରକ୍ଷା ସମିତି ଆବାହକ ଦିଲୀପ ଦାଶଶର୍ମା କହିଛନ୍ତି, ରାଜ୍ୟ ରେଡ୍‌କ୍ରସରେ ଅନିୟମିତତା ଓ ଅବ୍ୟବସ୍ଥାକୁ ସୁଧାରିବା ପାଇଁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଗତ ୪ ବର୍ଷ ହେଲା ରେଡ୍‌କ୍ରସ୍ ରାଜ୍ୟ ଶାଖା ନିଜର ସଦସ୍ୟାସଦସ୍ୟଙ୍କ ମାସିକ ବୈଠକ କରୁନାହିଁ। ୧୧ ବର୍ଷ ହେବ ବାର୍ଷିକ ଅଧିବେଶନ କିମ୍ବା କାର୍ଯ୍ୟନିର୍ବାହୀ ବୈଠକ ବସୁନାହିଁ। ସେହିପରି ନୂତନ ନିୟମ ଲାଗୁ ହେଉ ନାହିଁ। ରକ୍ତଭଣ୍ଡାରରେ ରେଡ୍‌କ୍ରସ୍‌ର ନାମ ଓ ଚିହ୍ନ ଲଗାଉନାହିଁ ଓ ଆର୍ଥିକ ବିବରଣୀ ପ୍ରକାଶ କରୁ ନ ଥିବା ଆଦି ୧୧ଟି ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଛି। ଏହି ଅବସରରେ ଦାଶଶର୍ମା ନିଜ ଦ୍ୱାରା ଲିଖିତ ପୁସ୍ତକ 'ରେଡ୍‌କ୍ରସ୍‌ର କଥା' ଓ 'ସ୍ୱେଚ୍ଛାକୃତ ରକ୍ତଦାନ' ରାଜ୍ୟପାଳଙ୍କୁ ପ୍ରଦାନ କରିଥିଲେ।

# ଗ୍ୟାସ ଟାଙ୍କି ଫାଟି ୯ ଆହତ

**୭ ଗୁରୁତର**

**ବାଣପୁର, ୧୯।୮ (ଡି.ଏନ୍.ଏ.)**

ବାଣପୁର ଥାନା ଅଧୀନ ଗମ୍ଭାରୀମୁଣ୍ଡା ଗାଁରେ ଗୁରୁବାର ଗ୍ୟାସ ଟାଙ୍କି ଫାଟି ଜଣେ ମହିଳାଙ୍କ ସମେତ ୭ଜଣ ଗୁରୁତର ହୋଇଥିବା ବେଳେ ୨ଜଣ ଆହତ ହୋଇଛନ୍ତି। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ଗୁରୁତରମାନଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲ ଓ ଭୁବନେଶ୍ୱର ଏମ୍‌ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ସୂଚନା ମୁତାବକ, ସକାଳ ପ୍ରାୟ ୮ଟା ୩୦ରେ କୌଣସି କାରଣରୁ ଗ୍ରାମର ରବୀନ୍ଦ୍ର ପ୍ରଧାନଙ୍କ ରୋଷେଇ ଘର ଗ୍ୟାସ ଟାଙ୍କି ପାଇପ ଖସିଯିବାରୁ ଗ୍ୟାସ ଲିକ୍ ହୋଇଥିଲା। ପରେ ଟାଙ୍କିରେ ନିଆଁ ଲାଗି ଯାଇଥିଲା। ଏହା ଦେଖି ପରିବାର ଲୋକେ ବାହାରକୁ ଆସି ସହାୟତା ପାଇଁ ଡାକ ପକାଇବା ସହ ଟାଙ୍କିକୁ ରାସ୍ତାରେ ଫିଙ୍ଗି ଦେଇଥିଲେ। କେତେଜଣ ଗ୍ରାମବାସୀ ସହାୟତା ପାଇଁ ଘର ଭିତରକୁ ଯାଇଥିବା ବେଳେ ହଠାତ୍ ବିସ୍ଫୋରଣ ହୋଇଥିଲା। ତେବେ ରାସ୍ତା ସଙ୍କୀର୍ଣ୍ଣ ଥିବାରୁ ସହାୟତା ପାଇଁ ଯାଇଥିବା ଗ୍ରାମବାସୀ ହଠାତ୍ ତାଙ୍କ ଘରୁ ବାହାରି ପାରି ନ ଥିଲେ। ଫଳରେ ଘରେ ଥିବା ୯ଜଣ ଗୁରୁତର ଆହତ ହୋଇଥିଲେ। ଖବରପାଇ ସ୍ଥାନୀୟ ଅଗ୍ନିଶମ ଅଧିକାରୀ ବିବେକାନନ୍ଦ ଦାସ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏଥିସହ ଗ୍ରାମବାସୀଙ୍କ ସହାୟତାରେ ଆହତମାନଙ୍କୁ ଚିକିତ୍ସା ପାଇଁ ଗମ୍ଭାରୀମୁଣ୍ଡା ଓ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଆହତମାନେ ହେଲେ ସସ୍ମିତା ସାହୁ (୪୧), ବୁଦ୍ଧିରାମ ବାରିକ (୪୨), ସମୀର ବରାଳ (୨୬), ପ୍ରମୋଦ ବରାଳ (୪୨), କାଳୁଚରଣ ପଣ୍ଡା (୫୫), ପ୍ରସନ୍ନ ବରାଳ (୫୩), ଜଗନ୍ନାଥ ପଣ୍ଡା, ଅମର ପଲେଇ ଓ ରଶ୍ମିରଞ୍ଜନ ବାରିକ। ତେବେ ଅମର ଓ ରଶ୍ମିରଞ୍ଜନ ସାମାନ୍ୟ ଆହତ ହୋଇ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଗୁରୁତର ଅବସ୍ଥାରେ ପ୍ରସନ୍ନ ଓ କାଳୁଚରଣଙ୍କୁ ଚିକିତ୍ସା ପାଇଁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେହିପରି ଅନ୍ୟ ୫ ଗୁରୁତରଙ୍କୁ ଏମ୍‌ସକୁ ସ୍ଥାନାନ୍ତର କରାଯାଇଛି। ଟାଙ୍କିରୁ ଗ୍ୟାସ ଲିକ୍ ହେବା ପରେ ପୂଜା ଘରେ ଜଳୁଥିବା ଦୀପ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି।

# ସ୍ୱାସ୍ଥ୍ୟ ବିଭାଗରେ ୧୧,୦୦୬ ନର୍ସିଂ ଅଫିସର ପଦବୀ ସୃଷ୍ଟି

ଭୁବନେଶ୍ୱର, ୧୯।୮ (ବ୍ୟୁରୋ)- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟରେ ସ୍ୱାସ୍ଥ୍ୟ ସେବାକୁ ଅଧିକ ଦକ୍ଷ ଓ କ୍ରିୟାଶୀଳ କରିବା ପାଇଁ ୧୧,୦୦୬ ନୂତନ ନର୍ସିଂ ଅଫିସର ପଦବୀ ସୃଷ୍ଟି କରାଯାଇଛି। ଏହି ପଦବୀଗୁଡ଼ିକ ରାଜ୍ୟର ସମସ୍ତ ଜିଲାର ମୁଖ୍ୟ ଚିକିତ୍ସାଳୟ ସହିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ମାତୃ ଓ ଶିଶୁ ଚିକିତ୍ସା କେନ୍ଦ୍ର ତଥା ବିଭିନ୍ନ ମେଡିକାଲ କଲେଜରେ ପୂରଣ କରାଯିବ। ଏହିସବୁ ପଦବୀଗୁଡ଼ିକ ଦୁଇଟି ପର୍ଯ୍ୟାୟରେ ପୂରଣ କରାଯିବ। ଓଡ଼ିଶା ନର୍ସିଂ ସେବା ନିୟମାବଳୀ-୨୦୧୯ ଅନୁଯାୟୀ ଏହି ପଦବୀଗୁଡ଼ିକ ପୂରଣ ହେବ। ଏହି ନୂତନ ପଦବୀଗୁଡ଼ିକ ମଧ୍ୟରୁ ଜିଲାର ମୁଖ୍ୟ ଚିକିତ୍ସାଳୟଗୁଡ଼ିକରେ ୮୭୪, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ୫୪୦୦ ଏବଂ ମାତୃ ଓ ଶିଶୁ ଚିକିତ୍ସା କେନ୍ଦ୍ରଗୁଡ଼ିକରେ ୨୬୫୯ ପଦବୀ ସୃଷ୍ଟି କରାଯାଇଛି। ଏହିପରି ଜିଲାସ୍ତରରେ ସମୁଦାୟ ୮୯୩୩ ପଦବୀ ସୃଷ୍ଟି କରାଯାଇଛି। ଏହାବ୍ୟତୀତ ରାଜ୍ୟର ବିଭିନ୍ନ ମେଡିକାଲ କଲେଜ ଓ ହସ୍‌ପିଟାଲଗୁଡ଼ିକରେ ମଧ୍ୟ ୨୦୭୩ ପଦବୀ ସୃଷ୍ଟି କରାଯାଇଛି।

# ପିଇଓଙ୍କୁ ମାଡ଼ ଘଟଣାରେ ସରପଞ୍ଚଙ୍କ ସ୍ୱାମୀ ଗିରଫ

**ଆନନ୍ଦପୁର, ୧୯।୮ (ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଘସିପୁରା ବ୍ଲକ ଖାଲିଆମେଣ୍ଟା ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ରାମଚନ୍ଦ୍ର ନାୟକଙ୍କୁ ମାଡ଼ ମାରିବା ଅଭିଯୋଗରେ ପୋଲିସ ସେହି ପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀ ସୁରେନ୍ଦ୍ର ଭୂୟାଁଙ୍କୁ ଗିରଫ କରିଛି। ଗୁରୁବାର ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଏନେଇ ଆନନ୍ଦପୁର ଏସ୍‌ଡିପିଓ ଅନିଲ କୁମାର ବେଉରିଆ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଆବାସ ଯୋଜନା ହିତାଧିକାରୀଙ୍କ ତଥ୍ୟକୁ ନେଇ ଉକ୍ତ ପଞ୍ଚାୟତରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ସରପଞ୍ଚଙ୍କ ସ୍ୱାମୀ ଭୂୟାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ପିଇଓ ନାୟକଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଘସିପୁରା ପୋଲିସ ଏନେଇ ଏକ ମାମଲା (ନଂ.୧୬୬/୨୧) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଅନ୍ୟପକ୍ଷେ ଏହି ଘଟଣାରେ ଘଷିପୁରା ବ୍ଲକର ପୂର୍ବତନ ଅଧ୍ୟକ୍ଷ ଦେବାଶିଷ ପାତ୍ରଙ୍କ ନାମରେ ମଧ୍ୟ ମାମଲା ରୁଜୁ ହୋଇଛି। ତେବେ ତାଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗଣମାଧ୍ୟମ ପ୍ରତିନିଧିମାନେ ପଚାରିବାରୁ ଅନ୍ୟ ଅଭିଯୁକ୍ତଙ୍କ ସମ୍ପର୍କରେ ଆବଶ୍ୟକ ପ୍ରମାଣ ମିଳିବା ପରେ ପଦକ୍ଷେପ ନିଆଯିବ ବୋଲି ଏସ୍‌ଡିପିଓ ସୂଚନା ଦେଇଛନ୍ତି। ସରପଞ୍ଚଙ୍କ ସ୍ୱାମୀ ଗିରଫ ହେବା ପରେ ଘସିପୁରା ପିଇଓ ସଂଘ ପକ୍ଷରୁ ବ୍ଲକ ପରିସରରେ ବୁଧବାରଠାରୁ ଚାଲିଥିବା କଲମ ଛାଡ଼ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ସଂଘ ପକ୍ଷରୁ ଏସ୍‌ଡିପିଓ ଏବଂ ବିଡିଓଙ୍କ ସହିତ ଆଲୋଚନା କରାଯାଇଛି। ପିଇଓ ସଂଘ କାର୍ଯ୍ୟକ୍ଷେତ୍ରରେ ସେମାନଙ୍କର ସୁରକ୍ଷା ଦାବି କରିଛନ୍ତି। ତେବେ ପୋଲିସ ପ୍ରଶାସନ ସେମାନଙ୍କୁ ଆବଶ୍ୟକ ସୁରକ୍ଷା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ସଂଘ କର୍ମକର୍ତ୍ତା କହିଛନ୍ତି।

# ଜିଲା ମୁଖ୍ୟ ଚିକିତ୍ସାଳୟରୁ ଶିଶୁ ଚୋରି

**ଜଗତ୍‌ସିଂହପୁର ଅଫିସ, ୧୯।୮**

ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରୁ ଜଣେ ଅଢେଇ ବର୍ଷର ଶିଶୁପୁତ୍ର ନିଖୋଜ ହୋଇଯାଇଛି। ଏନେଇ ଶିଶୁପୁତ୍ରର ଜେଜେ ମା' ତଥା ଏରସମା ଥାନା ଅନ୍ତର୍ଗତ ଆମ୍ବିକୀ ଗ୍ରାମର ଚନ୍ଦ୍ରମା ସ୍ୱାଇଁ ଗୁରୁବାର ଜଗତ୍‌ସିଂହପୁର ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ପୋଲିସ ମାମଲା (ନଂ.୪୦୮/୨୧) ରୁଜୁ କରି ତଦନ୍ତ ଚଳାଇଛି। ସିସିଟିଭି ଫୁଟେଜ୍‌ରୁ ଜଣେ ଦୁର୍ବୃତ୍ତ ବାଇକ୍‌ରେ ଶିଶୁପୁତ୍ରକୁ ଧରି ସିପି ଅଭିମୁଖେ ଯାଇଥିବା ଜଣାପଡ଼ିଛି। ପୋଲିସ ଘଟଣାକୁ ଗମ୍ଭୀରତାର ସହ ନେଇ ତଦନ୍ତ ଜାରି ରଖିଛି। ଚନ୍ଦ୍ରମାଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ଝିଅ ଓ ଜ୍ୱାଇଁଙ୍କ ମୃତ୍ୟୁ ପରେ ଅଢେଇ ବର୍ଷର ନାତି ରାହୁଲଙ୍କୁ ଧରି ବହୁ କଷ୍ଟରେ ସେ ଦିନ କାଟୁଛନ୍ତି। ଏ ପରିସ୍ଥିତିରେ ସେ ନାତିକୁ ଧରି ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଚକ୍ଷୁ ୱାର୍ଡ ନିକଟ ୱେଟିଂ ରୁମ୍‌ରେ ଅଢେଇ ମାସ ହେବ ରହିଆସୁଛନ୍ତି। ଚିକିତ୍ସାଳୟରୁ ଯାହା ଖାଦ୍ୟ ମିଳେ ସେଥିରେ ସେ ବଞ୍ଚୁଥାଆନ୍ତି। ବୁଧବାର ସକାଳ ପ୍ରାୟ ୮ଟା ବେଳେ କୌଣସି ଦୁର୍ବୃତ୍ତ ରାହୁଲଙ୍କୁ ଚୋରି କରି ନେଇଯାଇଛନ୍ତି ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି।


## ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, କଟକ

**ବିଜ୍ଞପ୍ତି**



ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ଶିଶୁକନ୍ୟାଟିକୁ ଗତ ତା୦୨।୦୩।୨୦୨୦ରିଖରେ ଜାମ୍ବି ମୁଣ୍ଡା ନାମକ ଜଣେ ମହିଳାଙ୍କ ଦ୍ୱାରା ଆସି ଏବଂ କଟକ ଶିଶୁ ମଙ୍ଗଳ ସମିତିଙ୍କ ନିର୍ଦ୍ଦେଶ ଅନୁଯାୟୀ ବସୁନ୍ଧରାର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗୃହରେ ରହୁଅଛି। ଏହା ପରଠାରୁ ଉକ୍ତ ମହିଳା କୌଣସି ପ୍ରକାରର ପ୍ରମାଣପତ୍ର କିମ୍ବା ଅନ୍ୟ କାଗଜପତ୍ର ଆଣି ଦାଖଲ କଲେ ନାହିଁ କିମ୍ବା ସେ କେବେହେଲେ ପିଲାଟିକୁ ଦେଖିବା କିମ୍ବା ଖୋଜ ଖବର ନେବାକୁ ଆସିଲେ ନାହିଁ। ତେଣୁ ଏହି ପିଲାଟିର ଯଦି ପିତା ମାତା କିମ୍ବା ଅନ୍ୟ କେହି ଆଇନ୍‌ସିଦ୍ଧ ଦାବିଦାର ଥାନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣପତ୍ର ସହ ଆସି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କୋଠରି ନଂ. ୫୪, କଲେକ୍ଟରିଏଟ ବିଲ୍‌ଡିଂ, କଟକ, ଫୋନ୍ ନଂ. ୦୬୭୧-୨୫୦୯୦୦୯ କିମ୍ବା ଶିଶୁ ମଙ୍ଗଳ ସମିତି, ରେଡ୍‌କ୍ରସ୍ ଭବନ, କଲେକ୍‌ଟୋରେଟ୍ କ୍ୟାମ୍ପସ, କଟକ - ୭୫୩୦୦୨, ଫୋନ୍ ନଂ. ୦୬୭୧-୨୫୦୮୧୩୩, ମୋବାଇଲ ନଂ. ୭୯୭୮୧୪୬୮୧୪ / ୯୮୬୧୧୫୪୫୫୩ କିମ୍ବା ସମ୍ପାଦିକା, ବସୁନ୍ଧରା, ବିଡ଼ାନାସୀ, କଟକ - ୭୫୩୦୧୪କୁ ଯୋଗାଯୋଗ କରନ୍ତୁ। ଏହି ସମୟ ପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଏହି ଶିଶୁ କନ୍ୟାଟିକୁ କିଶୋର ନ୍ୟାୟ (ଶିଶୁର ଯତ୍ନ ଓ ସୁରକ୍ଷା) ଆଇନ - ୨୦୧୫ ଅନୁଯାୟୀ ଥଇଥାନ କରାଯିବ।

| କ୍ରମିକ ନଂ. | ଶିଶୁର ନାମ | ପୁଅ/ ଝିଅ | ବୟସ / ଜନ୍ମ ତାରିଖ | କେବେ ମିଳିଛି | ମନ୍ତବ୍ୟ |
|---|---|---|---|---|---|
| ୧ | ଅମ୍ବିକା | ଝିଅ | ୦୫।୦୨।୨୦୨୦ | ୦୧।୦୩।୨୦୨୦ | ଶିଶୁ ମଙ୍ଗଳ ସମିତି, କଟକଙ୍କ ନିର୍ଦ୍ଦେଶନାମା ନଂ. ୪୪୧୦/୨୦ |

ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ



## FAKIR MOHAN AUTONOMOUS COLLEGE, BALASORE

**ADMISSION NOTIFICATION - 2021**

Applications are invited from candidates desirous of taking admission to 4 year Integrated B.A. B.Ed./B.Sc. B.Ed. Details of form, prospectus, fees & eligibility criteria are available in the college website **www.fmcollege.nic.in**. Form will be received from **20.08.2021** in online mode at the address **fmcollegebeddepartment2015@gmail.com**. Last date of submission of application is **04.09.2021 by 5.00 P.M.**

**Dr. Sangita Sahu, Principal**
**F.M. (Auto) College, Balasore**



## Auction Sale Notification

This is for information to all concerned that inspite of our repeated Legal Notices and reminders of the Registered Owners.1). Mr. Subhanjan Bhuyan, Vehicle-Vento 1.6 CR (MT)-Highline, Regn. No.-OR02BZ0112, VIN No.-WVWD12607CT046168.2). Mr. Durga Madhab panda,Vehicle-Vento Comfortline 1.5 TDI, Regn. No.-OD33C7473, VIN No.-MEXB15605FT075091.3). Mr. Dasarathi Mohanty, Vehicle-Passat Sed. Highl 118 M6F, Regn. No.-OR02BL0833, VIN No.-WVWG103C7AA000669.4). Mr. Satyabrata Bharati, Vehicle-Polo 1.2 CR-Highline Regn. No.-OR02BG0103VIN No.-WVWF10608AT003839. 5). Mr. Prasanna Kumar Parija, Vehicle-polo 1.2 CR-Hiline, Regn. No.-OR05AR0547, VIN No.-WVWD11603BT055328 are not come to take delivery. The Vehicles are ready for Auction Sale to be hold on Dated. 27.08.2021. between10 AM to 4 PM at **M/S. Bharat Motors Ltd.**, NH-5, Pahal, Bhubaneswar - 752101.



## ଫର୍ମ ଜି
## ଆଗ୍ରହର ଅଭିବ୍ୟକ୍ତି ଆମନ୍ତ୍ରଣ

ଇନ୍‌ସଲ୍‌ଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି (ଇନ୍‌ସଲ୍‌ଭେନ୍ସି ରିଜୋଲ୍ୟୁଶନ୍ ପ୍ରୋସେସ୍ ଫର୍ କର୍ପୋରେଟ୍ ପର୍ସନ୍ସ) ରେଗୁଲେଶନ୍ସ, ୨୦୧୬ର ରେଗୁଲେଶନ୍ ୩୬ଏ (୧) ଅଧୀନରେ

**ସମ୍ପର୍କିତ ବିବରଣୀ**

| | | |
|---|---|---|
| ୧. | କର୍ପୋରେଟ୍ ଋଣୀଙ୍କ ନାମ | କସ୍ ବୋର୍ଡ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ |
| ୨. | କର୍ପୋରେଟ୍ ଋଣୀଙ୍କ ନିଗମୀକରଣ ତାରିଖ | ୩୦।୧୨।୧୯୮୦ |
| ୩. | କର୍ତ୍ତୃପକ୍ଷ ଯାହାଙ୍କ ଅଧୀନରେ କର୍ପୋରେଟ୍ ଋଣୀ ନିଗମୀକୃତ/ପଞ୍ଜୀକୃତ ହୋଇଛନ୍ତି | କମ୍ପାନୀ ନିବନ୍ଧକ - କଟକ |
| ୪. | କର୍ପୋରେଟ୍ ଋଣୀଙ୍କ କର୍ପୋରେଟ୍ ପରିଚୟ ସଂଖ୍ୟା/ସୀମିତ ଉତ୍ତରଦାୟିତା ପରିଚୟ ସଂଖ୍ୟା | ଏଲ୍୨୧୦୧୫ଓଆର୍୧୯୮୦ପିଏଲ୍‌ସି୦୦୦୯୧୬ |
| ୫. | କର୍ପୋରେଟ୍ ଋଣୀଙ୍କ ପଞ୍ଜୀକୃତ କାର୍ଯ୍ୟାଳୟ ଠିକଣା ଏବଂ ପ୍ରଧାନ କାର୍ଯ୍ୟାଳୟ (ଯଦି ଥାଏ) | ଜଗତପୁର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଫେଜ୍ II ଜଗତପୁର, କଟକ, ଓଡ଼ିଶା-୭୫୪୦୨୧ |
| ୬. | କର୍ପୋରେଟ୍ ଋଣୀଙ୍କ ଇନ୍‌ସଲ୍‌ଭେନ୍ସି ଆରମ୍ଭ ତାରିଖ | ୧୬।୧୨।୨୦୧୯ |
| ୭. | ଆଗ୍ରହର ଅଭିବ୍ୟକ୍ତି ଆମନ୍ତ୍ରଣ ତାରିଖ | ୨୦।୦୮।୨୦୨୧ |
| ୮. | ସଂହିତାର ଧାରା ୨୫(୨)(ଏଚ୍) ଅଧୀନରେ ଆବେଦନକାରୀଙ୍କ ମୀମାଂସା ନିମନ୍ତେ ଯୋଗ୍ୟତା ଉପଲବ୍ଧ ହେବା ସ୍ଥାନ: | ବିସ୍ତୃତ ଆଗ୍ରହ ଆମନ୍ତ୍ରଣ ଦେଖନ୍ତୁ ଯାହାକୁ ନିମ୍ନଲିଖିତ ଇମେଲ୍‌ରେ ଅନୁରୋଧ କରାଯାଇପାରିବ: cosboard@nayadarshan.com |
| ୯. | ଧାରା ୨୯ଏ ଅଧୀନରେ ପ୍ରଯୁଜ୍ୟ ଅଯୋଗ୍ୟତା ମାନଦଣ୍ଡ ଉପଲବ୍ଧ ହେବା ସ୍ଥାନ: | ବିସ୍ତୃତ ଆଗ୍ରହ ଆମନ୍ତ୍ରଣ ଦେଖନ୍ତୁ ଯାହାକୁ ନିମ୍ନଲିଖିତ ଇମେଲ୍‌ରେ ଅନୁରୋଧ କରାଯାଇପାରିବ: cosboard@nayadarshan.com |
| ୧୦. | ଆଗ୍ରହର ଅଭିବ୍ୟକ୍ତି ପ୍ରାପ୍ତିର ଶେଷ ତାରିଖ | ୦୪।୦୯।୨୦୨୧ |
| ୧୧. | ସମ୍ଭାବ୍ୟ ମୀମାଂସା ଆବେଦନକାରୀଙ୍କ ଅସ୍ଥାୟୀ ତାଲିକା ଜାରି ତାରିଖ | ୧୪।୦୯।୨୦୨୧ |
| ୧୨. | ଅସ୍ଥାୟୀ ତାଲିକା ପ୍ରତି ଆପତ୍ତି ଦାଖଲର ଶେଷ ତାରିଖ | ୧୯।୦୯।୨୦୨୧ |
| ୧୩. | ସମ୍ଭାବ୍ୟ ମୀମାଂସା ଆବେଦନକାରୀଙ୍କ ଚୂଡ଼ାନ୍ତ ତାଲିକା ଜାରି ତାରିଖ | ୨୯।୦୯।୨୦୨୧ |
| ୧୪. | ସୂଚନା ଜ୍ଞାପକପତ୍ର, ମୂଲ୍ୟାୟନ ମାଟ୍ରିକ୍ସ ଏବଂ ସମ୍ଭାବ୍ୟ ମୀମାଂସା ଆବେଦନକାରୀଙ୍କୁ ଅନୁରୋଧ ଜାରି ତାରିଖ | ୧୯।୦୯।୨୦୨୧ |
| ୧୫. | ମୀମାଂସା ଯୋଜନା, ମୂଲ୍ୟାୟନ ମାଟ୍ରିକ୍ସ, ସୂଚନା ସ୍ମାରକ ଏବଂ ତତ୍‌ପରବର୍ତ୍ତୀ ସୂଚନା ନିମନ୍ତେ ଅନୁରୋଧ ହାସଲର ପଦ୍ଧତି | ଯୋଗ୍ୟ ମୀମାଂସା ଆବେଦନକାରୀ ଆରପିଙ୍କ ନିକଟରେ ଇମେଲ୍ cosboard@nayadarshan.com ମାଧ୍ୟମରେ ଅନୁରୋଧ ଦାଖଲ କରିପାରିବେ |
| ୧୬. | ମୀମାଂସା ଯୋଜନା ଦାଖଲର ଶେଷ ତାରିଖ | ୧୯।୧୦।୨୦୨୧ |
| ୧୭. | ମୀମାଂସା ବୃତ୍ତିଧାରୀଙ୍କୁ ମୀମାଂସା ଯୋଜନା ଦାଖଲର ପଦ୍ଧତି | cosboard@nayadarshan.comରେ ଇମେଲ୍ ଏବଂ ପ୍ଲଟ୍ ନଂ.-୦୪, ୨ୟ ମହଲା, ସ୍ୱୋଡ୍ରପ୍ ଆପାର୍ଟମେଣ୍ଟ, କଟକ ରୋଡ୍, ଭୁବନେଶ୍ୱର-୭୫୧୦୦୬, ଓଡ଼ିଶାରେ ସ୍ପିଡ୍ ପୋଷ୍ଟ ଦ୍ୱାରା |
| ୧୮. | ଅନୁମୋଦନ ପାଇଁ ନିର୍ଣ୍ଣାୟକ କର୍ତ୍ତୃପକ୍ଷଙ୍କ ନିକଟରେ ମୀମାଂସା ଯୋଜନା ଦାଖଲର ଆକଳିତ ତାରିଖ | ସିଓସି ଅନୁମୋଦନ ସଙ୍ଗେ ସଙ୍ଗେ |
| ୧୯. | ମୀମାଂସା ବୃତ୍ତିଧାରୀଙ୍କ ନାମ ଓ ପଞ୍ଜୀକରଣ ସଂଖ୍ୟା | ଉମେଶ ଚନ୍ଦ୍ର ସାହୁ ପଞ୍ଜୀକରଣ ନଂ.: ଆଇବିବିଆଇ/ଆଇପିଏ-୦୦୨/ଆଇପି-ଏନ୦୦୬୨୧/୨୦୧୮-୧୯/୧୧୮୫୫ |
| ୨୦. | ବୋର୍ଡ ସହ ପଞ୍ଜୀକୃତ ହୋଇଥିବା ଅନୁଯାୟୀ ମୀମାଂସା ବୃତ୍ତିଧାରୀଙ୍କ ନାମ, ଠିକଣା ଏବଂ ଇମେଲ୍ | ଉମେଶ ଚନ୍ଦ୍ର ସାହୁ ପ୍ଲଟ୍ ନଂ.୦୪, ୨ୟ ମହଲା, ସ୍ୱୋଡ୍ରପ୍ ଆପାର୍ଟମେଣ୍ଟ, କଟକ ରୋଡ୍, ଝାରପଡ଼ା, ଭୁବନେଶ୍ୱର-୭୫୧୦୦୬, ଓଡ଼ିଶା ଇମେଲ୍: info@nayadarshan.com |
| ୨୧. | ମୀମାଂସା ବୃତ୍ତିଧାରୀଙ୍କ ସହ ପତ୍ରାଳାପ ଲାଗି ବ୍ୟବହୃତ ହେବାକୁ ଥିବା ଠିକଣା ଓ ଇମେଲ୍ | ପ୍ଲଟ୍ ନଂ.୦୪, ୨ୟ ମହଲା, ସ୍ୱୋଡ୍ରପ୍ ଆପାର୍ଟମେଣ୍ଟ, କଟକ ରୋଡ୍, ଝାରପଡ଼ା, ଭୁବନେଶ୍ୱର-୭୫୧୦୦୬, ଓଡ଼ିଶା ଇମେଲ୍: cosboard@nayadarshan.com |
| ୨୨. | ଅଧିକ ବିବରଣୀ ଉପଲବ୍ଧ ହେବା ସ୍ଥାନ | ଉପରେ କ୍ରମିକ ସଂ. ୨୧ରେ ଦର୍ଶାଯାଇଥିବା ଅନୁଯାୟୀ |
| ୨୩. | ଫର୍ମ ଜି ପ୍ରକାଶନର ତାରିଖ | ୨୦।୦୮।୨୦୨୧ |

ସ୍ୱା./-
**ଉମେଶ ଚନ୍ଦ୍ର ସାହୁ**
କସ୍‌ବୋର୍ଡ ଇଣ୍ଡଷ୍ଟ୍ରିଜ୍ ଲିଃ ନିମନ୍ତେ ମୀମାଂସା ବୃତ୍ତିଧାରୀ
ଆଇପି ପଞ୍ଜୀକରଣ ନଂ.: ଆଇବିବିଆଇ/ଆଇପିଏ-୦୦୨/ଆଇପି-ଏନ୦୦୬୨୧/୨୦୧୮-୧୯/୧୧୮୫୫
ତାରିଖ: ୨୦।୦୮।୨୦୨୧
ସ୍ଥାନ: ଭୁବନେଶ୍ୱର
ଠିକଣା: ପ୍ଲଟ୍ ନଂ.୦୪, ୨ୟ ମହଲା, ସ୍ୱୋଡ୍ରପ୍ ଆପାର୍ଟମେଣ୍ଟ, କଟକ ରୋଡ୍, ଝାରପଡ଼ା, ଭୁବନେଶ୍ୱର-୭୫୧୦୦୬, ଓଡ଼ିଶା



## BEFORE THE DEBTS RECVOERY TRIBUNAL, CUTTACK, ORISSA

C-71, SECTOR-7, CDA, CUTTACK, ODISHA

O.A. NO - 130/2021

HUDCO,Bhubaneswar ...Applicant
-Versus-
M/S. JAIN Steel & Power Limited & others ... Defendants

To,

D-1. M/S. JAIN Steel & Power Limited, Registered Office at No.39, Shakespeare Sarani Rd, Mullick Bazar, Park Street area, Kolkata, West Bengal 700017 Represented through its Managing Director.

D-2. Manoj Kumar Jain, S/o. Sh. DarshanLal Jain, Permanent Resident of Birpar, Dist-Jalpaigudi, West Bengal.

D-3. Rekha Jain, W/o. Manoj Kumar Jain, 7, Iron Side Road, 4th Floor, Harikunj, Kolkata-700019.

D-4. M/s. Tushita Builders (P) Ltd. Represented through its Managing Director and Director of the Company, 39, Shakespeare Sarani, Premlata, 5th Floor, Kolkata-700017.

D-5. M/s. Samriti Food Park (P) Ltd. Represented through its Managing Director and Director of the Company, 39, Shakespeare Sarani, Premlata, 5th Floor, Kolkata-700017.

D-6. M/s. PrakashEdeavours (P) Ltd. Represented through its Managing Director and Director of the Company, 39, Shakespeare Sarani, Premlata, 5th Floor, Kolkata-700017.

D-7. M/s. Jain Infra Project Ltd. Represented through its Managing Director and Director of the Company, 39, Shakespeare Sarani, Premlata, 5th Floor, Kolkata-700017.

D-8. Indian Bank, 32, Janpath, Ashok Nagar, Unit-II, Bhubaneswar-751009.

D-9. Punjab National Bank, Jharsuguda Branch, Gurudwara Building, Jharsuguda.

D-10. M/s. Edelweiss ARC Edelweiss House, Off CST Road, Kalina, Mumbai-400098

**SUMMONS BY PAPER PUBLICATION**

**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted as **O.A. No. 130/2021** in the court of Debts Recovery Tribunal, cuttack for recovery of **Rs. 50,95,29,202/-** only together with current and future interest, costs and other reliefs,. The above mentioned defendants are therefore directed to appear before this tribunal in person or through an Advocate or duly authorized agent, in support of their defence to show cause within 30 days from the date of publication or on **30/09/2021 at 10.30 am** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **4th days August, 2021.**

**REGISTRAR**

ଧରିତ୍ରୀ DHARITRI
ଶୁକ୍ରବାର, ୨୦ ଅଗଷ୍ଟ ୨୦୨୧



## ସାପ କାମୁଡ଼ାରେ ନାବାଳିକା ମୃତ

ଜଳେଶ୍ୱର,(ଡି.ଏନ.ଏ.): ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକର ବର୍ତ୍ତନା ପଞ୍ଚାୟତ ଅଧିନ ଶୋଳଷଣ୍ଡା ଗ୍ରାମର ଅତୁଲ ଜେନାଙ୍କ ୯ବର୍ଷର ଝିଅ ସ୍ମୃତି ବହି ଆଣିବା ଲାଗି ଘର ଭିତରକୁ ଯାଇଥିବା ବେଳେ ଥାକ ନିକଟରେ ଥିବା ଏକ ଗୋଖରସାପ କାମୁଡିଥିଲା । ତାଙ୍କୁ ସଙ୍ଗେ ସଙ୍ଗେ ଜିକେଭଟ୍ଟର ହସ୍‌ପିଟାଲକୁ ଅଣାଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ । ସେ ଭଲ ପାଠ ପଢୁଥିବାରୁ ଶିକ୍ଷୟିତ୍ରୀ, ଶିକ୍ଷକ, ଗ୍ରାମବାସୀଙ୍କ ମହଲରେ ଶୋକ ପ୍ରକାଶ ପାଇଛି।

# ଦ୍ୱାରଶୁଣୀ ଘାଟି ରାସ୍ତା ପ୍ରଶସ୍ତୀକରଣ ବାଟ ଫିଟିଲା

ବାଙ୍ଗିରିପୋଷି,୧୯।୮(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଦ୍ୱାରଶୁଣୀ ଘାଟି ରାସ୍ତା ପ୍ରଶସ୍ତୀକରଣ ଲାଗି ବାଟ ଫିଟିଛି। ଗୁରୁବାର ଜାତୀୟ ରାଜପଥ ବିଭାଗର ବାଲେଶ୍ୱର ପ୍ରକଳ୍ପ ନିର୍ଦ୍ଦେଶକ ଜେ.ପି. ବର୍ମାଙ୍କ ସହ ଆଲୋଚନା ପରେ ଏହି ନିଷ୍କର୍ଷ ବାହାରିଛି। ଘାଟି ରାସ୍ତାର ସର୍ଭେ କରାଯାଇ ଗତ ଜୁଲାଇ ୨ତାରିଖରେ ଡିପିଆର (ଡିଟେଲ ପ୍ରୋଜେକ୍ଟ ରିପୋର୍ଟ)ପ୍ରସ୍ତୁତ କରାଯାଇଥିଲା। ଚଳିତ ମାସ ଶେଷ ସୁଦ୍ଧା ତାହା ବନ ବିଭାଗର ମଞ୍ଜୁରୀ ପାଇଁ ପଠାଯିବ ବୋଲି ଏନଏଚଆଇ ପିଡି ବର୍ମା ପ୍ରକାଶ କରିଛନ୍ତି। ପୂର୍ବରୁ ଥରେ ଡିପିଆର ନାକଚ ହୋଇଥିବାରୁ ମୟୂରଭଞ୍ଜ ଏମ୍‌ପି ତଥା କେନ୍ଦ୍ର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ସହ ଆଲୋଚନା ପରେ ପୁଣିଥରେ ଡିପିଆର ପ୍ରସ୍ତୁତ କରାଯାଇଛି । ଏହା ବ୍ୟତୀତ ଅସ୍ଥାୟୀ ସମାଧାନ ପାଇଁ କଂକ୍ରିଟ ବାଡ଼, ଦୁଇ ପାର୍ଶ୍ୱ ରାସ୍ତା କଂକ୍ରିଟ, ବୁସ କଟିଙ୍ଗ, ରମ୍ବଲ ଷ୍ଟ୍ରିପ ଆଦି ନିର୍ମାଣ ପାଇଁ ୯ କୋଟି ଟଙ୍କା ଅଟକଳ କରାଯାଇଥିବା ସୂଚନା

### ପୁଣି ଥରେ ପ୍ରସ୍ତୁତ ହେଲା ଡିପିଆର୍

ଦେଇଛନ୍ତି। ପରେ ପ୍ରତିନିଧି ଦଳ ଏବଂ ଅନ୍ୟ ଅଧିକାରୀଙ୍କ ସହ ଏନଏଚଆଇ ପିଡି ବର୍ମା ଦ୍ୱାରଶୁଣି ଘାଟି ପରିଦର୍ଶନରେ ଯାଇ ଦୁର୍ଘଟଣା ପ୍ରବଣ ସ୍ଥାନ ପରିଦର୍ଶନ କରି ଥିଲେ। ଉଲ୍ଲେଖଯୋଗ୍ୟ, ଘାଟି ରାସ୍ତା ପ୍ରଶସ୍ତୀକରଣ ଦାବିରେ ଗତ ୧୬ ତାରିଖରେ ବାଙ୍ଗିରିପୋଷି ସଚେତନ ନାଗରିକ ମଞ୍ଚର ଆହ୍ୱାନ କ୍ରମେ ବନ୍ଦ ଡାକରା ଦିଆଯାଇଥିଲା। ପ୍ରଶାସନିକ ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଗୁରୁବାର ସଦର ଏସ୍‌ଡିପିଓ କେ.କେ. ହରିପ୍ରସାଦ, ବାଙ୍ଗିରିପୋଷି ତହସିଲଦାର ଲଲାଟେନ୍ଦୁ ସି, ବିଡିଓ ରାମଦାସ ଟୁଡୁ, ଥାନା ଅଧିକାରୀ ସଞ୍ଜୟ କୁମାର ପରିଡ଼ାଙ୍କ ସହ ସୁଗଦା ମୁର୍ମୁ, ରାକେଶ ସିଂ, ଲକ୍ଷ୍ମଣ ମାରାଣ୍ଡି, ଅଂଶୁମାନ ଦାସଠାକୁର, ସଞ୍ଜୟ ଅଗ୍ରୱାଲ, ବିଶ୍ୱନାଥ ମହାନ୍ତ ପ୍ରମୁଖ ପ୍ରତିନିଧି ଦଳଙ୍କ ସହ ଏନଏଚଆଇ ପିଡି ବର୍ମା ଆଲୋଚନା କରିଥିଲେ।

# ଭୁଲ୍ ଇଞ୍ଜେକ୍ସନ ଯୋଗୁ ଜୀବନ ଗଲା

ପଦ୍ମପୁର, ୧୯।୮(ଡି.ଏନ.ଏ.)

ଭଦ୍ରକ ଜିଲା ସାବରଙ୍ଗ ଥାନା ଅଞ୍ଚଳରେ ଔଷଧ ଦୋକାନୀଙ୍କ ଭୁଲ୍ ଇଞ୍ଜେକ୍ସନ ଯୋଗୁ ଜଣେ ଯୁବକ ଜୀବନ ଯାଇଛି। ସେ ହେଲେ ଗୋରାମାଟି ଗ୍ରାମର ନିତ୍ୟାନନ୍ଦ ଜେନା। ଏନେଇ ମୃତ ନିତ୍ୟାନନ୍ଦଙ୍କ ସ୍ତ୍ରୀ ସୁମିତ୍ରା ଗୁରୁବାର ଅପରାହ୍ନରେ ସାବରଙ୍ଗ ଥାନାରେ ଉକ୍ତ ଔଷଧ ଦୋକାନୀଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ବୁଧବାର ଅପରାହ୍ନରେ ନିତ୍ୟାନନ୍ଦଙ୍କ ପେଟରେ ଗ୍ୟାଷ୍ଟ୍ରିକ ଯୋଗୁ ଔଷଧ ପାଇଁ ନିକଟସ୍ଥ ଏକ ଔଷଧ ଦୋକାନକୁ ଯାଇଥିଲେ। ଦୋକାନୀ ତାଙ୍କୁ କିଛି ଔଷଧ ଦେବା ସହ ୩ଟି ଇଞ୍ଜେକ୍ସନ ଦେଇଥିଲେ। ଏହାପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବା ସହ ଶ୍ୱାସକ୍ରିୟାରେ ଅସୁବିଧା ହୋଇଥିଲା। କିଛି ସମୟ ମଧ୍ୟରେ ଘଟଣାସ୍ଥଳରେ ନିତ୍ୟାନନ୍ଦଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ତରବରିଆ ଭାବେ ଔଷଧ ଦୋକାନୀ ତାଙ୍କ ଗାଡ଼ିରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ନିତ୍ୟାନନ୍ଦଙ୍କୁ ମୃତ ଘୋଷଣା କରିଥିଲେ। ଅଭିଯୋଗ

### ଔଷଧ ଦୋକାନୀଙ୍କ ନାଁରେ ମାମଲା

ଆଧାରରେ ମାମଲା (ନଂ.୧୯୩/୨୧) ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଥିବା ଥାନାଧିକାରୀ ମନୋରମା ବାରିକ କହିଛନ୍ତି। ଅପରପକ୍ଷେ ଦୋକାନୀ ଜଣଙ୍କ ମୋବାଇଲ ଫୋନ ସୁଇଚ୍ ଅଫ୍ କରି ଦୋକାନରେ ତାଲା ପାକାଇ କେଉଁଆଡ଼େ ପଳାଇଥିବା ଜଣାପଡ଼ିଛି।

ଇଚ୍ଛାପୁର, ସାବରଙ୍ଗ, ଅଣ୍ଡରାଇ, ପଦ୍ମପୁର, ବାସୁଦେବପୁର, ଚାନ୍ଦିମାଳ, ବିଦେଇପୁର, ନାୟକାଣିଡିହୀ, ରାଜଘରପୋଖରୀ, ଲକ୍ଷ୍ମୀଦାସପୁର, ହତାଶିଆ, ଦଧିବାମନପୁର, ଇରମ, ଚୁଡ଼ାମଣି, ପଦୁଆଁ, ସୁଦର୍ଶନପୁର ମାଛହାଟ, ଏଡ଼ତାଳ, ବ୍ରାହ୍ମଣଗାଁ ଆଦି ବଜାର ଛକରେ ଛତୁ ଫୁଟିଲା ଭଳି ଔଷଧ ଦୋକାନ। ବିନା ଫାର୍ମାସିଷ୍ଟ ପ୍ରମାଣପତ୍ର ଅଥବା ଔଷଧ ବିକ୍ରି ପ୍ରମାଣପତ୍ର, ନବୀକରଣ ହୋଇ ନ ଥିବା ଲାଇସେନ୍ସକୁ ନେଇ ଔଷଧ ବିକ୍ରି ଓ ଡାକ୍ତରୀ ଚିକିତ୍ସା ଚାଲିଥିବା ସାଧାରଣରେ ଅଭିଯୋଗ ହେଉଛି।

## ସଂକ୍ଷେପରେ

### ୭୯ ଜଣଙ୍କ ଚକ୍ଷୁ ପରୀକ୍ଷା

ସଜନାଗଡ଼, ୧୯।୮(ଡି.ଏନ.ଏ.)-ନୀଳଗିରି କୈଳାସ ଚନ୍ଦ୍ର ହାଇସ୍କୁଲ ସାମ୍ନାରେ ଥିବା ଫିଏଟ୍ ଲକ୍ସ କ୍ଲବ କାର୍ଯ୍ୟାଳୟ ପରିସରରେ ଏକ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଲାୟନ୍ସ ଚକ୍ଷୁ ହସ୍‌ପିଟାଲ ସହଯୋଗରେ ଆୟୋଜିତ ଏହି ଶିବିର ନୀଳଗିରି ଉପଜିଲାପାଳ ହରିଶ୍ଚନ୍ଦ୍ର ଜେନା ଓ ତହସିଲଦାର ଅଶେଷ କୁମାର ନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଶିବିରରେ ୭୯ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨୭ଜଣଙ୍କ ଚକ୍ଷୁ ଅସ୍ତ୍ରୋପଚାର ପାଇଁ ବାଲେଶ୍ୱର ଲାୟନ୍ସ ଚକ୍ଷୁ ହସ୍‌ପିଟାଲକୁ ପଠାଇ ଦିଆଯାଇଛି। ବ୍ଲକ ସଭାପତି ଉଦୟ ଜ୍ୟୋତି ମାହାନ୍ତି, ସମ୍ପାଦକ ସବ୍ୟସାଚୀ ମହାପାତ୍ର, ସହସମ୍ପାଦକ ଅଭିଷେକ ବେହେରା, ସଦସ୍ୟ ରାଜେନ୍ଦ୍ର ଜେନା, ଦିପ୍ତୀକାନ୍ତ ପୃଷ୍ଟି, ସୁରଞ୍ଜନ ମହାପାତ୍ର, ରାଜୀବ ମହାପାତ୍ର, ଜିତେନ୍ଦ୍ର ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସବ୍ୟସାଚୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ଜାତୀୟ ପୁରସ୍କାର ଲାଗି ଶିକ୍ଷକ ଅଶୋକ ମନୋନୀତ

ଭଦ୍ରକ ଅଫିସ, ୧୯।୮-ଭଦ୍ରକ ଜିଲା ସ୍କୁଲର ବିଜ୍ଞାନ ଶିକ୍ଷକ ତଥା ସ୍ରମ୍ପକାର ଅଶୋକ କୁମାର ଶତପଥୀଙ୍କୁ ଜାତୀୟ ପୁରସ୍କାର ପାଇଁ



କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ମନୋନୀତ କରାଯାଇଛି। ଦେଶର ୪୪ ଜଣ ଶିକ୍ଷକଙ୍କୁ ଜାତୀୟ ପୁରସ୍କାର ଲାଗି ଚୟନ କରାଯାଇଥିବା ବେଳେ ଓଡ଼ିଶାରୁ ଗଞ୍ଜାମ ଜିଲାର ଅଜିତ କୁମାର ସେଠୀ ଓ ଭଦ୍ରକ ଜିଲା ସ୍କୁଲର ଶତପଥୀଙ୍କ ନାମ ଏହି ତାଲିକାରେ ଥିବା ସୂଚନା ମିଳିଛି। ଏଥିପାଇଁ ଭଦ୍ରକ ଜିଲାର ଶିକ୍ଷକ, ଅଭିଭାବକ ଓ ବୁଦ୍ଧିଜୀବୀମାନେ ଖୁସି ବ୍ୟକ୍ତ କରିଛନ୍ତି।

### ମୋତି ପ୍ରକାଶ ହେଲେ ଛାତ୍ର କଂଗ୍ରେସର ଜିଲା ସଭାପତି

ବାରିପଦା ଅଫିସ, ୧୯।୮- ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ମୟୂରଭଞ୍ଜ ଜିଲା ଛାତ୍ର କଂଗ୍ରେସ ସଭାପତି ଭାବେ ମୋତିପ୍ରକାଶ ଦାସଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ଏ ସଂକ୍ରାନ୍ତରେ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ୟସୀର ନବାଜ ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି। ଏନେଇ ମୋତିପ୍ରକାଶ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ସାଂସଦ ସୁଶୀଳା ତିରିଆ ଓ ଜିଲା କଂଗ୍ରେସ ସଭାପତି ହେମନ୍ତ ଦାସଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଆଗାମୀ ଦିନରେ ଛାତ୍ର ସଙ୍ଗଠନ ମଜଭୁତ ହେବା ସହ ଛାତ୍ରୀଛାତ୍ରଙ୍କ ବିଭିନ୍ନ ସମସ୍ୟାର ସମାଧାନ ହୋଇ ପାରିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ଦଳର ବରିଷ୍ଠ ନେତା ବିଜନ ଦାସ, ଶାନ୍ତନୁ ପାଲ, ତାରାକାନ୍ତ ବେହେରା, ସୁସ୍ମିତା ଘୋଷାଲ, ଲକ୍ଷ୍ମଣ ମାଝୀଙ୍କ ସମେତ ବହୁ କର୍ମକର୍ତ୍ତା ମୋତିପ୍ରକାଶଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ପାଣି ପାଇଁ ଲୋକେ ହଇରାଣ

ତେଲକୋଇ, ୧୯।୮ (ଡି.ଏନ.ଏ.): କେନ୍ଦୁଝର ଜିଲା ତେଲକୋଇ ବ୍ଲକ ଆକୁଳ ଗ୍ରାମରେ ମାସେ ହେବ ପାନୀୟ ଜଳ ଯୋଗାଣ ବ୍ୟାହତ ହୋଇଛି। ଏଥିପାଇଁ ପଞ୍ଚାୟତର ୪ ହଜାରରୁ ଊର୍ଦ୍ଧ୍ୱ ଲୋକେ ପାନୀୟ ଜଳ ପାଇଁ ହଇରାଣ ହେବାରେ ଲାଗିଛନ୍ତି। ଦୀର୍ଘ ୫ ବର୍ଷ ପୂର୍ବରୁ ୬୬ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇ ଏହି ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ହେଲେ ନିମ୍ନ କାମ ଯୋଗୁ ଲୋକେ ପାନୀୟ ଜଳ ଯୋଗାଣରୁ ବଞ୍ଚିତ ହୋଇଛନ୍ତି। ଏନେଇ ଗ୍ରାମର ମଳୟ ବେହେରା, ବାବୁଲାଲ ରଣ ସିଂ, ଅଲେଖ ପାତ୍ର, ଶିବାନନ୍ଦ ମହାକୁଡଙ୍କ ସମେତ ଗ୍ରାମବାସୀ ବିଡିଓଙ୍କ ଦ୍ୱାରସ୍ଥ ହୋଇଥିଲେ ହେଁ ଏହାର ସୁଫଳ ମିଳିପାରିନାହିଁ। ଏସମ୍ପର୍କରେ ବିଡିଓ ଦିଲିପ କୁମାର ବାରା କହିଛନ୍ତି, ପ୍ରତି ପଞ୍ଚାୟତକୁ ଜଳ ଯୋଗାଣ ପାଇଁ ଅର୍ଥ ଆସୁଛି। ପଞ୍ଚାୟତ ଜଳଯୋଗଣ କରିବା ପାଇଁ ଯୋଜନା କରାଯାଇଛି। ଏହା ସତ୍ତ୍ୱେ ଜଳ ଯୋଗାଣ ଅଧିକାରୀ ଙ୍କ ସହିତ ଆଲୋଚନା କରି ତୁରନ୍ତ ଏହାକୁ ତ୍ୱରାନ୍ୱିତ କରାଯିବ।

### ‘ଶୁଭାନ୍ୱେଷ’ ଉନ୍ମୋଚିତ

ବାରିପଦା ଅଫିସ,୧୯।୮- ସାରସ୍ୱତ ସାଧକ କବି ହରନାରାୟଣ ମିଶ୍ରଙ୍କ ଲିଖିତ କବିତା ପୁସ୍ତକ ‘ଶୁଭାନ୍ୱେଷ’ ଭର୍ଚୁଆଲ ମାଧ୍ୟମରେ ଉନ୍ମୋଚନ ହୋଇଯାଇଛି। ସାହିତ୍ୟ ସଂସ୍କୃତି ବିକାଶ ମଞ୍ଚର ସଭାପତି ଡ. ସରୋଜ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବେ ଏମ୍‌କେସି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ରାଉତ, ମୁଖ୍ୟବକ୍ତା ଗୋପବନ୍ଧୁ ସାହିତ୍ୟ ସଂସଦର ସମ୍ପାଦକ ଅମିତାଭ ମିଶ୍ର ଯୋଗଦେଇ ପୁସ୍ତକଟିକୁ ଉନ୍ମୋଚନ କରିଥିଲେ। ପୂର୍ବରୁ କବି ମିଶ୍ରଙ୍କର ବହୁ ପୁସ୍ତକ ପ୍ରକାଶିତ ହୋଇ ପାଠକୀୟ ସ୍ୱୀକୃତି ଲାଭ କରିଛି।

# ୱାର୍ଡସ୍ତରରୁ ସଙ୍ଗଠନକୁ ମଜଭୁତ କରିବାକୁ ଆହ୍ୱାନ




ଜିଲା ପର୍ଯ୍ୟବେକ୍ଷକ ପ୍ରତାପ ଦେବ ବୈଠକରେ ଉଦ୍‌ବୋଧନ ଦେଉଛନ୍ତି।

ସଜନାଗଡ଼, ୧୯।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ବିଜେଡ଼ି ପର୍ଯ୍ୟବେକ୍ଷକ ପ୍ରତାପ ଦେବ ଗୁରୁବାର ଦିନିକିଆ ନୀଳଗିରି ଗସ୍ତରେ ଆସିଥିବା ବେଳେ ବିଜେଡି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ନୀଳଗିରି ଜେଲରୋଡସ୍ଥିତ ଏନ୍‌ଏସି କଲ୍ୟାଣ ମଣ୍ଡପ ପରିସରରେ ନିର୍ବାଚନ ମଣ୍ଡଳୀସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା।

ନୀଳଗିରି ବିଜେଡି ନେତା ସନ୍ତୋଷ ଖଟୁଆ ସଭାପତିତ୍ୱ କରିଥିଲେ। ଆଳି ବିଧାୟକ ତଥା ଜିଲା ପର୍ଯ୍ୟବେକ୍ଷକ ପ୍ରତାପ ଦେବ ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମକର୍ତ୍ତାଙ୍କୁ ପଞ୍ଚାୟତ

### ନୀଳଗିରିରେ ଜିଲା ପର୍ଯ୍ୟବେକ୍ଷକ ପ୍ରତାପ ଦେବ

ଏବଂ ଏନଏସିର ୱାର୍ଡସ୍ତରରୁ ସଙ୍ଗଠନକୁ ମଜଭୁତ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବା ପାଇଁ ଆହ୍ୱାନ ଦେଇଥିଲେ। ସେହିପରି ଓଡ଼ିଶା ସରକାରଙ୍କ ଲୋକାଭିମୁଖୀ ଯୋଜନାଗୁଡ଼ିକୁ ଘରେ ଘରେ ପହଞ୍ଚାଇବା ପାଇଁ ଜିଲା ବିଜେଡ଼ି ସଭାପତି ରବୀନ୍ଦ୍ର କୁମାର ଜେନା କର୍ମୀଙ୍କୁ ପରାମର୍ଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ବିଜେଡ଼ି ଯୁଗ୍ମ ସମ୍ପାଦକ ଗତିକୃଷ୍ଣ ନନ୍ଦ, ଜିଲା ସହ ପର୍ଯ୍ୟବେକ୍ଷକ ରଣଜିତ୍ ମହାପାତ୍ର, ସାରଦା ଜେନା ଓ ପ୍ରମୋଦ ଜେନା, ନୀଳଗିରି ଏନ୍‌ଏସି ବିଜେଡ଼ି ସଭାପତି ରବୀନ୍ଦ୍ର କୁମାର ପରିଡ଼ା, ଜିଲା ଯୁବ ବିଜୁ ଜନତା ଦଳ ସଭାପତି ତାପସ ପରିଡ଼ା, ନୀଳଗିରି ବ୍ଲକ ବିଜେଡ଼ି ସଭାପତି ବିଜୟ ଲେଙ୍କା, ଔପଦା ବ୍ଲକ ବିଜେଡି ସଭାପତି ଅଶୋକ ପ୍ରଧାନ, ବ୍ଲକ ଚେୟାରମ୍ୟାନ ଜାନକୀ ସିଂ, ଜିଲାପରିଷଦ ସଭ୍ୟ ଶୁଭେନ୍ଦୁ ଶେଖର ଜେନା ଓ ରଞ୍ଜିତା ସିଂ, ଯୁବ ବିଜେଡ଼ି ସଭାପତି ଧୀରେନ୍ଦ୍ର ଲେଙ୍କା, ଔପଦା ବ୍ଲକ ଯୁବ ବିଜେଡ଼ି ସଭାପତି ବିଜୟ ପ୍ରଧାନ, ନୀଳଗିରି ଛାତ୍ର ବିଜେଡି ସଭାପତି ଫ୍ରାନ୍‌ସିସ୍ ବେକନ୍‌ସଙ୍କ ସମେତ ବିଭିନ୍ନ ପ୍ରାନ୍ତରୁ ଯୁବକ, ନେତା ଓ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# ‘ଗାଁରେ ମଦ କାରବାର ବନ୍ଦ ହେଉ’

ପାଟଣା,୧୯।୮(ସ୍ୱ. ପ୍ର.)

କେନ୍ଦୁଝର ଜିଲା ପାଟଣା ଅବକାରୀ ଥାନା ଅନ୍ତର୍ଗତ ଡିଆନାଳୀ ଗ୍ରାମରେ ବେଆଇନ ମହୁଲି ମଦ ଭାଟି ବନ୍ଦ ପାଇଁ ଗୁରୁବାର ସ୍ୱୟଂ ସହାୟିକା ଗୋଷ୍ଠୀର ଶତାଧିକ ମହିଳା ପାଟଣା ଅବକାରୀ ଥାନା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଥାଉ କି, ବୁଧବାର ଗାଁର ବିଲ ମଝିରେ ବେଆଇନ ଭାଟି କରି ମଦ ପ୍ରସ୍ତୁତ କରୁଥିବା ବେଳେ ଏହି ମହିଳା ମାନେ ଭାଟି ଭାଙ୍ଗିବା ସହ ରାଜପଥ ଅବରୋଧ କରିଥିଲେ। ଏହି ପରିପ୍ରେକ୍ଷୀରେ ଗାଁ ରେ ଚାଲିଥିବା ବେଆଇନ ମଦ ବିକ୍ରି ବନ୍ଦ କରିବା ପାଇଁ ଗୁରୁବାର ଅପରାହ୍ନରେ ପାଟଣା ଅବକାରୀ ଥାନା ଅଧିକାରୀ ଦିଲୀପ କୁମାର ତାଣ୍ଡିଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି। ଆଗକୁ ଚୋରା ମଦ ବେପାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ମହିଳା ମାନେ ଅବକାରୀ ଥାନା ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ପୁନଃ ଥଇଥାନ ଦାବି

ଭଣ୍ଡାରିପୋଖରୀ, ୧୯।୮ (ଡି.ଏନ.ଏ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ସାମାଜିକ ସୁରକ୍ଷା ବିଭାଗ ଭାରପ୍ରାପ୍ତ ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ରବିନାରାୟଣ ପାତ୍ରଙ୍କୁ ଏବେ ଦାୟିତ୍ୱରୁ ଅପସାରଣ କରାଯାଇଛି। ସେ ଦକ୍ଷିଣବାଡ଼ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତ ହୋଇ ବରିଷ୍ଠତା ଦୃଷ୍ଟିରୁ ବର୍ଷେ ହେଲା ଭାରପ୍ରାପ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ। ୧ ବର୍ଷ ଧରି କରୋନା ମହାମାରୀ ସମୟରେ ସେ ଗରିବ ଅସହାୟ ଦିବ୍ୟାଙ୍ଗମାନଙ୍କ ପାଇଁ ନିଷ୍ଠାର ସହ କାର୍ଯ୍ୟ କରିଆସିଛନ୍ତି। ତାଙ୍କ ପାଇଁ ବ୍ଲକ ସାମାଜିକ ସୁରକ୍ଷା ବିଭାଗ ଭଲ ପ୍ରଦର୍ଶନ କରିଥିବା ବେଳେ ତାଙ୍କୁ ଦାୟିତ୍ୱରୁ ଅପସାରଣ କରାଯିବା ନେଇ ଗୁରୁବାର ଓଡ଼ିଶା ବିକଳାଙ୍ଗ ମଞ୍ଚ ସଦସ୍ୟମାନେ ବିଡିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ମଞ୍ଚର ଭଣ୍ଡାରିପୋଖରୀ ଶାଖା ସଭାପତି ଭାସ୍କର ଚନ୍ଦ୍ର ଜେନା ଓ ସମ୍ପାଦକ କେଶବ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ସଦସ୍ୟମାନେ ବିଡିଓ ଦେବଦତ୍ତ ଦାସଙ୍କୁ ଭେଟି ରବିନାରାୟଣଙ୍କୁ କାର୍ଯ୍ୟରୁ ଅପସାରଣ ନିଷ୍ପତ୍ତିର ପୁନଃ ବିଚାର ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ରବିନାରାୟଣ ଦିବ୍ୟାଙ୍ଗ ହୋଇଥିବା ବେଳେ ଅନ୍ୟ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ପ୍ରତି ସହାନୁଭୂତି ଦେଖାଇବା ସହ ସମସ୍ତ ବର୍ଗର ହିତାଧିକାରୀଙ୍କ ପାଇଁ ନିଷ୍ଠାର ସହ କାର୍ଯ୍ୟ କରୁଥିଲେ। ଏଣୁ ତାଙ୍କୁ ପୁନଃ ଥଇଥାନ କରା ନ ଗଲେ ବ୍ଲକ ଅଞ୍ଚଳର ସମସ୍ତ ଦିବ୍ୟାଙ୍ଗ ଅନଶନ କରିବେ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

# ବସ୍ତାରେ ନୂଆ ଠିକାଦାର ସଂଘ

ରୂପସା, ୧୯।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ଅଧୀନ ବସ୍ତା ବ୍ଲକସ୍ତରୀୟ ନୂତନ ଠିକାଦାର ସଂଘ ଗଠିତ ହୋଇଛି। ସଭାପତି ଭାବେ ଲକ୍ଷ୍ମୀଧର ସାହୁ, ସମ୍ପାଦକ ରାଜୀବ କୁମାର ଆଇଚ, ଉପସଭାପତି ବିଶ୍ୱନାଥ ରାଉଳ, ଯୁଗ୍ମ ସମ୍ପାଦକ ସଞ୍ଜୟ କୁମାର ଜେନା, କୋଷାଧକ୍ଷ ପ୍ରିୟବ୍ରତ ମହାପାତ୍ର, ଉପଦେଷ୍ଟା ରାମହରି ପ୍ରହରାଜ ଓ ବାଲୁକେଶ୍ୱର ବେହେରା, ସଦସ୍ୟ ଭାବେ ଦେବେନ୍ଦ୍ର ସେଠୀ, ଅବିନାଶ ଜେନା, ସଞ୍ଜୟ କୁମାର ବୁରୁଡି, ହରିଶ୍ଚନ୍ଦ୍ର ପ୍ରଧାନ, କାର୍ତ୍ତିକ ପ୍ରଧାନ, ବିଜୟ କୁମାର ଦାସ, ସୁଜିତ କୁମାର ରାଉଳ, ରାମକୃଷ୍ଣ ଧଳ,ବିଜୟ ଘୋଷ,ଅଜିତ ଦେ, ସତ୍ୟଜିତ ବେହେରା,ରତ୍ନାକର ମାଝୀ, ଜୟକୃଷ୍ଣ ସାହାଣୀ ପ୍ରମୁଖଙ୍କ ନାମ ଘୋଷଣା କରାଯାଇଛି। ପୂର୍ବରୁ ସଦର, ବାଲିଆପାଳ ଓ ଜଳେଶ୍ୱର ବ୍ଲକର ଠିକାଦାରମାନଙ୍କୁ ନେଇ ଏକ ସଂଘ ଗଠନ କରାଯାଇଥିଲା।

ଗତ ୧ତାରିଖରେ ସଂଘ ପକ୍ଷରୁ ବାହାର୍ଦ୍ଧା ଡାକବଙ୍ଗଳାଠାରେ ବିକ୍ଷୋଭ ପ୍ରଦର୍ଶନ ସହ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ଓ ଜଳସେଚନ ବିଭାଗ କନିଷ୍ଠଯନ୍ତ୍ରୀଙ୍କ ବଦଳି ଦାବି ହୋଇଥିଲା। ସେହିଦିନ କେତେକ ଠିକାଦାର ସଂଘର ନିଷ୍ପତ୍ତିକୁବିରୋଧ କରିବାରୁ ଉଭୟଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗିଥିଲା। ଦୁଇ ଯନ୍ତ୍ରୀଙ୍କ ବଦଳି ଦାବିକୁ ବିରୋଧ କରି ନୂତନ ଭାବେ ବସ୍ତା ଠିକାଦାର ସଂଘ ଗଠନ ହୋଇଥିବା ସଭାପତି ଓ ସମ୍ପାଦକ କହିଛନ୍ତି।

# ୨୦ ‘ସ୍ୱଚ୍ଛ ସବାରି’ ଉଦ୍‌ଘାଟିତ

ବାଲେଶ୍ୱର ଅଫିସ, ୧୯।୮

ବାଲେଶ୍ୱର ସହରକୁ ଆବର୍ଜନାମୁକ୍ତ ଏବଂ ରାସ୍ତା ଘାଟରେ ସ୍ୱଚ୍ଛ ବାତାବରଣ ଆଣିବା ପାଇଁ ପୌରପାଳିକା ପକ୍ଷରୁ ଗୁରୁବାର ୨୦ଟି ବ୍ୟାଟେରିଚାଳିତ ଗାଡ଼ି ‘ସ୍ୱଚ୍ଛ ସବାରୀ’କୁ ବିଧାୟକ ସ୍ୱରୂପ କୁମାର ଦାସ ଓ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଆଶିଷ ଈଶ୍ୱର ପାଟିଲ ମିଳିତ ଭାବେ ଉଦ୍‌ଘାଟନ କରିଛନ୍ତି। ଏହି ଗାଡ଼ିରେ ଓଦା ଓ ଶୁଖିଲା ଅଳିଆ ଆବର୍ଜନା ଉଠାଇ ସହରକୁ ପରିଷ୍କାର ରଖିବା ସହ ପରିମଳମୁକ୍ତ କରିବାରେ ସହାୟକ ହେବ। କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳାଙ୍କ ସଶକ୍ତିକରଣକୁ ଗୁରୁତ୍ୱ ଦେବା ସହ ସ୍ୱାବଲମ୍ବୀ କରାଉଛନ୍ତି। ଏହି ଗାଡ଼ିଗୁଡ଼ିକ ବାଲେଶ୍ୱର ପୌରପାଳିକାର ଏସ୍‌ଏଚ୍‌ଜି ମହିଳାମାନଙ୍କ ଦ୍ୱାରା ବିଭିନ୍ନ ୱାର୍ଡ଼ରେ ଘରକୁ ଘର ବୁଲି ଅଳିଆ ସଂଗ୍ରହ କରିବା ସହ ଏମସିସି ସେଣ୍ଟରରେ ପହଞ୍ଚି ଜୈବଖତ ପ୍ରସ୍ତୁତ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଉପନଗରପାଳ ମନୋଜ ରାଉତ, କୈଳାସ ସେଠୀ, ଅମିତ୍ କୁମାର ନାୟକ, ଶେଖ ସାକିର ଖାଁ ଓ ସେକ ରାଜୁ ପ୍ରମୁଖ ଉପସ୍ଥିତ ଥିଲେ।



‘ସ୍ୱଚ୍ଛ ସବାରି’କୁ ବିଧାୟକ ସ୍ୱରୂପ ଦାସ ଉଦ୍‌ଘାଟନ କରୁଛନ୍ତି।

# ଭାଜପାରେ ମିଶିଲେ ଶତାଧିକ ବିଜେଡି କର୍ମୀ

ଭଦ୍ରକ ଅଫିସ,୧୯।୮

ଭଦ୍ରକ ଜିଲା ଭାଜପା କାର୍ଯ୍ୟାଳୟରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ହେମନ୍ତ କୁମାର ପାଢ଼ୀ, ନେତା ଡା. ପ୍ରଦୀପ ନାୟକ ନେତୃତ୍ୱ ନେଇଥିଲେ। ଭଦ୍ରକ ବ୍ଲକର ବଣିଆ, ଜଗଦଳପୁର ଓ ଗୋରାମାଟି ପଞ୍ଚାୟତର ଶତାଧିକ ବିଜେଡି କର୍ମୀ ଭାଜପାରେ ଯୋଗ ଦେଇଛନ୍ତି। ବଣିଆ ପଞ୍ଚାୟତର ଦୁଇଥର ସରପଞ୍ଚ ହୋଇଥିବା ଅଜୟ ସାମଲ ତାଙ୍କ ସହଯୋଗୀ ବିଜେଡିର ବରିଷ୍ଠ କର୍ମୀ ପୂର୍ଣ୍ଣଚନ୍ଦ୍ର ନାୟକ, ରବୀନ୍ଦ୍ର ଓଝା, ମଳୟ ନାୟକ, ଗଣେଶ ନାୟକ, ଭାଗିରଥୀ ମହାରଣା, ଜଗବନ୍ଧୁ ଓଝା, ଉଦୟ ପେଡା, ରତିରଞ୍ଜନ ରାଉତ, ଦିଲୀପ ପାଢ଼ୀ ପ୍ରମୁଖ ଭାଜପାରେ ସାମିଲ ହୋଇଛନ୍ତି। ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ, ବରିଷ୍ଠ ନେତା ଅଶୋକ ପରିଜା, ଦେବରକୁଣ୍ଡ ମଣ୍ଡଳ ସଭାପତି ପ୍ରଭାକର ସାମଲ, ଶଶାଙ୍କ ଦାସ, ଅକ୍ଷୟ ସାହୁ, ବୃଷଭାନୁ ସାହୁ, ଭାଗିରଥୀ ମହାକୁଡ ପ୍ରମୁଖ ମିଶ୍ରଣ ପର୍ବରେ ଯୋଗ ଦେଇଥିଲେ।

# ବିଜେଡିରେ ମିଶିଲେ ଯୁବ ସଙ୍ଗଠକ ଶଙ୍କର୍ଷଣ



ମିଶ୍ରଣ ପର୍ବରେ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ସହ ଶଙ୍କର୍ଷଣ ଓ ତାଙ୍କ ସହଯୋଗୀ ।

ଖଇରା, ୧୯।୮(ଡି.ଏନ.ଏ.)

ଖଇରା ବ୍ଲକ ଡୁଙ୍ଗୁରା ପଞ୍ଚାୟତର ଜଣେ ସୁସଙ୍ଗଠକ ଭାବେ ଜଣାଶୁଣା ଭାଜପା ନେତା ତଥା ସରପଞ୍ଚ ପ୍ରତିନିଧି ଶଙ୍କର୍ଷଣ ମାଝି ଭାଜପା ଛାଡି ବିଜେଡିର ପ୍ରାଥମିକ ସଦସ୍ୟ ପଦ ଗ୍ରହଣ କରିଛନ୍ତି। ବୁଧବାର ସନ୍ଧ୍ୟାରେ ବାରାପୁରସ୍ଥିତ ବିଜେଡି କାର୍ଯ୍ୟାଳୟ ପରିସରରେ ଆୟୋଜିତ ମିଶ୍ରଣ କାର୍ଯ୍ୟକ୍ରମରେ ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ଉପସ୍ଥିତିରେ ସେ ନିଜର ଶତାଧିକ ସମର୍ଥକଙ୍କ ସହ ଯୋଗଦାନ କରିଛନ୍ତି । ସଭାରେ ମାଝିଙ୍କ ସହ ଜଗବନ୍ଧୁ ବାରିକ, ରମାକାନ୍ତ ଜେନା, ପ୍ରହ୍ଲାଦ ଜେନା, କୈଳାସ ପ୍ରଧାନ ବିଜେଡିରେ ସାମିଲ ହୋଇଛନ୍ତି । ସମିତିସଭ୍ୟ ପ୍ରକାଶ ଲେଙ୍କା, ଗୋଳିହା ସରପଞ୍ଚ ପ୍ରତିନିଧି ସମ୍ପଦ ଘଡେଇ, ଯୁବନେତା ରାକେଶ ଗଦାଧର ବରାଳ ପ୍ରମୁଖ ଉପସ୍ଥିତ ଥିଲେ । ଏହା ପୂର୍ବରୁ ମନ୍ତ୍ରୀ ଡୁଙ୍ଗୁରା ବଜାରରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥାକୁ ଡୁଙ୍ଗୁରା ପଞ୍ଚାୟତବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବା ସହ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ।

# ବିଡିଓଙ୍କ ଦୁର୍ବ୍ୟବହାର ପ୍ରତିବାଦରେ କଂଗ୍ରେସର ଧାରଣା

ରୂପସା/ବସ୍ତା, ୧୯।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ଅଧୀନ ବସ୍ତା ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ହିତାଧିକାରୀ ଚୟନରେ ପାତରଅନ୍ତରକୁ ବିରୋଧ କରି ବୁଧବାର ବସ୍ତା ବ୍ଲକ କଂଗ୍ରେସ ପକ୍ଷରୁ ବିଡ଼ିଓ ଜ୍ଞାନରଞ୍ଜନ ସାହୁଙ୍କୁ ଦାବିପତ୍ର ପ୍ରଦାନ ଲାଗି ଏକ ପ୍ରତିନିଧି ଦଳ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ବିଡ଼ିଓ ଅଫିସରେ ନ ଥିବା ଦେଖି କଂଗ୍ରେସ ନେତା ବିଜନ ନାୟକ ତାଙ୍କୁ ଫୋନରେ ଯୋଗାଯୋଗ କରିବାରୁ ସେ ସବୁବେଳେ ଫୋନ ଉଠାଇବାକୁ ବାଧ ନୁହନ୍ତି ବୋଲି କହି ଆବାସ ଯୋଜନାର ତଦନ୍ତ କରିବାକୁ ଯାଇଥିବା ପ୍ରକାଶ କରିଥିଲେ। ଫୋନରେ ବିଡ଼ିଓଙ୍କ ଦୁର୍ବ୍ୟବହାର ପ୍ରତିବାଦରେ କଂଗ୍ରେସ ନେତା ଓ କର୍ମୀମାନେ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା

### ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା

ସହ ନାରାବାଜି ଦେଇଥିଲେ। ବସ୍ତା ଥାନା ଆଇଆଇସି ସୁବ୍ରତ କୁମାର ବେହେରା ଓ ବିଡ଼ିଓ ଜ୍ଞାନରଞ୍ଜନ ସାହୁ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଉତ୍ତ୍ୟକ୍ତ କଂଗ୍ରେସ କର୍ମୀଙ୍କୁ ବୁଝାଶୁଝା କରିଥିଲେ। ସରକାରୀ ଗାଇଡ୍‌ଲାଇନ୍ ମୁତାବକ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରାଯିବ ବୋଲି ବିଡ଼ିଓ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଧାରଣାରେ ଜିଲା କଂଗ୍ରେସ ସଭାପତି ସଞ୍ଜୀବ ଗିରି, ବସ୍ତା ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତା, ଜିଲା କଂଗ୍ରେସ କମିଟି ସମ୍ପାଦକ ସୁଧାଂଶୁ ଶେଖର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏନେଇ ବିଡ଼ିଓ ଜ୍ଞାନରଞ୍ଜନ ସାହୁଙ୍କୁ ପଚରାଯିବାରୁ ଏହି ଅଭିଯୋଗ ମିଥ୍ୟା ବୋଲି ସେ କହିଛନ୍ତି।

# ମୁଖ୍ୟରାସ୍ତାରେ ବୁଲାଗୋରୁ

ଭଦ୍ରକ ଅଫିସ,୧୯।୮

ଭଦ୍ରକ ପୌରପାଳିକାରେ ନାହିଁ ନିଜସ୍ୱ କାଞ୍ଜିଆହୁଦା ବ୍ୟବସ୍ଥା। ଫଳରେ ବୁଲା ଗୋରୁ ମୁଖ୍ୟରାସ୍ତାରେ ଅବାଧରେ ବିଚରଣ କରୁଛନ୍ତି। ବୁଲା ଗୋରୁ ଓ ଷଣ୍ଢଙ୍କ ପ୍ରାଦୁର୍ଭାବ ବଢ଼ି ଚାଲିଛି। ଏମାନଙ୍କ ପାଇଁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବା ବେଳେ ପରସ୍ପର ଲଢ଼େଇ ଯୋଗୁ ରାସ୍ତାଘାଟ ବନ୍ଦ ହେବା ସହ ଦୈନିକ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଏନେଇ ପୌରପାଳିକା ପକ୍ଷରୁ ଗୋରୁ ମାଲିକମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଅଭିଯୋଗ କରି ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଏପରିକି ଗୋରୁଙ୍କୁ ମୁଖ୍ୟରାସ୍ତାକୁ ନ ଛାଡ଼ିବା ପାଇଁ ପୌରପାଳିକା ପକ୍ଷରୁ ସଚେତନାତ୍ମକ ପ୍ରଚାର ମଧ କରାଯାଉ ନ ଥିବା ସହରବାସୀ ପ୍ରକାଶ କରିଛନ୍ତି।



ଭଦ୍ରକ ସହର ରାସ୍ତା ଉପରେ ବୁଲାଗୋରୁ।

ଅନ୍ୟପକ୍ଷେ ଭଦ୍ରକ ସହରର ମୁଖ୍ୟରାସ୍ତାରେ ଏବେ ଠେଲାଗାଡ଼ି ମାଳ ମାଳ। ଏହା ସହରବାସୀଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି। ପରିବାଠାରୁ ଆରମ୍ଭ କରି ଖାଦ୍ୟ ସାମଗ୍ରୀ ସହ ବିଭିନ୍ନ ପ୍ରକାର ଜିନିଷ ଏଠାରେ ଠେଲାଗାଡ଼ିରେ ମିଳୁଛି। ଦୈନିକ ତହସିଲ ଛକଠାରୁ ଡାହାଣୀଗଡ଼ିଆ ଛକ ପର୍ଯ୍ୟନ୍ତ ଠେଲା ଗାଡ଼ି ମାଳ ମାଳ ଦେଖିବାକୁ ମିଳେ। ଏହା ମଧ ଟ୍ରାଫିକ ସମସ୍ୟାର ମୁଖ୍ୟ କାରଣ ସାଜିଥିବା ବେଳେ ପୋଲିସ, ପୌରପାଳିକା କିମ୍ବା ଜିଲା ପ୍ରଶାସନ ଚୁପ୍ ରହୁଥିବା ସାଧାରଣରେ ଅଭିଯୋଗ ହେଉଛି। ସହରର ପ୍ରମୁଖ ରାସ୍ତା ଜବରଦଖଲକାରୀଙ୍କ ଅକ୍ତିଆରକୁ

- ଟ୍ରାଫିକ୍ ସମସ୍ୟାକୁ ନେଇ ବଢୁଛି ଅସନ୍ତୋଷ
- ପୌରପାଳିକାରେ ନିଜସ୍ୱ କାଞ୍ଜିଆହୁଦା ବ୍ୟବସ୍ଥା ନାହିଁ

ଚାଲିଯାଇ ଅଣଓସାରିଆ ହୋଇଯାଇଛି। ଠେଲାଗାଡ଼ି ଓ ବୁଲାଗୋରୁଙ୍କ କାରଣରୁ ଏହି ସମସ୍ୟା ଦ୍ୱିଗୁଣିତ ହେଉଥିବା ଆଇନଜୀବୀ ଅତିଶ ବେହେରା ମତ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତଙ୍କୁ ପଚାରିବାରୁ କହିଛନ୍ତି, ବୁଲା ଗୋରୁଙ୍କୁ ନିୟନ୍ତ୍ରଣ ପାଇଁ କୌଣସି ବ୍ୟବସ୍ଥା ନାହିଁ। ସ୍ୱଳ୍ପ କର୍ମଚାରୀ ଓ ସ୍ଥାନ ଅଭାବରୁ ଏହା ସମ୍ଭବ ହୋଇପାରୁ ନାହିଁ। ତଥାପି ଆବଶ୍ୟକ ପଦକ୍ଷେପ ନିଆଯାଉଛି। ତେବେ ଠେଲାଗାଡ଼ି ସମସ୍ୟା ସମାଧାନ ଲାଗି ପଦକ୍ଷେପ ନେବା ପୋଲିସର ଦାୟିତ୍ୱ ବୋଲି ସେ କହିଥିଲେ।

ଧରିତ୍ରୀ
DHARITRI
ଶୁକ୍ରବାର, ୨୦ ଅଗଷ୍ଟ ୨୦୨୧



## ସଂକ୍ଷେପରେ

### ବଦଳିଲେ ୯ ଥାନାଧିକାରୀ

ବାରିପଦା ଅଫିସ, ୧୯।୮-ମୟୂରଭଞ୍ଜ ଜିଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୬୩୯ ଅନୁଯାୟୀ ୯ଟି ଥାନାରେ କାର୍ଯ୍ୟରତ ଇନିସପେକ୍ଟର ଓ ସବ୍ ଇନ୍ସପେକ୍ଟରଙ୍କ ମଧ୍ୟରେ ଅଦଳବଦଳ କରାଯାଇଛି। ବାରିପଦା ଟାଉନ ଥାନାରେ ଥିବା ଇନ୍ସପେକ୍ଟର ଅଜୟ ସୁଦର୍ଶନ ବାଗେଙ୍କୁ ରାଇରଙ୍ଗପୁର ଟାଉନ ଥାନା, ରେଣୁବାଳା ସାହୁଙ୍କୁ ବେତନଟୀ, ତିଲୋତ୍ତମା ରାଉତଙ୍କୁ ଠାକୁରମୁଣ୍ଡା, ଆର୍.କୁଲୁଙ୍କୁ ମହୁଲଡ଼ିହା ଥାନାକୁ ବଦଳି କରାଯାଇଛି। ସେହିପରି ସବ୍‌ଇନ୍ସପେକ୍ଟର ନିରୋଜ ସାମଲଙ୍କୁ ଗୋରୁମହିଷାଣୀ, ପ୍ରଭାଂଶୁ ଶେଖର ମିଶ୍ରଙ୍କୁ ବୈଶିଙ୍ଗା, ପ୍ରଫୁଲ୍ଲ ବାରିକକୁ ତିରିଂ ଓ ଭାସ୍କର ପ୍ରଧାନଙ୍କୁ ଶରତ ଥାନାରେ ଅବସ୍ଥାପିତ କରାଯାଇଛି।

### ବୋଲେରୋ-ଅଟୋ ଧକ୍କା: ୯ ଆହତ

ଉଦଳା,୧୯।୮(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଉଦଳା-କପ୍ତିପଦା ରାସ୍ତାର ହୋଣ୍ଡା ଶୋ'ରୁମ୍ ନିକଟରେ ବୋଲେରୋ-ଅଟୋ ଧକ୍କାରେ ୯ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। କପ୍ତିପଦା ଥାନା ଶାଳଚୁଆ ବିଦ୍ୟାଧର ନଗରର ୯ଜଣ ଶ୍ରମିକ ଏକ ଅଟୋରେ ଉଦଳା ଥାନା ରାଢ଼ୋ ଅଞ୍ଚଳକୁ ଆସୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ବୋଲେରୋ ସହ ଅଟୋଟି ମୁହାଁମୁହିଁ ହୋଇଥିଲା। ଦୁର୍ଘଟଣା ପରେ ଉଭୟ ଗାଡ଼ି ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିଲା। ଖବରପାଇ ସ୍ଥାନୀୟ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଆହତ ଶ୍ରମିକମାନଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇଥିଲେ। ଉଦଳା ପୋଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି।

### ପଲିଥିନ କାରବାର ରୋକିବାକୁ ଚଢ଼ାଉ

ଚମ୍ପୁଆ,୧୯।୮(ଡି.ଏନ.ଏ): ସରକାରଙ୍କ ପକ୍ଷରୁ ପୂର୍ବରୁ ନିତ୍ୟ ବ୍ୟବହାର୍ଯ୍ୟ ହେଉଥିବା କେତେକ ପଲିଥିନ ଉପରେ ରୋକ୍ ଲଗାଯାଇଥିବା ବେଳେ ଏହାକୁ ଅମାନ୍ୟ କରି ଚମ୍ପୁଆ ସଦର ମହକୁମାରେ ପଲିଥିନ କାରବାର ବୃଦ୍ଧି ପାଇଥିଲା। ଏହି ପଲିଥିନ ବିକ୍ରି ଉପରେ ରୋକ୍ ଲଗାଇବା ପାଇଁ ଚମ୍ପୁଆ ଏନ୍‌ଏସି ଓ ଚମ୍ପୁଆ ପୋଲିସ ପକ୍ଷରୁ ବିଭିନ୍ନ ଦୋକାନ ଓ ବଜାର ଉପରେ ଗୁରୁବାର ଚଢ଼ାଉ କରାଯାଇଛି। ଏନ୍‌ଏସି ନିର୍ବାହୀ ଅଧିକାରୀ ଗୌରହରି ମହାନ୍ତଙ୍କ ନେତୃତ୍ୱରେ ସାନିଟାଇଜିଂ ଇନ୍‌ଚାର୍ଜ ବିଜୟ କୁମାର ମିଶ୍ର, ସତ୍ୟ ନାଏକ, ସତିଶ ନାଏକ ସହିତ ଚମ୍ପୁଆ ପୋଲିସର ଏକ ଟିମ୍ ଅପରାହ୍ନରେ ବିଭିନ୍ନ ଦୋକାନ ଉପରେ ଚଢ଼ାଉ କରି ୫ ବସ୍ତାରୁ ଉର୍ଦ୍ଧ୍ୱ ପଲିଥିନ ଜବତ କରିବା ସହିତ ୧୭ ଶହରୁ ଉର୍ଦ୍ଧ୍ୱ ଟଙ୍କାର ଫାଇନ ଆଦାୟ କରାଯାଇଛି।

### ଭାଲୁ ଆକ୍ରମଣରେ ଜଣେ ଗୁରୁତର

ପାଟଣା,୧୯।୮(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ରେଞ୍ଜ ତଣ୍ଡ ବିଟ ଅନ୍ତର୍ଗତ ଘାଟବାଲିଯୋଡି ଗ୍ରାମରେ ଗୁରୁବାର ଭାଲୁ ଆକ୍ରମଣରେ ଶିବ ଚରଣ ମହାନ୍ତ ନାମକ ଜଣେ ବ୍ୟକ୍ତି ଗୁରୁତର ହୋଇ ଡୁମୁରିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଶିବ ଚରଣ ବିଲକୁ ଯାଇଥିବା ସମୟରେ ବିଲ ପାଖ ଅଟେଇ ସଂରକ୍ଷିତ ଜଙ୍ଗଲରୁ ଏକ ଭାଲୁ ଆସି ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ବିଲରେ କାମ କାରୁଥିବା ଲୋକେ ପାଟି କରି ଭାଲୁକୁ ଘଉଡ଼ାଇ ଥିଲେ। ଭାଲୁ ଆକ୍ରମଣ ରେ ଶିବଙ୍କ ଡାହାଣ ହାତ ଓ ମୁହଁରେ ଗଭୀରକ୍ଷତ ହୋଇଛି।

### ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ

ଭଣ୍ଡାରିପୋଖରୀ,୧୯।୮(ଡି.ଏନ.ଏ.)-ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ଖାରିଜି ପିରିପୁର ଗ୍ରାମରେ ଗୀତାଞ୍ଜଳି ସାହୁ ନାମ୍ନୀ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ଗୁରୁବାର ପୋଲିସ ଜବତ କରିଛି। ସୂଚନା ଅନୁଯାୟୀ, ବୁଧବାର ରାତିରେ ଗୀତାଞ୍ଜଳି ଘରେ ଶୋଇଥିବା ବେଳେ ଗୁରୁବାର ସକାଳୁ କବାଟ ଖୋଲି ନ ଥିଲେ। ପରିବାର ଲୋକେ ଡାକିବା ପରେ ମଧ ନ ଖୋଲିବାରୁ ସେମାନେ କବାଟ ଭାଙ୍ଗି ତାଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ପାଇଥିଲେ। ତାଙ୍କ ବାପାଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୪/୨୧) ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ୩ ମଦ ବେପାରୀ ଗିରଫ

ଭଦ୍ରକ ଅଫିସ, ୧୯।୮-ଭଦ୍ରକ ଜିଲା ଅବକାରୀ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ତିହିଡ଼ି ଥାନା ଅଧୀନ ସଦାନନ୍ଦପୁର, କୁବେରା, ଦେଉଳା, ଦୋଳସାହି, ନୂଆନନ୍ଦ ଓ ହାଟୁଆରୀ ଗ୍ରାମରେ ଚଢ଼ାଉ କରି ୧୦୦ ଲିଟର ଦେଶୀ ରନ୍ଧାମଦ ଜବତ କରିଛି। ଏଥିରେ ସମ୍ପୃକ୍ତ ୩ ବେପାରୀ ସଦାନନ୍ଦପୁରର ଟିକ ଜେନା, ଦୋଳସାହିର ଅଜୟ କୁମାର ନାୟକ ଓ ହାଟୁଆରୀର ମାଧବାନନ୍ଦ ମଲିକଙ୍କୁ ଗିରଫ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ନଦୀରେ ଲୀନ ହୋଇଯିବ ଦୁଇ ପଞ୍ଚାୟତ

ମାନସ ବିଶ୍ୱାଳ
ବାଲେଶ୍ୱର ଅଫିସ, ୧୯।୮

## କାଳ ସାଜିଛି ବେଆଇନ ବାଲି ଉତ୍ତୋଳନ

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅଧୀନ ଦହପଡ଼ା ଓ ନିଜାମପୁର ପଞ୍ଚାୟତର ବିଭିନ୍ନ ଗ୍ରାମ କିଛିବର୍ଷ ମଧ୍ୟରେ ବୁଢ଼ାବଳଙ୍ଗ ନଦୀରେ ଲୀନ ହୋଇଯିବ। ନଦୀରୁ ବେଆଇନ ବାଲି ଉତ୍ତୋଳନ ଯୋଗୁ ଏଭଳି ଆଶଙ୍କା ଦେଖାଦେଇଥିବା ଜିଲା ପ୍ରଶାସନ ନିକଟରେ ସ୍ଥାନୀୟ ଲୋକେ ବାରମ୍ବାର ଲିଖିତ ଭାବେ ଜଣାଇବା ପରେ ମଧ କୌଣସି ସୁଫଳ ମିଳୁନି। ଫଳରେ ପ୍ରଶାସନ କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛି।

ସରକାରଙ୍କ ପକ୍ଷରୁ ବୁଢ଼ାବଳଙ୍ଗ ନଦୀର ଗମ୍ଭାରିଆ ମୌଜା ପ୍ଲଟ ନମ୍ବର ୫୭୪ ବାଲି ସୌରାତ୍‌ର ୨ଏକର ୩୭ ଡିସିମିଲ, ରୁଦ୍ରଗୋପାଳପୁର ସାମିଲ ନହରପାଟଣା ମୌଜା ପ୍ଲଟନମ୍ବର ୧ ବାଲି ସୌରାତ୍‌ର ୧୦ଏକର ୩୭ଡିସିମିଲ ଓ ପ୍ଲଟ ନମ୍ବର ୫୧୦ ବାଲି ସୌରାତ୍‌ର ୪୮ଏକର ୬୨ଡିସିମିଲ କିସମ ନଦୀରୁ ବାଲିଉଠାଣ ପାଇଁ ଗତ ୨୦୧୭ ଜୁନ୍ ୨ ତାରିଖରୁ ଆସନ୍ତା ୨୦୨୨ ଜୁଲାଇ ୧ତାରିଖ ପର୍ଯ୍ୟନ୍ତ ୫ବର୍ଷ ପାଇଁ ଅନୁମତି ପ୍ରଦାନ କରାଯାଇଛି। ଏଥିରେ ବର୍ଷକୁ ୬୫୩୮ ସେମି ବାଲିଉଠାଣ ପାଇଁ ଅନୁମତି ଦିଆଯାଇଛି। ବାଲି ଉଠାଣରେ କୌଣସି ପ୍ରକାର ଯନ୍ତ୍ରାଂଶ ବ୍ୟବହାର ପାଇଁ ନିଷେଧ କରାଯାଇଛି। ନଦୀପଠାରୁ ୪୦ମିଟର ଛାଡ଼ି ଏବଂ ୩ମିଟର ଗଭୀର ପର୍ଯ୍ୟନ୍ତ ବାଲି ଉଠାଇବା ପାଇଁ ଅନୁମତି ଦିଆଯାଇଥିବା ବେଳେ ଟେଣ୍ଡର ନେଇଥିବା ସତ୍ତ୍ୱାଧିକାରୀମାନେ ଉକ୍ତ ନିୟମକୁ ଖୋଲାଖୋଲି ଉଲ୍ଲଂଘନ ନଦୀ ଗର୍ଭରୁ ଦିନରାତି ବୋଟ୍ ଉପରେ ସ୍ୱମ୍ପପମ୍ପ ପକାଇ ଏବଂ ପଠାରେ ଜେସିବି ମେଶିନ୍ ଲଗାଇ ବାଲି ଉତ୍ତୋଳନ କରୁଛନ୍ତି। ନଦୀଗର୍ଭରୁ ୫୦ମିଟରରୁ ଉର୍ଦ୍ଧ୍ୱ ଗଭୀରରୁ ବାଲି ସଂଗ୍ରହ କରି ବିକ୍ରି କରୁଛନ୍ତି। ଫଳରେ ବର୍ଷାଦିନେ ନଦୀରେ ଅଧିକ ପାଣି ପ୍ରବାହିତ ହେବା ସହ ପ୍ରଖର ସ୍ରୋତରେ ନଦୀର ଉଭୟ କୂଳ ଖାଉଛି। କିଛି ବର୍ଷ ହେଲା ଉକ୍ତ ଅଞ୍ଚଳର କାସିମପୁର, କଣ୍ଢାବଣିଆ, ଦହପଡ଼ା, ନହରପାଟଣା, ଗମ୍ଭାରିଆ, ରୁଦ୍ରଗୋପାଳପୁର ଅଞ୍ଚଳର ବହୁ ଅଂଶ ନଦୀରେ ମିଶିଗଲାଣି। ନଦୀପାର୍ଶ୍ୱ ଗାଁଗୁଡ଼ିକର ଲୋକମାନଙ୍କ ବାଡ଼ିରେ ନଦୀ ପ୍ରବାହିତ ହେଉଛି। ଉକ୍ତ ଦୁଇ ପଞ୍ଚାୟତର ବହୁ ଅଞ୍ଚଳ ନଦୀରେ ଲୀନ ହେବାକୁ ନେଇ ଆଶଙ୍କା ସୃଷ୍ଟି ହେଉଥିବା ବେଳେ ସ୍ଥାନୀୟ ଲୋକେ ଏନେଇ ପ୍ରଶାସନ ନିକଟରେ ବାରମ୍ବାର ଦ୍ୱାରସ୍ଥ ହେଉଛନ୍ତି। କିନ୍ତୁ ପ୍ରଶାସନ ଏଥିପ୍ରତି ଭ୍ରୂକ୍ଷେପ ନ କରି ବାଲି ମାଫିଆଙ୍କ ଇଶାରାରେ କାର୍ଯ୍ୟ କରୁଥିବା ଉକ୍ତ ଅଞ୍ଚଳର ସେକ ଅବଦୁଲ ରେହମନ୍, ସେକ୍ ହେତାଜ, ହରିକୃଷ୍ଣ ନାୟକ, ଗୁରୁବାରୀ ସିଂ, ରବି ଦାସ, ରମେଶ ମାଝୀ, ବାପି ଟୁଡୁ ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ନେଇ ରେମୁଣା ସହକାରୀ ତହସିଲଦାର ମନୋଜ ସେନାପତିଙ୍କୁ ପଚାରିବାରୁ ସେ କହିଛନ୍ତି, ଅଭିଯୋଗ ପାଇବା ପରେ ଉକ୍ତ ବାଲି ସୌରାତ୍‌ଗୁଡ଼ିକ ଉପରେ ଚଢ଼ାଉ କରାଯାଇ ବୋଟ୍ ଓ ପାଇପ୍‌କୁ ଜବତ କରାଯାଇଛି। ସୌରାତ୍‌ର ସତ୍ତ୍ୱାଧିକାରୀଙ୍କ ଉପରେ ମକଦ୍ଦମା ରୁଜୁ କରାଯିବାର ପ୍ରକାଶ କରିଛନ୍ତି।


ବୋଟ୍‌ରେ ସ୍ୱମ୍ପପମ୍ପ ପକାଇ ନଦୀ ଗର୍ଭରୁ ବାଲି ଉତ୍ତୋଳନ କରାଯାଉଛି।

# 'ଆନନ୍ଦପୁର କଂଗ୍ରେସରେ ସୃଷ୍ଟି ହେଲା ଶୂନ୍ୟସ୍ଥାନ'

ଆନନ୍ଦପୁର,୧୯।୮(ସ୍ୱ.ପ୍ର.)

ପୂର୍ବତନ ଯୁବ କଂଗ୍ରେସ ସଭାପତି ସଂଗ୍ରାମ ଜେନାଙ୍କ ବିୟୋଗରେ ଶୋକର ଛାୟା ଖେଳିଯାଇଛି। ଦଳ ଜଣେ ଦକ୍ଷ ଯୁବନେତାଙ୍କୁ ହରାଇଲା। ତାଙ୍କ ବିୟୋଗ ଯୋଗୁ ଆନନ୍ଦପୁର ନିର୍ବାଚନମଣ୍ଡଳୀରେ ଶୂନ୍ୟସ୍ଥାନ ସୃଷ୍ଟି ହେଲା ବୋଲି ଦଳୀୟ ନେତାମାନେ ମତ ପ୍ରକାଶ କରିଛନ୍ତି। ଅସୁସ୍ଥତା କାରଣରୁ ଦୀର୍ଘ ଦିନ ହେଲା ଚିକିତ୍ସିତ ହେଉଥିବା ବେଳେ ସଂଗ୍ରାମଙ୍କ ପରଲୋକ ଘଟିଛି। ସେ ପୂର୍ବତନ ପିସିସି ସଭାପତି ତଥା ଆନନ୍ଦପୁରର ପୂର୍ବତନ କଂଗ୍ରେସ ବିଧାୟକ ଜୟଦେବ ଜେନାଙ୍କ ବଡ଼ପୁଅ ଥିଲେ। ସଂଗ୍ରାମ ଏବେ ରାଜ୍ୟ କଂଗ୍ରେସର ଉପସଭାପତି ଭାବେ କାର୍ଯ୍ୟ କରୁଥିଲେ। ପୂର୍ବରୁ ଯୁବ କଂଗ୍ରେସ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରି ନିଜ ନେତୃତ୍ୱରେ ପରାକାଷ୍ଠା ପ୍ରଦର୍ଶନ କରିବାରେ ବେଶ ସଫଳ ହୋଇଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ସଂଗ୍ରାମ ଭଦ୍ରକ ଏମ୍‌ପି ଭାବେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଗୁରୁବାର ତାଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ଜିଲା ତଥା ଆନନ୍ଦପୁର ଉପଖଣ୍ଡର କଂଗ୍ରେସ କର୍ମୀ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି। ଏପରିକି ଶାସକ ଦଳର ନେତୃସ୍ଥାନୀୟ ବ୍ୟକ୍ତିବିଶେଷ ମଧ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ଜଣେ ଦକ୍ଷ ଯୁବ କଂଗ୍ରେସ ନେତା ଭାବେ ବେଶ୍ ଜଣାଶୁଣା ଥିଲେ। ତାଙ୍କୁ ଆନନ୍ଦପୁର ନିର୍ବାଚନମଣ୍ଡଳୀରେ କଂଗ୍ରେସର ଭବିଷ୍ୟତ ବୋଲି ବିବେଚନା କରାଯାଉଥିବାବେଳେ ତାଙ୍କ ବିୟୋଗ କଂଗ୍ରେସ କର୍ମୀଙ୍କ ପାଇଁ ଅନେକ କ୍ଷତି ପହଞ୍ଚାଇଥିବା ଜିଲା କଂଗ୍ରେସ ଉପସଭାପତି ନିକୁଞ୍ଜ ବିହାରୀ ମିଶ୍ର, ସାଧାରଣ ସମ୍ପାଦକ ହାଡ଼ିବନ୍ଧୁ ଖୁଣ୍ଟିଆ, ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ ପ୍ରମୁଖ ମତ ପ୍ରକାଶ କରିଛନ୍ତି।

# ବିଡିଓଙ୍କ ହସ୍ତକ୍ଷେପ ପରେ ଚାଉଳ ନେଲେ ଖାଉଟି

ପଦ୍ମପୁର, ୧୯।୮ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଆନ୍ଦୋଳା ପଞ୍ଚାୟତ ଖାଣ୍ଟଖୁଆଡ଼ର ଖାଉଟିମାନେ ନିଜ ଗ୍ରାମରେ ଚାଉଳ ବଣ୍ଟନ କରାଯିବାକୁ ଦାବି କରି ବ୍ଲକ କାର୍ଯ୍ୟାଳୟଠାରେ ୩ ଦିନ ତଳେ ଧାରଣାରେ ବସିଥିଲେ। ଏହି ଖାଉଟିମାନେ ଚାଉଳ ନେଇ ନ ଥିଲେ। ବିଡିଓଙ୍କ ହସ୍ତକ୍ଷେପ ପରେ ସେମାନେ ଚାଉଳ ନେଇଛନ୍ତି। ପ୍ରକାଶ ଯେ, ଆନ୍ଦୋଳା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଡିଲର ଖାଉଟିମାନଙ୍କୁ ଚାଉଳ ବଣ୍ଟନ କରୁଥିଲେ। ଖାଣ୍ଟଖୁଆଡ଼ ଗ୍ରାମର ଏହି ଖାଉଟିମାନେ ନିଜ ଗ୍ରାମରେ ବଣ୍ଟାଯିବା ପାଇଁ ଡିଲରଙ୍କ ନିକଟରେ ଦାବି କରିବା ସହ ଚାଉଳ ନେଇ ନ ଥିଲେ। ପରେ ସେମାନେ ଧାରଣାରେ ବସିଥିଲେ। ଏନେଇ ବିଡିଓ ପ୍ରଣବ କୁମାର ବେହେରା ଓ ଯୋଗାଣ ଅଧିକାରୀ ଅଜୟ କୁମାର ଦାସ ଉକ୍ତ ପଞ୍ଚାୟତକୁ ଆସି ଡିଲର, ସରପଞ୍ଚ ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ସମସ୍ତଙ୍କ ସହମତିରେ ଖାଉଟିମାନେ ଡିଲରଙ୍କଠାରୁ ଚାଉଳ ନେବା ପାଇଁ ରାଜି ହୋଇଥିଲେ। ବୁଧବାର ଅପରାହ୍ନରେ ଡିଲର, ସରପଞ୍ଚ ମାମିନା ଖିଲାର, ସାମାଜିକ କର୍ମୀ ଜଗବନ୍ଧୁ ଖିଲାରଙ୍କ ଉପସ୍ଥିତିରେ ବଣ୍ଟନ କରାଯାଇଥିଲା।

# କୃଷି ବୀମାରେ ଦୁର୍ନୀତି ଅଭିଯୋଗ


ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଚାଷୀ।

ବାଲେଶ୍ୱର ଅଫିସ, ୧୯।୮

## ବାଦ୍ ପଡିଛନ୍ତି ପ୍ରକୃତ ଚାଷୀ

ବାଲେଶ୍ୱର ସଦର ବ୍ଲକ ଅଧୀନ ଛାନୁଆ ସେବା ସମବାୟ ସମିତିରେ କୃଷି ବୀମାରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଫଳରେ ପ୍ରକୃତ ଚାଷୀମାନେ ବୀମାସେବାରୁ ବଞ୍ଚିତ ହୋଇଥିବା ଗୁରୁବାର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କଠାରେ ଲିଖିତ ଅଭିଯୋଗ ହୋଇଛି।

ଛାନୁଆ, ବାହାବଳପୁର ଓ ଦୁବୁଲାଗଡ଼ି ୩ଟି ପଞ୍ଚାୟତକୁ ନେଇ ଛାନୁଆ ସେବା ସମବାୟ ସମିତି ଗଠିତ ହୋଇଛି। ୨୦୨୦ରେ ଉକ୍ତ ୩ଟି ପଞ୍ଚାୟତର ଚାଷୀମାନେ ସମିତିରୁ ଋଣ ନେବା ସହ କୃଷି ଋଣ ବୀମା ରାଶି ପୈଠ କରିଥିଲେ। ବିଗତବର୍ଷ ଖରିଫ୍ ଚାଷ ନଷ୍ଟ ହେବାକୁ ନେଇ ସରକାରଙ୍କ ସୁପାରିଶକ୍ରମେ ଛାନୁଆ ପଞ୍ଚାୟତକୁ ୩୯.୪୬% ଓ ବାହାବଳପୁର ପଞ୍ଚାୟତକୁ ୭୬% ଋଣ ଛାଡ଼ କରାଯିବା ଲାଗି ନିର୍ଦ୍ଦେଶ ଦିଆଯାଇଥିଲା। ଉକ୍ତ ସମବାୟ ସମିତିର କର୍ମଚାରୀମାନେ ଅସାଧୁ ଉପାୟରେ ଛାଡ଼ ପାଇବା ପାଇଁ ପ୍ରକୃତ ଚାଷୀଙ୍କୁ ବାଦ୍ ଦେଇ ସ୍ୱାର୍ଥପର ମନୋଭାବ ପୋଷଣ କରି ଆତ୍ମୀୟସ୍ୱଜନମାନଙ୍କୁ ଋଣ ଛାଡ଼ କରାଯାଇଥିବା ଅଭିଯୋଗ ହୋଇଛି। ସେହିପରି ଛାନୁଆ ପଞ୍ଚାୟତର ଚାଷୀମାନଙ୍କୁ ବାହାବଳପର ପଞ୍ଚାୟତର ଚାଷୀ ଦେଖାଇ ୭୬% ଋଣ ଛାଡ଼ କରାଯାଇଛି। ଫଳରେ ବାହାବଳପୁର ପଞ୍ଚାୟତର ଚାଷୀମାନେ ଇନସ୍ୟୁରାନ୍ସ ପୈଠ କରିଥିଲେ ମଧ ଏଥିରୁ ବଞ୍ଚିତ ହୋଇଛନ୍ତି। ଏହି ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଚାଷୀ ଭାଗ୍ୟଧର ଦାସ, କରୁଣାକର ସାହୁ, ପଦ୍ମଲୋଚନ ପୃଷ୍ଟି, ପଦୀପ କୁମାର ପୃଷ୍ଟି, ବିଶ୍ୱନାଥ ମହାନ୍ତି, ଗଜେନ୍ଦ୍ର ମୁଖି, ପଞ୍ଚାନନ ସିଂ ପ୍ରମୁଖ ଦାବି କରିଛନ୍ତି।

## ଏକାଠି ହେଲେ ଜିଲାର ଯୁବ ଫଟୋଗ୍ରାଫର

କେନ୍ଦୁଝର, ୧୯।୮ (ସ୍ୱ.ପ୍ର.)

କେନ୍ଦୁଝର ସହରରେ ବିଶ୍ୱ ଫଟୋଗ୍ରାଫର ଦିବସ ଅବସରରେ ଗୁରୁବାର ପୁରୁଣା ବଜାର ସିଦ୍ଧ ମଠଠାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲାର ବହୁ ଯୁବ ଫଟୋଗ୍ରାଫର ସାମିଲ ହୋଇ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ପରସ୍ପରକୁ ମିଠା ଖୁଆଇ ଶୁଭେଚ୍ଛା ଜଣାଇବା ସହ ଆଗାମୀ ଦିନରେ ଏକାଠି ହୋଇ ଫଟୋଗ୍ରାଫରଙ୍କୁ ନେଇ ଏକ ସଂଗଠନ ଗଠନ କରିବା ଏବଂ ଫଟୋଗ୍ରାଫରଙ୍କ ମଧ୍ୟରେ ଏକତା ରକ୍ଷା କରି ସେମାନଙ୍କ ବିଭିନ୍ନ ସମସ୍ୟା ସମାଧାନ କରିବା ପାଇଁ ସହମତି ହୋଇଥିଲା। ଏଥିରେ ସୁଦର୍ଶନ ସ୍ୱାଇଁ, କାହ୍ନୁ ଚରଣ ପାତ୍ର, ଭିକୁ ଜେନା, ବାପୁନ ଲହରି, ପପୁ ସାହୁ, ଚିନ୍ମୟୀ ଗିରିଙ୍କ ସମେତ ବହୁ ଫଟୋଗ୍ରାଫର ଉପସ୍ଥିତ ଥିଲେ।

## ପ୍ରାଧ୍ୟାପକଙ୍କୁ ଅବସର ସମ୍ବର୍ଦ୍ଧନା

ରୂପସା, ୧୯।୮(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ଅଧୀନ ରୂପସା ନୀଳମଣି ମହାବିଦ୍ୟାଳୟ ତରଫରୁ ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ତଥା ପୂର୍ବତନ ଅଧକ୍ଷ ରାମଚନ୍ଦ୍ର ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସଭାରେ ଅଧକ୍ଷ ପ୍ରାଧ୍ୟାପକ ବସନ୍ତ କୁମାର ଭୋଇ ଅଧକ୍ଷତା କରିଥିଲେ। ବିଭାଗୀୟ ଅଧ୍ୟାପକ ରମେଶ ଚନ୍ଦ୍ର ବେହେରା ପ୍ରାରମ୍ଭିକ ସୂଚନା ଦେଇଥିଲେ। ଡ. ତପନ କୁମାର ବେହେରା, ଡ. ପ୍ରସନ୍ନ କୁମାର ମନ୍ତ୍ରୀ, ପ୍ରାଧ୍ୟାପିକା କଳ୍ପନାମଞ୍ଜରୀ ପାତ୍ର, ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ଶମ୍ଭୁନାଥ ଗିରି ଓ ପିନାକ୍ଷୀ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଭାଗ ତରଫରୁ ତାଙ୍କୁ ମାନପତ୍ର ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କର୍ମଚାରୀ ଶ୍ରୀଧର ମହାପାତ୍ର, ନରେନ୍ଦ୍ର ମହାପାତ୍ର ଓ ମୃତ୍ୟୁଞ୍ଜୟ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# ପୋଲ ନିର୍ମାଣ ଅଧାପନ୍ତରିଆ



ମହିଁସାମୁଣ୍ଡା ଗ୍ରାମକୁ ସଂଯୋଗ କରୁଥିବା ଅସମ୍ପୂର୍ଣ୍ଣ ପୋଲ।

ଖଇରା,୧୯।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ମହିଁସାମୁଣ୍ଡା ଗ୍ରାମ୍ୟ ରାସ୍ତାରେ ନିର୍ମାଣାଧୀନ ପୋଲକୁ ଅସମ୍ପୂର୍ଣ୍ଣ ଅବସ୍ଥାରେ ଛାଡ଼ି ଦିଆଯାଇଥିବାରୁ ଲୋକେ ଯାତାୟାତ କ୍ଷେତ୍ରରେ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ବିନା ଆପ୍ରୋଚ ରୋଡ଼ରେ ଏଠାରେ ପୋଲ ନିର୍ମାଣ କରାଯାଇଥିବାରୁ ସାମାନ୍ୟ ବର୍ଷା ପରେ ସାଇକେଲ୍ ନେଇଯିବା ମୁସ୍କିଲ ହୋଇ ପଡୁଛି। ତୁରନ୍ତ ପୋଲକୁ ସମ୍ପୂର୍ଣ୍ଣ କରା ନ ଗଲେ ଗ୍ରାମବାସୀ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଉକ୍ତ ପୋଲ ନିର୍ମାଣ ପାଇଁ ଆନୁମାନିକ ୧ଲକ୍ଷ୫୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଆକ୍ସନ ପ୍ଲାନ ମଞ୍ଜୁର ହେବା ପୂର୍ବରୁ ଏହାକୁ ତରବରିଆ ଭାବେ ନିର୍ମାଣ କରାଯାଇଥିଲା। ହେଲେ ଆପ୍ରୋଚ ରୋଡ୍ ନ କରି କାର୍ଯ୍ୟକରୁଥିବା ବ୍ୟକ୍ତି ଅଧାପନ୍ତରିଆ ଭାବେ ଛାଡ଼ି ଚାଲିଯାଇଥିବାରୁ ଗ୍ରାମବାସୀ ଘରୁ ବାହାରିବା କଷ୍ଟକର ହୋଇ ପଡୁଛି। ବିଶେଷ କରି ଏବେ ଚାଷ କାମ ଚାଲିଥିବା ବେଳେ ଚାଷୀମାନେ ସାଇକେଲରେ ସାର ବିହନ ନେଇଯିବା ସମ୍ଭବ ହେଉନାହିଁ। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ଗଗନ ଜେନାଙ୍କୁ ପଚାରିବାରୁ ପୂର୍ବରୁ ଥିବା ଯନ୍ତ୍ରୀ ଏହାକୁ ଏଭଳି ଅବସ୍ଥାରେ ଛାଡ଼ି ଦେଇଥିବା ବେଳେ ସେ ୨ରୁ ୩ଦିନ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଉଦ୍ୟମ କରୁଥିବା କହିଛନ୍ତି।

# ଦେଖା କରିବାକୁ ଆସି ଜୋତାମାଡ଼ ଖାଇଲେ

ବାହାନଗା, ୧୯।୮(ଡି.ଏନ.ଏ.)

## ଯୁବକଙ୍କ ଏକତରଫା ପ୍ରେମ
■ଭିଡିଓ ଭାଇରାଲ

ଜଣେ ଅପରିଚିତ ମହିଳାଙ୍କୁ ଫୋନରେ ଏକତରଫା ପ୍ରେମକରି ବାରମ୍ବାର ଫୋନରେ ପ୍ରେମ ନିବେଦନ କରିବା ଯୁବକଙ୍କ ପାଇଁ ମହଙ୍ଗା ପଡିଛି। ଉକ୍ତ ଯୁବକ ଗୁରୁବାର ଦେଖା କରିବାକୁ ଆସିଥିବା ବେଳେ ମହିଳାଜଣକ ଉତ୍ତ୍ୟକ୍ତ ହୋଇ ରାସ୍ତା ଉପରେ ତାଙ୍କୁ ଜୋତାରେ ମାଡ ମାରୁଥିବା ଦେଖିବାକୁ ମିଳିଥିଲା। ସେହିବାଟ ଦେଇ ଯାଉଥିବା ଲୋକେ ଏହାର ଭିଡିଓ କରି ସୋସିଆଲ ମିଡିଆରେ ଭାଇରାଲ କରିବା ପରେ ଘଟଣା ସାମ୍ନାକୁ ଆସିଛି।

ଏହି ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ଖନ୍ତାପଡା ଥାନା ଅଧୀନ ରେମୁଣା ବ୍ଲକ ୧୬ ନମ୍ବର ଜାତୀୟ ରାଜପଥ ଶେରଗଡ ଟୋଲଗେଟ ନିକଟରେ। ଖଇରା ବ୍ଲକ ତୁଡିଗଡିଆ ଅଞ୍ଚଳର ଜଣେ ଯୁବକ ଜଣେ ଅପରିଚିତ ମହିଳାଙ୍କ ନିକଟକୁ ବାରମ୍ବାର ଫୋନ କରି ପ୍ରେମ ନିବେଦନ କରିଥିଲେ। ମହିଳାଜଣଙ୍କ ଖନ୍ତାପଡା ଥାନା ଅଞ୍ଚଳର ବୋଲି ଯୁବକ ଜାଣିବା ପରେ ଗୁରୁବାର ମହିଳାଙ୍କୁ ଦେଖା କରିବା ପାଇଁ ଫୋନରେ ଡାକିଥିଲେ। ମହିଳାଜଣକ ଶେରଗଡସ୍ଥିତ ୧୬ନମ୍ବର ଜାତୀୟ ରାଜପଥରେ ପହଞ୍ଚି ଯୁବକଙ୍କୁ ଦେଖିବା ପରେ ପିନ୍ଧିଥିବା ଚପଲ ଓହ୍ଲାଇ ସେଠାରେ ନିର୍ଦ୍ଧୁମ ପିଟିଥିଲେ। ଏ ସମ୍ପର୍କରେ ମହିଳା କିମ୍ବା ମାଡ ଖାଇଥିବା ଯୁବକ କେହି ଖନ୍ତାପଡା ଥାନାରେ ଅଭିଯୋଗ କରି ନାହାନ୍ତି।

# ସ୍କୁଲ ଗସ୍ତ ନ କରି ଅର୍ଥ ହରିଲୁଟ୍

କେନ୍ଦୁଝର, ୧୯।୮ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକର ଜଣେ ପୂର୍ବତନ ଶିକ୍ଷା ଅଧିକାରୀ ସ୍କୁଲ ଗସ୍ତ ନ କରି ଅର୍ଥ ହରିଲୁଟ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାର ଭିଜିଲାନ୍ସ ତଦନ୍ତ କରିବାକୁ ଆଇନଜୀବୀ ଦୈତାରୀ ଆପଟ୍ଟ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ, ଉକ୍ତ ଅଧିକାରୀ ଜଣକ ଚାକିରିରୁ ଅବସର ଗ୍ରହଣ କରିବା ପୂର୍ବରୁ ସମ୍ପୃକ୍ତ ଅଫିସ ଖର୍ଚ୍ଚ ଅର୍ଥ ବାବଦରେ ସର୍ବଶିକ୍ଷା ଅଭିଯାନରୁ ଆସିଥିବା ୧ ଲକ୍ଷ ଟଙ୍କା ମଧ୍ୟରୁ ୮୮ ହଜାର ଅଫିସ ଷ୍ଟେଶନେରୀ ନ କିଣି ବିଲ୍ କରି ଅର୍ଥ ଉଠାଇ ନେଇଥିବା ଅଭିଯୋଗ ହୋଇଛି। ଅଫିସ ଅର୍ଥ ହରିଲୁଟ ହୋଇଥିବାରୁ ଅଫିସ କାର୍ଯ୍ୟ ଚାଲିବାରେ ବାଧା ସୃଷ୍ଟି ହୋଇଛି। ଏ ନେଇ ବର୍ତ୍ତମାନ ଦାୟିତ୍ୱରେ ଥିବା ଯୋଡ଼ା ବିଇଓ ଅକ୍ଷୟ କୁମାର ବେହେରା ଜାଣିବା ପରେ ଷ୍ଟକ ଦାୟିତ୍ୱରେ ଥିବା କର୍ମଚାରୀ ଏବଂ ବିଲ୍ ଭାଉଚର କରିଥିବା ସମ୍ପୃକ୍ତ ବିଇଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଡିଇଓଙ୍କୁ ଅବଗତ କରିବେ ବୋଲି କହିଛନ୍ତି। ଏତଦ୍‌ବ୍ୟତିତ ବାଂଶପାଳ ବିଇଓ ଅଫିସ ପକ୍ଷରୁ ୨୦୨୧ ମାର୍ଚ୍ଚ ୨୪ରେ ଗସ୍ତ ଖର୍ଚ୍ଚ ବାବଦରେ ୧ ଲକ୍ଷ ୧୦ ହଜାର ୭ଶହ ଟଙ୍କା ଉଠାଯାଇଛି। ସମ୍ପୃକ୍ତ ବିଇଓ ଅବସର ପୂର୍ବରୁ ଏହି ଅର୍ଥ ସରକାରଙ୍କ ପ୍ରୋକ୍ୟୁରମେଣ୍ଟ ଗାଇଡ୍‌ଲାଇନ ନ ମାନି ଉଠାଇଥିବା ଅଭିଯୋଗ ହୋଇଛି। ସ୍କୁଲ ଗସ୍ତ ବାବଦ ମୋବିଲିଟି ଅର୍ଥ ସରକାରଙ୍କ ଗାଇଡ୍‌ଲାଇନ ମୁତାବକ ଖର୍ଚ୍ଚ କରାଯାଇଥାଏ। ମାତ୍ର ଏହାକୁ ଉଲ୍ଲଂଘନ କରି ବିଇଓ ଏବଂ ବିଆରସିସିଙ୍କ ଯୁଗ୍ମ ଦସ୍ତଖତରେ ଥିବା ଆକାଉଣ୍ଟରୁ ଅର୍ଥ ଉଠାଯାଇଛି। ଏ ନେଇ ସମଗ୍ର ଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

# ବେଳାଭୂମିରେ ମଦ ଦୋକାନକୁ ବିରୋଧ

ବାଲେଶ୍ୱର ଅଫିସ,୧୯।୮


ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ୧୪ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

ସମୁଦ୍ର ବେଳାଭୂମିରେ ମଦ ଦୋକାନ ଖୋଲିବା ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ବାଲେଶ୍ୱରରେ ବିଭିନ୍ନ ମହଲରୁ ଦୃଢ଼ ବିରୋଧ କରାଯାଇଛି। ଗୁରୁବାର ୧୪ ସଙ୍ଗଠନ ତରଫରୁ ଏକ ଦାବିପତ୍ର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଦିଆଯାଇଛି।

ଜିଲା ବ୍ରାହ୍ମଣ ସମିତି, ଯୁଗଶ୍ରୀ ଯୁଗନାରୀ, ପ୍ରତିରକ୍ଷା କର୍ମଚାରୀ ସମନ୍ୱୟ ସମିତି, ଏଆଇଟିୟୁସି ଜିଲା କମିଟି, ଜିଲା ବରିଷ୍ଠ ନାଗରିକ ମଞ୍ଚ, ବାଲେଶ୍ୱର ରିକ୍ସା ଚାଳକ ସଂଘ, ଗ୍ରୁପ୍ କର୍ମଚାରୀ ସଂଘ, ବ୍ୟାସକବି ନଗର ବିକାଶ ପରିଷଦ, ଚାନ୍ଦିପୁରସ୍ଥିତ ଆଇଟିଆର୍ କର୍ମଚାରୀ ସଂଘ, ୩୭ ନମ୍ବର ଜିଲା ପରିଷଦ ସଦସ୍ୟ ସୀତାରାମ ପ୍ରଧାନ, ବ୍ରିଟ୍ କଲୋନୀ ବିକାଶ ପରିଷଦ, ଅବସରପ୍ରାପ୍ତ ରେଳ କର୍ମଚାରୀ ଆସୋସିଏଶନ୍, ବାଲିଆସ୍ଥିତ ବୃନ୍ଦାବତୀ ବିହାର ବିକାଶ ପରିଷଦ ଓ ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘର କର୍ମକର୍ତ୍ତାଙ୍କ ସମେତ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା)ର ସଭାପତି ପ୍ରଭାକର ସାହୁ, ସାଧାରଣ ସମ୍ପାଦିକା ମମତା ମହାପାତ୍ର, ଗୀତାଞ୍ଜଳି ସିଂହ ଓ ଗୌରାଙ୍ଗ ପାଣିଗ୍ରାହୀ ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ରଙ୍କୁ ପ୍ରଦାନ କରିଥିଲେ। ସମୁଦ୍ର ବେଳାଭୂମିରେ ମଦ ଦୋକାନ ଖୋଲିବା ବିରୋଧରେ ଭୋଗରାଇ, ବାଲିଆପାଳ ଓ ଚାନ୍ଦିପୁରର ସମୁଦ୍ରକୂଳବାସୀ ସରକାରଙ୍କ ଏହି ଅପରିଣାମ ନିଷ୍ପତ୍ତିର ପ୍ରତିବାଦ କରିଛନ୍ତି। ବେଳାଭୂମିକୁ ଆସୁଥିବା ପର୍ଯ୍ୟଟକ ଓ ସ୍ଥାନୀୟ ଅଧିବାସୀ ସମୁଦ୍ର ବାଲିରେ ମଦ ଦୋକାନ ଖୋଲାଗଲେ ଉଭୟେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବେ ବୋଲି ଅଭିଯୋଗ ହେଉଛି। ତେଣୁ ରାଜ୍ୟ ସରକାର ଓ ଜିଲାପାଳ ଏହି ନିଷ୍ପତ୍ତିକୁ ପ୍ରତ୍ୟାହାର ପାଇଁ ସମସ୍ତ ବର୍ଗର ଜନତା ଦାବି କରିଛନ୍ତି।

## ସଂକ୍ଷେପରେ

### ଜିଡିପି ଅନୁମାନ କମାଇଲା ଇଣ୍ଡିଆ ରେଟିଂ

ନୂଆଦିଲ୍ଲୀ,୧୯।୮: ଆର୍ଥିକ ବର୍ଷ ୨୦୨୧-୨୨ ଲାଗି ଇଣ୍ଡିଆ ରେଟିଂ ପକ୍ଷରୁ ଭାରତର ଜିଡିପି ଅଭିବୃଦ୍ଧି ଅନୁମାନକୁ ହ୍ରାସ କରାଯାଇଛି। ଅଭିବୃଦ୍ଧି ୯.୬% ରହିବ ବୋଲି ଏହି ଏଜେନ୍ସି ପୂର୍ବରୁ କହିଥିଲା। ମାତ୍ର ବର୍ତ୍ତମାନ ଏହାକୁ ୯.୪%କୁ ହ୍ରାସ କରିଛି। କରୋନା ପ୍ରଭାବ ବର୍ତ୍ତମାନ ବଜାରରେ ରହିଛି। କରୋନା ନିୟନ୍ତ୍ରଣକୁ ଆସୁଥିବାରୁ ବଜାରରେ ସୁଧାର ପରିଲକ୍ଷିତ ହେଉଛି। ଧୀରେ ଧୀରେ ବିଭିନ୍ନ କ୍ଷେତ୍ର ସୁଧାର ପଥକୁ ଫେରୁଥିବା ବେଳେ ରପ୍ତାନି ମଧ ଉନ୍ନତ ହେଉଥିବା ଏହି ଏଜେନ୍ସି ପ୍ରକାଶ କରିଛି। ଅର୍ଥ ବ୍ୟବସ୍ଥାର ସୁଧାର ଟିକାକରଣ ଧାରା ଉପରେ ନିର୍ଭର କରିବ। ଇଣ୍ଡିଆ ରେଟିଂସର ପ୍ରିନ୍ସିପାଲ ଇକୋନୋମିଷ୍ଟ ସୁନୀଲ କୁମାର ସିହ୍ନା କହିଛନ୍ତି, ଡିସେମ୍ବର ସୁଦ୍ଧା ଦେଶର ସବୁ ଲୋକଙ୍କୁ ଟିକାକରଣ କରିବା କଷ୍ଟକର। ଟିକାକରଣ ଉନ୍ନତ ହୋଇଥିଲେ ଜିଡିପି ୯.୬% ସ୍ତରରେ ରହିଥାନ୍ତା। ବର୍ଷ ଶେଷ ସୁଦ୍ଧା ସବୁ ଲୋକଙ୍କୁ ଟିକା ପ୍ରଦାନ କରିବାକୁ ହେଲେ ଦୈନିକ ୫୨ ଲକ୍ଷ ଡୋଜ ଦେବାକୁ ପଡିବ ବୋଲି ଏଜେନ୍ସି ପକ୍ଷରୁ କୁହାଯାଇଛି।

### ଶାଲୁ ଓ.ପି. ଜିନ୍ଦଲ ବିଶ୍ୱବିଦ୍ୟାଳୟର ନୂତନ କୁଳାଧିପତି



ଭୁବନେଶ୍ୱର,୧୯।୮: ଜେଏସ୍‌ପିଏଲ୍ ଫାଉଣ୍ଡେଶନର ଅଧକ୍ଷା ତଥା ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ନିର୍ଦ୍ଦେଶିକ ଶାଲୁ ଜିନ୍ଦଲଙ୍କୁ ଛତିଶଗଡ଼ର ଓ.ପି. ଜିନ୍ଦଲ ବିଶ୍ୱବିଦ୍ୟାଳୟର ନୂତନ କୁଳାଧିପତି ଭାବେ ନିଯୁକ୍ତ କରାଯାଇଛି। ଛତିଶଗଡ଼ର ରାଜ୍ୟପାଳ ସୁଶ୍ରୀ ଅନସୂୟା ଉଇକେ ୧୮ ଅଗଷ୍ଟ ୨୦୨୧ରେ ଶାଲୁଙ୍କୁ ଏହି ପଦରେ ନିଯୁକ୍ତ କରିଥିଲେ। ଶାଲୁ ଜଣେ ଉଚ୍ଚକୋଟୀର କୁଚିପୁଡି ନୃତ୍ୟାଙ୍ଗନା ଏବଂ ବିଶିଷ୍ଟ ସାମାଜିକ କର୍ମୀ ଭାବେ ଖ୍ୟାତି ଅର୍ଜନ କରିଛନ୍ତି। ଭାରତୀୟ କଳା ଏବଂ ସଂସ୍କୃତି ସହ ଶିକ୍ଷା ତଥା ନିରନ୍ତର ସମ୍ପ୍ରଦାୟର ବିକାଶ କ୍ଷେତ୍ରରେ ତାଙ୍କର ଅବଦାନ ପାଇଁ ସେ ବିଭିନ୍ନ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ସେ ନ୍ୟାଶନାଲ ବାଲ୍ ଭବନର ଅଧକ୍ଷା ଓ ୟଙ୍ଗ୍ ଫିକି ଲେଡିଜ୍ ଅର୍ଗାନାଇଜେଶନର ପ୍ରତିଷ୍ଠାତା ସଭାପତି ଭାବେ ମଧ କାର୍ଯ୍ୟ କରିଛନ୍ତି। ଜେଏସ୍‌ପିଏଲ୍ ଫାଉଣ୍ଡେଶନର ଚେୟାରମ୍ୟାନ୍ ଭାବେ ଶାଲୁ ତାଙ୍କ ସୃଜନଶୀଳ ପଦକ୍ଷେପ ମାଧମରେ ଛତିଶଗଡ଼, ଓଡିଶା, ଝାଡ଼ଖଣ୍ଡ, ଦିଲ୍ଲୀ ଏବଂ ଦେଶର ଅନ୍ୟ ପ୍ରାନ୍ତର ପ୍ରାୟ ୫ ଲକ୍ଷ ପରିବାରଙ୍କ ଜୀବନରେ ସକାରାତ୍ମକ ପ୍ରଭାବ ପକାଇ ପାରିଛନ୍ତି। ସେ ତିରଙ୍ଗା ଏବଂ ଫ୍ରିଡମ୍ ପରି ପୁସ୍ତକ ସଂକଳନ ମଧ କରିଛନ୍ତି।

### ବିଶ୍ୱର ୧୦୦ ଧନୀଙ୍କ ମଧ୍ୟରେ ଦମାନୀ

ନୂଆଦିଲ୍ଲୀ,୧୯।୮: ଜଣେ ନିବେଶକଠାରୁ ବିଜ୍‌ନେସମ୍ୟାନ ଭାବେ ରାଧାକିଶନ ଦମାନୀଙ୍କ ଯାତ୍ରା ବେଶ୍ ରୋଚକ। ସେ ଡିମାର୍ଟ ନାମକ କମ୍ପାନୀର ମାଲିକ ହୋଇଥିବା ବେଳେ ବର୍ତ୍ତମାନ ବିଶ୍ୱର ୧୦୦ ଶୀର୍ଷ ଧନୀ ବ୍ୟକ୍ତିଙ୍କ ମଧ୍ୟରେ ସାମିଲ ହୋଇଛନ୍ତି। ଶେୟାର ବଜାର ନିବେଶକଭାବେ ସେ କ୍ୟାରିୟର ଆରମ୍ଭ କରିଥିଲେ। ବ୍ଲୁମ୍‌ବର୍ଗ ପକ୍ଷରୁ ପ୍ରକାଶିତ ବିଶ୍ୱର ୧୦୦ ଧନୀ ବ୍ୟକ୍ତିଙ୍କ ମଧ୍ୟରେ ସେ ୯୮ତମ ସ୍ଥାନରେ ରହିଛନ୍ତି। ତାଙ୍କ ନିକଟରେ ମୋଟ ୧.୪୨ ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ରହିଛି। ସେ ୫ ହଜାର ଟଙ୍କାରୁ ନିବେଶ ଆରମ୍ଭ କରିଥିଲେ। ବ୍ୟବସାୟରେ ସଫଳ ହେବା ପରେ ଶେୟାର ବଜାରରେ ନିବେଶ କରିବା ସେ ଛାଡି ଦେଇଥିଲେ।

### ୟୁଏଇକୁ ଇଣ୍ଡିଗୋର ବିମାନ ସେବା

ନୂଆଦିଲ୍ଲୀ,୧୯।୮: ୟୁନାଇଟେଡ୍ ଆରବ ଏମିରେଟ୍ସ(ୟୁଏଇ)କୁ ଇଣ୍ଡିଗୋ ପକ୍ଷରୁ ଚଳିତ ମାସ ୨୦ରୁ ବିମାନ ସେବା ଉପଲବ୍ଧ ହେବ। ଶୁକ୍ରବାର ୧.୩୦ ରେ ଏହି ବିମାନ ସେବା ମିଳିବ। କୋଭିଡ୍ ନିୟମ ଅବମାନନା ଅଭିଯୋଗ ଆସିବାରୁ ଏହି କମ୍ପାନୀର ବିମାନ ସେବା ଉପରେ ୟୁଏଇ କଟକଣା ଲଗାଇଥିଲା। ଏହି ରୁଟ୍‌ରେ ବିମାନ ଯାତ୍ରା ଲାଗି ଯାତ୍ରୀଙ୍କୁ ଆର୍‌ଟି-ପିସିଆର୍ ଟେଷ୍ଟ କରାଇବାକୁ ପଡୁଛି। ବିମାନ ବନ୍ଦରରେ ଏହି ଟେଷ୍ଟ ହେଉଥିବାରୁ ଆଗୁଆ ପହଞ୍ଚିବାକୁ କମ୍ପାନୀ ଯାତ୍ରୀଙ୍କୁ କହିଥିବା ଜଣାପଡିଛି।

# ଓଡ଼ିଶାରେ ଗ୍ରାହକଙ୍କ କ୍ରୟଶକ୍ତି ବେଶ୍ ଉନ୍ନତ

**ବ୍ରାଣ୍ଡେଡ୍ ଜୋତାର ସୁପର ଷ୍ଟକିଷ୍ଟ ଭାବେ ଭୁବନେଶ୍ୱରର ରାମ୍‌ଜୀ ଏଣ୍ଟରପ୍ରାଇଜେସ ଡିଲର ଏବଂ ଡିଷ୍ଟ୍ରିବ୍ୟୁଟର୍ସଙ୍କ କ୍ଷେତ୍ରରେ ବେଶ୍ ଜଣାଶୁଣା। ଶୁ'ର ବିଭିନ୍ନ ବ୍ରାଣ୍ଡ ଯୋଗାଣ ଦିଗରେ ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି ଏହାର ସ୍ୱତ୍ୱାଧିକାରୀ ସଞ୍ଜୟ ଲୋହିଆ। ବର୍ତ୍ତମାନ ୨୦୦ ଡିଲର ଏବଂ ଡିଷ୍ଟ୍ରିବ୍ୟୁଟର୍ସଙ୍କ ସହ ରାମ୍‌ଜୀ ଏଣ୍ଟରପ୍ରାଇଜେସ ଯୋଡ଼ିହୋଇଛି। ଏହି ଧାରା ବୃଦ୍ଧି ଦିଗରେ ଲକ୍ଷ୍ୟ ରଖାଯାଇଛି ବୋଲି ସେ କୁହନ୍ତି। ବର୍ତ୍ତମାନର ବଜାର ସ୍ଥିତି ଏବଂ ସଂସ୍କାର କାର୍ଯ୍ୟଧାରା ନେଇ ଲୋହିଆଙ୍କ ସହ 'ଧରିତ୍ରୀ'ର ସ୍ୱତନ୍ତ୍ର ସାକ୍ଷାତ୍କାର...**



ସଞ୍ଜୟ ଲୋହିଆ

**ପ୍ରଶ୍ନ– ଶୁ'ର ସୁପର ଷ୍ଟକିଷ୍ଟ ଭାବେ ରାମ୍‌ଜୀ ଏଣ୍ଟରପ୍ରାଇଜେସ ଡିଲର, ଡିଷ୍ଟ୍ରିବ୍ୟୁଟର୍ସ ଏବଂ ଅନ୍ୟ ଅଂଶୀଦାରଙ୍କ ମଧ୍ୟରେ ଏତେ ଆଦୃତ କିଭଳି ହୋଇପାରିଛି?**

ଉତ୍ତର– ଆମେ ସମ୍ପୂର୍ଣ୍ଣ ଭାବେ ବ୍ରାଣ୍ଡେଡ୍ ପ୍ରଡକ୍ଟ ଉପରେ ଗୁରୁତ୍ୱ ଦେଇ ଆସିଛୁ। ରାଜ୍ୟରେ ଅନ୍ୟ କୌଣସି ଷ୍ଟକିଷ୍ଟ ଏତେ ସଂଖ୍ୟକ ବ୍ରାଣ୍ଡର ଯୋଗାଣ କରୁନାହାନ୍ତି। ଗୋଟିଏ ଛାତ ତଳେ ଅଂଶୀଦାରଙ୍କ ଲାଗି ବହୁ ବ୍ରାଣ୍ଡ ବିକଳ୍ପ ରହୁଥିବାରୁ ଡିଲରମାନେ ଆମ ସହ ଯୋଡ଼ିହେବାକୁ ପସନ୍ଦ କରୁଛନ୍ତି। ଆମର ଗୁଣବତ୍ତା ସେବା ଯୋଗୁ ଏହା ସମ୍ଭବ ହୋଇପାରିଛି।

**ପ୍ରଶ୍ନ– ଆପଣଙ୍କ ସହ କେଉଁ ଶୁ ବ୍ରାଣ୍ଡ ବର୍ତ୍ତମାନ ଯୋଡ଼ି ହୋଇଛନ୍ତି?**

ଉତ୍ତର– ବର୍ତ୍ତମାନ ଆମ ସହ ପ୍ରମୁଖ ବ୍ରାଣ୍ଡଗୁଡିକ ଯୋଡ଼ି ହୋଇଛନ୍ତି। ଏହା ମଧ୍ୟରେ ଲିବର୍ଟି, ଲିଙ୍କୁପର, ରେଡ୍‌ଟିଫ୍, ଉଡ୍‌ଲ୍ୟାଣ୍ଡ, ଆବ୍‌ରସ୍, ଏରୋଲ୍ଲ, ହିଟ୍ସ, ଦା ନାଚୁରୋ ସହ ଅନ୍ୟ କିଛି ବ୍ରାଣ୍ଡ ଏବଂ ଆସୋସୋରିଜ ବ୍ରାଣ୍ଡ ମଧ ସାମିଲ ଅଛନ୍ତି।

**ପ୍ରଶ୍ନ– ଯୋଗାଣ ଚେନ୍‌କୁ କରୋନା ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ କରିଥିଲା। ଆପଣଙ୍କ କାରବାର ଏହାଦ୍ୱାରା କିଭଳି ପ୍ରଭାବିତ ହୋଇଛି?**

ଉତ୍ତର–୨ ମାସ ଲକ୍‌ଡାଉନରେ କାରବାର ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ଲକ୍‌ଡାଉନ ପରେ ବେପାର ମୋଟାମୋଟି ଭାବେ ଠିକ୍ ରହିଥିଲା। ପାର୍ବଣ ଏବଂ ବିବାହ ଉପରେ କରୋନା ପ୍ରଭାବ ରହିବାରୁ ଆମ ବ୍ୟବସାୟକୁ ଏହା କ୍ଷତିଗ୍ରସ୍ତ କରିଛି। ହାଇଏଣ୍ଡ ସେଗ୍‌ମେଣ୍ଟ କାରବାର ଠପ୍ ହୋଇଥିବା ବେଳେ ମିଡିୟମ ଏବଂ ଲୋ ସେଗ୍‌ମେଣ୍ଟ ବର୍ଗରେ ପ୍ରଡକ୍ଟ ବିକ୍ରି ଠିକ୍ ରହିଥିଲା। ୨୦–୨୫% କାରବାର କ୍ଷତି ସହିଛୁ।

**ପ୍ରଶ୍ନ– ବିଜ୍‌ନେସ ଟ୍ରାକ୍‌କୁ ଆସୁଥିବା ଅନୁଭବ କରୁଛନ୍ତି କି?**

ଉତ୍ତର– ହଁ। କାରବାର ଧୀରେ ଧୀରେ ଟ୍ରାକ୍‌କୁ ଫେରୁଛି। ଅଗଷ୍ଟରେ ବର୍ଷା ଏବଂ ପାର୍ବଣ କମ୍ ଥିବାରୁ ବେପାର ଏବେ ଧୀମା ରହିଛି। ମାତ୍ର ମୋଟାମୋଟି ଭାବେ ବେପାର ସୁଧାର ପଥକୁ ଫେରୁଥିବା କହିହେବ।

**ପ୍ରଶ୍ନ– ତୃତୀୟ ଲହର ନ ଆସିଲେ ବଜାରରେ ସବୁ କିଛି ଠିକ୍ ହୋଇଯିବ ବୋଲି ଭାବୁଛନ୍ତି କି?**

ଉତ୍ତର– ତୃତୀୟ ଲହରକୁ ନେଇ ଆଶଙ୍କାରେ ଅଛୁ। କେବେ କ'ଣ ଆସିବ ତାହା ସମ୍ପୂର୍ଣ୍ଣ ସ୍ପଷ୍ଟ ନ ହେଲେ ବି ମିଡିଆରେ ବିଭିନ୍ନ ଖବର ଆସୁଛି। ଭଗବାନଙ୍କ କୃପାରୁ ଯଦି ତୃତୀୟ ଲହର ନ ଆସେ ତେବେ ବିଜ୍‌ନେସ ଭଲ ହେବା ସହ ଅନ୍‌ଟ୍ରାକ୍‌କୁ ଆସିଯିବ ବୋଲି ଆଶା।

**ପ୍ରଶ୍ନ– ରାଜ୍ୟରେ ଫୁଟ୍‌ୱେର ଟ୍ରେଣ୍ଡକୁ ନେଇ ଆପଣଙ୍କ ମତ କ'ଣ?**

ଉତ୍ତର– ଓଡ଼ିଶାରେ ଫୁଟ୍‌ୱେର ଟ୍ରେଣ୍ଡ ସ୍ୱତନ୍ତ୍ର ରହିଛି। ଗ୍ରାହକମାନେ ସବୁ ବର୍ଗରେ ପ୍ରଡକ୍ଟ କିଣିବାକୁ ପସନ୍ଦ କରୁଛନ୍ତି। ସ୍ପୋର୍ଟ୍ସ ଶୁ'ର ବିକ୍ରି ବହୁତ ଭଲ ରହିଛି। ଫର୍ମାଲ ଶୁ, ସ୍ଲିପର, ସାଣ୍ଡାଲ, ଲେଡିଜ୍ ସହ ଅନ୍ୟ ବର୍ଗଗୁଡିକର ପ୍ରଡକ୍ଟ ବିକ୍ରି ସାରା ରାଜ୍ୟରେ ବେଶ୍ ଭଲ ହେଉଥିବା ଦେଖିବାକୁ ପାଉଛୁ। ଗ୍ରାହକ ପ୍ରାୟ ସବୁ ସେଗ୍‌ମେଣ୍ଟକୁ ଭଲ ରେସ୍‌ପନ୍ସ ଦେଖାଉଛନ୍ତି।

**ପ୍ରଶ୍ନ– ପ୍ରମୁଖ ଅନ୍‌ଲାଇନ ପ୍ଲାଟ୍‌ଫର୍ମ ଅଫ୍‌ଲାଇନ ବିଜ୍‌ନେସକୁ କ୍ଷତି କରୁଥିବା ଅଭିଯୋଗ ହୋଇ ଆସୁଛି। ଏ ନେଇ କ'ଣ କହିବେ?**

ଉତ୍ତର– ଅନ୍‌ଲାଇନ ପ୍ଲାଟ୍‌ଫର୍ମ ଦ୍ୱାରା ସାରା ଦେଶର ଅଫ୍‌ଲାଇନ ଟ୍ରେଡରମାନେ କ୍ଷତିଗ୍ରସ୍ତ ହୋଇଛନ୍ତି। ଅନ୍‌ଲାଇନ କାରବାର ଦ୍ୱାରା ଆମକୁ ଯେଭଳି ଅଧିକ ସମସ୍ୟା ସାମ୍ନା କରିବାକୁ ନ ହେବ ସେ ନେଇ ମାନୁଫାକଚରିଂ କମ୍ପାନୀଗୁଡିକ ସହ ଆଲୋଚନା କରୁଛୁ। ଓଡ଼ିଶା ଫୁଟ୍‌ୱେର ଆସୋସିଏଶନ ଏ କ୍ଷେତ୍ରରେ ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରୁଛି। ଏ ନେଇ ବର୍ତ୍ତମାନ କିଛି ସ୍ପଷ୍ଟ ଭାବେ କହି ହେବ ନାହିଁ। ମାତ୍ର ଅନ୍‌ଲାଇନ ପ୍ଲାଟ୍‌ଫର୍ମ ଯେଭଳି ଅଫ୍‌ଲାଇନ କାରବାରକୁ କ୍ଷତି ନ ପହଞ୍ଚାଉ ସେ ନେଇ ଉଦ୍ୟମ ଜାରି ରହିବ।

**ପ୍ରଶ୍ନ– ଅନ୍‌ଲାଇନରୁ କ୍ରୟ କରୁଥିବା ଗ୍ରାହକଙ୍କୁ ଆପଣଙ୍କର କ'ଣ ପରାମର୍ଶ ରହିବ?**

ଉତ୍ତର– ଷ୍ଟୋର ଯାଇ ପ୍ରଡକ୍ଟ ପସନ୍ଦ କରିବା ସହ ଏହାକୁ ନ ପିନ୍ଧିବା ଯାଏ ଆପଣ ଜାଣିବା କଷ୍ଟକର ଯେ ପ୍ରଡକ୍ଟ କିଭଳି ରହିଛି। କେବଳ ଅନ୍‌ଲାଇନରେ ଦେଖି ଦେଇ ସାମଗ୍ରୀ କେମିତି ରହିବ ଜାଣି ହେବ ନାହିଁ। ପ୍ରଡକ୍ଟ କିଣାରେ ଟଚ୍ ଆଣ୍ଡ ଫିଲ୍ ଅନ୍‌ଲାଇନରେ ନ ଥାଏ। ଫୁଟ୍‌ୱେର ବର୍ଗରେ ଟ୍ରାଏଲ, ଆରାମ ଭଳି ପ୍ରସଙ୍ଗ ଅନ୍‌ଲାଇନରେ ମିଳି ନ ଥାଏ। ଗ୍ରାହକଙ୍କ ସାଇଜ, ଗୁଣବତ୍ତା ଏବଂ ସନ୍ତୁଷ୍ଟି ଭଳି ଦିଗକୁ ଧ୍ୟାନଦେବାକୁ ପଡିବ, ଯାହା କେବଳ ଅଫ୍‌ଲାଇନ କ୍ରୟରେ ସମ୍ଭବ।

**ପ୍ରଶ୍ନ– ପାର୍ବଣ ପାଇଁ କ'ଣ ଯୋଜନା ସବୁ ରଖିଛନ୍ତି?**

ଉତ୍ତର–ପାର୍ବଣ ପାଇଁ କିଛି କିଛି ସ୍କିମ୍ ରହିଛି। କମ୍ପାନୀଗୁଡିକ ପ୍ରଦାନ କରୁଥିବା ବିଭିନ୍ନ ଅଫର ଡିଲର ଏବଂ ଡିଷ୍ଟ୍ରିବ୍ୟୁଟର୍ସଙ୍କୁ ଦେବୁ। ପ୍ରତିବର୍ଷ ଡିଲର ଡିଷ୍ଟ୍ରିବ୍ୟୁଟର୍ସ ନେଇ ଏକ କାର୍ଯ୍ୟକ୍ରମ ଭୁବନେଶ୍ୱରରେ ଆୟୋଜନ କରିଥାଉ। କରୋନା କଟକଣା ପାଇଁ ଏହା ଗତ ବର୍ଷଠାରୁ ହୋଇପାରୁନାହିଁ। ଏଠାରେ ବିଭିନ୍ନ ସୁବିଧା ସେମାନଙ୍କ ପ୍ରଦାନ କରିଥାଉ।

**ପ୍ରଶ୍ନ– ସମ୍ପ୍ରସାରଣ ନେଇ ଆପଣଙ୍କ ଯୋଜନା କ'ଣ?**

ଉତ୍ତର– ରାଜ୍ୟରେ ବର୍ତ୍ତମାନ ୨୦୦ ଡିଲର ଆମ ସହ ଯୋଡ଼ିହୋଇଛନ୍ତି। ନୂଆ ବ୍ରାଣ୍ଡ ଆବ୍‌ରସକୁ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ପହଞ୍ଚାଇବାକୁ ବର୍ତ୍ତମାନ କାମ କରୁଛୁ। ଡିସେମ୍ବର ସୁଦ୍ଧା ପ୍ରାୟ ୧ ହଜାର ଡିଲରଙ୍କ ସହ ଯୋଡ଼ିବାକୁ ଯୋଜନା ରହିଛି।

**ପ୍ରଶ୍ନ– ଷ୍ଟୋର ଫର୍ମାଟରେ ଆସିବାକୁ ଯୋଜନା ରଖିଛନ୍ତି କି?**

ଉତ୍ତର– ବର୍ତ୍ତମାନ ଷ୍ଟୋର ଫର୍ମାଟରେ ଆସିବା ନେଇ କିଛି ଯୋଜନା ନାହିଁ। ଯଦି କିଛି ଯୋଜନା ହୁଏ ତେବେ ଅଂଶୀଦାରଙ୍କୁ ନିଶ୍ଚିତ ଭାବେ ଜଣାଇଦେବୁ।

**ପ୍ରଶ୍ନ– ଫ୍ରି ଟାଇମ୍‌ରେ କ'ଣ କରନ୍ତି?**

ଉତ୍ତର– ସ୍ପୋର୍ଟ୍ସରେ ରୁଚି ରଖେ। ଟିଭିରେ ମନୋରଞ୍ଜନ କାର୍ଯ୍ୟକ୍ରମ ଏବଂ ନ୍ୟୁଜ୍ ଦେଖେ। ପରିବାରକୁ କିଛି ସମୟ ଦିଏ।

**ପ୍ରଶ୍ନ– ଓଡ଼ିଶାରେ ବାଣିଜ୍ୟ କରିବା କେତେ ସହଜ। ଏହାକୁ ନେଇ ଆପଣଙ୍କ ମତ କ'ଣ?**

ଉତ୍ତର– ଓଡ଼ିଶାରେ କାରବାର ଲାଗି ଭଲ ସୁଯୋଗ ରହିଛି। ଭବିଷ୍ୟତରେ ମଧ ବହୁ ଭଲ ବ୍ୟବସାୟ ହେବ। ଲୋକଙ୍କ କ୍ରୟ କ୍ଷମତା ଉନ୍ନତ ରହିଛି। ମିଡିୟମ ସେଗ୍‌ମେଣ୍ଟରେ ବ୍ୟବସାୟ ବହୁତ ଭଲ ରହିଛି। ରାଜ୍ୟର ସବୁ ବର୍ଗରେ ଗ୍ରାହକ ରହିଥିବାରୁ କାରବାରରେ କିଛି ସମସ୍ୟା ହେଉନାହିଁ।

**ପ୍ରଶ୍ନ– ଫୁଟ୍‌ୱେର କମ୍ପାନୀଗୁଡ଼ିକ ଆପଣଙ୍କଠାରୁ ଫିଡ୍‌ବ୍ୟାକ୍ ନିଅନ୍ତି କି?**

ଉତ୍ତର– ଓଡ଼ିଶା ବଜାରକୁ ନେଇ କମ୍ପାନୀ ପ୍ରବେଶ ବେଳେ ଆମ ସହ ଆଲୋଚନା କରିଥାନ୍ତି। କମ୍ପାନୀ ଯାହା କିଛି ଜାଣିବାକୁ ଚାହାନ୍ତି ସୋମନଙ୍କ ସହ ସହଯୋଗ କରିଥାଉ।

**ସାକ୍ଷାତ୍କାର: ସତ୍ୟାନନ୍ଦ ନାୟକ**

## ହୋଣ୍ଡାର ନୂଆ 'ସିବି ୨୦୦ଏକ୍ସ'



ଭୁବନେଶ୍ୱର,୧୯।୮

ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ (ଏଚ୍‌ଏମ୍‌ଏସ୍‌ଆଇ) ପକ୍ଷରୁ ନୂଆ 'ସିବି୨୦୦ଏକ୍ସ'କୁ ଗୁରୁବାର ଉନ୍ମୋଚନ କରାଯାଇଛି। ଏଥିସହିତ କମ୍ପାନୀ ୧୮୦–୨୦୦ ସିସି ବାଇକ୍ କ୍ଷେତ୍ରରେ ନୂଆ ଧାରା ଆରମ୍ଭ କରିଛି। ଏହାର ଏକ୍ସ ଶୋ'ରୁମ୍ ମୂଲ୍ୟ ୧,୪୪,୫୦୦ ଟଙ୍କାରୁ ଆରମ୍ଭ ହୋଇଛି। ଏହାର ଉନ୍ମୋଚନ ଅବସରରେ ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ତଥା ସଭାପତି ଏବଂ ସିଇଓ, ଆତସୁସି ଓଗାଟା କହିଛନ୍ତି , ହୋଣ୍ଡାର କିମ୍ବଦନ୍ତୀ ସିବି ପରମ୍ପରାରୁ ଅନୁପ୍ରାଣିତ ହୋଇ ନୂଆ ମୋଟରସାଇକଲ ଉପସ୍ଥାପନ କରିବା ଖୁସିର ବିଷୟ। ସେହିଭଳି ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡର ନିର୍ଦ୍ଦେଶକ (ବିକ୍ରି ଓ ମାର୍କେଟିଂ), ୟଦବିନ୍ଦର ସିଂହ ଗୁଲେରିଆ କହିଛନ୍ତି,୧୮୦–୨୦୦ ସିସି ବର୍ଗରେ ଦ୍ରୁତ ବିପ୍ଳବ ଆଣି ସିବି୨୦୦ଏକ୍ସ ହେଉଛି କ୍ଲାସିକ୍ ସହରୀ ବାଇକ୍ ଯାହାର ହୃଦୟକୁ ପରବର୍ତ୍ତୀ ବର୍ଗର ନୂଆ ପିଢ଼ିଙ୍କ ଲାଗି ପ୍ରସ୍ତୁତ କରାଯାଇଛି। ଏଥିରେ ୧୮୪ସିସି ବିଏସ୍–୬ ପିଜିଏମ୍–ଏଫ୍‌ଆଇ ଇଞ୍ଜିନ୍, ଡାଇମଣ୍ଡ ପ୍ରକାରର ଇସ୍ପାତ ଆଲୟହ୍ୱିଲ୍, ଫୁଲ୍ ଡିଜିଟାଲ ଲିକ୍ୱିଡ୍ କ୍ରିଷ୍ଟାଲ ମିଟର , ସମ୍ପୂର୍ଣ୍ଣ ଏଲ୍‌ଇଡି ଲାଇଟ୍ ସେଟ୍‌ଅପ୍, ସାମ୍ନା ଓ ପଛ ପେଟାଲ ଡିସ୍କ ବ୍ରେକ୍, ହାଜାର୍ଡ ସ୍ୱିଚ୍, ଟାଙ୍କିରେ କି', ଇଞ୍ଜିନ୍ ଷ୍ଟପ୍ ସ୍ୱିଚ୍, ମନୋ ସକ୍ ପଛ ସସ୍‌ପେନ୍‌ସନ, ଟଲ୍ ଭାଇଜର, ଆକର୍ଷଣୀୟ ହ୍ୟାଣ୍ଡେଲ ବାର୍ ଓ ସ୍ପୋର୍ଟି ସ୍ପ୍ଲିଟ୍ ସିଟ୍ ରହିଛି। ଏହା ଉପରେ ୬ ବର୍ଷର ୱାରେଣ୍ଟି ପ୍ୟାକେଜ୍ ପ୍ରଦାନ କରାଯାଉଛି।

## ଜିଓ ମାର୍ଟ ଡିଜିଟାଲ ସେବାର ସମ୍ପ୍ରସାରଣ

ଭୁବନେଶ୍ୱର,୧୯।୮

ଗ୍ରାମାଞ୍ଚଳ ସହରଗୁଡ଼ିକରେ ଶେଷ ମାଇଲ ଗ୍ରାହକ ସ୍ୱାଚ୍ଛନ୍ଦ୍ୟ ସୁନିଶ୍ଚିତ କରିବାକୁ ଏକ ଉଲ୍ଲେଖନୀୟ ପ୍ରୟାସରେ ଜିଓମାର୍ଟ ଡିଜିଟାଲ ସେବା ସମଗ୍ର ଓଡ଼ିଶାରେ ୯୦ରୁ ଉର୍ଦ୍ଧ୍ୱ ଜିଓ ପଏଣ୍ଟ ଷ୍ଟୋରରେ ପ୍ରଚଳନ କରାଯାଇଛି। ଏହା ଅନେକ ସହର ଓ ଉପନଗରୀୟ କେନ୍ଦ୍ରଗୁଡିକରେ ଅଧିବାସୀମାନଙ୍କୁ ସ୍ମାର୍ଟଫୋନ, ଟେଲିଭିଜନ, ରେଫ୍ରିଜେରେଟର, ୱାଶିଂମେଶିନ, ମିକ୍ସର ଗ୍ରାଇଣ୍ଡର, ରାଇସ କୁକର, ସ୍ପିକର ଓ ହେଡ୍ ଫୋନ ଭଳି ବିବିଧ ଇଲେକଟ୍ରୋନିକ୍ସ ଉତ୍ପାଦ ଉପରେ ସର୍ବୋତ୍ତମ ଅଫରର ସୁଯୋଗ ନେବା ଓ ଘରେ ସାମଗ୍ରୀ ପହଞ୍ଚାଇବା ସୁବିଧା ପାଇପାରିବେ। ଗ୍ରାମାଞ୍ଚଳ କେନ୍ଦ୍ରଗୁଡିକରେ ଇଲେକ୍‌ଟ୍ରୋନିକ୍ସ ମଲ୍ ଭାବରେ ଜିଓ ପଏଣ୍ଟ ଷ୍ଟୋରଗୁଡିକ ବ୍ୟବହାର ପାଇଁ ସହଜ ରହିଥିବା ମୋବାଇଲ ଡିଜିଟାଲ ଆପ୍ଲିକେଶନରେ ସର୍ବୋତ୍ତମ ଅଫର ସହିତ ସର୍ବାଧୁନିକ ଇଲେକ୍‌ଟ୍ରୋନିକ୍ସ ଉତ୍ପାଦଗୁଡିକ ପ୍ରଦର୍ଶିତ କରିବ। ସମ୍ପ୍ରତି କମ୍ପାନୀ ସମସ୍ତ ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀ ଉପରେ ୬୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରୁଛି।

## ନୂଆ ଏମ୍‌ଜି 'ଆଷ୍ଟୋର'




ନୂଆଦିଲ୍ଲୀ,୧୯।୮

ଏମ୍‌ଜି ମୋଟର ଇଣ୍ଡିଆ ପକ୍ଷରୁ ଭାରତରେ ପ୍ରଥମ ବ୍ୟକ୍ତିଗତ ଏଆଇ ଆସିଷ୍ଟାଣ୍ଟ ଅଟୋନୋମୋସ୍ ଲେବଲ–୨ ଜ୍ଞାନକୌଶଳଯୁକ୍ତ 'ଆଷ୍ଟୋର' ଏସ୍‌ୟୁଭିର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏହାକୁ କାର୍–ଆଜ୍–ଏ–ପ୍ଲାଟଫର୍ମ(ସିଏଏପି) କରିବା ଲାଗି କମ୍ପାନୀ ଲକ୍ଷ୍ୟ ରଖିଛି। ଆମେରିକୀୟ ଫାର୍ମ 'ଷ୍ଟାର ଡିଜାଇନ' ଦ୍ୱାରା ଏହା ଡିଜାଇନ ହୋଇଛି। ଏହି ଅବସରରେ ଏମ୍‌ଜି ମୋଟର ଇଣ୍ଡିଆର ସଭାପତି ତଥା ଏମ୍‌ଡି ରାଜୀବ ଛାବା କହିଛନ୍ତି, ଏକ ଅଟୋଟେକ୍ ବ୍ରାଣ୍ଡ ଭାବରେ ଆମେ ସର୍ବଦା ବ୍ରେକ୍‌ଥ୍ରୁ ଟେକ୍ନୋଲୋଜି ପ୍ରଚଳନ କରିଛୁ। ଆଷ୍ଟୋର ଗ୍ରାହକଙ୍କୁ ପ୍ରିମିୟମ ଏବଂ ବିଳାସପୂର୍ଣ୍ଣ ବୈଶିଷ୍ଟ୍ୟ ଯୋଗାଇଦେବାକୁ ସକ୍ଷମ ହେବ। ଏଥିରେ ରେଞ୍ଜର ରାଡାର, ବହୁମୁଖୀ କ୍ୟାମେରା, ଆଡାପ୍ଟିଭ କ୍ରୁଜ୍ କଣ୍ଟ୍ରୋଲ, ଫରୱାର୍ଡ କଲିଜନ ୱାର୍ନିଂ, ଅଟୋମେଟିକ ଜରୁରିକାଳୀନ ବ୍ରେକିଂ, ଲେନ୍ କିପିଂ ଆସିଷ୍ଟ, ଲେନ୍ ଛାଡିବା ଚେତାବନୀ, ଲେନ୍ ଛାଡିବା ପ୍ରତିରୋଧ, ଇଣ୍ଟେଲିଜେଣ୍ଟ ହେଡ୍‌ଲ୍ୟାମ୍ପ କଣ୍ଟ୍ରୋଲ, ରିଅର ଡ୍ରାଇଭ ଆସିଷ୍ଟ ଏବଂ ସ୍ପିଡ ଆସିଷ୍ଟ ସିଷ୍ଟମ ଅନ୍ତର୍ଭୁକ୍ତ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

## ଭି ଗାର୍ଡ ପକ୍ଷରୁ ହୁଇଲ ଚେୟାର ପ୍ରଦାନ



ଭୁବନେଶ୍ୱର,୧୯।୮

ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ଅଗ୍ରଣୀ ଗୃହ ସାମଗ୍ରୀ ଉତ୍ପାଦନକାରୀ କମ୍ପାନୀ ଭିଗାର୍ଡ ପକ୍ଷରୁ ପୁରୀ ଜିଲା ସରକାରୀ ମେଡିକାଲକୁ ୩୨ଟି ହୁଇଲ ଚେୟାର ପ୍ରଦାନ କରାଯାଇଛି। ରୋଗୀମାନଙ୍କ କଷ୍ଟ ଲାଘବକୁ ଆଖି ଆଗରେ ରଖି କମ୍ପାନୀ ପକ୍ଷରୁ ଏହା ପ୍ରଦାନ କରାଯାଇଥିବା କୁହାଯାଇଛି। କମ୍ପାନୀର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମ ଜରିଆରେ ଏହା ପୁରୀ ଜିଲା ହସ୍ପିଟାଲକୁ ଦିଆଯାଇଥିବା ଭିଗାର୍ଡର ଶାଖା ପରିଚାଳକ ସୁମନ୍ତ କୁମାର ପ୍ରଧାନ କହିଛନ୍ତି। ପୁରୀ ସହରକୁ ପ୍ରତିଦିନ ହଜାର ହଜାର ଭକ୍ତ ଶ୍ରୀଜଗନ୍ନାଥଙ୍କ ଦର୍ଶନରେ ଆସୁଛନ୍ତି। ସେହିଭଳି ପୁରୀ ଜିଲାର ଲକ୍ଷାଧିକ ଲୋକ ମେଡିକାଲକୁ ଆସିଥାନ୍ତି। ଏହି ଚେୟାରଗୁଡିକ ଜିଲା ହସ୍ପିଟାଲର ମୁଖ୍ୟ ଚିକିତ୍ସାଧୀକାରୀଙ୍କ ଉପସ୍ଥିତିରେ କମ୍ପାନୀ ପକ୍ଷରୁ ପ୍ରଦାନ କରାଯାଇଥିବା ପ୍ରଧାନ ସୂଚନା ଦେଇଛନ୍ତି। ଚେୟାରଗୁଡିକ ଜିଲାର ୧୧ ବ୍ଲକ ଚିକିତ୍ସାଳୟକୁ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ଦିଆଯିବ ବୋଲି ଜଣାପଡ଼ିଛି।

## ଜାନୁୟାରୀରୁ ନୂଆ ଲକର ନିୟମ



- ଚୋରି କ୍ଷେତ୍ରରେ ଗ୍ରାହକଙ୍କୁ ୧୦୦ ଗୁଣ କ୍ଷତିପୂରଣ
- ପ୍ରାକୃତିକ ଦୁର୍ବିପାକ କ୍ଷୟକ୍ଷତିରେ ଦାୟୀ ରହିବେନି ବ୍ୟାଙ୍କ

ନୂଆଦିଲ୍ଲୀ,୧୯।୮

୨୦୨୨ ଜାନୁୟାରୀ ପହିଲାରୁ ସାରା ଦେଶରେ ନୂଆ ଲକର ନିୟମ କାର୍ଯ୍ୟକାରୀ ହେବ। ଯଦି ଆପଣ ଜରୁରୀ କାଗଜପତ୍ର କିମ୍ବା ଗହଣା ସୁରକ୍ଷିତ ରଖିବା ପାଇଁ ବ୍ୟାଙ୍କର ସେଫ୍ ଡିପୋଜିଟ ଲକର ନେଇଛନ୍ତି ତେବେ ଖୁସି ଖବର। ଏଥିରେ ରଖାଯାଇଥିବା ସାମଗ୍ରୀକୁ କ୍ଷତି ପହଞ୍ଚିଲେ ଗ୍ରାହକ କ୍ଷତିପୂରଣ ପାଇବେ। ଲକର ସମ୍ପର୍କିତ ନିୟମକୁ ରିଜର୍ଭ ବ୍ୟାଙ୍କ ପରିବର୍ତ୍ତନ କରିଥିବା ଜଣାପଡିଛି। ଆର୍‌ବିଆଇ ନିୟମ ମୁତାବକ, ଲକରରେ ରଖାଯାଇଥିବା ସାମଗ୍ରୀ ବ୍ୟାଙ୍କର ଭୁଲ୍ ଲାଗି କ୍ଷତିଗ୍ରସ୍ତ ହେଲେ ଗ୍ରାହକଙ୍କୁ ଏହାର ଭଡା ଉପରେ ପ୍ରାୟ ୧୦୦ ଗୁଣ ପର୍ଯ୍ୟନ୍ତ କ୍ଷତିପୂରଣ ମିଳିବ। ଲକର ଯେଉଁ ବିଲ୍‌ଡିଂରେ ରହିଥିବ ଏହା ଭାଙ୍ଗିଗଲେ କିମ୍ବା ଏଥିରେ ନିଆଁ ଲାଗିଲେ, ଚୋରି ଡକାୟତି, ବ୍ୟାଙ୍କ କର୍ମଚାରୀଙ୍କ ଦ୍ୱାରା କରାଯାଇଥିବା ଠକେଇ ଭଳି ମାମଲା କ୍ଷେତ୍ରରେ ଗ୍ରାହକ କ୍ଷତିପୂରଣ ପାଇବେ। ଲକର ପରିସରକୁ ସୁରକ୍ଷିତ କରିବା ଲାଗି ସମସ୍ତ ପ୍ରକାର ବନ୍ଦୋବସ୍ତ ବ୍ୟାଙ୍କ କରିବେ।

ପ୍ରାକୃତିକ ଦୁର୍ବିପାକଜନିତ କ୍ଷୟକ୍ଷତିରେ ଲକର ସାମଗ୍ରୀ କ୍ଷତିଗ୍ରସ୍ତ ହେଲେ ଗ୍ରାହକଙ୍କୁ ବ୍ୟାଙ୍କ କ୍ଷତିପୂରଣ ଦେବେ ନାହିଁ। ସେହିଭଳି ନୂଆ ଲକର ନେବାକୁ ଚାହୁଁଥିବା ଲୋକଙ୍କୁ ଆବେଦନ କରିବାକୁ ପଡିବ। ଯଦି ଲକର ଖାଲି ନ ଥାଏ ଗ୍ରାହକଙ୍କୁ ୱେଟିଂ ଲିଷ୍ଟ ନମ୍ବର ଦିଆଯିବ। ଖାଲି ଲକରର ତାଲିକା ଏବଂ ୱେଟିଂ ଲିଷ୍ଟ ତାଲିକା ବ୍ୟାଙ୍କଗୁଡିକୁ ଦେବାକୁ ପଡିବ। ସେଫ୍ ଡିପୋଜିଟ ଲକର କ୍ଷେତ୍ରରେ ପାରଦର୍ଶିତା ଆଣିବା ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରଥମ ଥର ଲକର ସୁବିଧା ନେଉଥିବା ଲୋକଙ୍କୁ ଟର୍ମ ଡିପୋଜିଟ ଦେବାକୁ ପଡିବନାହିଁ। ଯଦି ଆପଣଙ୍କ ଖାତା ଚାଲୁଛି ବ୍ୟାଙ୍କ ଆପଣଙ୍କୁ ଏଭଳି ଟର୍ମ ଜମା ଦେବାକୁ କହିପାରିବ ନାହିଁ। ବ୍ୟାଙ୍କ ଗ୍ରାହକଙ୍କୁ ସେମାନଙ୍କ ଲକର ସମ୍ପର୍କିତ ସୂଚନା ଏସ୍‌ଏମ୍‌ଏସ୍ କିମ୍ବା ଇ–ମେଲ୍ ଜରିଆରେ ପ୍ରଦାନ କରିବେ। ଯଦି ବ୍ୟାଙ୍କ ଲକର ଶିଫ୍ଟ କରୁଥାନ୍ତି ସେ ସମ୍ପର୍କିତ ସୂଚନା ମଧ ପୂର୍ବରୁ ପ୍ରଦାନ କରିବେ।

ଲକରର ଭଡ଼ା ଠିକ୍ ସମୟରେ ଯେଭଳି ମିଳିବ ଏଥିଲାଗି ବ୍ୟାଙ୍କ ଆଲଟମେଣ୍ଟ ସମୟରେ ଟର୍ମ ଡିପୋଜିଟ ନେବାର ଅନୁମତି ମିଳିବ। ଏହା ଲକରର ୩ ବର୍ଷର ଭଡା ସହ ସମାନ ହେବ। ଯଦି ଆପଣ ସେଫ୍ ଡିପୋଜିଟ ଲକର ନେବାକୁ ଚାହୁଁଛନ୍ତି ଏ ନେଇ ଆପଣ ପ୍ରଥମେ ଏହାର ଉପଲବ୍ଧତା ସମ୍ପର୍କରେ ଜାଣନ୍ତୁ। ପ୍ରଥମେ ବ୍ୟାଙ୍କ ସହ ଏନେଇ ରିଟେଲ ଏଗ୍ରିମେଣ୍ଟ କରିବାକୁ ପଡ଼ିବ। ଲକର ମେଣ୍ଟେନାନ୍ସ ଲାଗି ଗ୍ରାହକଙ୍କୁ ବ୍ୟାଙ୍କର ନିୟମ ଅନୁସାରେ ଅର୍ଥ ଦେବାକୁ ପଡିବ। ଲକର ଏକା କିମ୍ବା କାହା ସହ ମିଳିତ ଭାବେ ନେଇ ପାରିବେ। ଯଦି ଲକର ରଖିବା ପାଇଁ ଚାହୁଁନାହାନ୍ତି ତେବେ ଏଥି ଲାଗି ସରେଣ୍ଡର ଆପ୍ଲିକେଶନ ଦେବାକୁ ପଡିବ। ଲକର ଖାଲି କରିବା ପରେ ଏହାର ଚାବିକୁ ବ୍ୟାଙ୍କକୁ ହସ୍ତାନ୍ତର କରିବାକୁ ପଡ଼ିବ।

# ଧଉଳି ପାଇଁ ୧ କୋଟି ମଞ୍ଜୁର

**ଭୁବନେଶ୍ୱର,୧୯।୮(ବ୍ୟୁରୋ):** ଧଉଳି ଶାନ୍ତି ସ୍ତୁପର ମରାମତି, ରକ୍ଷଣାବେକ୍ଷଣ, ସୌନ୍ଦର୍ଯ୍ୟକରଣ ଏବଂ ଏହାର ଆଖପାଖ ଅଞ୍ଚଳର ଭିତ୍ତିଭୂମିର ବିକାଶ ପାଇଁ ରାଜ୍ୟ ସରକାର ୧ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଖୋର୍ଦ୍ଧା ପ୍ରକଳ୍ପ ଅଧିକାରୀଙ୍କ ୨୦୧୯-୨୦ ସ୍ପେଶାଲ ପ୍ରୋବ୍ଲେମ ଫଣ୍ଡ(ଏସ୍‌ପିଏଫ୍) ଆକାଉଣ୍ଟରେ ଥିବା ୭୭୧.୮୩ ଲକ୍ଷ ଟଙ୍କାରୁ ଉକ୍ତ ଅର୍ଥ ଦେବାକୁ ଯୋଜନା ଓ ସଂଯୋଜନା ବିଭାଗ ପକ୍ଷରୁ ଖୋର୍ଦ୍ଧା ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅର୍ଥ ନିର୍ଦ୍ଧାରିତ ସମୟରେ ଖର୍ଚ୍ଚ କରିବା ନେଇ ଜିଲାପାଳ ନିଶ୍ଚିତ କରିବେ। ଅର୍ଥ ଖର୍ଚ୍ଚ ନେଇ ବିଭାଗକୁ ବିନିଯୋଗ ପ୍ରମାଣପତ୍ର(ୟୁସି) ଦେବାକୁ କୁହାଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏକାମ୍ର ବିଧାୟକ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଧଉଳି ଶାନ୍ତି ସ୍ତୁପର ମରାମତି, ରକ୍ଷଣାବେକ୍ଷଣ ସହ ପାରିପାର୍ଶ୍ୱିକ ଉନ୍ନତୀକରଣ ପାଇଁ ଏସ୍‌ପିଏଫ୍‌ରୁ ୧ କୋଟି ଟଙ୍କା ଯୋଗାଇ ଦେବାକୁ ଉନ୍ନୟନ କମିଶନରଙ୍କୁ ଏପ୍ରିଲ ୩୦ ତାରିଖରେ ଚିଠି ଲେଖିଥିଲେ। ଧଉଳିର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ୧ କୋଟି ଟଙ୍କା ମଞ୍ଜୁର କରିଥିବାରୁ ସେ ଧନ୍ୟବାଦ ଦେଇଛନ୍ତି।

# ଗଣଶିକ୍ଷା ବିଭାଗ ପ୍ରମୁଖ ସଚିବଙ୍କୁ ହାଜର ନିର୍ଦ୍ଦେଶ

**ଶିକ୍ଷୟିତ୍ରୀଙ୍କ ପଦୋନ୍ନତି ମାମଲା**

**କଟକ ଅଫିସ,୧୯।୮:** ଜଗତସିଂହପୁରର ଶିକ୍ଷୟିତ୍ରୀ ଶୋଭାରାଣୀ ମହାନ୍ତିଙ୍କ ପଦୋନ୍ନତି ମାମଲାର ଶୁଣାଣି ମଙ୍ଗଳବାର ହାଇକୋର୍ଟରେ ହୋଇଥିଲା। ଜଷ୍ଟିସ ବିଶ୍ୱନାଥ ରଥ ଏହାର ଶୁଣାଣି କରିବା ସହ ସେପ୍ଟେମ୍ବର ୬ରେ ଗଣଶିକ୍ଷା ବିଭାଗ ପ୍ରମୁଖ ସଚିବ ସତ୍ୟବ୍ରତ ସାହୁଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ। ସଚିବ ସାହୁ ଷ୍ଟେଟ୍ ଆଡ୍‌ମିନିଷ୍ଟ୍ରେଟିଭ ଟ୍ରିବ୍ୟୁନାଲ(ସ୍ୟାଟ) ଓ ଅଦାଲତର ନିର୍ଦ୍ଦେଶକୁ ଅବମାନନା କରିଛନ୍ତି। ତେଣୁ ଏଥିପାଇଁ ସେ କାହିଁକି ଦଣ୍ଡିତ ନ ହେବେ ତାହାର କାରଣ ଦର୍ଶାଇବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଶୋଭାରାଣୀଙ୍କ ପଦୋନ୍ନତି ନେଇ ୨୦୧୫ ମସିହାରେ ସ୍ୟାଟ୍‌ଙ୍କ ଦ୍ୱାରସ୍ଥ ହୋଇଥିବାବେଳେ ତାଙ୍କ ସପକ୍ଷରେ ରାୟ ଆସିଥିଲା। କିନ୍ତୁ ବିଭାଗ ପକ୍ଷରୁ କିଛି ପଦକ୍ଷେପ ନିଆ ନ ଯିବାରୁ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ବିଷ ପିଇ ଯୁବକଙ୍କ ମୃତ୍ୟୁ

**ବାଣପୁର,୧୯।୮(ଡି.ଏନ୍.ଏ.):** ବାଣପୁର ଥାନା ଅଧୀନ ସାନସିରେଇପୁର ଗ୍ରାମର ଜଣେ ଯୁବକ ବିଷ ପିଇବାରୁ ଗୁରୁବାର ତାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୁଶାନ୍ତ ବେହେରା (୨୦)। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସୂଚନା ମୁତାବକ, ସୁଶାନ୍ତ କୌଣସି କାରଣକୁ ନେଇ ବୁଧବାର ରାତିରେ ବିଷ ପିଇଦେଇଥିଲେ। ପରିବାର ଲୋକେ ଏହା ଜାଣିବା ପରେ ଚିକିତ୍ସା ପାଇଁ ତାଙ୍କୁ ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ତେବେ ଟାଙ୍ଗୀ ନିକଟରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ପରିବାର ଲୋକେ ସୁଶାନ୍ତଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ଖବରପାଇ ଟାଙ୍ଗୀ ପୋଲିସ ଡାକ୍ତରଖାନାରେ ପହଞ୍ଚି ପ୍ରାଥମିକ ତଦନ୍ତ କରିବା ସହ ଏନେଇ ବାଣପୁର ପୋଲିସକୁ ସୂଚନା ଦେଇଥିବା ଜଣାପଡ଼ିଛି।

# କୌଳିକ ପଣ୍ଡାଙ୍କୁ ଚିହ୍ନି ନ ଥିଲେ ରେଳମନ୍ତ୍ରୀ

- ଜାଣିବା ପରେ ସମ୍ପର୍କୀୟଙ୍କ ନାମ ଖୋଜିଲେ
- ଦସ୍ତାବିଜ୍‌ରେ ଲେଖିଲେ ପରିଦର୍ଶନ ଅନୁଭୂତି
- ଦସ୍ତାବିଜ୍ ଡିଜିଟାଇଜେଶନ ପାଇଁ ପ୍ରତିଶ୍ରୁତି

**ପୁରୀ ଅଫିସ,୧୯।୮**

ରେଳ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ତାଙ୍କ କୌଳିକ ପଣ୍ଡା ରେକର୍ଡ ଅଫ୍ ରାଇଟ୍ସରେ ଦସ୍ତଖତ ନେଇଛନ୍ତି। ଶ୍ରୀମନ୍ଦିର ସମ୍ମୁଖରେ ମନ୍ତ୍ରୀ ବୈଷ୍ଣବ ଦର୍ଶନ ସାରିବା ପରେ ସର୍କିଟ ହାଉସ୍‌ରେ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ସମୟରେ ବୈଷ୍ଣବ ଧର୍ମାବଲମ୍ବୀଙ୍କ ଶ୍ରୀମନ୍ଦିର କୌଳିକ ପଣ୍ଡା ଓମ୍ ଶଙ୍କର ପ୍ରତିହାରୀ ଦସ୍ତାବିଜ୍ ଧରି ସେଠାରେ ପହଞ୍ଚିଥିଲେ। ସବୁଠାରୁ ଆଶ୍ଚର୍ଯ୍ୟର କଥା, ବୈଷ୍ଣବ ପୂର୍ବରୁ ପୁରୀ ଆସିଥିଲେ ମଧ୍ୟ ନିଜ କୌଳିକ ପଣ୍ଡାଙ୍କ ସମ୍ପର୍କରେ ଅବଗତ ନ ଥିଲେ। ପ୍ରତିହାରୀ ତାଙ୍କୁ ରାଜସ୍ଥାନ ଯୋଧପୁରରେ ଥିବା ବୈଷ୍ଣବ ସମ୍ପ୍ରଦାୟର ଅନେକ ବ୍ୟକ୍ତିଙ୍କ ଦସ୍ତଖତ ସମ୍ବଳିତ ଦସ୍ତାବିଜ୍ ଦେଖାଇଥିଲେ। ଏହାକୁ ଦେଖି ସେ ଅତ୍ୟନ୍ତ ଖୁସି ହେବା ସହ ନିଜ ସମ୍ପର୍କୀୟମାନଙ୍କ ନାମ ଖୋଜି ଦେଖିଥିଲେ। ପ୍ରତିହାରୀ କହିଛନ୍ତି, ପୂର୍ବରୁ ପୁରୀ ଆସିଥିବା ବୈଷ୍ଣବ ସମ୍ପ୍ରଦାୟର ଲୋକଙ୍କ ତାଲିକା ଗୋଟି ଗୋଟି କରି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଦେଖାଇଥିଲେ। ଏଭଳି ତାଲିକା ଦେଖିବା ପରେ ସେ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ତେବେ ବର୍ଷ ବର୍ଷ ଧରି ଏଭଳି ରେକର୍ଡକୁ ଏକାଠି ରଖିବା କଷ୍ଟକର କାର୍ଯ୍ୟ ହୋଇଥିବାରୁ ଏହାକୁ ଡିଜିଟାଲ୍ ମୋଡ୍‌କୁ ଆଣିବା ପାଇଁ ନୂଆ ପଦକ୍ଷେପ ନିଆଯିବ ବୋଲି ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କହିଥିଲେ। ଏହା ପରେ କୌଳିକ ପଣ୍ଡା ସାଙ୍ଗରେ ଆଣିଥିବା ମହାପ୍ରସାଦ ଓ ଶୁଖିଲା ଭୋଗକୁ ମନ୍ତ୍ରୀ ଗ୍ରହଣ କରିଥିଲେ। ଆଗାମୀ ଦିନରେ ପୁରୀ ଆସିଲେ ସେ ନିଜ କୌଳିକ ପଣ୍ଡାଙ୍କୁ ଡକାଇ ଶ୍ରୀମନ୍ଦିର ଦର୍ଶନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ଦସ୍ତାବିଜ୍‌ରେ ବୈଷ୍ଣବ ପରିବାରର ସମସ୍ତ ସଦସ୍ୟଙ୍କ ନାମ ଲେଖାଇବା ସହ ଶ୍ରୀମନ୍ଦିର ସମ୍ମୁଖରେ ମହାପ୍ରଭୁଙ୍କୁ ଦର୍ଶନ କରିବାର ଅନୁଭୂତି ସମ୍ପର୍କରେ ଉଲ୍ଲେଖ କରିଥିଲେ। ପ୍ରତିହାରୀଙ୍କ ସୂଚନା ଅନୁଯାୟୀ, ଦୀର୍ଘ ଦିନ ଧରି ବୈଷ୍ଣବ ସମ୍ପ୍ରଦାୟର ଲୋକେ ରାଜସ୍ଥାନରୁ ଶ୍ରୀମନ୍ଦିର ଆସୁଛନ୍ତି। ପ୍ରତିହାରୀଙ୍କ ପୂର୍ବପୁରୁଷମାନେ ମଧ୍ୟ କୌଳିକ ପଣ୍ଡା ଭାବେ ନୀତି ସମ୍ପାଦନ କରୁଥିଲେ। ସେ ତାଙ୍କ ଜେଜେବାପାଙ୍କଠାରୁ ଜାଣିବାକୁ ପାଇଥିଲେ ଯେ, ସେତେବେଳେ ପୁରୀ ଆସୁଥିବା ବୈଷ୍ଣବ ସମ୍ପ୍ରଦାୟର ଲୋକେ ଧନୀ ଓ ଶିକ୍ଷିତ ଥିଲେ। ଏହି ସମ୍ପ୍ରଦାୟର ଯେକୌଣସି ବ୍ୟକ୍ତି ପୁରୀ ବୁଲିବାକୁ ଆସିଲେ ପ୍ରତିହାରୀଙ୍କ ପରିବାର ସହ ଯୋଗାଯୋଗ କରି ଶ୍ରୀମନ୍ଦିର ଦର୍ଶନ ସହ ମହାପ୍ରସାଦ ସେବନ କରୁଥିଲେ।



କୌଳିକ ପଣ୍ଡାଙ୍କ ପରିଦର୍ଶନ ପୁସ୍ତିକାରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସ୍ୱାକ୍ଷର କରୁଛନ୍ତି।

# କୋର୍ଟର ଆଶ୍ରୟ ନେବି: ହୃଷୀକେଶ

**ଛାତ୍ର ତୁଷାରକାନ୍ତ ମୃତ୍ୟୁ ମାମଲା**

**କଟକ ଅଫିସ,୧୯।୮:** କଟକ ଖ୍ରୀଷ୍ଟ କଲେଜ ଛାତ୍ର ତୁଷାରକାନ୍ତ ସାହୁଙ୍କ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ପୋଲିସର ହସ୍ତଗତ ହୋଇଛି। ପାଣିରେ ବୁଡିବା ପରେ ଶ୍ୱାସରୁଦ୍ଧ ହୋଇ ତାଙ୍କର ମୃତ୍ୟୁ ଘଟିଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ତେବେ ଏହି ଘଟଣାକୁ ପୋଲିସ ଗମ୍ଭୀରତାର ସହ ନେଇ ଠିକ୍‌ଭାବେ ତଦନ୍ତ କରୁ ନ ଥିବାରୁ କୋର୍ଟର ଆଶ୍ରୟ ନେବି ବୋଲି ତୁଷାରଙ୍କ ବାପା ହୃଷିକେଶ ସାହୁ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି। ତୁଷାରଙ୍କୁ ପାଞ୍ଚ ଜଣ ସାଙ୍ଗ ପ୍ରାୟ ୬ ମାସ ଧରି ମାନସିକ ନିର୍ଯାତନା ଦେଉଥିଲେ। ଘଟଣା ଦିନ ମଥୁରା କେକ୍ ଖାଇବାକୁ ଡାକି ସର୍ବସମ୍ମୁଖରେ ମାଡ଼ ମାରିଥିଲେ। ଫଳରେ ଅପମାନିତ ହୋଇ ତୁଷାର ଏଭଳି ପଦକ୍ଷେପ ନେଇଥିବା ତାଙ୍କ ବାପା ଅଭିଯୋଗ କରିଛନ୍ତି। କ୍ୟାଣ୍ଟନମେଣ୍ଟ ଥାନା ଅଧିକାରୀ ଦୀନକୃଷ୍ଣ ମିଶ୍ର କହିଛନ୍ତି, ତୁଷାରଙ୍କ ଘର ନିକଟରୁ ପୋଲ ପର୍ଯ୍ୟନ୍ତ ସମସ୍ତ ସିସିଟିଭି ଫୁଟେଜ ଯାଞ୍ଚ କରାଯାଇଛି। ଘଟଣା ଦିନ ସେ ସ୍କୁଟିରେ ଏକା ଯାଇଥିଲେ। ସେହିପରି ସମସ୍ତ ସାଙ୍ଗଙ୍କ ମୋବାଇଲ କଲ ଡିଟେଲ୍ସ ରେକର୍ଡ(ସିଡିଆର୍) ଯାଞ୍ଚ କରାଯାଇଛି। ମୃତଦେହରେ କୌଣସି କ୍ଷତ ଚିହ୍ନ ନ ଥିଲା। ତେଣୁ ହତ୍ୟା କରାଯିବାର କୌଣସି ପ୍ରମାଣ ମିଳିନାହିଁ। ମୃତଦେହରୁ ମିଳିଥିବା ପାଣି ଓ ନଦୀଜଳକୁ ସଂଗ୍ରହ କରି ପରୀକ୍ଷା ପାଇଁ ରସୁଲଗଡ଼ସ୍ଥିତ ଫରେନ୍ସିକ ସାଇନ୍ସ ଲାବୋରେଟୋରିକୁ ପଠାଇଛି। କଟକ ଚଣ୍ଡୀଛକରେ ରହୁଥିବା ତୁଷାର ଗତ ୩ ତାରିଖ ରାତି ୮ଟାରେ ଏକ ସ୍କୁଟିରେ ଘରୁ କେଉଁଆଡେ ଚାଲିଯାଇଥିଲେ। ହୃଷୀକେଶ କ୍ୟାଣ୍ଟନମେଣ୍ଟ ଥାନାରେ ଅଭିଯୋଗ କରିଥିଲେ। ତୁଷାରଙ୍କ ୫ ସାଙ୍ଗଙ୍କ ସହ ଝଗଡା ହୋଇଥିଲା। ପ୍ରେମ ବ୍ୟାପାରକୁ ନେଇ ତାଙ୍କୁ ଅପହରଣ କରାଯାଇଥିବା ହୃଷୀକେଶ ଅଭିଯୋଗ କରିଥିଲେ।

# ସିଏମ୍‌ସି ପକ୍ଷରୁ ସତ୍ୟପାଠ ଦାଖଲ

**ବେଆଇନ କଲ୍ୟାଣ ମଣ୍ଡପ ମାମଲା**

**କଟକ ଅଫିସ,୧୯।୮:** କଟକରେ ବେଆଇନ କଲ୍ୟାଣ ମଣ୍ଡପ ମାମଲାର ଶୁଣାଣି ବୁଧବାର ହାଇକୋର୍ଟରେ ହୋଇଛି। ଏଥିରେ କଟକ ମହାନଗର ନିଗମ(ସିଏମ୍‌ସି) ସଚିବ ତଥା ଡେପୁଟି କମିଶନର ସତ୍ୟପାଠ ଦାଖଲ କରିଛନ୍ତି। ଏଥିରେ ଦର୍ଶାଯାଇଛି, କଲ୍ୟାଣ ମଣ୍ଡପ ସଂଘ ପ୍ରଦତ୍ତ ତଥ୍ୟ ଅନୁସାରେ କଟକରେ ୭୪ ମଣ୍ଡପ ରହିଛି। ସେଥିରୁ ୧୩ଟିରେ ତାଲା ପଡିଥିବାବେଳେ ଗୋଟିଏ ସ୍ଥାୟୀଭାବେ ବନ୍ଦ ହୋଇଛି। ବାକି ୬୦ କଲ୍ୟାଣ ମଣ୍ଡପ କଟକ ଉନ୍ନୟନ କର୍ତ୍ତୃପକ୍ଷ( ପ୍ଲାନିଂ ଓ ବିଲଡିଂ ଷ୍ଟାଣ୍ଡାର୍ଡ) ରେଗୁଲେଶନ, ୨୦୧୭କୁ ପାଳନ କରି ନ ଥିବା ସିଏମ୍‌ସି ପକ୍ଷରୁ ଯାଞ୍ଚବେଳେ ଜଣାପଡିଛି। ତେଣୁ ଉକ୍ତ ୬୦ କଲ୍ୟାଣ ମଣ୍ଡପକୁ କାହିଁକି ବନ୍ଦ କରା ନ ଯିବ ଏବଂ ମଣ୍ଡପ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ ବୋଲି ୧୫ ଦିନ ମଧ୍ୟରେ କାରଣ ଦର୍ଶାଇବା ପାଇଁ ସେମାନଙ୍କ ନିକଟକୁ ନୋଟିସ୍ ପଠାଯାଇଛି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ବି.ପି. ରାଉତରାୟଙ୍କ ମିଳିତ ଖଣ୍ଡପୀଠ ଏହାର ଶୁଣାଣି କରିଛନ୍ତି। ପରବର୍ତ୍ତୀ ଶୁଣାଣି ଆସନ୍ତା ନଭେମ୍ବର ୩ରେ ହେବ। ଆବେଦନକାରୀ ଇ. ଭେଙ୍କଟ ରାଓ ହାଇକୋର୍ଟରେ ୨୦୧୫ ମସିହାରେ ବେଆଇନ କଲ୍ୟାଣ ମଣ୍ଡପ ନେଇ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ।


**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR**

No.3858 Date: 17.08.2021

No. O-557: The tender for the works invited this office N.I.T. No. Tender-Online-C.C.-10 of 2021 Dt.23.04.2021 issued vide this office Lr. No. 2222 Dt.23.04.2021 is hereby cancelled due to some unavodiable circumstances.

Sd./- Chief Construction Engineer
Central Rural Works Circle, Bhubaneswar
OIPR-25082/11/0022/2122

**ODISHA HYDRO POWER CORPORATION LTD.**
(A Gold Rated State PSU)
O/o. SR. GENERAL MANAGER, RENGALI HYDRO ELECTRIC PROJECT
P.O.: RENGALI DAM SITE, PIN- 759105, DIST.- ANGUL (ODISHA)
TEL.: 06760-277214, FAX: 06760-277324, Email: sgmel500@gmail.com

No.: RHEP/C & P/PUR-III-61/4613 Date: 18.08.2021

**NOTICE INVITING TENDER No. RHEP-22/2021-22**

No.: CAD-936: Sealed tenders are invited in two part i.e. (i) Techno Commercial Bid and (ii) Price Bid in separate sealed envelopes from reputed firm/agency/contractor.

| Sl. No. | Description of Services | Cost of Tender Paper (Non-refundable) in Rs. | Estimated Amount/ EMD in shape of DD only (Refundable) in Rs. | Period of availability of tender at OHPC website | Last date & Time of receipt of Tender | Date & Time of Opening of Techno Commercial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | HOUSE KEEPING & CATERING OF ERECTOR'S HOSTEL OF RHEP, RENGALI | Rs.7080/- (Inclusive of GST @ 18%) | Rs.13,41,094/- and in lieu of EMD, Bid Security declaration form to be submitted | From Dt.25.08.2021 to Dt.06.09.2021 upto 04.00 P.M. | Upto 04.30 P.M. Dt.06.09.2021 | At 04.45 P.M. Dt. 07.09.2021 |

For details and further correspondence/corrigendum, please visit our website www.ohpcltd.com.

Sd./- C & P Head, RHEP, Rengali
OIPR-04005/11/0018/2122

**OFFICE OF THE DIVISIONAL FOREST OFFICER, KALAHANDI NORTH DIVISION**
INFRONT OF THE OFFICE OF THE DISTRICT JUDGE, KALAHANDI, OLD GOVT. BUS STAND, BHAWANIPATNA, KALAHANDI, ODISHA-766001
E-mail ID: north_Kalahandi@yahoo.co.in, dfoKalahandinorth2003@gmail.com
Phone No. 06670-230526

**Bid Identification No. BC-DFOKLDN-01/2021-22**

No.MM-164

| | | |
|---|---|---|
| 1. | Name of the work | 14 nos. of Building Works |
| 2. | Estimated Cost | Varies from Rs. 9 Lakh to Rs. 20 Lakh |
| 3. | Period of completion | 04 (Four) Calendar Months |
| 4. | Date and time of availability of bid document in the portal | 11.00 AM of 24.08.2021 to 5.00 PM of 13.09.2021 |
| 5. | Last date/Time for receipt of bid | 5.00 PM of 13.09.2021 |
| 6. | Name and address of the Officer Inviting Bid | Divisional Forest Officer, Kalahandi North Division, Bhawanipatna |
| 7. | Date & Venue of Opening of Bid | On 14.09.2021 at 11.00 AM in the Office of the Divisional Forest Officer, Kalahandi North Division, Bhawanipatna |

Further details can be available in the office of the Divisional Forest Officer, Kalahandi North Division, Bhawanipatna during working hours except Sundays and holidays.

(Malaya Ranjan Kalo)
I/C – Divisional Forest Officer, Kalahandi North Division
OIPR-08122/11/0006/2122

**OFFICE OF THE PANCHAYAT SAMITI, KHARIAR, DIST.- NUAPADA**
**NOTICE INVITING TENDER**

Tender Call Notice No. 4806 Dated: 18.08.2021

Sealed item rate tenders in "Double Cover System" are invited from eligible bidders for "Supply, Installation of Interactive Flat Penal - Digital Education Boards" under 5-Ts High School Transformation Programme as per the particulars mentioned below:

| Sl. No. | Particular | Date & Time |
|---|---|---|
| 01 | Date & Time of Bid availability in website | 21.08.2021 from 10.30 A.M. to 01.09.2021 at 5.30 P.M. |
| 02 | Latest Date & Time for submission of Bid | 04.09.2021 by 5.00 P.M. |
| 03 | Date & Time for Opening of Bid | 05.09.2021 at 11.00 A.M. |

The bid documents with all required information relating to the detail of bidding process and terms & conditions need to be assessed from district website i.e. http://www.nuapada.nic.in. The Block Development Officer, Khariar Panchayat Samiti reserves the right to reject or modify any conditions of the tender and may cancel the tender at any stage without assigning any reason thereof.

N.B.: Bidder can apply whole tender or part of tender item.

Sd./- Block Development Officer, Khariar

**ZILLA SWASTHYA SAMITI, BHADRAK**
**DISTRICT PROGRAMME MANAGEMENT UNIT**
**O/O. CDM & PHO, BHADRAK, DIST.- BHADRAK**

Advt. No. 06/2021 Date: 18.08.2021

**Notification of Applicants pursuant to Advt. No. 01/2021 dated 11.05.2021 & Adv. No. 03/2021 dated 07.07.2021**

No. E-355: Regarding selection of candidates through in-house selection mode and for empanelment, the provisional database (Post wise) is published in the district website. W.R.T. the Adv. No. 01/2021 dated 11.05.2021 and 03/2021 dated 07.07.2021 all the candidates who has applied for the same are required to go through the list, verify their status and file objection if any to the O/o. CDM & PHO, Bhadrak on or before 25.08.2021 upto 5.30 P.M. through Registered or Speed Post only.

The undersigned will not be held responsible for any postal delay. Objection(s) received after the last date of submission will not be received. The candidates are requested to visit district website regularly for knowing the further status and date of document verification. No communication will be made via other media. **No fresh document will be received by the O/o. the undersigned.**

Sd./- CDM & PHO Health Officer, Bhadrak
OIPR-10123/11/0008/2122

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, NABARANGPUR (R&B) DIVISION, NABARANGPUR**
E-mail ID: eerbngpur@yahoo.com, Tel & Fax- 06858-222833 (O)
**e-Procurement Notice**
**Bid Identification No. E.E (R&B)-08/2021-22/NGP**

No. 3357 Date. 16.08.2021

**No. B-316:-** Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e **www.tendersodisha.gov.in**.

1. Name of the Work : Civil Construction Work as mentioned in DTCN
2. No. of Work : 01 No.
3. Estimated Cost : Rs.62.41 Lakhs
4. Period of completion : 8 Calendar Months.
5. Date & Time of Bidding : From 11.00 hours of 25.08.2021. upto 16.00 hours of 08.09.2021.
6. Last date & time for receipt of bids in portal : 16.00 hours of 08.09.2021.
7. Bids received online shall be opened on : 11.00 hours of 09.09.2021.
8. Name and address of the officer inviting Bid : Executive Engineer, Nabarangpur(R&B) Division, Nabarangpur

Further details can be seen from the www.tendersodisha.gov.in

Sd./- Executive Engineer, Nabarangpur (R&B) Division
OIPR-34143/11/0006/2021

**OFFICE OF THE PANCHAYAT SAMITI, BODEN, DIST.- NUAPADA**
**TENDER INVITING NOTICE**

Tender Call Notice No. 2487 Dated: 18.08.2021

Sealed item rate tenders in "Double Cover System" are invited from eligible bidders for "Supply, Installation of Interactive Flat Penal - Digital Education Boards" under 5-Ts High School Transformation Programme as per the particulars mentioned below:

| Sl. No. | Particulars | Date & Time |
|---|---|---|
| 01 | Date & Time of Bid availability in website | 23.08.2021 |
| 02 | Date & Time for submission of Bid | 23.08.2021 (5.30 P.M. to 31.08.2021 (5 P.M.) |
| 03 | Last Date & Time for receipt of completed Bid documents | 31.08.2021 (5 P.M.) |
| 04 | Date & Time for Opening of Bid | 03.09.2021 at 11.00 A.M. in Office of BDO, Boden |

The bid document with all information relating to the details of bidding process and terms & conditions need be assessed from district website i.e. http://www.nuapada.nic.in. The B.D.O., Boden Panchayat Samiti reserves the right to reject or modify any conditions of the tender and may cancel the tender at any stage without assigning any reason thereof.

Sd./- Block Development Officer, Boden

**ସୂଚନା**

No. MM-165: ଏହି ବନଖଣ୍ଡ ଅଧୀନସ୍ଥ ଭିତରକନିକା ବନ୍ୟଜୀବ ଅଭୟାରଣ୍ୟ, ଗହୀରମଥା (ସାମୁଦ୍ରିକ) ବନ୍ୟଜୀବ ଅଭୟାରଣ୍ୟ ଓ ଭିତରକନିକା ଜାତୀୟ ଉଦ୍ୟାନର ସମସ୍ତ ନଦୀ, ନାଳ ଓ ଜଙ୍ଗଲ ଅଞ୍ଚଳ ଇତ୍ୟାଦିମାନଙ୍କରେ ପୂର୍ବ ବର୍ଷମାନଙ୍କ ପରି ଆସନ୍ତା ୨୦୨୨ ମସିହା ପାଇଁ କୁମ୍ଭୀର ସଂଖ୍ୟା ଆକଳନ କାର୍ଯ୍ୟ ଆସନ୍ତା ଜାନୁୟାରୀ ମାସ ୦୨ ତାରିଖ ୨୦୨୨ଠାରୁ ଆରମ୍ଭ ହୋଇ ଜାନୁୟାରୀ ୧୧ ତାରିଖ ୨୦୨୨ରେ ଶେଷ ହେବ। ଉପରୋକ୍ତ ସମୟ ମଧ୍ୟରେ ଭିତରକନିକା ବନ୍ୟଜୀବ ଅଭୟାରଣ୍ୟ, ଗହୀରମଥା (ସାମୁଦ୍ରିକ) ବନ୍ୟଜୀବ ଅଭୟାରଣ୍ୟ ଓ ଭିତରକନିକା ଜାତୀୟ ଉଦ୍ୟାନ ସାଧାରଣ ଯାତାୟାତ ଓ ପରିଦର୍ଶନ ପାଇଁ ବନ୍ଦ ରହିବ। ଉକ୍ତ ବନ୍ଦ ସମୟ ୨୦୨୨ ଜାନୁୟାରୀ ମାସ ୦୨ ତାରିଖଠାରୁ ୨୦୨୨ ଜାନୁୟାରୀ ମାସ ୧୧ ତାରିଖ (ଉଭୟ ଦିନ ଅନ୍ତର୍ଭୁକ୍ତ) ପର୍ଯ୍ୟନ୍ତ ବଳବତ୍ତର ରହିବ।

ଏଣୁ ଭିତରକନିକା/ଗହୀରମଥା ଆସିବା ପାଇଁ ଇଚ୍ଛୁକ ପର୍ଯ୍ୟଟକ/ପରିଦର୍ଶକମାନେ ଏହି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ନ ଆସିବାକୁ ଅନୁରୋଧ। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ଜନସାଧାରଣଙ୍କର ସହଯୋଗ ଏକାନ୍ତ ଆବଶ୍ୟକ।

ସ୍ୱା./– ବନଖଣ୍ଡ ଅଧିକାରୀ
ଲୁଣାଜଙ୍ଗଲ ବନଖଣ୍ଡ (ବନ୍ୟଜୀବ), ରାଜନଗର
OIPR-08053/11/0003/2122

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲ୍‌ଡିଂ
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ପତ୍ର ସଂଖ୍ୟା: ୨୭୩୯୫/ଭୁ.ଉ.କ., ଭୁବନେଶ୍ୱର ତା୧୧।୦୮।୨୦୨୧ରିଖ
KVH-249/96

**ସୂଚନା**

No. CAD-929: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି K-5, କଳିଙ୍ଗ ବିହାର, ଫେଜ୍-୧, ହାଉସିଂ ପ୍ରକଳ୍ପ ଅନ୍ତର୍ଗତ HIG-413 ଗୃହଟିକୁ ଶରତ କୁମାର ପାତ୍ର, ପିତା: ସ୍ୱର୍ଗତ ଧନେଶ୍ୱର ପାତ୍ର, ଗ୍ରାମ: ପାତ୍ରସାହି, ପୋ.ଅ.: ମୋଚିସାହି, ଥାନା: ଟାଉନ୍ ଥାନା, ଜିଲା: ପୁରୀଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ ଶ୍ରୀ ଶରତ କୁମାର ପାତ୍ରଙ୍କ ମୃତ୍ୟୁ ପରେ ଉକ୍ତ ଗୃହଟିକୁ ତାଙ୍କର ନିମ୍ନଲିଖିତ ଉତ୍ତରାଧିକାରୀଙ୍କ ନାମରେ ମ୍ୟୁଟେସନ କରିବା ନିମନ୍ତେ ତାଙ୍କର ପତ୍ନୀ କବିତା ପଟ୍ଟନାୟକ ଏବଂ ପିଲାମାନେ ଆବେଦନ କରିଅଛନ୍ତି।

୧) କବିତା ପଟ୍ଟନାୟକ – ମୃତବ୍ୟକ୍ତିଙ୍କ ପତ୍ନୀ
୨) ସମ୍ବିତ ପାତ୍ର – ମୃତବ୍ୟକ୍ତିଙ୍କ ପୁତ୍ର
୩) ସୋମ୍ୟା ପାତ୍ର – ମୃତବ୍ୟକ୍ତିଙ୍କ କନ୍ୟା

ଏଣୁ ଉକ୍ତ ଗୃହଟିକୁ ଉପରୋକ୍ତ ଉତ୍ତରାଧିକାରୀଙ୍କ ନାମରେ ମ୍ୟୁଟେସନ କରାଯିବା ସମ୍ବନ୍ଧରେ ଯଦି କାହାର କିଛି ଆପତ୍ତି/ଅଭିଯୋଗ ଥାଏ କିମ୍ବା ଶରତ କୁମାର ପାତ୍ରଙ୍କର ଯଦି ଅନ୍ୟ କେହି ଉତ୍ତରାଧିକାରୀ ଥାନ୍ତି ତେବେ ଉକ୍ତ ନୋଟିସ୍ ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଆପତ୍ତି ଜଣାଇବେ। ତତ୍ ପରେ ଏ ସମ୍ବନ୍ଧରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା./– ଆବଣ୍ଟନ ଅଧିକାରୀ – ୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
OIPR-13033/11/0034/2122

**THE ODISHA STATE POLICE HOUSING & WELFARE CORPORATION LTD.**
(A Government of Odisha Undertaking)
JANAPATH, BHOINAGAR, BHUBANESWAR-22
Ph: 0674-2541545, 2542921, Fax: 0674-2541543,
E-mail: ophwc.od@nic.in, Website: www.ophwc.nic.in
e-procurement notice No. - 13/OPHWC/2021-22 & 14/OPHWC/2021-22

No.CAD-933 **INVITATION FOR BIDS (IFB)**

| | | | |
|---|---|---|---|
| 1. | The Chief Engineer (OSPH&WC), Odisha, Bhubaneswar invites Percentage rate bid in Double Cover/Single Cover system in ONLINE MODE only, for the work as detailed below: | | |
| 2. | Nature of work | Building works | |
| 3. | No. of Works | 28 Nos. | |
| 4. | Bid Cost | Rs.7,080/- (To be paid online) for Single Cover bid | |
| | | Rs.11,800/- (To be paid online) for Double Cover Bid | |
| 5. | Value of Tender | Rs.10.00 Lakh to Rs.2.80 Cr. | |
| 6. | Class of Contractor | 'D' Class to 'A' Class | |
| | SCHEDULE OF TENDER | | |
| | | Single Cover Bid | Double Cover Bid |
| 7. | Availability of Bid Documents in the website | Dt.23.08.2021 to Dt.01.09.2021 | Dt.24.08.2021 to Dt.06.09.2021 |
| 8. | Last date/time of Receipt of Bids in the Portal | Dt.01.09.2021 up to 5.00 P.M. | Dt.06.09.2021 up to 5.00 PM |
| 9. | Date of Opening Bid | Dt.02.09.2021 at 11.30 A.M. | Dt. 07.09.2021 at 11.30 A.M. |
| 10. | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/ corrigendum/cancellation of tender can also be seen in the said website. | | |

Sd./- Chief Engineer (OSPH&WC), Odisha

N.B.- The quoted rate should be all inclusive but excluding G.S.T. as applicable under works contract.

OIPR-12025/11/0015/2122

**OFFICE OF THE MUNICIPAL COUNCIL, SUNDARGARH**

No. 4646 Date: 19.08.2021

**COMPETITIVE BIDDING THROUGH e-Procurement**
**NOTICE INVITING TENDER**
**Bid Reference No. SNGM-14/2021-22 / Dt.19.08.2021**

No. C-780: On behalf of the Sundargarh Municipality, Online e-tender **Percentage Rate Bids** are invited by the Executive Officer, Sundargarh Municipality from the intending and eligible class/category of bidders in conformity with the Detailed Tender Call Notice in **Single Cover Bid System i.e. Technical Bid & Financial Bid** for execution of the works mentioned in the DTCN. Contractors validly registered/empanelled under Sundargarh Municipality are also eligible to participate for the works as per condition of DTCN.

1. Total No. of works for which tenders invitied : 03 Nos.
2. Place of Execution : Inside of Sundargarh Municipality
3. Estiamted Cost of work : Rs.4,26,236/- to Rs.14,51,016/-
4. Eligible Class of Contractors : Registered Contractors of **Class- 'D' to Class- 'C'** as indicated against the work mentioned in the Tender Call Notice.
5. Intending bidders have to participate through **"Online"** bidding only. The website for online bidding is **https://www.tendersodisha.gov.in**.
6. The bid documents will be available in the above website from **11 A.M. on 21.08.2021 to 5 P.M. on 30.08.2021** for online bidding.
7. Bids received online will be opened at **11 A.M. on 31.08.2021**.
8. The bidder must possess valid and compatible **Digital Signature Certificate (DSC)**.
9. The DTCN for bid shall be available in the e-procurement portal **https://www.tendersodisha.gov.in** for Online bidding.

Sd./- Executive Officer, Sundargarh Municipality
OIPR-13130/11/0032/2122

**HOUSING AND URBAN DEVELOPMENT DEPARTMENT**
**OFFICE OF THE BARGARH MUNICIPAL COUNCIL, BARGARH**
At/P.O./Dist.- Bargarh, PIN - 768028
e-Mail: bargarhmunicipality.eo@gmail.com
Website: www.bargarhmunicipality.in
Ph.: 06646-234347, Fax: 06646-234347

Letter No. 4126 Date: 16.08.2021

**Invitation for Bids**
**Bid Identification No. 3/BGH-MUN/2021-22**

No. C-777: The Executive Officer, Bargarh Municipality on behalf of Bargarh Municipality invites bids on percentage rate basis on Online mode for works as detailed in the table given below from eligible contractors registered with the State/Central Govt. and contractors of equivalent grade/ULBs contractor for execution of works on production of definite proof from the appropriate authority.

| | | |
|---|---|---|
| 1 | Nature of Work | Civil Work |
| 2 | No. of Work | 11 Nos. |
| 3 | Amount put to tender (in lakh) | As per DTCN |
| 4 | Bid Cost | As per DTCN |
| 5 | Class of Contractor | "D" & "C" |
| 6 | Availability of Bid documents in website | From 11.00 hrs. Dt.20.08.2021 to 17.30 Dt.02.09.2021 |
| 7 | Date of Opening of Bid | Dt.03.09.2021 11.00 hrs. |
| | The bidder have to participate in ONLINE bidding only. Further details can be seen from the website i.e. https://tenderodisha.gov.in and Bargarh Municipality website i.e. http://www.bargarhmunicipality.in. Any addendum/corrigendum/cancelation of tender can also be seen only in the said webstie. | |

Sd./- Executive Officer, Bargarh Municipality
OIPR-13103/11/0006/2122


ୱାସିମ ଜାଫର

# ଓସିଏର ବଡ଼ ପ୍ରସ୍ତୁତି


ନିର୍ମଳ କୁମାର ମିଶ୍ର

**କରୋନା ମହାମାରୀର ଚ୍ୟାଲେଞ୍ଜ ସତ୍ତ୍ୱେ ଖୁବ୍‌ଶୀଘ୍ର ସାରା ଦେଶରେ ଆରମ୍ଭ ହେବାକୁ ଯାଉଛି ଘରୋଇ କ୍ରିକେଟ ସେସନ। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ମଧ୍ୟ ଏଥିପାଇଁ ପସ୍ତୁତି ଆରମ୍ଭ କରିଛି। ରଣଜୀ ଟ୍ରଫି ସମେତ ଅନ୍ୟ ଟୁର୍ନାମେଣ୍ଟଗୁଡ଼ିକରେ ଭଲ ପ୍ରଦର୍ଶନ କରିବାକୁ ଓଡ଼ିଶା ଲକ୍ଷ୍ୟ ରଖିଛି। ଏଥିପାଇଁ ଡୋମେଷ୍ଟିକ ହେଭିୱେଟ ତଥା ପୂର୍ବତନ ଭାରତୀୟ ବ୍ୟାଟ୍ସମ୍ୟାନ ୱାସିମ ଜାଫରଙ୍କୁ ଓଡ଼ିଶାର ମୁଖ୍ୟ କୋଚ୍ ନିଯୁକ୍ତ କରାଯାଇଛି....**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ୨୦୨୧-୨୨ ଘରୋଇ କ୍ରିକେଟ ସିଜନ ଆରମ୍ଭର ଘୋଷଣା କରିଛି। ସେପ୍ଟେମ୍ବର ୨୧ ତାରିଖରୁ ସବୁ ବର୍ଗର ମ୍ୟାଚଗୁଡ଼ିକ ଆରମ୍ଭ ହେବ। ମହିଳା ସିନିୟର ଚ୍ୟାଲେଞ୍ଜର ଟ୍ରଫି ଏବଂ ଏକଦିବସୀୟ ଲିଗ୍ ୨୭ ଅକ୍ଟୋବରରେ ଆରମ୍ଭ ହେବାକୁ ଥିବା ବେଳେ ସୟଦ ମୁସ୍ତାକ ଅଲ୍ଲୀ ଟି୨୦ ଅକ୍ଟୋବର ୨୦ରୁ ଆରମ୍ଭ ହେବ। କରୋନା ଯୋଗୁ ଘରୋଇ କ୍ରିକେଟର ସମ୍ମାନଜନକ ତଥା ସର୍ବବୃହତ୍ ଟୁର୍ନାମେଣ୍ଟ ରଣଜୀ ଟ୍ରଫି ଖେଳାଯିବା ପାଇଁ ବିସିସିଆଇ ଘୋଷଣା କରିଛି। ଯାହାକି ନଭେମ୍ବର ୧୬ ତାରିଖରୁ ଆରମ୍ଭ ହୋଇ ଫେବୃୟାରୀ ୧୯ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ବିଜୟ ହଜାରେ ଟ୍ରଫି ଫେବୃୟାରୀ ୨୩ରୁ ଆରମ୍ଭ ହୋଇ ମାର୍ଚ୍ଚ ୨୬ ପର୍ଯ୍ୟନ୍ତ ଖେଳାଯିବ। ଉଭୟ ପୁରୁଷ ଏବଂ ମହିଳା ବିଭାଗରେ ମୋଟ ୨୧୧୭ଟି ମ୍ୟାଚ ଅନୁଷ୍ଠିତ ହେବ। ଖେଳାଳି ମ୍ୟାଚ ଅଫିସିଆଲ ମାନଙ୍କ ସୁରକ୍ଷା ପାଇଁ ବେଶ୍ ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରିଛି ବିସିସିଆଇ। ଏଥିପାଇଁ ସମସ୍ତ ରାଜ୍ୟ ଆସୋସିଏଶନଗୁଡ଼ିକ ସକ୍ରିୟ ହୋଇଛନ୍ତି। ଚଳିତ ରଣଜୀ ସିଜିନ ପାଇଁ ଓଡ଼ିଶା କ୍ରିକେଟ୍ ଆସୋସିଏଶନ (ଓସିଏ) ମଧ୍ୟ ତା'ର ବଡ ପ୍ରସ୍ତୁତି ଆରମ୍ଭ କରିଛି। ଯାହାକି ଖେଳାଳିମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ସୃଷ୍ଟି କରିଛି। ରାଜ୍ୟର କ୍ରିକେଟ କ୍ଲବଗୁଡ଼ିକ ସକ୍ରିୟ ହେବା ସହ ସେମାନଙ୍କର ଖେଳାଳିମାନଙ୍କୁ କଳାହାଣ୍ଡି କପ୍, ୧୬ ଓ ୧୯ ବର୍ଷରୁ କମ୍ ଏବଂ ମହିଳା କ୍ରିକେଟ ପାଇଁ ସିଲେକଶନ୍ ମାଧ୍ୟମରେ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ପଠାଇଛନ୍ତି। ଖୁବ୍ କମ୍ ସମୟ ମଧ୍ୟରେ ଓସିଏ ତା'ର ବିଭିନ୍ନ ବର୍ଗର ପ୍ରତିଯୋଗିତା ଆରମ୍ଭ କରିଛି। ଦେବାଶିଷ ମହାନ୍ତି ଏବଂ ଶିବସୁନ୍ଦର ଦାସ ବିସିସିଆଇର ଗୁରୁଦାୟିତ୍ୱ ନେବା ପରେ ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ତଥା ଘରୋଇ ରଣଜୀ ଷ୍ଟାର ଖେଳାଳି ୱାସିମ ଜାଫରଙ୍କୁ ମୁଖ୍ୟ କୋଚ ଦାୟିତ୍ୱ ଦେଇଛନ୍ତି।

**ମୁଖ୍ୟ କୋଚ ୱାସିମ ଜାଫର**

**ଜନ୍ମ:** ୧୬ ଫେବୃୟାରୀ ୧୯୭୮, ମୁମ୍ବାଇ
**ବୟସ:** ୪୩
**ବ୍ୟାଟିଂ:** ଡାହାଣହାତୀ
**ବୋଲିଂ:** ରାଇଟ ଆର୍ମ ଅଫ୍ ବ୍ରେକ
**ରୋଲ:** ବ୍ୟାଟ୍ସମ୍ୟାନ
**ଭାରତୀୟ ଦଳ:** ୨୦୦୦- ୨୦୦୮
**ଘରୋଇ ଦଳ:** ମୁମ୍ବାଇ, ରୟାଲ ଚ୍ୟାଲେଞ୍ଜର ବାଙ୍ଗାଲୋର, ବିଦର୍ଭ
**ଟେଷ୍ଟ କ୍ୟାରିୟର**
**ମ୍ୟାଚ୍:** ୩୧
**ରନ:**୧,୯୪୪
ଆଭରେଜ:୩୪. ୧୦୯
**ଶତକ:** ୫
**ଅର୍ଦ୍ଧଶତକ:** ୧୧
**ଟପ୍ ସ୍କୋର:** ୨୧୨
**ଦିନିକିଆ ମ୍ୟାଚ୍:** ୨
**କୋଚିଂ କ୍ୟାରିୟର:**
ବ୍ୟାଟିଂ କୋଚ୍ ବାଂଲାଦେଶ କ୍ରିକେଟ ଟିମ
ବ୍ୟାଟିଂ କୋଚ୍ କିଙ୍ଗ୍ସ ଏକାଦଶ ପଞ୍ଜାବ
ହେଡ୍ କୋଚ୍ ଉତ୍ତରାଖଣ୍ଡ କ୍ରିକେଟ ଟିମ
ହେଡ୍ କୋଚ୍ ଓଡ଼ିଶା କ୍ରିକେଟ ଟିମ୍

ଘରୋଇ ଏବଂ ଅନ୍ତର୍ଜାତୀୟ କ୍ରିକେଟରେ ୱାସିମ ଜାଫର ଏକ ଜଣାଶୁଣା ନାମ। ୨୬୦ଟି ପ୍ରଥମ ଶ୍ରେଣୀ ମ୍ୟାଚ ଖେଳିବାର ଅଭିଜ୍ଞତା ରହିଥିବା ଏହି ସୁନାମଧନ୍ୟ ଖେଳାଳି ପୂର୍ବରୁ ଉତ୍ତରାଖଣ୍ଡ କ୍ରିକେଟ ଆସୋସିଏଶନର ମୁଖ୍ୟ ବ୍ୟାଟିଂ କୋଚ ରୂପେ କାର୍ଯ୍ୟ କରିଆସିଛନ୍ତି। ସେ ୫୦.୭ ଆଭରେଜରେ ମୋଟ ୧୯୪୧୦ ରନ୍ ସଂଗ୍ରହ କରିଥିବା ବେଳେ ପ୍ରଥମ ଶ୍ରେଣୀ ମ୍ୟାଚରେ ତାଙ୍କର ସର୍ବାଧିକ ସ୍କୋର ୩୧୪ ରନ୍ ରହିଛି। ଏଥିରେ ୫୭ଟି ଶତକ ଏବଂ ୯୧ଟି ଅର୍ଦ୍ଧଶତକ ସାମିଲ ରହିଛି। ଏପରି ବ୍ୟାଟିଂ ରେକର୍ଡ ଥିବା ରଣଜୀ ଫର୍ମାଟ୍‌ର ସୁପରଷ୍ଟାର ୱାସିମ୍ ଜାଫରଙ୍କୁ କୋଚ ରୂପେ ପାଇ ଏହାର ସୁଫଳ ଓଡ଼ିଶା କ୍ରିକେଟ ଉଠାଇବା ଆବଶ୍ୟକ। ରଣଜୀ ଟ୍ରଫି ଦୀର୍ଘ ୧୮ ମାସ ପରେ ପ୍ରତ୍ୟାବର୍ତ୍ତନ କରୁଥିବାରୁ ସିନିୟର ଖେଳାଳିମାନେ ବେଶ୍ ଆଶ୍ୱସ୍ତିଲାଭ କରିଛନ୍ତି। କୋଭିଡ୍ ପାଇଁ ଏହି ମେଗା ପ୍ରତିଯୋଗିତା ବନ୍ଦ ରହିଥିଲା। ଯୁବ ଖେଳାଳିମାନେ ଏହି ମଲ୍ଟି ଡେଜ୍ ମ୍ୟାଚରେ ନିଜର ପ୍ରଭାବୀ ପ୍ରଦର୍ଶନ ମାଧ୍ୟମରେ ଜାତୀୟ ଦଳରେ ସାମିଲ ହେବାର ସୁଯୋଗ ପାଇଛନ୍ତି।




ୱାସିମ୍ ଜାଫରଙ୍କୁ ମୁଖ୍ୟ କୋଚ ଦାୟିତ୍ୱ ଦେଇ ଓସିଏ ତା'ର ଭିଜନ୍ ୨୦୨୪କୁ ଅଧିକ କାର୍ଯ୍ୟକ୍ଷମ ଏବଂ ସଫଳ କରିବା ପାଇଁ ଆଗେଇ ଆସିଛି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ହୋଇଥିବା ବେଳେ ଯୁବ ଓଡ଼ିଶା ଖେଳାଳିମାନେ ଏହାର ଫାଇଦା ନେବା ଆବଶ୍ୟକ। ଓଡ଼ିଶାରେ ଯୁବ ଖେଳାଳିମାନଙ୍କ ଅଭାବ ନାହିଁ ଏବଂ ବିଭିନ୍ନ ବର୍ଗରେ ଅନେକ ପ୍ରତିଭାସମ୍ପନ୍ନ ଖେଳାଳି ରହିଛନ୍ତି। ଅନେକ ମ୍ୟାଚରେ ନିଜେ ଉପସ୍ଥିତ ରହି ଖେଳାଳିମାନଙ୍କୁ ବ୍ୟାଟିଂ, ବୋଲିଂ ଏବଂ ଫିଲ୍ଡିଂରେ ଧ୍ୟାନ ଦେବା ପାଇଁ ପରାମର୍ଶ ଦେବା ସହିତ ଭୁଲ୍ ସୁଧାରିବା ଲାଗି ଅଧିକ ଧ୍ୟାନ ଦେଉଛନ୍ତି।

ସୂଚନାଯୋଗ୍ୟ ଯେ ୨୦୧୦-୧୧ ରଣଜୀ ସିଜିନ୍‌ରେ ଓଡ଼ିଶା ସିନିୟର ଦଳ ଅତି ଖରାପ ପ୍ରଦର୍ଶନ କରିବା ଯୋଗୁ ବହୁ ସମାଲୋଚିତ ହୋଇଥିଲା। ଅଷ୍ଟ୍ରେଲିଆର ପୂର୍ବତନ ଖେଳାଳି ମାଇକେଲ ବେଭାନ ମୁଖ୍ୟ କୋଚ ହେବା ପରେ ଓଡ଼ିଶା କ୍ରିକେଟ କିଛି ଫାଇଦା ନେବ ବୋଲି ଆଶା କରାଯାଉଥିଲା। ଯଦିଓ ଅନେକ ଯୁବ ଓ ପ୍ରତିଭାବାନ ଖେଳାଳି ସୃଷ୍ଟି ହୋଇଥିଲେ ତଥାପି ଓଡ଼ିଶା କ୍ରିକେଟ ଭାଗ୍ୟରେ ପରିବର୍ତ୍ତନ ହୋଇ ନ ଥିଲା। ବରଂ ପୂର୍ବ ଅପେକ୍ଷା ଅଧିକ ଖରାପ ପ୍ରଦର୍ଶନ କରିଥିଲା ଟିମ୍ ଓଡ଼ିଶା। ସେହିବର୍ଷ ଓଡ଼ିଶା ସୟଦ ମୁସ୍ତାକ ଅଲ୍ଲୀ ଟି୨୦ କ୍ରିକେଟ ନକ୍ ଆଉଟ୍ ପର୍ଯ୍ୟାୟକୁ ଯାଇପାରି ନ ଥିଲା। ଏପରିକି ତାଙ୍କ ଉପଦେଶରେ ଓଡ଼ିଶାର ୧୮ ଜଣିଆ ରଣଜୀ ଦଳକୁ ଅଷ୍ଟ୍ରେଲିଆରେ ଅନେକ ଅଭ୍ୟାସ ମ୍ୟାଚ ଖେଳିବା ପାଇଁ ୨୧ଦିନ ଲାଗି ପଠାଇ ଓସିଏ ପର୍ଯ୍ୟାପ୍ତ ଅର୍ଥ ଖର୍ଚ୍ଚ କରିଥିଲା। ବ୍ୟାପକ ଟର୍ଫ ଉଇକେଟ ନିର୍ମାଣ, ଅତ୍ୟାଧୁନିକ ଜ୍ଞାନ କୌଶଳର ପ୍ରୟୋଗ ଏବଂ ଯନ୍ତ୍ରପାତିର ବ୍ୟବହାର ଓଡ଼ିଶା କ୍ରିକେଟକୁ କୌଣସି ସୁଫଳ ଦେଇ ନ ଥିଲା। ତାଙ୍କ ସମୟରେ ସିନିୟର ଖେଳାଳିମାନଙ୍କ ଦକ୍ଷତା ଏବଂ କୌଶଳରେ ଉନ୍ନତି ଆସିଥିଲେ ମଧ୍ୟ ପ୍ରଦର୍ଶନରେ ସ୍ଥିରତା ରହି ନ ଥିଲା। ଓଡ଼ିଶାର ଷ୍ଟାର ତଥା ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଦେବାଶିଷ ମହାନ୍ତି ଦାୟିତ୍ୱ ନେବା ପରେ ଏଲିଟ୍ ଗ୍ରୁପରେ ଓଡ଼ିଶା ସ୍ଥାନ ପାଇ ପାରିଥିଲା।

କିଛିବର୍ଷ ପୂର୍ବରୁ କ୍ରିକେଟର ସମସ୍ତ ଫର୍ମାଟରେ ଓଡ଼ିଶା ଆଖିଦୃଶିଆ ସଫଳତା ହାସଲ କରିପାରି ନ ଥିଲା। ଓସିଏ ଖେଳାଳିମାନଙ୍କ ପାଇଁ ପାଣି ପରି ପଇସା ଖର୍ଚ୍ଚ କରୁଥିଲେ ମଧ୍ୟ ବ୍ୟାକ୍‌ଫୁଟ୍‌ରେ ରହିଛି ଓଡ଼ିଶା କ୍ରିକେଟ। ଏଥିପାଇଁ ଓସିଏର ନୂତନ କର୍ମକର୍ତ୍ତାମାନେ ବେଶ୍ ଚିନ୍ତିତ ରହିଛନ୍ତି। ପ୍ରଦର୍ଶନରେ ସ୍ଥିରତା ଆସିବା ଆବଶ୍ୟକ। ଅତୀତରେ ଅନେକ ଶକ୍ତିଶାଳୀ ଦଳକୁ ହରାଇଥିବା ଓଡ଼ିଶା ଦଳ ଆସାମ, ତ୍ରିପୁରା, ବେଙ୍ଗଲ, ଝାଡଖଣ୍ଡ, ଜମ୍ମୁ ଓ କଶ୍ମୀର ପରି ଦଳଠାରୁ ମ୍ୟାଚ ହାରିବା ଚିନ୍ତା ବଢାଇଛି। ଗତ ସିଜିନ୍‌ରେ ଦଳ ସେତେ ଭଲ ପ୍ରଦର୍ଶନ କରି ପାରି ନ ଥିଲେ ମଧ୍ୟ ଶାନ୍ତନୁ ମିଶ୍ର, ଦେବାଶିଷ ସାମନ୍ତରାୟ, ବିପ୍ଳବ ସାମନ୍ତରାୟ, ଅନୁରାଗ ଷଡଙ୍ଗୀ, ଗୋବିନ୍ଦ ପୋଦ୍ଦାର, ଶୁଭ୍ରାଂଶୁ ସେନାପତି, ରାଜେଶ ଧୂପର ତିନୋଟି ଫର୍ମାଟ୍‌ରେ କିଛି ସଫଳତା ପାଇ ଥିଲେ ମଧ୍ୟ ତାହା ଯଥେଷ୍ଟ ନ ଥିଲା। ବୋଲିଂରେ ଅଭିଜ୍ଞ ବସନ୍ତ ମହାନ୍ତି, ରାଜେଶ ମହାନ୍ତି, ସୂର୍ଯ୍ୟକାନ୍ତ ପ୍ରଧାନ, ପପୁ ରାୟ ବେଶ୍ ସଫଳ ହୋଇଥିଲେ। ଶୁଭ୍ରାଂଶୁ ସେନାପତିଙ୍କ ଅଧିନାୟକତ୍ୱରେ ଦଳ ୪ଟି ମ୍ୟାଚରେ ବିଜୟୀ ହୋଇଥିଲା। ଉତ୍ତର ପ୍ରଦେଶ, ବିହାର, କର୍ଣ୍ଣାଟକ, ବେଙ୍ଗଲ, ରେଲୱେ, କେରଳ, ଆସାମ, ଝାଡଖଣ୍ଡ, ତାମିଲନାଡୁ, ହାଇଦ୍ରାବାଦ ସହ ଓଡ଼ିଶା ମ୍ୟାଚ ଖେଳିଥିବା ବେଳେ ଏଲିଟ୍ ଗ୍ରୁପ୍-ସିରେ କେବଳ ବିହାର ଏବଂ ଆସାମଠାରୁ ଟି୨୦ ମ୍ୟାଚରେ ବିଜୟୀ ହୋଇଥିଲା।

ସେହିପରି ରଣଜୀ ମ୍ୟାଚ ଏଲିଟ୍ ଗ୍ରୁପ୍-ସିରେ ଛତିଶଗଡ, ସର୍ଭିସେସ୍, ଉତ୍ତରାଖଣ୍ଡ, ହରିୟାଣା ଏବଂ ଆସାମ ବିପକ୍ଷ ମ୍ୟାଚରେ ବିଜୟୀ ହୋଇଥିବା ବେଳେ ଓଡ଼ିଶା ମହାରାଷ୍ଟ୍ର ଏବଂ ଜମ୍ମୁ ଓ କଶ୍ମୀରଠାରୁ ପରାଜୟ ବରଣ କରିଥିଲା। ଝାଡଖଣ୍ଡ ଏବଂ ବେଙ୍ଗଲ ସହ ମ୍ୟାଚ ଡ୍ର ରଖିବା ଯୋଗୁ ଅଙ୍କରେ ସର୍ଭିସେସ୍‌କୁ ପଛରେ ପକାଇ କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଥିଲା। ଚଳିତ ସିଜନ୍ ପାଇଁ ମୋଟ ୩୮ଟି ଦଳ ମଧ୍ୟରେ ୧୬୭ଟି ମ୍ୟାଚ ଖେଳାଯିବ।

ଚଳିତ ରଣଜୀ ସିଜନ୍ ପାଇଁ ଟିମ୍ ଓଡ଼ିଶା ଭଲ ଅଭ୍ୟାସ କରିବା ପାଇଁ ଅନେକ ଅଭ୍ୟାସ ମ୍ୟାଚ ଖେଳିବାର ସୁଯୋଗ ରହିଛି। ଏକ ଶକ୍ତିଶାଳୀ ଏବଂ ସନ୍ତୁଳିତ ଦଳ ଗଠନ ଉପରେ ଓସିଏ ଚୟନକର୍ତ୍ତା ଏବଂ ମୁଖ୍ୟ କୋଚ ନିଶ୍ଚୟ ଗୁରୁତ୍ୱ ଦେବେ। ଯୁବ ଏବଂ ଅଭିଜ୍ଞ ଖେଳାଳିମାନଙ୍କୁ ନେଇ ଦଳ ଯେପରି ଭଲ ପ୍ରଦର୍ଶନ କରିବ ସେଥିପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି।

■■

## କରୋନା କାଳରେ କ୍ରୀଡ଼ା ପ୍ରତିଯୋଗିତା
# ଆଶା ଏବଂ ଆହ୍ୱାନ

**କୋଭିଡ୍-୧୯ ମହାମାରୀ ଯୋଗୁ କ୍ରୀଡ଼ା ସାଂଘାତିକ ଭାବେ ପ୍ରଭାବିତ ହୋଇଛି । ଟୋକିଓ ଅଲିମ୍ପିକ୍ସ ସଫଳତାର ସହ ଶେଷହେବା ପରେ ଆଶା ସୃଷ୍ଟି ହୋଇଥିଲେ ମଧ୍ୟ ସ୍ଥିତିରେ ସେପରି ସୁଧାର ହୋଇନାହିଁ।**


ରୁଦ୍ର ପ୍ରସନ୍ନ ରଥ

କରୋନା ମହାମାରୀ ଏବେ ବି ପୃଥିବୀରେ ତାହାର କାୟା ଜାରିରଖିଛି। କୋଟି କୋଟି ଲୋକ ଏଥିରେ ସଂକ୍ରମିତ ହୋଇ ସାରିଥିବାବେଳେ ଲକ୍ଷାଧିକ ଏଥିରେ ଜୀବନ ହରାଇଛନ୍ତି। ଏହି ମହାମାରୀ ଯୋଗୁ ପୃଥିବୀର ପ୍ରତ୍ୟେକ କ୍ଷେତ୍ର ପ୍ରଭାବିତ ହୋଇଛି। କରୋନା ଯୋଗୁ ବିଶ୍ୱର ତମାମ କ୍ରୀଡା କ୍ଷେତ୍ର ପ୍ରଭାବିତ ହୋଇଥିଲା। ବଡ ବଡ କ୍ରୀଡା ପ୍ରତିଯୋଗିତାର କାର୍ଯ୍ୟକ୍ରମ ଘୁଞ୍ଚିଥିଲା ବେଳେ ଅନେକ ବାତିଲ ହୋଇଥିଲା। କରୋନ ପରି ମହାମାରୀ ସମୟରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଆରମ୍ଭ ହୋଇଥିଲେ ମଧ୍ୟ ପରେ ଏହାକୁ ଅଧାରୁ ବନ୍ଦ କରିବାକୁ ପଡିଥିଲା। କ୍ରୀଡା ପ୍ରତିଯୋଗିତା ହେବ କି ନାହିଁ, ଯଦି ହୁଏ ତେବେ ଏହାର ସ୍ୱରୂପ କିପରି ହେବେ, ଦର୍ଶକ ଏହାକୁ ଦେଖିପାରିବେ କି ନାହିଁ ଆଦି ପ୍ରଶ୍ନ ସମସ୍ତଙ୍କୁ ବିଚଳିତ କରିଥିଲା। ତେବେ ଧୀରେ ଧୀରେ ସ୍ଥିତିରେ ପରିବର୍ତ୍ତନ ଆସୁଛି। ଏବେ ଅଲମ୍ପିକ୍ସ ଶେଷ ହୋଇଛି। ବିଶ୍ୱର ବିଭିନ୍ନ ଦେଶରେ ଏବେ କ୍ରିକେଟ୍ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଖେଳାଳିମାନେ କ୍ରୀଡା ମୈଦାନକୁ ଫେରୁଛନ୍ତି। ଲାଗୁଛି କରୋନା କାଳରେ ସବୁଠାରୁ ଅଧିକ ପ୍ରଭାବିତ ହୋଇଥିବା କ୍ରୀଡା କ୍ଷେତ୍ର ଏବେ ଧୀରେ ଧୀରେ ତା'ର ଚମକ ଫେରିପାଇବାକୁ ବସିଛି।

କରୋନା କ୍ରୀଡା କ୍ଷେତ୍ରକୁ ବ୍ୟାପକଭାବେ ପ୍ରଭାବିତ କରିଛି। କୋଭିଡ୍ ପ୍ରୋଟୋକଲକୁ ମାନି କ୍ରୀଡା ପ୍ରତିଯୋଗିତା ଆଦି ଆୟୋଜନ କରିବା କେବଳ କଷ୍ଟକର ନୁହେଁ ବରଂ ବେଶ୍ ବ୍ୟୟସାପେକ୍ଷ ମଧ୍ୟ। ବିଭିନ୍ନ ଖେଳାଳିମାନଙ୍କର କରୋନା ପରୀକ୍ଷା କରିବା, ସଂକ୍ରମିତ ହେଲେ ସେମାନଙ୍କୁ ଚିକିତ୍ସାର ସୁଯୋଗ ଦେବା, ସେମାନଙ୍କର ଆଇସୋଲେଶନ୍ ବ୍ୟବସ୍ଥା କରିବା ପାଇଁ ଯେ କେବଳ ବିପୁଳ ଅର୍ଥ ବ୍ୟୟ କରିବାକୁ ପଡିଥାଏ ତାହା ନୁହେଁ ବରଂ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ବ୍ୟାପକ ମାନବସମ୍ବଳର ମଧ୍ୟ ଆବଶ୍ୟକତା ଅଛି। ଏଣୁ ସବୁ କ୍ରୀଡା ସଂଗଠନ ଏହାକୁ କାର୍ଯ୍ୟକାରୀ କରିବା ସ୍ଥିତିରେ ନାହାନ୍ତି। ହୁଏତ କିଛି ବଡ଼ କ୍ରୀଡାନୁଷ୍ଠାନ ଅନ୍ତର୍ଜାତୀୟ କ୍ରୀଡା ପ୍ରତିଯୋଗିତା ଆୟୋଜନ କରିବାପାଇଁ ଏପରି ଅର୍ଥ ଖର୍ଚ୍ଚ କରିପାରିବେ ତେବେ ସେମାନେ ଘରୋଇ କ୍ଷେତ୍ରରେ ଏପରି ନିବେଶ କରି ନିୟମିତ ପ୍ରତିଯୋଗିତାର ଆୟୋଜନ କରିବା ବେଶ୍ କଷ୍ଟକର। ଏଣୁ ବିଶ୍ୱରେ ଅନେକ ଅନୁଷ୍ଠାନ ଘରୋଇ ପ୍ରତିଯୋଗିତା ସବୁ ବନ୍ଦକରିବାକୁ ବାଧ୍ୟ ହେଉଛନ୍ତି। ଆମେ ଜାଣି ରଖିବା ଦରକାର ଯେ ଘରୋଇ ପ୍ରତିଯୋଗିତା ସବୁ ଅନ୍ତର୍ଜାତୀୟ ପ୍ରତିଯୋଗିତା ପାଇଁ ଖେଳାଳି ବାଛିବା କାମ କରିଥାଆନ୍ତି। ଯଦି ଜାତୀୟ ପ୍ରତିଯୋଗିତା ହିଁ ହୋଇ ପାରିବ ନାହିଁ ତେବେ ଅନ୍ତର୍ଜାତୀୟ ପ୍ରତିଯୋଗିତା ପାଇଁ ଆପଣ ଖେଳାଳି କେଉଁଠୁ ପାଇବେ।

କରୋନ କାଳରେ ମଧ୍ୟ ଖେଳାଳିମାନେ ଫିଟ୍‌ନେସ୍‌କୁନେଇ ବ୍ୟାପକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜିମ୍ ଆଦି ବନ୍ଦ ରହିବାରୁ ଫିଟ୍‌ନେସ୍‌କୁ ଠିକ୍ ରଖିବାକୁ ଖେଳାଳିମାନେ ବେଶ୍ କଷ୍ଟ ସ୍ୱୀକାର କରୁଛନ୍ତି। ଏଣୁ ବଡ ବଡ ଖେଳାଳିମାନେ ମ୍ୟାଚ୍ ପ୍ରାକ୍‌ଟିସ୍ ପାଇବାରୁ ବଞ୍ଚିତ ହେଉଛନ୍ତି। ଏହା ଫଳରେ ଅନ୍ତର୍ଜାତୀୟସ୍ତରରେ ସେମାନେ ପ୍ରଭାବୀ ପ୍ରଦର୍ଶନ କରିବାରୁ ବଞ୍ଚିତ ହୋଇଛନ୍ତି। ଅନେକ ନାମୀଦାମୀ ଖେଳାଳି ଅର୍ଥର ଅଭାବରୁ ନିଜର ବ୍ୟକ୍ତିଗତ ଫିଜିଓ ଆଦିଙ୍କୁ ଛୁଟି ଦେବାକୁ ବାଧ୍ୟ ହୋଇଛନ୍ତି।

ଏବେ କ୍ୱାରାଣ୍ଟାଇନ୍ ଉପରେ ଜୋର ଦିଆଯାଉଛି। କୌଣସି ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଥିବା ଖେଳାଳିମାନଙ୍କୁ ଏକାଧିକ ଦିନ ହୋଟେଲରେ କ୍ୱାରାଣ୍ଟାଇନରେ ରହିବାକୁ ବାଧ୍ୟ ହେଉଛନ୍ତି। ଟିକା ନେଇସାରିଥିଲେ ବି ଅନେକ ଦେଶ କ୍ୱାରାଣ୍ଟାଇନକୁ ନେଇ ବେଶ୍ ଶକ୍ତିଶାଳୀ ନିୟମ ପ୍ରଣୟନ କରିଛନ୍ତି। ଏହି କାରଣରୁ ଭାରତ ଇଂଲଣ୍ଡ ଏବଂ ଶ୍ରୀଲଙ୍କାକୁ ଦୁଇଟି ଭିନ୍ନ ଭିନ୍ନ କ୍ରିକେଟ୍ ଦଳ ପଠାଇଥିଲା। ସବୁ ଦେଶ ଏପରି କରିବାକୁ ସକ୍ଷମ ନୁହନ୍ତି କିମ୍ବା ଏହା ସେମାନଙ୍କର ଦକ୍ଷତା ବାହାରେ।



ନିୟମିତ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହେଉ ନ ଥିବାରୁ ଖେଳାଳିମାନଙ୍କର କ୍ୟାରିୟର ଛୋଟ ହେବାର ଆଶଙ୍କା ରହିଛି। ଅନେକେ ନିଜ ଦେଶ ଛାଡି ଅନ୍ୟ ଦେଶରେ ଆମନ୍ତ୍ରଣୀୟ ପ୍ରତିଯୋଗିତା ଖେଳିବାକୁ ବସିଥିବା ବେଳେ ଆହୁରି କିଛି ଖେଳକୁ ହିଁ ଅଲବିଦା କରିବା ଚକ୍କରରେ ଅଛନ୍ତି। ଫଳରେ ଅନେକ ବିଶ୍ୱ ରେକର୍ଡ ଦୀର୍ଘଦିନ ଧରି ଅଭଙ୍ଗା ହୋଇ ରହିଯିବ। ସେହିପରି କର୍ପୋରେଟ୍ ଜଗତର ମଧ୍ୟ କରୋନାପାଇଁ ବ୍ୟାପକ କ୍ଷତି ହୋଇଛି। ଅନେକ ଖେଳାଳି କ୍ରୀଡାବାଦ୍ ବିଜ୍ଞାପନରୁ ମୋଟା ଅଙ୍କରେ ରୋଜଗାର କରିଥାଆନ୍ତି। ଅନେକଙ୍କ ପାଇଁ ତ ଖେଳରୁ ଅଧିକ ଅର୍ଥ ବିଜ୍ଞାପନରୁ ଆସିଥାଏ। କର୍ପୋରେଟ୍ ଜଗତ ଏବେ ବିଜ୍ଞାପନ ଉପରେ ଖର୍ଚ୍ଚ କରିବା ମୁଡ୍‌ରେ ହିଁ ନାହିଁ। ବିଜ୍ଞାପନ ଅଭାବରୁ ଖେଳାଳିଙ୍କ ବ୍ରାଣ୍ଡ ଭାଲ୍ୟୁ ପ୍ରଭାବିତ ହେବ।

କ୍ରୀଡା ଅନୁଷ୍ଠିତ ହେଉଥିବା ଷ୍ଟାଡିୟମ ମଧ୍ୟ କରୋନା ଯୋଗୁ ପ୍ରଭାବିତ ହୋଇଛି। ଏହି ସବୁ ଷ୍ଟାଡିୟମର ରକ୍ଷଣାବେକ୍ଷଣରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥାଏ। ଏହାର ନିୟମିତ ରକ୍ଷଣାବେକ୍ଷଣ ନ କଲେ ଏଥିରେ ଅନ୍ତର୍ଜାତୀୟମାନର କ୍ରୀଡା ପ୍ରତିଯୋଗିତା ଆୟୋଜନ କରିବା କଷ୍ଟକର ହୋଇପଡିବ। ଅର୍ଥର ଅଭାବ ଯୋଗୁ ଫୁଟବଲ ପଡିଆର ରକ୍ଷଣାବେକ୍ଷଣ ହୋଇପାରୁନାହିଁ। ଏପରି ସ୍ଥିତିରେ ତୃଣମୂଳସ୍ତରରେ ଖେଳ ଆୟୋଜନ କରିବା କଷ୍ଟକର ହୋଇଯିବ। କରୋନା ସ୍ଥିତିରେ ଉନ୍ନତି ନ ଆସିଲେ କ୍ରୀଡା କ୍ଷେତ୍ରରେ ଉନ୍ନତି ଆସି ପାରିବ ନାହିଁ। ଏପରି ସ୍ଥଳରେ କ୍ରୀଡା ପ୍ରତିଯୋଗିତା ଓ ବିଭିନ୍ନ ଇଭେଣ୍ଟ ଶୀଘ୍ର ଆୟୋଜନ ନ ହେଲେ ସ୍ଥିତିରେ ବିଶେଷ ପରିବର୍ତ୍ତନ ହେବା ସମ୍ଭବ ନୁହେଁ।

# ନୂଆ ପେସ୍ ସେନ୍‌ସେଶନ

**ହାଇଦ୍ରାବାଦର ମହମ୍ମଦ ସିରାଜ ଏବେ ଭାରତୀୟ ପେସ୍ ବୋଲିଂ ପାଇଁ ନୂଆ ସମ୍ଭାବନା ସୃଷ୍ଟି କରିଛନ୍ତି। ଦୁଇଟି ହାଇପ୍ରୋଫାଇଲ ବିଦେଶ ଗସ୍ତରେ ସେ ନିଜର ଦକ୍ଷତା ଓ ପ୍ରତିଭା ପ୍ରମାଣ କରିଛନ୍ତି। ସେ ଏପର୍ଯ୍ୟନ୍ତ ମାତ୍ର ୭ଟି ଟେଷ୍ଟ ଖେଳି ୨୭ଟି ଉଇକେଟ ହାସଲ କରି ଭାରତର ନୂଆ ପେସ୍ ସେନ୍‌ସେଶନ ବନି ଯାଇଛନ୍ତି...**

ଭାରତୀୟ ଦଳ ସହ ଇଂଲଣ୍ଡ ଗସ୍ତ କରିଥିବା ମହମ୍ମଦ ସିରାଜ ଏବେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ଇଂଲଣ୍ଡ ବିପକ୍ଷରେ ଏପର୍ଯ୍ୟନ୍ତ ମାତ୍ର ୨ଟି ଟେଷ୍ଟ ଖେଳି ୧୧ଟି ଉଇକେଟ ହାସଲ କରିଛନ୍ତି। ଲର୍ଡ୍ସରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ର ଦ୍ୱିତୀୟ ଇନିଂସରେ ସେ ମୂଲ୍ୟବାନ ୪ଟି ଉଇକେଟ ନେଇ ଭାରତ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେ ଦ୍ୱିତୀୟ ଇନିଂସରେ ଉଇକେଟକିପର ବ୍ୟାଟ୍ସମ୍ୟାନ ଜୋଶ ବଟଲର, ଅଲରାଉଣ୍ଡର ମୋଇନ ଅଲି, ସାମ କୁରାନଙ୍କୁ ଆଉଟ କରି ଭାରତର ବିଜୟ ପକ୍କା କରିଥିଲେ। ଏହାପରେ ସେ ଟେଲଏଣ୍ଡର ଜେମ୍ସ ଆଣ୍ଡରସନଙ୍କୁ ପ୍ୟାଭିଲିୟନ ଫେରାଇଥିଲେ। କୁରାନ ଓ ଆଣ୍ଡରସନଙ୍କୁ ସେ ଖାତା ଖୋଲିବାକୁ ଦେଇ ନ ଥିଲେ। ଏହାପୂର୍ବରୁ ଦ୍ୱିତୀୟ ଇନିଂସରେ ମଧ୍ୟ ସେ ୪ଟି ଗୁରୁତ୍ୱପୂର୍ଣ୍ଣ ଉଇକେଟ ହାସଲ କରିଥିଲେ। ସେ ଏହି କ୍ରମରେ ଓପନର ଡମ୍ ସିବଲି, ହାସିବ ହମିଦ, ଜନି ବେୟାରଷ୍ଟୋ ଓ ଓଲି ରବିନସନଙ୍କୁ ଆଉଟ କରିଥିଲେ। ପ୍ରଥମ ଟେଷ୍ଟରେ ମଧ୍ୟ ସେ ୩ଟି ଉଇକେଟ ନେଇଥିଲେ। ତାଙ୍କ ବୋଲିଂରେ ପେସ୍ ସହ ଭେରିଏଶନ ରହିଛି। ତାଙ୍କୁ ସାମ୍ନା କରିବାକୁ ହେଲେ ପ୍ରତିପକ୍ଷ ବ୍ୟାଟ୍ସମ୍ୟାନଙ୍କୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତି କରିବାର ଆବଶ୍ୟକତା ରହିଛି। ଗତ ଅଷ୍ଟ୍ରେଲିଆ ଗସ୍ତରେ ସେ ୩ଟି ଟେଷ୍ଟ ଖେଳି ୧୩ଟି ଉଇକେଟ ଅକ୍ତିଆର କରି ଭାରତର ସଫଳତମ ବୋଲର ସାବ୍ୟସ୍ତ ହୋଇଥିଲେ। ସେହିପରି ଇଂଲଣ୍ଡ ବିପକ୍ଷ ଘରୋଇ ସିରିଜରେ ମଧ୍ୟ ସେ ଭଲ ପ୍ରଦର୍ଶନ କରିଥିଲେ। ସ୍ପିନରମାନେ ଏହି ଘରୋଇ ସିରିଜରେ ବେଶ୍ ପ୍ରଭାବୀ ସାବ୍ୟସ୍ତ ହୋଇଥିଲେ ମଧ୍ୟ ସେ ୨ଟି ଟେଷ୍ଟ ଖେଳି ୩ଟି ଉଇକେଟ ଅକ୍ତିଆର କରିଥିଲେ। ୨୭ ବର୍ଷୀୟ ଏହି ଡେଙ୍ଗା ଦ୍ରୁତ ବୋଲର ଜଣେ ଅଟୋ ରିକ୍ସା ଡ୍ରାଇଭରଙ୍କ ପୁଅ। ତାଙ୍କ ମା' ଜଣେ ଗୃହିଣୀ। ଦାରିଦ୍ର୍ୟ ଓ ଅନ୍ୟାନ୍ୟ ସମସ୍ୟାକୁ ପଛରେ ପକାଇ ସେ ଘରୋଇ ଓ ପରେ ଅନ୍ତର୍ଜାତୀୟ କ୍ରିକେଟରେ ସଫଳ ହୋଇଛନ୍ତି। ଖୁବ୍ କମ୍ ସମୟ ମଧ୍ୟରେ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି।



ମହମ୍ମଦ ସିରାଜ

# ଜିଆଇଜେଡ୍‌ର ଭିତରକନିକା ରିପୋର୍ଟକୁ ଉପେକ୍ଷା

**ଖରସ୍ରୋତାରୁ ଭଦ୍ରକକୁ ପାଣି ଦେବା ବିବାଦ**

- ପ୍ରଶ୍ନବାଚୀରେ ମନିଟରିଂ କମିଟି ରିପୋର୍ଟ
- ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତି

କେନ୍ଦ୍ରାପଡ଼ା ଅଫିସ, ୧୯।୮

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ବରୁଣାଡିହା ନିକଟ ଖରସ୍ରୋତା ନଦୀରୁ ଭଦ୍ରକ ଜିଲାର ୪ ବ୍ଲକ ଅଞ୍ଚଳକୁ ପାଣି ଦେବା ବିବାଦ ଆଇନଗତ କାର୍ଯ୍ୟାନୁଷ୍ଠାନ ଦିଗକୁ ଗତି କରୁଛି। କେନ୍ଦ୍ର ସରକାରଙ୍କ ପର୍ଯ୍ୟାବରଣ (ଜଙ୍ଗଲ,ପରିବେଶ ଓ ଜଳବାୟୁ ପରିବର୍ତ୍ତନ) ବିଭାଗ ଓ ଜିଆଇଜେଡ୍ (ଅନ୍ତର୍ଜାତୀୟ ସହଯୋଗ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଜର୍ମାନ ସଂସ୍ଥା) ଦ୍ୱାରା ଭିତରକନିକା ଉପରେ ହୋଇଥିବା ସଦ୍ୟତମ ସର୍ଭେ ରିପୋର୍ଟକୁ ଉପେକ୍ଷା କରାଯାଉଛି। ସେହିପରି ୨୦୨୦ ଡିସେମ୍ବର ୩ ଓ ୧୪ ତାରିଖରେ ଅନୁଷ୍ଠିତ ଭିତରକନିକା ଇକୋ ସେନ୍ସିଟିଭ ଜୋନ ମନିଟରିଂ କମିଟି ବୈଠକର ରିଜୋଲ୍ୟୁଶନ ଉପରେ ସଭ୍ୟ ଶ୍ରୀକାନ୍ତ ନାୟକ ପ୍ରଶ୍ନ ଉଠାଇ ଗତ ୧୦ ତାରିଖରୁ ଅନଶନରେ ଅଛନ୍ତି। ସେ କହିଛନ୍ତି , ଜୋନ ମନିଟରିଂ କମିଟିରେ ମୋଟ ୧୦ ଜଣ ସଭ୍ୟ ଥିଲେ ମଧ୍ୟ ମାତ୍ର ୬ ଜଣଙ୍କୁ ବୈଠକ ପାଇଁ ନୋଟିସ ହୋଇଛି। ନୋଟିସରେ ଜିଲା ମନିଟରିଂ କମିଟି ଉଲ୍ଲେଖ ରହିଛି। ତେବେ ଏହା ଭିତରକନିକା ଇକୋ ସେନ୍ସିଟିଭ ଜୋନ ମନିଟରିଂ କମିଟି ହୋଇଥିବା ବେଳେ ଏହି କମିଟିରେ କେନ୍ଦ୍ରାପଡ଼ା ସମେତ ଭଦ୍ରକ ଜିଲାର ସଭ୍ୟ ଅଛନ୍ତି। ଖରସ୍ରୋତା ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ପ୍ରାୟ ୪୦ ପ୍ରତିଶତ ପରେ ଏହି କମିଟିର ବୈଠକ ଡକା ଯାଇଛି। ଦୁଇଟି ବୈଠକର ରିଜୋଲ୍ୟୁଶନ ଗୋଟିଏରେ ସମାପ୍ତ କରାଯାଇଛି। ଏପରିକି କମିଟିର ସଦସ୍ୟ ନ ଥିବା ପଦାଧିକାରୀଙ୍କୁ ଦସ୍ତଖତ କରାଇ ରିଜୋଲ୍ୟୁଶନ ମଞ୍ଜୁରୀ କରାଯାଇଛି। ଯାହାକି ବେଆଇନ । ଏପରି ରିଜୋଲ୍ୟୁଶନରେ ହେଉଥିବା ପ୍ରକଳ୍ପକୁ ବନ୍ଦ କରାଯାଇ ଭିତରକନିକାର ଜୈବବିବିଧତାକୁ ନଷ୍ଟ ମୁଖରୁ ବଞ୍ଚାଇବା ପାଇଁ ବୈଷୟିକ ଟିମ୍ ଅନୁଧ୍ୟାନ କରନ୍ତୁ।

ଏ ନେଇ ସାମାଜିକ କର୍ମୀ ସଞ୍ଜୟ ବେହୁରା, ଅଧ୍ୟାପକ କ୍ଷିତୀଶ କୁମାର ସିଂହ ଓ ଡ. ପ୍ରଦୀପ କୁମାର ତରାଇ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତି ଚଳାଇଥିବା କହିଛନ୍ତି। ୨୦୧୯ ଡିସେମ୍ବରରୁ କେନ୍ଦ୍ର ସରକାରଙ୍କ ପର୍ଯ୍ୟାବରଣ ବିଭାଗ ପକ୍ଷରୁ ଭାରତର ଜୈବବିବିଧତା ଓ ପରିବେଶ ସୁରକ୍ଷା ପାଇଁ ଆର୍ଦ୍ରଭୂମି ପରିଚାଳନା (ୱେଟଲ୍ୟାଣ୍ଡସ ମ୍ୟାନେଜମେଣ୍ଟ ଫର୍ ବାଇଓ ଡାଇଭର୍ସିଟି ଆଣ୍ଡ କ୍ଲାଇମେଟ ପ୍ରୋଟେକ୍ସନ) ସର୍ଭେ ହୋଇଛି। ସର୍ଭେରେ ଭାରତର ହିମାଚଳପ୍ରଦେଶର ପଙ୍ଗ ଓ ରେଣୁକା, ଓଡ଼ିଶାର ଭିତରକନିକା, ତାମିଲନାଡୁର ଦି ପଏଣ୍ଟ କାଲିମାର ରାମସାର ସାଇଟକୁ ନିଆଯିବା ସହ ଚିଲିକା ଅଞ୍ଚଳକୁ ଏଥିରେ ସାମିଲ କରାଯାଇଛି। ଏହି ସର୍ଭେ ପାଇଁ ଜର୍ମାନ ଫେଡେରାଲ ମିନିଷ୍ଟ୍ରି ସହ ଇଣ୍ଟର ନ୍ୟାଶନାଲ କ୍ଲାଇମେଟ ଇନିସିଏଟିଭ (ଆଇକେଆଇ) ସହଯୋଗ କରୁଛି। ଭିତରକନିକା ରାମସାର ସାଇଟ ସର୍ଭେରେ ସାମିଲ ହୋଇଥିବା ଜିଆଇଜେଡ ବୈଜ୍ଞାନିକ ଭିତରକନିକାର ପରିବେଶ ପାଇଁ ମଧୁରଜଳ ଆବଶ୍ୟକତାକୁ ଅନୁଧ୍ୟାନ କରିଥିଲେ। ସମୁଦ୍ର ତଟ ଅଞ୍ଚଳ କ୍ଷୟ, ପର୍ଯ୍ୟାପ୍ତ ପରିମାଣର ଚିଙ୍ଗୁଡ଼ି ଘେରି ସହ ନଦୀର ଜଳସ୍ରୋତ କମୁଥିବା ନେଇ ସେମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେହିପରି ଏହି ଆର୍ଦ୍ରଭୂମିକୁ ଅଣମୌସୁମୀ ସମୟରେ ମାତ୍ର ୧୫ ପ୍ରତିଶତ ମଧୁର ଜଳ ପହଞ୍ଚୁଥିବା ନେଇ ରିସର୍ଚ୍ଚ ପେପରରେ ଦର୍ଶାଯାଇଛି। ଅପରପକ୍ଷରେ ଖରସ୍ରୋତା ନଦୀରେ ମେଗା ପାନୀୟ ଜଳ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ହାଇଦ୍ରାବାଦର ଠିକା ସଂସ୍ଥା ଦାୟିତ୍ୱ ନେଇଛି। ଏହି ସହରରେ ଥିବା ଆଇଆଇଟି ରିପୋର୍ଟକୁ ରିଜୋଲ୍ୟୁଶନରେ ଦର୍ଶାଇବା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରିପୋର୍ଟରେ ନିର୍ମାଣ କାର୍ଯ୍ୟ ସମୟରେ ପରିବେଶ ଉପରେ ଯେଭଳି ପ୍ରଭାବ ନ ପଡ଼ିବ ସେ ସମ୍ପର୍କରେ ତଥ୍ୟ ଉପସ୍ଥାପିତ କରାଯାଇଛି। ହେଲେ ଖରସ୍ରୋତାରୁ ପାଣି ଉଠାଇବା ପରେ ଭିତରକନିକା ଉପରେ କି ପ୍ରଭାବ ପଡ଼ିବ ସେ ସମ୍ପର୍କରେ କିଛି ଉଲ୍ଲେଖ କରାଯାଇନାହିଁ। ସେହିପରି ଓ୍ୱାପ୍‌କୋସ ଏକ ରିପୋର୍ଟକୁ ଜିଲା ପ୍ରଶାସନ ଦର୍ଶାଉଛି। ଜିଆଇଜେଡ୍ ପକ୍ଷରୁ ସର୍ଭେ ପାଇଁ ୬ ମାସ ସମୟ ନିଆଯାଇଥିଲା। ହେଲେ ୬୭୨ ବର୍ଗ କି.ମି. ଜାତୀୟ ଉଦ୍ୟାନକୁ ଦୁଇଦିନିଆ ଗସ୍ତରେ ଆସି ଓ୍ୱାପ୍‌କୋସ ବିଶେଷଜ୍ଞ କମିଟି କିଭଳି ଭିତରକନିକାର ପରିବେଶ ଉପରେ ପ୍ରକଳ୍ପର ପ୍ରଭାବ ପଡ଼ିବନି ବୋଲି ରିପୋର୍ଟ ଦେଲା ତାହାକୁ ନେଇ ପ୍ରଶ୍ନ ଉଠାଯିବ। ଏଥିସହ ଇକୋ ସେନ୍ସିଟିଭ ଜୋନରେ ପ୍ରକଳ୍ପ ନେଇ ଆଇନଗତ କାର୍ଯ୍ୟାନୁଷ୍ଠାନ କରିବାକୁ ପ୍ରସ୍ତୁତି ଚାଲିଥିବା ବୋଲି ସେମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଏଡିଏମ୍ ବସନ୍ତ କୁମାର ରାଉତ କହିଛନ୍ତି ଯେ, ପ୍ରକଳ୍ପ ସମ୍ପର୍କରେ ସମସ୍ତ ଆଇନଗତ ଦିଗର ତର୍ଜମା ଜିଲା ପ୍ରଶାସନ ପକ୍ଷରୁ କରାଯାଇଛି। ଏହା ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ସେ ପ୍ରକାଶ କରିଛନ୍ତି।



## ସଂକ୍ଷେପରେ

ବେଆଇନ କଲ୍ୟାଣ ମଣ୍ଡପ ମାମଲା

### ସିଏମ୍‌ସି ପକ୍ଷରୁ ସତ୍ୟପାଠ ଦାଖଲ

**କଟକ ଅଫିସ,୧୯।୮:** କଟକରେ ବେଆଇନ କଲ୍ୟାଣ ମଣ୍ଡପ ମାମଲାର ଶୁଣାଣି ବୁଧବାର ହାଇକୋର୍ଟରେ ହୋଇଛି। ଏଥିରେ କଟକ ମହାନଗର ନିଗମ(ସିଏମ୍‌ସି) ସଚିବ ତଥା ଡେପୁଟି କମିଶନର ସତ୍ୟପାଠ ଦାଖଲ କରିଛନ୍ତି। ଏଥିରେ ଦର୍ଶାଯାଇଛି, କଲ୍ୟାଣ ମଣ୍ଡପ ସଂଘ ପ୍ରଦତ୍ତ ତଥ୍ୟ ଅନୁସାରେ କଟକରେ ୭୪ ମଣ୍ଡପ ରହିଛି। ସେଥିରୁ ୧୩ଟିରେ ତାଲା ପଡ଼ିଥିବାବେଳେ ଗୋଟିଏ ସ୍ଥାୟୀଭାବେ ବନ୍ଦ ହୋଇଛି। ବାକି ୬୦ କଲ୍ୟାଣ ମଣ୍ଡପ କଟକ ଉନ୍ନୟନ କର୍ତ୍ତୃପକ୍ଷ( ପ୍ଲାନିଂ ଓ ବିଲଡିଂ ଷ୍ଟାଣ୍ଡାର୍ଡ) ରେଗୁଲେଶନ, ୨୦୧୭କୁ ପାଳନ କରି ନ ଥିବା ସିଏମ୍‌ସି ପକ୍ଷରୁ ଯାଞ୍ଚବେଳେ ଜଣାପଡ଼ିଛି। ତେଣୁ ଉକ୍ତ ୬୦ କଲ୍ୟାଣ ମଣ୍ଡପକୁ କାହିଁକି ବନ୍ଦ କରା ନ ଯିବ ଏବଂ ମଣ୍ଡପ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନ ଯିବ ବୋଲି ୧୫ ଦିନ ମଧ୍ୟରେ କାରଣ ଦର୍ଶାଇବା ପାଇଁ ସେମାନଙ୍କ ନିକଟକୁ ନୋଟିସ୍ ପଠାଯାଇଛି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ବି.ପି. ରାଉତରାୟଙ୍କ ମିଳିତ ଖଣ୍ଡପୀଠ ଏହାର ଶୁଣାଣି କରିଛନ୍ତି। ପରବର୍ତ୍ତି ଶୁଣାଣି ଆସନ୍ତା ନଭେମ୍ବର ୩ରେ ହେବ। ଆବେଦନକାରୀ ଇ. ଭେଙ୍କଟ ରାଓ ହାଇକୋର୍ଟରେ ୨୦୧୫ ମସିହାରେ ବେଆଇନ କଲ୍ୟାଣ ମଣ୍ଡପ ନେଇ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ।

### ନିଆଁରେ ପୋଡ଼ି ନାବାଳିକା ମୃତ

**ପଦ୍ମପୁର, ୧୯।୮(ଡି.ଏନ.ଏ.):** ଘରେ ରୋଷେଇ କରୁଥିବା ବେଳେ ନିଆଁରେ ପୋଡ଼ିଗଲେ ନାବାଳିକା। ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଆନ୍ଦୋଳା ଗ୍ରାମରେ ଗୁରୁବାର ଏଭଳି ଅଭାବନୀୟ ଘଟଣା ଘଟିଯାଇଛି। ସୂଚନା ଅନୁଯାୟୀ, ଗ୍ରାମର ତପସ୍ୱିନୀ ଓଝା(୧୫) ପୂର୍ବାହ୍ନରେ ଘରେ ଷ୍ଟୋଭରେ ରୋଷେଇ କରୁଥିଲେ। କୌଣସି କାରଣରୁ ତାଙ୍କ ଦେହରେ ନିଆଁ ଲାଗିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପରିବାର ଲୋକେ ଉଦ୍ଧାର କରି ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ନାୟକାଣିଡିହୀ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୨/୨୧) ରୁଜୁ ହୋଇଛି।

## ବୃଦ୍ଧାଙ୍କୁ ହତ୍ୟା ଅଭିଯୋଗ: ଜଣେ ଗିରଫ

ଭଦ୍ରକ ଅଫିସ, ୧୯।୮

ସାମାନ୍ୟ କଳିରୁ ଜଣେ ବୃଦ୍ଧାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତା ବୃଦ୍ଧାଙ୍କ ସମ୍ପର୍କୀୟ ପୁତୁରାଙ୍କ ଏତଲା କ୍ରମେ ଅଭିଯୁକ୍ତ କାଳନ୍ଦୀ ମଲିକ(୨୮)ଙ୍କୁ ତିହିଡ଼ି ପୋଲିସ ଗିରଫ କରିଛି। ମୃତା ବୃଦ୍ଧା ହେଲେ କାଁପଡ଼ା ଗାଁର ସ୍ୱର୍ଗତ ମଣି ଦାସଙ୍କ ସ୍ତ୍ରୀ କଟି। ସୂଚନା ଅନୁଯାୟୀ, ସେ ଗାଁ ଛାଡ଼ି ଦୀର୍ଘବର୍ଷ ଧରି ତିହିଡ଼ି ସଦର ବଜାର ସ୍ଥିତ ହାଟପଟିରେ ଏକ ଝାଟିମାଟି ଘରେ ଜଣେ ସମ୍ପର୍କୀୟା ନାତୁଣୀ ସହ ରହିଆସୁଥିଲେ। ହାଟପଟିରେ ତାଙ୍କ ଘର ନିକଟରେ ରହୁଥିବା ସୟା ପଞ୍ଚାୟତ ବାଲିଚତୁରୀ ଗାଁର କାଳନ୍ଦୀ ବିଭିନ୍ନ ସମୟରେ ସାମାନ୍ୟ କଥାକୁ କେନ୍ଦ୍ରକରି କଟିଙ୍କ ସହ ଝଗଡ଼ା କରୁଥିଲେ। ବୁଧବାର ସକାଳେ ମଧ୍ୟ କୌଣସି କାରଣରୁ ତାଙ୍କ ସହ ଝଗଡ଼ା କରିଥିଲେ କାଳନ୍ଦୀ। ଖବର ପାଇ ପୁତୁରା ସୟା ପଞ୍ଚାୟତ ଡିଆଁସାହିର ଉତ୍ତମ ମଲିକ ହାଟପଟିରେ ପହଞ୍ଚି ମୁମୂର୍ଷ ଅବସ୍ଥାରେ କଟିଙ୍କୁ ଉଦ୍ଧାର କରି ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସନ୍ଧ୍ୟାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ୍ୟୁ ପୂର୍ବରୁ କାଳିଆ ପିଟି ପିଟି ଏଭଳି ଅବସ୍ଥା କରିଥିବା ସେ ଉତ୍ତମଙ୍କୁ ଜଣାଇଥିଲେ। ଉତ୍ତମଙ୍କ ଅଭିଯୋଗ କ୍ରମେ ତିହିଡ଼ି ଥାନାରେ ହତ୍ୟା ମାମଲା (ନଂ.୩୧୯/୨୧) ରୁଜୁ କରାଯାଇଛି।

# ୧୨ଘଣ୍ଟା ନ ପୂରୁଣୁ ଭୁଶୁଡ଼ିଲା ଛାତ

ଡେରାବିଶ, ୧୯।୮(ସ୍ୱ.ପ୍ର.)

କେନ୍ଦ୍ରାପଡ଼ ଜିଲା ଡେରାବିଶ ବ୍ଲକ ଅଧୀନ ରଘୁଦେଈପୁର ପଞ୍ଚାୟତ ଅନ୍ତର୍ଗତ ବେଲାରପୁରଠାରେ ଆମ ଗାଁ ଆମ ବିକାଶ ଯୋଜନାରେ ନବ ନିର୍ମିତ ଗୋଷ୍ଠୀ କେନ୍ଦ୍ରଗୃହର ପଡ଼ିଥିବା ଛାତ ପଡ଼ିବାର ୧୨ ଘଣ୍ଟା ନ ପୂରୁଣୁ ଭୁଶୁଡ଼ି ପଡ଼ିଛି। ଏହି ଘଟଣାକୁ ନେଇ ପଞ୍ଚାୟତବାସୀଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଦେଇଛି।

ସୂଚନାଯୋଗ୍ୟ, ବ୍ଲକ ପ୍ରଶାସନ ପକ୍ଷରୁ ଏହି କାର୍ଯ୍ୟ ପାଇଁ ଜଣେ କନିଷ୍ଠ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ଦିଆଯାଇଥିଲା। ହେଲେ ଏହି ନିର୍ମାଣ କାମ ଉକ୍ତ ପଞ୍ଚାୟତର ଜଣେ ବ୍ୟକ୍ତି କରିଥିଲେ। ୨ ଲକ୍ଷ ଟଙ୍କା ବ୍ୟୟ ବରାଦରେ ୧୦ ଫୁଟରେ ୧୦ ଫୁଟ ବିଶିଷ୍ଟ ଏହି ଗୋଷ୍ଠୀକେନ୍ଦ୍ର ଗୃହର ବୁଧବାର ଛାତ ପଡ଼ିଥିଲା। ମାତ୍ର ଅତି ନିମ୍ନମାନର କାମ ପାଇଁ ବିଳମ୍ବିତ ରାତିରେ ଉକ୍ତ ଛାତଟି ଭୁଶୁଡ଼ି ଯାଇଥିଲା। ଏ ବିଷୟରେ ବିଡିଓ ଗୋପବନ୍ଧୁ ଭୋସାଗରଙ୍କୁ ପଚାରିବାରୁ ଏଭଳି ଅଭିଯୋଗ ତାଙ୍କର ହସ୍ତଗତ ହୋଇଛି। ଜଣେ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ଥିବାବେଳେ ଅନ୍ୟତମ ଯନ୍ତ୍ରୀ ଦେବଳା ସାହୁ କାର୍ଯ୍ୟର ତଦାରଖ ଦାୟିତ୍ୱରେ ଥିଲେ। ତେବେ କାର୍ଯ୍ୟ କରୁଥିବା ବ୍ୟକ୍ତି ଜଣକ ଯନ୍ତ୍ରୀ ସାହୁଙ୍କ ଅଗୋଚରରେ ଛାତ ପକାଇଥିବା ନେଇ ସେ ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଏହି କାର୍ଯ୍ୟର ସମ୍ପୂର୍ଣ୍ଣ ବିଲ ବନ୍ଦ କରିବାକୁ ଏବଂ ଘଟଣାସ୍ଥଳକୁ ଯାଇ ଭୁଶୁଡ଼ି ପଡ଼ିଥିବା ଗୋଷ୍ଠୀକେନ୍ଦ୍ରର ଛାତକୁ ଅନୁଧ୍ୟାନ କରିବାକୁ ବିଜୟ କୁମାର ସେଠୀ ଓ ଦାୟିତ୍ୱରେ ଥିବା ଯନ୍ତ୍ରୀ ସାହୁଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ନେଇ ବିଡିଓ ଭୋସାଗର ସୂଚନା ଦେଇଛନ୍ତି।



# ଡିଜିଟାଲ ଟେକ୍ନୋଲୋଜିରେ ଦକ୍ଷ ହେବେ ଶିକ୍ଷକ

**୫-ଟି ହାଇସ୍କୁଲ୍ ଟ୍ରାନ୍ସଫରମେସନ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ଆରମ୍ଭ**

ଭୁବନେଶ୍ୱର, ୧୯।୮(ବ୍ୟୁରୋ)

ରାଜ୍ୟର ଶିକ୍ଷା ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ୫-ଟି ହାଇସ୍କୁଲ୍ ଟ୍ରାନ୍ସଫରମେସନ କାର୍ଯ୍ୟକ୍ରମ ଅନ୍ତର୍ଗତ ଶିକ୍ଷକ ପ୍ରଶିକ୍ଷଣ ଗୁରୁବାରଠାରୁ ଆରମ୍ଭ ହୋଇଛି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି ପ୍ରଶିକ୍ଷଣ ଓଡ଼ିଶା ବିଦ୍ୟାଳୟ ଶିକ୍ଷା ପ୍ରାଧିକରଣ(ଓସେପା) କାର୍ଯ୍ୟାଳୟଠାରେ ଭର୍ଚୁଆଲ୍ ମୋଡ୍‌ରେ ଅନୁଷ୍ଠିତ ହୋଇଛି। ଏଥିରେ ଗଞ୍ଜାମ ଜିଲାର ୫୦ଟି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ,ଶିକ୍ଷକ ଏବଂ ସହକାରୀ-ଶିକ୍ଷୟିତ୍ରୀଶିକ୍ଷକ ଯୋଗ ଦେଇଥିଲେ। ଏହି ଅବସରରେ ଡିଜିଟାଲ ତଥା ସ୍ମାର୍ଟବୋର୍ଡ ମାଧ୍ୟମରେ କିଭଳି ଶିକ୍ଷାଦାନ କରିବେ ସେନେଇ ଅବଗତ କରାଯାଇଛି। ବିଦ୍ୟାଳୟ ଗଣଶିକ୍ଷା ବିଭାଗ ପ୍ରମୁଖ ସଚିବ ସତ୍ୟବ୍ରତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଓଡ଼ିଶା ବିଦ୍ୟାଳୟ ଶିକ୍ଷା ପ୍ରାଧିକରଣ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ପ୍ରମୁଖ ସଚିବ ସାହୁ ସମସ୍ତ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ସ୍ମାର୍ଟ ଶ୍ରେଣୀଗୃହର ବ୍ୟବହାର କରି ଉତ୍ତମ ମାନର ଶିକ୍ଷାଦାନ ଲାଗି ଆହ୍ୱାନ ଦେଇଛନ୍ତି । ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ବିକାଶ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଦାୟିତ୍ୱ ହେବା ଉଚିତ ବୋଲି ସେ କହିବା ସହ ସ୍ମାର୍ଟ କ୍ଲାସ୍ 'ବ୍ଲେଣ୍ଡେଡ ଲର୍ଣ୍ଣିଂ'ର ଉପଯୋଗ ଉପରେ ଗୁରୁତ୍ୱ ସେ ଦେଇଛନ୍ତି। ହାଇସ୍କୁଲ୍ ଟ୍ରାନ୍ସଫରମେସନ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ସମସ୍ତ ବିଦ୍ୟାଳୟର ପାସ୍ ହାର ଯେପରି ଶତ ପ୍ରତିଶତ ରହିବ ଏବଂ ଅଧିକରୁ ଅଧିକ ଛାତ୍ରୀଛାତ୍ର ଏ-ଗ୍ରେଡ୍‌ରେ କୃତକାର୍ଯ୍ୟ ହେବେ ତାହା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛନ୍ତି। ଶିକ୍ଷକଙ୍କୁ ଡିଜିଟାଲ ଟେକ୍ନୋଲୋଜିରେ ଦକ୍ଷ କରିବା ଆମ ଲକ୍ଷ୍ୟ। ଆଗାମୀ ଦିନରେ ନିରନ୍ତର ଭାବେ ପର୍ଯ୍ୟାୟକ୍ରମେ ସମସ୍ତ ଶିକ୍ଷକଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ କରାଯିବ ବୋଲି ସେ କହିଛନ୍ତି । ପାଠ୍ୟ ଖସଡ଼ା ଅନୁଯାୟୀ ସ୍ମାର୍ଟ ବୋର୍ଡରେ ପାଠ ପଢାଇବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ବିଭିନ୍ନ ବିଷୟର ପ୍ରଶିକ୍ଷକମାନେ ଉପସ୍ଥିତ ଶିକ୍ଷୟିତ୍ରୀ,ଶିକ୍ଷକଙ୍କୁ ଡିଜିଟାଲ ଶିକ୍ଷାଦାନ ପ୍ରଣାଳୀ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ।

# 'ସୁଲଭ ଦରରେ ବିଦ୍ୟୁତ୍ ଯୋଗାଇଦିଅ'

ଭୁବନେଶ୍ୱର, ୧୯।୮(ବ୍ୟୁରୋ)

ବିଦ୍ୟୁତ୍ ଉତ୍ପାଦନ, ବଣ୍ଟନ ଓ ଉନ୍ନତିକରଣ ଉପରେ ଗୃହ କମିଟି ବୈଠକ ବିଧାନସଭା ପ୍ରକୋଷ୍ଠ ୫୯ରେ ଅନୁଷ୍ଠିତ ହୋଇଛି। ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଭିଡିଓ କନଫରେନ୍ସ ଜରିଆରେ ଅନୁଷ୍ଠିତ ଉକ୍ତ ବୈଠକରେ ରାଜ୍ୟର ବିଦ୍ୟୁତ୍ ଉତ୍ପାଦନ ବଣ୍ଟନ ଓ ଉନ୍ନତିକରଣ ଉପରେ ବିସ୍ତୃତ ଆଲୋଚନା ହୋଇଛି। ଓଡ଼ିଶା ରାଜ୍ୟ ଶକ୍ତି ଉତ୍ପାଦନ କ୍ଷେତ୍ରରେ ବଳକା ରାଜ୍ୟ ହୋଇଥିବା ଦୃଷ୍ଟିରୁ ରାଜ୍ୟର ଗରିବ ଜନସାଧାରଣଙ୍କୁ ସୁଲଭ ଦରରେ ବିଦ୍ୟୁତ୍ ଯୋଗାଣ ଏବଂ ପ୍ରତ୍ୟେକ ଗ୍ରାମରେ ବିଦ୍ୟୁତ୍ ସଂଯୋଗ ପାଇଁ ବାଚସ୍ପତି ପାତ୍ର ସରକାରଙ୍କୁ ପରାମର୍ଶ ଦେଇଛନ୍ତି।

ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥାର ଉନ୍ନତିକରଣ ପାଇଁ ଗଠିତ ୪ଟି ବିଧାନସଭା ସବ୍‌କମିଟି ସଦସ୍ୟ ସମ୍ପୃକ୍ତ ଅଞ୍ଚଳକୁ ଗସ୍ତରେ ଯାଇ ବାସ୍ତବ ସ୍ଥିତି ଆକଳନ କରିବା ଓ ବିଧାନସଭାକୁ ରିପୋର୍ଟ ପ୍ରଦାନ ପାଇଁ ବାଚସ୍ପତି ପରାମର୍ଶ ଦେଇଛନ୍ତି। ବିଧାୟକ ଅମର ପ୍ରସାଦ ଶତପଥୀ ବ୍ୟବସ୍ଥାଗତ ଉନ୍ନତି ଏବଂ ବିଦ୍ୟୁତ୍ ଉପଭୋକ୍ତାଙ୍କ ପାଇଁ ବିଦ୍ୟୁତ୍ ଦର କମାଇବା ଲାଗି ପରାମର୍ଶ ଦେଇଛନ୍ତି। ବିଧାୟକ କିଶୋର ମହାନ୍ତି ଗ୍ରାମାଞ୍ଚଳରେ ବିଦ୍ୟୁତ୍ ସଂଯୋଗ ସ୍ଥିତିର ଉନ୍ନତିକରଣ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଶକ୍ତି ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ବିଦ୍ୟୁତ୍ ଉତ୍ପାଦନ, ବଣ୍ଟନ ଓ ବ୍ୟବସ୍ଥାଗତ ଉନ୍ନତିକରଣ ଉପରେ କମିଟିକୁ ସବିଶେଷ ତଥ୍ୟ ପ୍ରଦାନ କରିଛନ୍ତି। ପୂର୍ବରୁ ଓଡ଼ିଶା ଶକ୍ତି ଉତ୍ପାଦନ କ୍ଷେତ୍ରରେ ନିଅଣ୍ଟିଆ ରାଜ୍ୟ ହୋଇଥିବା ଦୃଷ୍ଟିରୁ ଅନେକ ରାଜ୍ୟ ସହ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଅବଧି ପୂରଣ ହୋଇ ନ ଥିବାରୁ ସେହି ରାଜିନାମା ଗୁଡ଼ିକ କାର୍ଯ୍ୟକାରୀ ହେଉଛି। ଫଳରେ ଶକ୍ତି ବିତରଣ ଅପେକ୍ଷାକୃତ ଭାବେ ଅଧିକ ପଡୁଥିବା ସେ ଦର୍ଶାଇଥିଲେ। ଇ-ଟେଣ୍ଡର ବ୍ୟବସ୍ଥା ମାଧ୍ୟମରେ ବୃହତ ଶିଳ୍ପ ସଂସ୍ଥା ଓ ଉଦ୍ୟୋଗ ଗୁଡ଼ିକୁ ବିଦ୍ୟୁତ୍ ବଣ୍ଟନ କରାଯାଉଛି। ଏଥିରେ କୌଣସି ସନ୍ଦେହ ପ୍ରକାଶ କରିବା କଥା ନୁହେଁ ବୋଲି ମନ୍ତ୍ରୀ ମିଶ୍ର କହିଛନ୍ତି। ଏ କ୍ଷେତ୍ରରେ କୌଣସି ସଂସ୍ଥାକୁ ମଧ୍ୟ ଅନୁଚିତ ଅନୁଗ୍ରହ ପ୍ରଦର୍ଶନ କରାଯାଉ ନାହିଁ। ବିଧାୟକ ନରସିଂହ ମିଶ୍ର କହିଛନ୍ତି, ଟାଟା କମ୍ପାନୀ ଅନେକ କର୍ମଚାରୀଙ୍କୁ ଛଟେଇ କରିଛି। ଏଥିଲାଗି ବ୍ୟାପକ ଅସନ୍ତୋଷ ସୃଷ୍ଟି ହୋଇଛି। ସେହିପରି ବିଧାୟକ ନୃସିଂହ ଚରଣ ସାହୁ, ତାଙ୍କ ନିର୍ବାଚନମଣ୍ଡଳୀରେ ବ୍ୟାପକ ବିଦ୍ୟୁତ୍ କାଟ ହେବା ସହ ଅବିଳମ୍ବେ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥାର ଉନ୍ନତି ପାଇଁ ଏକ ଗ୍ରୀଡ୍ ପ୍ରତିଷ୍ଠା ଲାଗି ଦାବି ରଖିଛନ୍ତି। ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ବିଦ୍ୟୁତ୍ ଉତ୍ପାଦନ ଏବଂ ବିତରଣ ବ୍ୟବଧାନ କ୍ଷେତ୍ରରେ ଓଡିଶା ଜାତୀୟ ହାରଠାରୁ ଅଧିକ ଥିବା କାରଣରୁ ଉଦ୍‌ବେଗ ପ୍ରକାଶ କରିଛନ୍ତି।

# ଜଳ ନିଷ୍କାସନରେ ବାଧକ ସାଜିଛି ପଠା

**ଓରତ ଘାଟ ଗୋବରୀ ନଦୀ**

- ଖନନ ପାଇଁ ଚାଷୀ, ଜନପ୍ରତିନିଧିଙ୍କ ଦାବି
- ମାଛ କୋଲକାତା ଯାଉଥିଲା

ମହାକାଳପଡ଼ା, ୧୯।୮ (ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳରେ ନିଅଣ୍ଟିଆ ବର୍ଷା ଯୋଗୁ ଚାଷୀକୁଳ ହତାଶ ହୋଇ ପଡ଼ିଛନ୍ତି। କାରଣ ଚଳିତ ମୌସୁମୀ ଦୁର୍ବଳ ଯୋଗୁ ବର୍ଷା କାଁ ଭାଁ ଦେଖିବାକୁ ମିଳୁଛି। ଅପରପକ୍ଷେ ଗୋବରୀ ନଦୀ ଉପର ମୁଣ୍ଡରେ ବର୍ଷା ଅଭାବ ଯୋଗୁ ଜଳ ତଳ ମୁଣ୍ଡରେ ପହଞ୍ଚି ପାରୁନି। ଗୋବାରୀ ନଦୀର ଓରତ ସେତୁ ନିକଟରେ ବାଲି, ମାଟି ଓ ପଙ୍କରେ ପଠା ସୃଷ୍ଟି ଯୋଗୁ ଜଳ ନିଷ୍କାସନରେ ବାଧକ ସାଜିଛି। ଚାଷ ଜମିକୁ ଜଳସେଚନ ହୋଇପାରୁନି ବୋଲି ଅଞ୍ଚଳର ବହୁ ଚାଷୀ କହିଛନ୍ତି।

ମିଳିଥିବା ସୂଚନା ଅନୁସାରେ, ବ୍ଲକର ଗୋବରୀ ନଦୀ ଓରତ ସେତୁ ନିର୍ମାଣ ସମୟରେ ପିଲାର ପାଇଁ ଖନନ ହୋଇଥିବା ମାଟି ଏହି ସ୍ଥାନରେ ଠୁଳ କରାଯାଇଥିଲା। ପରବର୍ତ୍ତୀ ସମୟରେ ନିର୍ମାଣ ସଂସ୍ଥା ବାଲି, ମାଟିକୁ ଅନ୍ୟତ୍ର ନ ନେଇ ଉକ୍ତ ସେତୁ ସମ୍ମୁଖରେ ଜମା କରିବା ଯୋଗୁ ପଠା ବା କୁଦ ହୋଇଥିଲା। ଓରତ ଘାଟ ଗୋବରୀ ସେତୁ ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ ୨୦୦୩ ଜୁଲାଇ ୧୯ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଏହି ସେତୁ ନିର୍ମାଣ ପରେ ବ୍ଲକର ୧୦ରୁ ଅଧିକ ପଞ୍ଚାୟତ ଲୋକ ବ୍ଲକ କାର୍ଯ୍ୟାଳୟକୁ ଯାଆଆସ କରିଥାନ୍ତି। ଉକ୍ତ ସ୍ଥାନରେ ମୁଖ୍ୟତଃ ଜଳ ନିଷ୍କାସନରେ ବାଧକ ସାଜିଛି। ତେବେ ଏହି ପଠାକୁ ଖୋଳିବା ପାଇଁ ସ୍ଥାନୀୟ ଚାଷୀ ଓ ଜନପ୍ରତିନିଧିମାନେ କହିଛନ୍ତି। ତେବେ ଗୋବରୀରେ ପୂର୍ବରୁ ପ୍ରଚୁର ପରିମାଣରେ ମାଛ ମିଳୁଥିଲା। ସ୍ଥାନୀୟ ଧୀବରମାନେ ନଦୀରୁ ସମୁଦ୍ର ଇଲିଶ ଧରୁଥିଲେ। ସମୟକ୍ରମେ ଏହି ସ୍ଥାନରୁ ଦୈନିକ ଦୁଇ କିଲୋ ମାଛ ଧରିବା ସମ୍ଭବ ହେଉନି। ଅଳାଇଲୋ ଗାଁର କେତେଜଣ ଚାଷୀ ଓ ମତ୍ସ୍ୟଜୀବୀଙ୍କ ମଧ୍ୟରେ କେଲୁ ଚରଣ ସେଠୀ, ବହ୍ଲବ ସେଠୀ, ବାବାଜୀ ସେଠୀ, ପାଣ୍ଡବ ସେଠୀ, କୁଞ୍ଜ ସେଠୀ, ସହଦେବ ସେଠୀ, ଚୈତନ୍ୟ ସେଠୀ, ପ୍ରହଲ୍ଲାଦ ସେଠୀ କହିବା ଅନୁସାରେ, ଦିନଥିଲା ଏହି ଗୋବରୀ ନଦୀରୁ କୁଇଣ୍ଟାଲ, କୁଇଣ୍ଟାଲ ବଡ ଚିଙ୍ଗୁଡ଼ି, ଇଲିଶ୍, ପୋଟେଇ, ଭେକ୍ଟି ମାଛ ଧରି ବିକ୍ରି କରିବା ସହ କେନ୍ଦ୍ରାପଡା, କଟକ, କୋଲକାତା ଆଦି ସ୍ଥାନକୁ ଚାଲାଣ କରାଯାଉଥିଲା। ସମୟ କ୍ରମେ ଅଦ୍ୟାବଧି ଏହି ଓରତ ଗୋବରୀ କୂଳରେ ଆନ୍ଧ୍ର, ବାଲୁଗାଁ ମାଛ ବିକ୍ରି ହେଉଛି। ପ୍ରଶାସନ ପକ୍ଷରୁ ଏହି ଗୋବରୀ ନଦୀ ସେତୁ ସମ୍ମୁଖରେ ଥିବା ପଠାକୁ ଖନନ କରାଯିବା ପାଇଁ ଦେଉଳିପଡ଼ା ପଞ୍ଚାୟତ ସରପଞ୍ଚ ଦେବଦତ୍ତ ପରିଡ଼ାଙ୍କୁ ପଚାରିବାରେ ନଦୀ ଖନନ କରାଗଲେ ସ୍ଥାନୀୟ ଚାଷୀ ଓ ମତ୍ସ୍ୟଜୀବୀ ଉପକୃତ ହେବା ସହ ଆର୍ଥିକ ବିକାଶ ହେବ। ସେହିପରି ସ୍ଥାନୀୟ ଅଳାଇଲୋ ପଞ୍ଚାୟତ ସରପଞ୍ଚ ପ୍ରଫୁଲ୍ଲ କୁମାର ବେହେରାଙ୍କୁ ପଚାରିବାରେ ଗୋବରୀ ନଦୀ ଖନନ ପାଇଁ ସ୍ଥାନୀୟ ବିଧାୟକ ଅତନୁ ସବ୍ୟସାଚୀ ନାୟକଙ୍କୁ ଅନୁରୋଧ କରାଯାଇଛି ବୋଲି ସେ କହିଛନ୍ତି।



ମହାକାଳପଡା ବ୍ଲକର ଓରତ ଘାଟ ଗୋବରୀ ସେତୁ ନିକଟରେ ପଠା ଯୋଗୁ ଜଳ ନିଷ୍କାସନରେ ବାଧକ ସାଜିଛି।

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SUNDARGARH
At/P.O.- Sankara, Sundargarh - 770020, E-mail: address-serw_sundargarh@yahoo.com
No. Tender Online - RWCCESNG-12 of 2021-22, Letter No. 2455/Dtd.13.08.2021
No. O-553
e-Procurement NOTICE
1. Type of the Work : Road with Bridge
2. Class of Contractor : As specified in the Column-6 of the Annexure
3. Time of Completion : As specified in the Column-5 of the Annexure
4. Detail Projects : As per Annexure attached
5. Estiamted Cost : As specified in the Column-4 of the Annexure
6. Other Details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG- 12 of 2021-22 | 31.08.2021 11.00 A.M. | 21.09.2021 3.00 P.M. | 20.09.2021 3.00 P.M. | 27.09.2021 11.00 A.M. | Will be intimated separately |

• Further details can be seen from the website: www.tendersodisha.gov.in.
Sd./- Chief Construction Engineer,
Rural Works Circle, Sundargarh
OIPR-25133/11/0019/2122

OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, BALASORE
E-Mail ID: serw_balasore@yahoo.in, Ph. No.: 06782/260318, Balia, Balasore
No. O-560
e-Procurement Notice for Road Works
Identification No. Online Tender - Road N.C.B. No. 298 for 2021-22
Letter No. 2920 Date: 17.08.2021
1. Name of the Work : PMGSY Road Work
2. Total No. of Work : 04 Nos.
3. Estimated Cost : From Rs.172.13 lakhs to Rs.236.58 lakhs (Approximately)
4. Eligible Class of Contractor : 'B' & 'A' Class (of Odisha P.W.D.) or relevant Class of other licensing authorities (as per annexure)
5. Period of Completion : 09 Calendar months
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of tender in O/o. C.C.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No. 298 | Dt.21.08.2021 at 11.00 A.M. | Dt.06.09.2021 upto 5.00 P.M. | Dt.04.09.2021 upto 5.00 P.M. | Dt.07.09.2021 at 11.00 A.M. | Will be intimated later |

• Further details can be seen from the website: www.pmgsytenders.gov.in.
Sd./- Chief Construction Engineer
OIPR-25105/11/0012/2122

GOVERNMENT OF ODISHA No. O-551
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, KENDRAPARA - JAJPUR
At/P.O.- Nayabazar, Cuttack - 753004, Tel. No. 0671-2444488, E-mail: serw_kpd@yahoo.com
No. Tender Online RCK-15/21 Letter No. 2007 Date: 16.08.21
e-Procurement NOTICE
1. **Name of the Work:** Consultancy services for preparation of Detailed Project Report (DPR) finalization, hydraulic particulars, geotechnical including alignment investigation, preparation of G.A.D., preparation of G.F.C. drawing with detailed component structural design, detailed estimate with rate analysis, BOQ & bid documents of construction of Bridges.
summary for key dates is provided below:

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Cheif Construction Engineer, Rural Works Circle, Kendrapara-Jajpur | Tender Online RCK - 15/21 | 21.08.2021 at 11.00 A.M. | 09.09.2021 to 5.00 P.M. | 08.09.2021 upto 5.30 P.M. | 13.09.2021 at 11.30 A.M. | Will be intimated later |

Further details can be seen from the website: www.tendersorissa.gov.in.
OIPR-25129/11/0012/2122 Sd./- Chief Construction Engineer, Rural Works Circle, Kendrapara-Jajpur

**ବାଣିଜ୍ୟିକ ସମ୍ପର୍କରେ ତାଲିବାନୀ ଅଙ୍କୁଶ**

# ପାର୍ବଣରେ 'ଡ୍ରାଏ ଫୁଡ୍' ମହଙ୍ଗା





**କାବୁଲ/ନୂଆଦିଲ୍ଲୀ:** ଆଫଗାନିସ୍ତାନକୁ କବ୍ଜା କରିବା ପରେ ନିଜର ପ୍ରକୃତ ଚେହେରା ଦେଖାଇବା ଆରମ୍ଭ କରିଛି ତାଲିବାନ। ଭାରତ ସହିତ ସମସ୍ତ ଆମଦାନୀ ଏବଂ ରପ୍ତାନି ଉପରେ ରୋକ୍ ଲଗାଇ ଦେଇଛି ଏହି ଆତଙ୍କବାଦୀ ସଙ୍ଗଠନ। ଫେଡେରେଶନ ଅଫ୍ ଇଣ୍ଡିଆନ୍ ଏକ୍ସପୋର୍ଟ ଅର୍ଗାନାଇଜେଶନ (ଏଫ୍ଆଇଇଓ) ମହାନିର୍ଦ୍ଦେଶକ ଡ. ଅଜୟ ସହାଇ ଏ ନେଇ ସୂଚନା ଦେଇଛନ୍ତି। ପାକିସ୍ତାନର ଟ୍ରାଞ୍ଜିଟ୍ ରୁଟ୍ ଦେଇ ହେଉଥିବା ସମସ୍ତ କାର୍ଗୋ ଗତିବିଧି ଉପରେ ତାଲିବାନ ଅଙ୍କୁଶ ଲଗାଇଛି। ଫଳରେ ଆଫଗାନିସ୍ତାନ-ଭାରତ ମଧ୍ୟରେ ଶତାଧିକ ବର୍ଷ ଧରି ଚାଲିଆସିଥିବା ବାଣିଜ୍ୟିକ କାରବାର ପ୍ରଭାବିତ ହୋଇଛି। ଏଥିଯୋଗୁ ଆଗାମୀ ପାର୍ବଣରେ ଡ୍ରାଏ ଫୁଡ୍' ଦର ଆକାଶଛୁଆଁ ହେବା ଏକପ୍ରକାର ନିଶ୍ଚିତ ହୋଇଛି। ଏକ ଅନ୍ତର୍ଜାତୀୟ ଗଣମାଧ୍ୟମକୁ ସୂଚନା ଦେଇ ଏଫ୍ଆଇଇଓ ମହାନିର୍ଦ୍ଦେଶକ କହିଛନ୍ତି, ଆଫଗାନିସ୍ତାନ ସହିତ ଭାରତର ସମ୍ପର୍କ ବହୁ ପୁରୁଣା। ସେଠାକାର ଭିତ୍ତିଭୂମିର ବିକାଶ ଲାଗି ଭାରତ ସରକାର ବିପୁଳ ଅର୍ଥନିବେଶ କରିଛନ୍ତି। ହେଲେ ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଆଫଗାନିସ୍ତାନର ରାଜନୈତିକ ସ୍ଥିରତା ଉପରେ ସବୁକିଛି ନିର୍ଭର କରୁଛି। କିଛିଦିନ ଭିତରେ ବାଣିଜ୍ୟିକ ସମ୍ପର୍କ ସ୍ୱାଭାବିକ ହୋଇଯିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

ଦକ୍ଷିଣ ଏସିଆରେ ଆଫଗାନିସ୍ତାନର ସବୁଠାରୁ ବଡ଼ ବଜାର ହେଉଛି ଭାରତ। ମୁଖ୍ୟତଃ କିସ୍‌ମିସ୍, ଅଖରୋଟ, ବାଦାମ, ପାସ୍ତା ଭଳି ସୌଖୀନ ଖାଦ୍ୟ ସାମଗ୍ରୀ ସେଠାରୁ ଆମଦାନୀ କରାଯାଇଥାଏ। ଏହାକୁ ବାଦ୍‌ଦେଲେ ଡାଳିମ୍ବ, ସେଓ, ଚେରି, ଖଜୁରି, ଖରଭୁଜ, ତରଭୁଜ, ମସଲା ଜାତୀୟ ପଦାର୍ଥ ହିଙ୍ଗୁ, ଜୀରା, ଔଷଧୀୟ ଜଡ଼ିବୁଟି ସମେତ ପିଆଜ ମଧ୍ୟ ଆସିଥାଏ। ସେହିପରି ଭାରତରୁ ଚା, ଚିନି, କଫି, କପା ବସ୍ତ୍ର, ଗୋଲମରିଚ ରପ୍ତାନି କରାଯାଇଥାଏ। ୨୦୨୧ରେ ଭାରତ ଆଫଗାନିସ୍ତାନକୁ ୮୩୫ ମିଲିୟନ ଡଲାର ମୂଲ୍ୟର ସାମଗ୍ରୀ ରପ୍ତାନି କରିଥିବାବେଳେ ୫୧୦ ମିଲିୟନ ଡଲାରର ସାମଗ୍ରୀ ଆମଦାନୀ କରିଥିଲା। ହେଲେ ତାଲିବାନୀ ଗୋଷ୍ଠୀର ଏଭଳି ଭାରତ ବିରୋଧୀ ମନୋଭାବ ପରେ ଆଫଗାନିସ୍ତାନ ସହ ରହି ଆସିଥିବା ଦୀର୍ଘ ଶତାବ୍ଦୀର ବାଣିଜ୍ୟିକ ସମ୍ପର୍କ ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଛି। ବିଶେଷ କରି 'ଡ୍ରାଏ ଫୁଡ୍' ଦର ଉପରେ ଏହାର ପ୍ରଭାବ ପଡ଼ିବା ଏକପ୍ରକାର ନିଶ୍ଚିତ ହୋଇଯାଇଛି। ଆଫଗାନିସ୍ତାନରୁ ୱାଘା-ଅଟାରୀ ବୋର୍ଡର ଦେଇ ଡ୍ରାଏ ଫୁଡ୍ ଆମଦାନୀ କରାଯାଇଥାଏ। ହେଲେ ବାଣିଜ୍ୟିକ ଅଙ୍କୁଶ ପରେ ଏହା ବନ୍ଦ ହୋଇଯିବା ଆଶଙ୍କା ବଢ଼ିଛି।

ପଞ୍ଜାବର ବ୍ୟବସାୟୀଙ୍କ ସୂଚନା ଅନୁଯାୟୀ, ଆଫଗାନିସ୍ତାନ 'ଡ୍ରାଏ ଫୁଡ୍'ର ସବୁଠାରୁ ବଡ଼ ବଜାର ହେଉଛି ଭାରତ। ବାର୍ଷିକ ୨୯୦୦ କୋଟି ଟଙ୍କାର ଡ୍ରାଏ ଫୁଡ୍ ଆମଦାନୀ ହୋଇଥାଏ। ହିଂସାଗ୍ରସ୍ତ ଆଫଗାନିସ୍ତାନରୁ ଏସବୁ ସାମଗ୍ରୀ ସ୍ୱାଭାବିକ ଭାବେ ଆମଦାନୀ ହୋଇପାରୁ ନ ଥିବାରୁ ଡ୍ରାଏ ଫୁଡ୍ ଦର ୨୫ରୁ ୩୦% ଯାଏ ବୃଦ୍ଧି ଘଟିଛି। କେଜି ପିଛା ୬୦୦ ଟଙ୍କାରେ ବିକ୍ରି ହେଉଥିବା ପାସ୍ତା ବାଦାମ ମୂଲ୍ୟ ୧୦୦୦ ଟଙ୍କାରେ ପହଞ୍ଚିଛି। ପୂର୍ବରୁ ଦୈନିକ ୮ରୁ ୧୦ ଟ୍ରକ୍ 'ଡ୍ରାଏ ଫୁଡ୍' ଆସୁଥିବାବେଳେ ତାଲିବାନର ନିର୍ଦ୍ଦେଶ ପରେ ଏବେ ଆମଦାନୀ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। କେବଳ ଏତିକି ନୁହେଁ, ଭୟଭୀତ ଆଫଗାନ ବ୍ୟବସାୟୀ ଭାରତୀୟ ବଜାରରୁ ବକେୟା ଅର୍ଥ ସଂଗ୍ରହ କରିବାକୁ ମଧ୍ୟ ଇଚ୍ଛୁକ ହେଉନାହାନ୍ତି। ସ୍ଥିତି ସୁଧୁରିଲେ ସେମାନେ ଏହି ଅର୍ଥ ନେବେ ବୋଲି କହୁଛନ୍ତି। ଆଗକୁ ଭାରତରେ ପାର୍ବଣ ଋତୁ ଆରମ୍ଭ ହେବାକୁ ଥିବାବେଳେ 'ଡ୍ରାଏ ଫୁଡ୍' ବଜାର ମହଙ୍ଗା ହେବ ବୋଲି ଅଧିକାଂଶ ବ୍ୟବସାୟୀ କହିଛନ୍ତି। ସେହିପରି ଲୁଧିଆନାର ହୋସିଏରି ଉଦ୍ୟୋଗୀ ବାର୍ଷିକ ୫୦ କୋଟି ଏବଂ ଟୁଲ୍ ଉଦ୍ୟୋଗୀ ୨୦ କୋଟି ଟଙ୍କାର ସାମଗ୍ରୀ ରପ୍ତାନି କରୁଥିଲେ। ଏବେ ଏସବୁ ବ୍ୟବସାୟିକ କାରବାର ଉପରେ ମଧ୍ୟ ପ୍ରତିବନ୍ଧକ ଲାଗିବା ଜଳଜଳ ହୋଇ ଦିଶିଲାଣି।

ଅନ୍ୟପକ୍ଷେ ୨୦୧୧ରୁ ଭାରତ ଆଫଗାନିସ୍ତାନର ଭିତ୍ତିଭୂମି ବିକାଶରେ ବିପୁଳ ଅର୍ଥ ବିନିଯୋଗ କରିଛି। ସଡ଼କ, ନଦୀବନ୍ଧ, ହସ୍ପିଟାଲ, ବିମାନବନ୍ଦର ଭଳି ଯୋଜନାରେ ୨୨ ହଜାର ୫୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ନିବେଶ କରାଯାଇଛି। ଦୀର୍ଘ ୨ ଦଶନ୍ଧି ପରେ ଆଫଗାନିସ୍ତାନର ଶାସନ କ୍ଷମତା ପୁନର୍ବାର ତାଲିବାନ ହାତକୁ ଚାଲିଯିବା ପରେ ଏସବୁ ପ୍ରକଳ୍ପର ଭବିଷ୍ୟତ ଅନ୍ଧକାର ଆଡ଼କୁ ଠେଲି ହୋଇଯାଇଛି।

# ସଦ୍‌ଭାବନାରେ ଦେଶର ବିକାଶ

ସବୁ ଜାତି, ଧର୍ମ, ବର୍ଣ୍ଣର ଲୋକଙ୍କ ମଧ୍ୟରେ ଜାତୀୟ ଏକତା ମନୋଭାବ ସହ ଶାନ୍ତି, ସ୍ନେହ ଏବଂ ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟକୁ ଉତ୍ସାହିତ କରି ଭାରତକୁ ଏକ ବିକଶିତ ଦେଶ କରିବାର ସ୍ୱପ୍ନ ଦେଖିଥିଲେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ। ସଦ୍‌ଭାବନା ମାଧ୍ୟମରେ ରାଷ୍ଟ୍ରର ଆଧୁନିକୀକରଣ ତଥା ବିକାଶ ପଥ ଖୋଲିପାରିବ ବୋଲି ଚିନ୍ତା କରି ସେ ଦେଶବାସୀଙ୍କୁ ସେହିବାଟରେ ଚାଲିବା ନିମନ୍ତେ ଉତ୍ସାହିତ କରିଆସୁଥିଲେ। ସ୍ୱର୍ଗତଃ ଗାନ୍ଧୀଙ୍କ ସେହି ଆଧୁନିକ ଚିନ୍ତାଧାରା ଓ ଇଚ୍ଛାକୁ ସମ୍ମାନ ଜଣାଇ ତାଙ୍କ ଜନ୍ମଦିବସ ସ୍ମୃତିରେ ପ୍ରତି ବର୍ଷ ଅଗଷ୍ଟ ୨୦ରେ ଦେଶରେ 'ସଦ୍‌ଭାବନା ଦିବସ' ପାଳନ କରାଯାଏ। ସେହିପରି ବାୟୋଗ୍ୟାସ୍, ସୋଲାର ଶକ୍ତି, ପବନ ବା ୱିଣ୍ଡ୍ ପାୱାର ଭଳି ଅକ୍ଷୟ ଶକ୍ତିର ମହତ୍ତ୍ୱ ଏହାର ବ୍ୟବହାର ବିଷୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ମଧ୍ୟ ରାଜୀବ ଗାନ୍ଧୀଙ୍କ ଜନ୍ମ ବାର୍ଷିକୀକୁ ଅକ୍ଷୟ ଉର୍ଜା ଦିବସ ଭାବେ ମଧ୍ୟ ପାଳନ କରାଯାଇଥାଏ। ଦେଶର ବିକାଶ ପାଇଁ ତାଙ୍କ ଉତ୍ସାହଜନକ ଶବ୍ଦ ଆଜି ମଧ୍ୟ ଜନ୍ମ ବାର୍ଷିକୀରେ ସ୍ମରଣୀୟ। ତାଙ୍କର ପ୍ରତ୍ୟେକ ବାକ୍ୟ ଅତ୍ୟନ୍ତ ପ୍ରେରଣାଦାୟକ ଯାହା ଏବେ ବି ଦେଶର ଯୁବକମାନଙ୍କୁ ଭାରତର ନେତୃତ୍ୱ ନେବାକୁ ପ୍ରୋତ୍ସାହିତ କରିଥାଏ। ୨୦ ଅଗଷ୍ଟ ୨୦୨୧ ରେ ରାଜୀବ ଗାନ୍ଧୀଙ୍କ ୭୭ ତମ ଜନ୍ମ ବାର୍ଷିକୀ ପାଳନ କରାଯିବ। ମୃତ୍ୟୁର ଏକ ବର୍ଷ ପରେ ଭାରତୀୟ ଜାତୀୟ କଂଗ୍ରେସ ୧୯୯୨ରେ ରାଜୀବ ଗାନ୍ଧୀ ସଦ୍‌ଭାବନା ପୁରସ୍କାର ଘୋଷଣା କରିଥିଲା।





**ଜନ୍ମଦିନର ଶୁଭେଚ୍ଛା**

ମହାମାନ୍ୟ ସୁନାମଧନ୍ୟ ଚୂମ୍ବକତ୍ୱ ଜୀବନଶୈଳୀର ଅଧିକାରୀ ଶ୍ରୀଯୁକ୍ତ ସୌମ୍ୟରଂଜନ ପଟ୍ଟନାୟକ ବିଧାୟକ, ଖଣ୍ଡପଡ଼ାଙ୍କ ଜନ୍ମଦିବସ ଅବସରରେ ସୁସ୍ଥ ନିରାମୟ, ଦୀର୍ଘଜୀବନ କାମନା ପାଇଁ ପ୍ରଭୁ ଶ୍ରୀ ନୀଳମାଧବ ଜୀଉଙ୍କ ନିକଟରେ ପ୍ରାର୍ଥନା ।

ଶୁଭେଚ୍ଛୁ: ମଠ ଆଖଡା, ଭାରତୀ ନାଟ୍ୟମ୍ କଲଚୁରାଲ ଆସୋସିଏସନ କଣ୍ଟିଲୋ, ଖୁଦବେହେରା ପାଟଣା, ଖଣ୍ଡପଡ଼ା

D-21389

**ଜନ୍ମଦିନ ଶୁଭେଚ୍ଛା**

ଉଷାରାଣୀ ପ୍ରଧାନ

ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା । ଭଗବାନ କରନ୍ତୁ ତୁମ ଚଲାପଥ ହସଖୁସିରେ ଭରିଉଠୁ। 'ଜନ୍ମଦିନର ହାର୍ଦ୍ଦିକ ଅଭିନନ୍ଦନ' ଜେଜେବାପା, ଜେଜେମାଆ, ବାପା, ମାଆ, ଅଜା, ଆଈ ଓ ପରିବାରବର୍ଗ

ଧ-୬୭୪୧୧


# ରଣଦୀପଙ୍କୁ ୧୦ କୋଟିର ନୋଟିସ



**ମୁମ୍ବାଇ:** ବଲିଉଡ୍ ଅଭିନେତା ରଣଦୀପ ହୁଡ୍ଡା ଅଡୁଆରେ ଫସିଛନ୍ତି। ସ୍କ୍ରିପ୍ଟ ରାଇଟର ପ୍ରିୟଙ୍କା ଶର୍ମା ଅଭିନେତା ରଣଦୀପଙ୍କୁ ୧୦ କୋଟି ଟଙ୍କାର ଲିଗାଲ ନୋଟିସ୍ ପଠାଇଛନ୍ତି। ଏହି ନୋଟିସ୍‌ରେ ହୁଡ୍ଡାଙ୍କ ସମେତ ଅନ୍ୟମାନଙ୍କ ନାଁ ମଧ୍ୟ ରହିଛି। ପ୍ରିୟଙ୍କା ଏ ନେଇ ହରିୟାଣା ପୋଲିସ ମହାନିର୍ଦ୍ଦେଶକଙ୍କ ଫରିଦାବାଦର ରେଞ୍ଜ କମିଶନରଙ୍କୁ ମେଲ୍ ମାଧ୍ୟମରେ ଅଭିଯୋଗ ପଠାଇଛନ୍ତି।

ପ୍ରିୟଙ୍କାଙ୍କ ଅଭିଯୋଗ ମୁତାବକ, ସେ ସୋସିଆଲ ମିଡିଆ ମାଧ୍ୟମରେ ରଣଦୀପଙ୍କ ସମ୍ପର୍କରେ ଆସିଥିଲେ। ପ୍ରିୟଙ୍କାଙ୍କ ସ୍କ୍ରିପ୍ଟରେ ରଣଦୀପ କାମ କରିବେ ବୋଲି କହିଥିଲେ। ପରେ ସେ ରଣଦୀପଙ୍କ ସମେତ ଆଶା ହୁଡ୍ଡା, ମନ୍‌ଦୀପ ହୁଡ୍ଡା, ଅଜ୍‌ଲି ହୁଡ୍ଡା, ମନିଷ, ରଣଦୀପଙ୍କ ମ୍ୟାନେଜର ପଞ୍ଚଲି ଚୌଧୁରୀଙ୍କୁ ପ୍ରାୟ ୧୨ ଶହ ଗୀତ ଏବଂ ୪୦ ଷ୍ଟୋରୀ ହ୍ୱାଟ୍ସଆପ୍, ମେଲ୍ ଆଦି ଜରିଆରେ ପଠାଇଥିଲେ। କିନ୍ତୁ ଦୀର୍ଘ ୮ ବର୍ଷ ପରେ ମଧ୍ୟ ରଣଦୀପ ତାଙ୍କ ସ୍କ୍ରିପ୍ଟରେ କାମ କରି ନ ଥିଲେ। ପରେ ପ୍ରିୟଙ୍କା ରଣଦୀପଙ୍କୁ ଯୋଗାଯୋଗ କରି ଲିରିକ୍ସ ଓ ସ୍କ୍ରିପ୍ଟ ଫେରାଇ ଦେବାକୁ କହିବା ପରେ ତାଙ୍କୁ ହତ୍ୟା ଧମକ ମିଳିଥିବା ପ୍ରିୟଙ୍କା କହିଛନ୍ତି। ଏତେ ବର୍ଷ ଧରି ସେ ପାଇଥିବା ମାନସିକ ନିର୍ଯାତନା, ଧମକ ଆଦି ବାବଦରେ ରଣଦୀପ ୧୦ କୋଟି ଟଙ୍କା କ୍ଷତିପୂରଣ ଦେବାକୁ ପ୍ରିୟଙ୍କା ଦାବି କରିଛନ୍ତି।

# ଆରମ୍ଭରୁ ଚିକିତ୍ସା ଆବଶ୍ୟକ

**ଆଜି ବିଶ୍ୱ ମଶା ଦିବସ**



ପ୍ରତିବର୍ଷ ଅଗଷ୍ଟ ୨୦କୁ 'ବିଶ୍ୱ ମଶା ଦିବସ' ଭାବରେ ପାଳନ କରାଯାଇଥାଏ। ଏହି ଦିବସର ଏକ ବିଶେଷତ୍ୱ ରହିଛି। ୧୮୯୭ ଅଗଷ୍ଟ ୨୦ରେ ସାର୍ ରୋନାଲ୍ଡ ରସ ମାଇ ଏନୋଫିଲିସ ମଶା କାମୁଡ଼ିଲେ ହିଁ ମ୍ୟାଲେରିଆ ରୋଗ ହୋଇଥାଏ ବୋଲି ଆବିଷ୍କାର କରିଥିଲେ। କିନ୍ତୁ ଏହାପୂର୍ବରୁ ବିଶ୍ୱାସ ଥିଲା ଯେ, ଦୂଷିତ ବାୟୁ ଶ୍ୱାସ କ୍ରିୟାରେ ନେବା ଦ୍ୱାରା ଏହି ରୋଗ ହୁଏ। ଏପରି ତଥ୍ୟ ଆବିଷ୍କାର ପାଇଁ ତାଙ୍କୁ ସମ୍ମାନଜନକ ନୋବେଲ ପୁରସ୍କାର ମିଳିଥିଲା। 'ବିଶ୍ୱ ମଶା ଦିବସ' ସମ୍ପର୍କରେ ବିଶିଷ୍ଟ ଭେଷଜ ବିଶେଷଜ୍ଞ ଡା. ନିତ୍ୟାନନ୍ଦ ସ୍ୱାଇଁ କହନ୍ତି, ମ୍ୟାଲେରିଆ ରୋଗର କାରଣ ସମ୍ପର୍କରେ ତଥ୍ୟ ଆବିଷ୍କାର ଦିବସ (ଅଗଷ୍ଟ ୨୦)କୁ ବିଶ୍ୱ ମଶା ଦିବସ ଭାବରେ ପାଳନ କରାଯାଏ। ଚଳିତ ବର୍ଷ ଏହି ଦିବସର ପ୍ରସଙ୍ଗ ରହିଛି 'ମ୍ୟାଲେରିଆର ବିଲୋପ ସାଧନ ପ୍ରାପ୍ତି ହିଁ ଲକ୍ଷ୍ୟ' (ରିଚିଙ୍ଗ ଦ ଜିରୋ ମ୍ୟାଲେରିଆ ଟାର୍ଗେଟ)। ହଜାର ହଜାର ବର୍ଷ ଧରି ମଣିଷ ମ୍ୟାଲେରିଆ ଦ୍ୱାରା ଆକ୍ରାନ୍ତ ହୋଇ ଆସୁଛି। ଏହା ମାମୁଲି ନୁହେଁ, ଏକ ମାରାତ୍ମକ ରୋଗ। ଏକ ସର୍ଭେରୁ ଜଣାପଡିଛି ଯେ, ପ୍ରତିବର୍ଷ ବିଶ୍ୱରେ ପ୍ରାୟ ୨୦ କୋଟିରୁ ଊର୍ଦ୍ଧ୍ୱ ଲୋକ ଏହି ରୋଗରେ ଆକ୍ରାନ୍ତ ହେଉଛନ୍ତି। ୨୦୧୯ରେ ସାରା ପୃଥିବୀରେ ପାଖାପାଖି ୨୩ କୋଟି ଲୋକ ଏହି ରୋଗରେ କବଳିତ ହୋଇଥିଲେ ଏବଂ ପ୍ରାୟ ୪ ଲକ୍ଷରୁ ଅଧିକ ଲୋକ ମୃତ୍ୟୁବରଣ କରିଥିଲେ। ୨୦୧୬ରେ ଆମ ରାଜ୍ୟରେ ୪.୪ ଲକ୍ଷ ଲୋକ ଏହି ରୋଗରେ ଆକ୍ରାନ୍ତ ହୋଇଥିବା ବେଳେ ୨୦୧୯ରେ ଏହି ସଂଖ୍ୟା ୪୦,୦୦୦କୁ ଖସି ଆସିଥିଲା। ଅନ୍ୟପକ୍ଷରେ ୨୦୩୦ ସୁଦ୍ଧା ମ୍ୟାଲେରିଆକୁ ସମ୍ପୂର୍ଣ୍ଣ ବିଲୋପ କରିବାକୁ ଲକ୍ଷ୍ୟ ରଖାଯାଇଛି।

ମ୍ୟାଲେରିଆ ଏକ ପରଜୀବୀ ରୋଗ। ପରଜୀବୀ ବା ପାରାସାଇଟ୍‌ର ନାଁ 'ପ୍ଲାଜମୋଡିୟମ', ଯାହା ଥାଏ ମ୍ୟାଲେରିଆ ରୋଗୀ ରକ୍ତରେ। ମାଈ ଏନୋଫିଲିସ ମଶା ରୋଗୀକୁ କାମୁଡି ରକ୍ତ ଶୋଷିଲେ ଏହା ମଶାର ପେଟ ଭିତରକୁ ଚାଲିଯାଏ। ଏହି ସଂକ୍ରମିତ ମଶା ସୁସ୍ଥ ଲୋକଙ୍କୁ କାମୁଡିଲେ ମଶାର ରକ୍ତ ଓ ଲାଳ ସୁସ୍ଥ ଲୋକର ରକ୍ତ ଭିତରକୁ ଚାଲିଯାଇ ତାକୁ ରୋଗାକ୍ରାନ୍ତ କରିପକାଏ। ପ୍ଲାଜମୋଡିୟମ ଫାଲାସିପାରମ୍ ହେଉଛି ଅତି ମାରାତ୍ମକ। ଏହାର ବେଳ ହୁଁ ଚିକିତ୍ସା ନ କଲେ ରୋଗୀର କିଡ୍‌ନୀ ଅକାମୀ ହୋଇପଡେ ଓ ମସ୍ତିଷ୍କ ଆକ୍ରାନ୍ତ ହୋଇ ରୋଗୀ ଅଚେତ ହୋଇ ପଡି ମରିଯାଏ। ରୋଗୀଠାରୁ ମାତ୍ର ଏକ ବୁନ୍ଦା ରକ୍ତ ନେଇ ପରୀକ୍ଷା କଲେ ମ୍ୟାଲେରିଆ ହୋଇଛି କି ନାହିଁ ତାହା ଜଣାପଡିଯାଏ।


**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ଅମନ ବଙ୍ଗାଲୀ
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
8750699637

Admission Open 2021-22 Session
**B.SC NURSING**
Approved by Govt. of Odisha & affiliated to Utkal University
ADMISSION ELIGIBILITY
+2 Science Pass
45% of mark in PCB for Gen. Category
40% of mark in PCB for SC & ST Category
SRI BALADEVJEW COLLEGE OF NURSING
Email : srigurudevtrust2020@gmail.com
Kajala, Kendrapara
7008513605, 9439927471

**BIJAY FINANCE**
ମାର୍କସିଟ୍, ପର୍ସନାଲ, ପ୍ରପର୍ଟି, କୃଷି, ଶିକ୍ଷା, ଗୃହ, କୁକୁଡ଼ା ପାଳନ, ମାଛଚାଷ ଓ ଗାଈ ପାଳନ ଇତ୍ୟାଦି ସମସ୍ତ ପ୍ରକାର ଋଣ ପାଇ ପାରିବେ ୧୦ଦିନ ମଧ୍ୟରେ।
ସୁଧ = 2%
M: 8280679220
M: 8280198227

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଜ୍ୟାକେଟ୍‌ରେ ଶତ୍ରୁ ମୁକାବିଲା



**ଲକ୍ଷ୍ନୌ:** ଶତ୍ରୁ ପକ୍ଷର ଆକ୍ରମଣରୁ ବଞ୍ଚାଇବ ଜ୍ୟାକେଟ୍। ଗୁଳି ଚଳାଇବା ସହ କଣ୍ଟ୍ରୋଲ ରୁମ୍ ସହିତ ଯୋଗାଯୋଗ ବି କରିପାରିବ। ଏଭଳି ଏକ ହାଇଟେକ୍ ଜ୍ୟାକେଟ୍ ତିଆରି କରିଛନ୍ତି ଉତ୍ତରପ୍ରଦେଶର ଇଞ୍ଜିନିୟରିଂ ଛାତ୍ର।

ମିରଟରେ ଥିବା ଏମ୍ଆଇଇଟି ଇଞ୍ଜିନିୟରିଂ କଲେଜର ଅଟଳ କମ୍ୟୁନିଟି ଇନୋଭେଶନ୍ ସେଣ୍ଟର ତିଆରି କରିଛି ଏଭଳି ଏକ ହାଇଟେକ୍ ଜ୍ୟାକେଟ୍। କଲେଜରେ ଯୁବ ବୈଜ୍ଞାନିକ ଶ୍ୟାମ୍ ଚୌରାସିଆ ଏହି ଜ୍ୟାକେଟ୍ ପ୍ରସ୍ତୁତ କରିଛନ୍ତି। ଜ୍ୟାକେଟ୍‌ଟି ଯବାନଙ୍କୁ ସୁରକ୍ଷା ଦେବା ସହିତ ଶତ୍ରୁମାନଙ୍କ ଉପରେ ଆକ୍ରମଣ ମଧ୍ୟ କରିପାରିବ। ଏଥିରେ ଏକ ଓ୍ୱାୟାରଲେସ୍ ଟ୍ରିଗର ରହିଛି, ଯାହା ସାହାଯ୍ୟରେ ଯବାନମାନେ ବର୍ଡରରେ ୧୦ ରୁ ଅଧିକ ବନ୍ଧୁକ ରଖି ଶତ୍ରୁମାନଙ୍କ ଉପରେ ଆକ୍ରମଣ କରିପାରିବେ। ଯବାନମାନେ ଆହତ ହେଲେ ଏହି ଜ୍ୟାକେଟ୍ ତୁରନ୍ତ କଣ୍ଟ୍ରୋଲ ରୁମକୁ ଖବର ପଠାଇବ। ଜ୍ୟାକେଟରେ ଲାଇଭ୍ କ୍ୟାମେରା ଥିବାରୁ ପଛପଟରୁ ଆକ୍ରମଣ କରୁଥିବା ଶତ୍ରୁଙ୍କୁ ମଧ୍ୟ ମୁକାବିଲା କରିହେବ। ଏଥିରେ ଲଗାଯାଇଥିବା ବନ୍ଧୁକକୁ ଇଣ୍ଟରନେଟ୍ ମାଧ୍ୟମରେ ବି କଣ୍ଟ୍ରୋଲ କରିହେବ। ଯଦି କୌଣସି ବ୍ୟକ୍ତି ଯବାନଙ୍କ ଉପରେ ଛୁରିରେ ଆକ୍ରମଣ କରୁଥାଏ ତେବେ ମଧ୍ୟ ଜ୍ୟାକେଟରେ ଥିବା ବନ୍ଧୁକ ଆପେ ଆପେ ଆକ୍ରମଣ କରିପାରିବ। ଏହାର ସମସ୍ତ ଉପକରଣ ଭାରତୀୟ ଟେକ୍ନୋଲୋଜିରେ ପ୍ରସ୍ତୁତ ହୋଇଥିବାବେଳେ ଏଥିରେ ୨୦ ରୁ ୨୨ ହଜାର ଟଙ୍କା ଖର୍ଚ୍ଚ ହୋଇଛି।


**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ**
ଂ ବିଜୟ କୁମାର ପଟ୍ଟନାୟକ
ଖୁସୀ କ୍ଲାସିକ୍ ଆପାର୍ଟମେଣ୍ଟ ଶାନ୍ତିନଗର, ଝାରପଡ଼ା, ଭୁବନେଶ୍ୱର
ଆବିର୍ଭାବ : ତା.୨୧.୦୩.୧୯୪୮
ତିରୋଧାନ : ତା.୧୦.୦୮.୨୦୨୧
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କ ପାଦ ପଦ୍ମରେ ବିନୀତ ପ୍ରାର୍ଥନା ।
ଶୋକସନ୍ତପ୍ତ : ହତଭାଗିନୀ ପତ୍ନୀ-ଶୈଳ, ହତଭାଗ୍ୟ ପୁତ୍ର-ସୌମେନ୍ଦ୍ର, ବଧୂ-ତୁନୁ, ପୁତ୍ରୀ-ଛନ୍ଦା, ଟିକି ଓ ମିକି, ଜ୍ୱାଇଁ-ମିଟୁ, ବାପୁ ଓ ଦୀପୁ, ନାତି ଓ ନାତୁଣୀ-ତୁତୁଲୁ, ମୁକୁଲ, ପୁଚୁ, ରାଜ୍, ପାପୁଲ, ଗୁଗୁଲ ଏବଂ ବନ୍ଧୁ ଓ ପରିବାର ବର୍ଗ
D-21364

**ଶ୍ରଦ୍ଧାଞ୍ଜଳି**
ଂ ଅନ୍ତର୍ଯ୍ୟାମୀ ମିଶ୍ର
ତୀର୍ଥରେଣୁ, କେଦାର ଲେନ୍, ପୁରୁଣା ଭୁବନେଶ୍ୱର
ତିରୋଧାନ- ୨୯।୭।୨୦୦୪
୧୭ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆମ ସମସ୍ତଙ୍କର ଆନ୍ତରିକ ଶ୍ରଦ୍ଧାଞ୍ଜଳି ।
ବନ୍ଧୁ ଓ ପରିବାରବର୍ଗ
ଧ-୨୧୩୮୬

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**
ଅନଙ୍ଗ ମଞ୍ଜରୀ ମହାରଣା
କୁମାରବସ୍ତ, ଖୋର୍ଦ୍ଧା
ଆବିର୍ଭାବ- 25.10.1962
ତିରୋଧାନ- 1.8.2020
ଦେଖୁଦେଖୁ ଗୋଟିଏ ବର୍ଷ ବିତିଗଲା। ତୁମ ଭଲପାଇବା, ସ୍ନେହ, ଶ୍ରଦ୍ଧା ଆଜି ବି ମନେପଡେ । ତୁମ ଅମର ଆତ୍ମାର ସଦ୍‌ଗତି ପ୍ରାପ୍ତ ହେଉ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ବିନତି ।
ଶୋକସନ୍ତପ୍ତ ସ୍ୱାମୀ ବେଣୁଧର, ଝିଅ ଶକ୍ତିମୟୀ, ପୁତ୍ର ପ୍ରିୟ ଅଗ୍ନିବେଶଙ୍କ ସମେତ ସମସ୍ତ ପରିବାର ଓ ବନ୍ଧୁବର୍ଗ
ଧ-୬୮୮୭୮

**ଦ୍ୱାବିଂଶତମ ଶ୍ରାଦ୍ଧବାର୍ଷିକୀ**
ସ୍ୱର୍ଗତ ନଟବର ମହାନ୍ତି
ଆବିର୍ଭାବ-୧୪।୦୨।୧୯୧୨
ତିରୋଧାନ- ୨୪।୦୮।୧୯୯୯
ବସନ୍ତ ନିବାସ, ଅରିଲୋ, କଟକ
ଆପଣଙ୍କ ଆଦର୍ଶ, ଶ୍ରଦ୍ଧା, ସ୍ୱାଭିମାନ, କର୍ତ୍ତବ୍ୟନିଷ୍ଠା, ପରୋପକାରିତା, ଧର୍ମପରାୟଣ ଆମ ଜୀବନର ପାଥେୟ ହେଉ । ଆପଣଙ୍କ ଅମରାତ୍ମାର ସଦ୍‌ଗତି ନିମନ୍ତେ ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା ।
ପରିବାରବର୍ଗ, ବନ୍ଧୁପରିଜନ ଓ ଛାତ୍ରଛାତ୍ରୀବୃନ୍ଦ
ଧ-୨୧୩୯୦

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**
ଂ ପୂର୍ଣ୍ଣଚନ୍ଦ୍ର ମହାପାତ୍ର
ଅବସରପ୍ରାପ୍ତ ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଗ ଭୁବନେଶ୍ୱର, ଓଡ଼ିଶା ସରକାର
ଗୋପାଳପୁର, ବାଙ୍କୀ, କଟକ
ଆବିର୍ଭାବ: ୦୧.୦୨.୧୯୪୨
ତିରୋଧାନ: ୦୧.୦୮.୨୦୨୦
ହେ ପୁଣ୍ୟାତ୍ମା ! ଆପଣଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆମେ ଆପଣଙ୍କର ପ୍ରିୟ ପରିବାର ଓ ବନ୍ଧୁବାନ୍ଧବ ସଶ୍ରଦ୍ଧ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଆପଣଙ୍କ ପଦାରବିନ୍ଦରେ ଅର୍ପଣ କରୁଛୁ। ଆପଣଙ୍କ ସ୍ନେହାପ୍ଲୁତ ନୀତି, ଆଦର୍ଶ, ତ୍ୟାଗ ଓ ଭଲ ପାଇବାକୁ ପାଥେୟ କରି ଆମ୍ଭେମାନେ ବଞ୍ଚିବାର ସ୍ୱପ୍ନ ସାକାର କରିପାରିବୁ। ଇଷ୍ଟଦେବୀ ମା' ବନଦୁର୍ଗା, ମା' ଚର୍ଚ୍ଚିକା, ପ୍ରଭୁ ସିଂହନାଥ ଓ ପ୍ରଭୁ ଜଗନ୍ନାଥ ତାଙ୍କ ଚରଣ କମଳରେ ଆପଣଙ୍କୁ ଆଶ୍ରୟ ଦେଇ ଆପଣଙ୍କ ଆତ୍ମାର ସଦ୍‌ଗତି କରନ୍ତୁ, ଏତିକି ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ନିର୍ମଳା (ପତ୍ନୀ), ପୁତ୍ର, ବଧୂ, କନ୍ୟା, ଜାମାତା, ଭ୍ରାତା, ଭ୍ରାତୃବଧୂ, ଭଗ୍ନୀ, ପୁତୁରା, ଝିଆରୀ, ଭଣଜା, ଭାଣେଜୀ, ନାତି, ନାତୁଣୀ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।
D-21388


କିଟ୍ ଇନ୍‌ଡୋର ହଲ୍‌ରେ ଚାଲିଥିବା ୧୮ ବର୍ଷରୁ କମ୍ ସମ୍ଭାବ୍ୟ ବାଳିକା ଓ ବାଳକ ଖୋ ଖୋ ଟ୍ରେନିଂ କ୍ୟାମ୍ପ ଅବସରରେ ଖେଳାଳିମାନେ କୋଚ୍‌ଙ୍କ ସହ।

# ବିପାଶାଙ୍କୁ ରୌପ୍ୟ, ସିମରନ ଓ ସିତୋଙ୍କୁ ବ୍ରୋଞ୍ଜ୍

ଉଫା (ରୁଷିଆ), ୧୯।୮ (ପି.ଟି.)

ଏଠାରେ ଚାଲିଥିବା ଜୁନିୟର ରେସ୍‌ଲିଂ ଚାମ୍ପିୟନଶିପ୍‌ରେ ବିପାଶା (୭୬କେଜି) ରୌପ୍ୟ ଜିତିଥିବାବେଳେ ସଞ୍ଜୁ ଦେବର ୬୨କେଜି ଶ୍ରେଣୀରେ ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ସିମରନ (୫୦କେଜି) ଓ ସିତୋ (୫୫କେଜି) ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଆଘାତପ୍ରାପ୍ତ ଯୋଗୁ ଆର୍‌ଜୁ ୬୮କେଜି ବ୍ରୋଞ୍ଜ ପ୍ଲେ-ଅଫ୍‌ରୁ ଓହରିଯାଇଛନ୍ତି। ଅନ୍ୟପକ୍ଷରେ ଭାଟେରୀ ୬୫କେଜି ଫାଇନାଲରେ ପ୍ରବେଶ କରିଥିବାବେଳେ ୬୨କେଜି ସେମିଫାଇନାଲରେ ପରାସ୍ତ ହୋଇଥିବା ସାନେହ ବ୍ରୋଞ୍ଜପଦକ ପାଇଁ ମୁକାବିଲା କରିବେ। ବିପାଶା ଫାଇନାଲରେ ଟେକ୍‌ନିକାଲ ସୁପରିଅରିଟିରେ ଆମେରିକାର କାଇଲି ରେନି ୱେକରଙ୍କଠାରୁ ପରାଜିତ ହୋଇଥିଲେ। ଗୁରୁବାର ସଞ୍ଜୁଙ୍କ ପ୍ରଦର୍ଶନ ଆକର୍ଷଣୀୟ ଥିଲା। ସେ ଆଥଲେଟିକ୍ ଜଣାପଡୁ ନ ଥିଲେ ମଧ୍ୟ ତାଙ୍କ କୁଇକ୍ ମୁଭ୍ ଓ ରିଫ୍ଲେକ୍ସ ଯୋଗୁ ଜର୍ମାନୀର ଲୁସିଆ ସ୍ତ୍ରେଲ୍‌ଙ୍କୁ ହରାଇ ଦେଇଥିଲେ। ସ୍ୱର୍ଣ୍ଣ ପଦକ ମୁକାବିଲାରେ ସେ ରୁଷିଆର ଆଲିନା କାସାବିଭାଙ୍କୁ ଭେଟିବେ।

# ଖେଲୋ ଇଣ୍ଡିଆ ଗେମ୍ସ ପାଇଁ ଖୋ ଖୋ କ୍ୟାମ୍ପ

ଭୁବନେଶ୍ୱର, ୧୯।୮ (କ୍ରୀଡ଼ା ପ୍ରତିନିଧି)

ଖୋ ଖୋ ଆମ ଦେଶର ଲୋକପ୍ରିୟ ସ୍ୱଦେଶୀ ଖେଳ ମଧ୍ୟରୁ ଅନ୍ୟତମ। କବାଡ଼ି ସହିତ ଏହି ଖେଳ ମହାରାଷ୍ଟ୍ରରେ ଅଧିକ ଲୋକପ୍ରିୟତା ଅର୍ଜନ କରିଥିଲେ ହେଁ ଓଡ଼ିଶା କ୍ରମେ ପ୍ରଭାବୀ ପ୍ରଦର୍ଶନ କରିଆସୁଛି। ୨୦୧୯ରେ ରାଞ୍ଚିରେ ଅନୁଷ୍ଠିତ ଜାତୀୟ ସବ୍‌ଜୁନିୟର ବାଳିକା ଖୋ ଖୋ ଚାମ୍ପିୟନଶିପ୍‌ର ଫାଇନାଲରେ ଓଡ଼ିଶା ବିପର୍ଯ୍ୟୟ ସୃଷ୍ଟି କରିଥିଲା। ଗତ ଜାତୀୟ ଚାମ୍ପିୟନଶିପ୍‌ରେ ଓଡ଼ିଶା ବାଳକ ଦଳ ମଧ୍ୟ ମହାରାଷ୍ଟ୍ର ପଛକୁ ରହି ରନର୍ସଅପ୍ ହୋଇଥିଲା। ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ୨୦୧୯ ଓ ୨୦୨୦ ସଂସ୍କରଣରେ ୨୧ ବର୍ଷରୁ କମ୍ ମହିଳା ଦଳ କ୍ରମାଗତ ବ୍ରୋଞ୍ଜ ପଦକ ହାସଲ କରିଥିଲା। ଏସିଆନ ଗେମ୍ସରେ ଏହି କ୍ରୀଡ଼ା ପଦାର୍ପଣ କଲା ବେଳକୁ ଓଡ଼ିଶା ଜାତୀୟସ୍ତରରେ ଏକ ଶକ୍ତିଶାଳୀ ଦଳରେ ପରିଣତ ହୋଇଥିବା ଆଶା। ହରିୟାଣାର ପଞ୍ଚକୁଲାରେ ଫେବୃୟାରୀ ୨୦୨୨ରେ ହେବାକୁଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ଏବଂ ଅନ୍ୟ ଜାତୀୟ ଚାମ୍ପିୟନଶିପ୍ ପ୍ରସ୍ତୁତି ଲାଗି ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଓଡ଼ିଶା ଖୋ ଖୋ ଆସୋସିଏଶନର ମିଳିତ ଉଦ୍ୟମରେ ୧୮ ବର୍ଷରୁ କମ୍ ସମ୍ଭାବ୍ୟ ବାଳିକା ଓ ବାଳକ ଦଳର ଟ୍ରେନିଂ କ୍ୟାମ୍ପ ଆରମ୍ଭ ହୋଇଯାଇଛି। କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଇନ୍‌ଡୋର ହଲ୍‌ରେ ପ୍ରଥମ ପର୍ଯ୍ୟାୟ କ୍ୟାମ୍ପ ୨୦୨୧ ଏପ୍ରିଲ-ଜୁନ୍‌ରେ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟ କ୍ୟାମ୍ପ ଜୁଲାଇ ୮ରେ ଆରମ୍ଭ ହୋଇ ଏବେ ମଧ୍ୟ କିଟ୍ ପରିସରରେ ଚାଲୁ ରହିଛି। ଏଥିରେ ଉଭୟ ବାଳିକା ଓ ବାଳକ ବିଭାଗର ୨୦ ଜଣ ଲେଖାଏ ଏହିପରି ମୋଟ ୪୦ ସମ୍ଭାବ୍ୟ ଖେଳାଳି ଭାଗ ନେଇଛନ୍ତି। ବିଶେଷଜ୍ଞ କୋଚ୍‌ଙ୍କ ତତ୍ତ୍ୱାବଧାନରେ ଏହି କ୍ୟାମ୍ପ ପରିଚାଳିତ ହେଉଛି।

କ୍ୟାମ୍ପ ଅବସରରେ ରାଜ୍ୟର ୧୬ ଜିଲାରୁ ୩୩ ତୃଣମୂଳସ୍ତରର କୋଚ୍‌ଙ୍କୁ ନେଇ ଏକ ହାଇପରଫର୍ମାନ୍ସ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଦେଶରେ ଖୋ ଖୋ କୋଚ୍‌ଙ୍କୁ ନେଇ ଏପରି ଏକ ହାଇପରଫର୍ମାନ୍ସ କର୍ମଶାଳା ପ୍ରଥମଥରପାଇଁ ହୋଇଥିଲା। ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସକୁ ଦୃଷ୍ଟିରେ ରଖି କ୍ୟାମ୍ପ ପାଇଁ ଖେଳାଳିମାନେ ଓଡ଼ିଶା ଖୋ ଖୋ ଆସୋସିଏଶନ ଦ୍ୱାରା ଚୟନ ହୋଇଥିଲା। ସେମାନଙ୍କର ପ୍ରଥମେ ଫିଟ୍‌ନେସ ଟେଷ୍ଟ ହୋଇଥିଲା। ହାଇପରଫର୍ମାନ୍ସ ସ୍ପେଶାଲିଷ୍ଟ ଲ୍ୟୁଟନାଣ୍ଟ କଲୋନେଲ ଏ. ରାଜେଶ(ଅବସରପ୍ରାପ୍ତ) ଏବଂ ତାଙ୍କ ଟିମ୍ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ପିଲାମାନଙ୍କର ଫିଟ୍‌ନେସ ଟେଷ୍ଟ ନେଇଥିଲେ। କ୍ୟାମ୍ପରେ ଭାଗ ନେଇଥିବା ଖେଳାଳିଙ୍କ ରହିବା ଓ ଖାଇବା ବ୍ୟବସ୍ଥା କିସ୍ ହଷ୍ଟେଲରେ କରାଯାଇଛି। ରାଜ୍ୟର ଦୁଇଜଣ ପ୍ରତିଷ୍ଠିତ କୋଚ୍ ଚିନ୍ତାମଣି ପ୍ରଧାନ ଓ ସସ୍ମିତା ଓଝାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୁରୁଷ ଓ ମହିଳା ଦଳର କ୍ୟାମ୍ପ ପରିଚାଳିତ ହେଉଛି। ଭେଟେରାନ ଚିନ୍ତାମଣି ପୂର୍ବରୁ ଅନେକ ଜାତୀୟ କ୍ୟାମ୍ପ ପରିଚାଳନା କରିବାର ଦକ୍ଷତା ରଖିଥିବାବେଳେ ସସ୍ମିତା ପଟିଆଲାସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସ୍ପୋର୍ଟ୍ସରେ ଖୋ ଖୋ ଏବଂ କବାଡ଼ିରେ ଡିପ୍ଲୋମା କରିଛନ୍ତି।


ବାଳକ ବିଭାଗର ଅନୁଷ୍ଠିତ ଏକ ମ୍ୟାଚ୍।

# ସ୍ମିଥ୍, ୱାର୍ନର, କୁମିନ୍ସଙ୍କ ପ୍ରତ୍ୟାବର୍ତ୍ତନ



ଡେଭିଡ୍ ୱାର୍ନର, ଷ୍ଟିଭ୍ ସ୍ମିଥ୍ ଓ ପ୍ୟାଟ୍ କୁମିନ୍ସ।

ମେଲବୋର୍ନ, ୧୯।୮

ଆଗକୁ ଆୟୋଜନ ହେବାକୁ ଥିବା ଟି୨୦ ବିଶ୍ୱକପ୍ ପାଇଁ ଅଷ୍ଟ୍ରେଲିଆ ଏକ ଦକ୍ଷ ତଥା ପୂର୍ଣ୍ଣ ଶକ୍ତିସମ୍ପନ୍ନ ଦଳ ଘୋଷଣା କରିଛି। ଘୋଷିତ ଏହି ୧୫ ଜଣିଆ ଦଳରେ ତାରକା ତଥା ଅଭିଜ୍ଞ ଖେଳାଳିମାନେ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଦୀର୍ଘଦିନ ଧରି ଆଘାତ ସମସ୍ୟା ଦେଇ ଗତି କରିଆସୁଥିବା ଅଭିଜ୍ଞ ଖେଳାଳି ଷ୍ଟିଭ୍ ସ୍ମିଥ, ଡେଭିଡ୍ ୱାର୍ନର, ଗ୍ଲେନ ମ୍ୟାକ୍ସୱେଲ ଓ ପ୍ୟାଟ କୁମିନ୍ସ ପ୍ରତ୍ୟାବର୍ତ୍ତନ କରିଛନ୍ତି।

ଟି୨୦ ବିଶ୍ୱକପ୍ ଆସନ୍ତା ଅକ୍ଟୋବର ମାସ ୧୭ରୁ ଆରମ୍ଭ ହୋଇ ନଭେମ୍ବର ୧୪ ତାରିଖରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। ଏହି ମେଗା ଇଭେଣ୍ଟ ୟୁନାଇଟେଡ୍ ଆରବ ଏମିରେଟ୍ସ ଓ ଓମାନରେ ଆୟୋଜନ ହେବ। ସ୍ଲୋ ଓ ସ୍ପିନକୁ ସୁହାଉଥିବା ସ୍ଥିତିକୁ ଦୃଷ୍ଟିରେ ରଖି କ୍ରିକେଟ ଅଷ୍ଟ୍ରେଲିଆ ଏହି ଦଳ ଘୋଷଣା କରିଛି। ସ୍ମିଥ୍, ୱାର୍ନର ଓ କୁମିନ୍ସ ଗତ ୱେଷ୍ଟଇଣ୍ଡିଜ ଓ ବାଂଲାଦେଶ ଗସ୍ତରୁ ଓହରିଯାଇଥିଲେ।

ନବାଗତ ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ଜୋଶ ଇଂଗ୍ଲିସ୍‌ଙ୍କୁ ଦଳରେ ନିଆଯାଇଛି। ସେ ଉଇକେଟକିପର ମାଥ୍ୟୁ ୱେଡଙ୍କ ବିକଳ୍ପ ଖେଳାଳି ଭାବେ ଦଳରେ ସ୍ଥାନ ପାଇଛନ୍ତି। ଇଂଗ୍ଲିସ ଏପର୍ଯ୍ୟନ୍ତ ଅନ୍ତର୍ଜାତୀୟ କ୍ରିକେଟରେ ପଦାର୍ପଣ କରିନାହାନ୍ତି। ତେବେ ସେ ଆଲେକ୍ସ କାରେ ଓ ଜୋଶ ଫିଲିପଙ୍କୁ ପଛରେ ପକାଇ ଦଳରେ ସ୍ଥାନ ହାସଲ କରିଛନ୍ତି। ଘରୋଇ କ୍ରିକେଟରେ ଇଂଗ୍ଲିସ୍ ଦମ୍‌ଦାର ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିଥିଲେ। ଆଣ୍ଠୁରେ ଅସ୍ତ୍ରୋପଚାର କରାଇଥିବା ଅଧିନାୟକ ଆରୋନ ଫିଞ୍ଚ୍ ବିଶ୍ୱକପ୍ ବେଳକୁ ଫିଟ୍ ହୋଇଯାଇଥିବେ ବୋଲି ଆଶା କରାଯାଉଛି।

## ଟି ୨୦ ବିଶ୍ୱକପ୍: ଅଷ୍ଟ୍ରେଲିଆ ଦଳ ଘୋଷିତ

ଡାନ ଖ୍ରୀଷ୍ଟିଆନ, ନାଥନ ଏଲିସ୍ ଓ ଡାନିଏଲ ସାମ୍ସ ରିଜର୍ଭ ଖେଳାଳି ଭାବେ ଦଳରେ ସ୍ଥାନ ପାଇଛନ୍ତି। ସ୍ପିନ ଫ୍ରେଣ୍ଡଲି ସ୍ଥିତିକୁ ଦୃଷ୍ଟିରେ ରଖି ଦଳରେ ୩ଜଣ ଫ୍ରଣ୍ଟ ଲାଇନ ସ୍ପିନର ଆଷ୍ଟନ ଅଗର, ମିଚେଲ ସ୍ୱେପଶନ ଓ ଆଡାମ ଜାମ୍ପାଙ୍କୁ ସାମିଲ କରାଯାଇଛି। ସେହିପରି ଦ୍ରୁତ ବୋଲିଂ ବିଭାଗରେ ମିଚେଲ ଷ୍ଟାର୍କ, କୁମିନ୍ସ ଓ ଜୋଶ୍ ହାଜେଲଉଡଙ୍କ ଉପରେ ଦାୟିତ୍ୱ ରହିବ। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଦାମୀ ଖେଳାଳି ଝେ ରିଚାର୍ଡସନ ଓ ରେଲି ମେରିଡିଥ୍‌ଙ୍କୁ ଆଶ୍ଚର୍ଯ୍ୟଜନକ ଭାବେ ଦଳରେ ସ୍ଥାନ ଦିଆଯାଇନାହିଁ। ସବୁ ଦୃଷ୍ଟିକୋଣରୁ ବିଚାର କରାଯାଇ ଏହି ଦଳ ଚୟନ କରାଯାଇଛି। ଦିନିକିଆ ବିଶ୍ୱକପ୍‌ରେ ଅତ୍ୟନ୍ତ ସଫଳତା ରହିଥିବା ଅଷ୍ଟ୍ରେଲିଆ ୫ଥର ଟାଇଟଲ ହାସଲ କରିଛି ଓ ଦୁଇଥର ରନର୍ସଅପ ହୋଇଛି। ତେବେ ଟି୨୦ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ସଫଳ ହୋଇପାରି ନାହିଁ।

ଟି୨୦ ବିଶ୍ୱକପ୍‌ରେ ୧୬ ଦଳ ଅଂଶଗ୍ରହଣ କରିବେ। ଅକ୍ଟୋବର ୨୩ରେ ଅଷ୍ଟ୍ରେଲିଆ ସୁପର ୧୨ରେ ଦକ୍ଷିଣ ଆଫ୍ରିକା ବିପକ୍ଷରୁ ତା'ର ଅଭିଯାନ ଆରମ୍ଭ କରିବ। କୋଭିଡ୍-୧୯ ମହାମାରୀ କାରଣରୁ ବିଶ୍ୱକପ ଭାରତରୁ ୟୁଏଇ ଓ ଓମାନ ସ୍ଥାନାନ୍ତର ହୋଇଥିଲା।

**ଅଷ୍ଟ୍ରେଲିଆ ଦଳ:** ଆରୋନ ଫିଞ୍ଚ୍ (ଅଧିନାୟକ), ପ୍ୟାଟ୍ କୁମିନ୍ସ (ଉପ ଅଧିନାୟକ), ଆଷ୍ଟନ ଅଗର, ଜୋଶ ହାଜେଲଉଡ, ଜୋଶ ଇଂଗ୍ଲିସ୍, ମିଚେଲ ମାର୍ଶ, ଗ୍ଲେନ ମ୍ୟାକ୍ସୱେଲ, କେନ ରିଚାର୍ଡସନ, ଷ୍ଟିଭ ସ୍ମିଥ୍, ମିଚେଲ ଷ୍ଟାର୍କ, ମାର୍କସ ଷ୍ଟୋଇନିସ, ମିଚେଲ ସ୍ୱେପଶନ, ମାଥ୍ୟୁ ୱେଡ, ଡେଭିଡ ୱାର୍ନର ଓ ଆଡାମ ଜାମ୍ପା।

# ବିଶିଷ୍ଟ ଆଥ୍‌ଲେଟିକ୍ସ କୋଚ୍ ନାମ୍ବିୟାରଙ୍କ ପରଲୋକ


ପି.ଟି. ଉଷାଙ୍କ ସହ ଓ.ଏମ୍. ନାମ୍ବିୟାର।

**କୋଝିକୋଡ୍, ୧୯।୮ (ପି.ଟି.):** ପି.ଟି. ଉଷାଙ୍କ ଭଳି ମହାନ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥଲେଟ୍ ସୃଷ୍ଟି କରିଥିବା ବିଶିଷ୍ଟ ଆଥଲେଟିକ୍ସ କୋଚ୍ ଓ.ଏମ୍. ନାମ୍ବିୟାରଙ୍କର ପରଲୋକ ହୋଇଛି। ତାଙ୍କୁ ୮୯ ବର୍ଷ ବୟସ ହୋଇଥିଲା। ସେ ତାଙ୍କ ସ୍ତ୍ରୀ, ୩ ପୁଅ ଓ ଗୋଟିଏ ଝିଅକୁ ଛାଡ଼ି ଚାଲିଯାଇଛନ୍ତି। କୋଝିକୋଡ୍ ଜିଲା ଉପକୂଳବର୍ତ୍ତୀ ଭଦାରକାସ୍ଥିତ ତାଙ୍କ ବାସଭବନରେ ଦେହତ୍ୟାଗ କରିଛନ୍ତି। ନାମ୍ବିୟାର ପ୍ରଥମ ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତାଙ୍କ ମଧ୍ୟରେ ଅନ୍ୟତମ ଥିଲେ। ଗତବର୍ଷ ସେ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ବାସଭବନକୁ ଫେରିବା ପୂର୍ବରୁ ସେ ଏକ ସପ୍ତାହ ଧରି ହସ୍ପିଟାଲରେ ରହି ଚିକିତ୍ସିତ ହେଉଥିଲେ। ପକ୍ଷାଘାତରେ ରୋଗରେ ପୀଡ଼ିତ ନାମ୍ବିୟାରଙ୍କୁ ୧୦ ଦିନ ପୂର୍ବେ ହୃଦ୍‌ଘାତ ହୋଇଥିଲା। ପି.ଟି. ଉଷା କହିଛନ୍ତି, ନାମ୍ବିୟାରଙ୍କ ବିୟୋଗରେ ସେ ବ୍ୟକ୍ତିଗତ ଭାବେ ବହୁ କିଛି ହରାଇଛନ୍ତି। ସେ ତାଙ୍କ ପିତୃତୁଲ୍ୟ ଥିଲେ। ଗତ ସପ୍ତାହରେ ସେ ବ୍ୟକ୍ତିଗତ ଭାବେ ଯାଇ ତାଙ୍କୁ ଭେଟିଥିଲେ। ନୀରଜ ଚୋପ୍ରା ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ଜିତିଥିବା ବିଷୟ ତାଙ୍କୁ ଜଣାଇଥିଲେ। ତାଙ୍କ କଥା ସେ ବୁଝିପାରିଥିଲେ ମାତ୍ର କିଛି କହିପାରି ନ ଥିଲେ। ପୂର୍ବତନ ବିମାନ ବାହିନୀ କର୍ମଚାରୀ ନାମ୍ବିୟାର କିମ୍ବଦନ୍ତୀ ଉଷାଙ୍କ ବ୍ୟତୀତ କେତେଜଣ ଅନ୍ତର୍ଜାତୀୟ ପଦକ ବିଜେତାଙ୍କୁ କୋଚିଂ ଦେଇଥିଲେ। ଉଷା ୧୯୮୪ ଲସ୍‌ଆଞ୍ଜେଲ୍ସ ଅଲିମ୍ପିକ୍ସରେ ଏକ ସେକେଣ୍ଡର ଏକଶତମାଂଶ ସମୟ ବ୍ୟବଧାନରେ ବ୍ରୋଞ୍ଜ ଜିତିବାରୁ ବଞ୍ଚିତ ହୋଇଥିଲେ। ଉଷାଙ୍କ ବ୍ୟତୀତ ସାଇନି ୱିଲ୍‌ସନ (୪ଥର ଅଲିମ୍ପିଆନ ଓ ୧୯୮୫ ଏସିଆ ଚାମ୍ପିୟନଶିପ୍ ୮୦୦ମିଟର ସ୍ୱର୍ଣ୍ଣ ବିଜୟିନୀ) ଓ ବନ୍ଦନା ରାଓଙ୍କ ଭଳି ଆଥଲେଟଙ୍କର ସେ କୋଚ୍ ରହିଥିଲେ।

# ଆଫଗାନିସ୍ତାନ ବିପକ୍ଷ ସିରିଜ ଖେଳିବ ପାକିସ୍ତାନ

କରାଚୀ, ୧୯।୮ (ପି.ଟି.)

ଆଫଗାନିସ୍ତାନରେ ରାଜନୈତିକ ଅସ୍ଥିରତା ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ଖେଳାଯିବାକୁଥିବା ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜ ଉପରେ ଏହା ପ୍ରଭାବ ପକାଇବ ନାହିଁ ବୋଲି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଦୃଢ଼ତାର ସହ କହିଛି। ଏହି ସିରିଜ ଶ୍ରୀଲଙ୍କାରେ ଖେଳାଯିବ। ତାଲିବାନ କର୍ତ୍ତୃପକ୍ଷ ମଧ୍ୟ ଏହି ସିରିଜ ସପକ୍ଷରେ ସବୁଜ ସଙ୍କେତ ଦେଇ ସାରିଛନ୍ତି। ଅଗଷ୍ଟ ୨୪ରେ ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ ଖେଳାଯାଇ ସାରିବା ପରେ ଆଫଗାନିସ୍ତାନ ବିପକ୍ଷ ସିରିଜ ପାଇଁ ଦଳ ଘୋଷଣା ହେବ ବୋଲି ପିସିବିର ଜଣେ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ଆଫଗାନିସ୍ତାନ ଖେଳାଳିମାନେ କାବୁଲରେ ଟ୍ରେନିଂ ଆରମ୍ଭ କରିଦେଇଛନ୍ତି। ଏହି ସିରିଜ ପାଇଁ ଲାହୋରରେ ଅଗଷ୍ଟ ୨୧ରୁ ୨୮ ପର୍ଯ୍ୟନ୍ତ ଏକ ଟ୍ରେନିଂ କ୍ୟାମ୍ପ ଆୟୋଜନ କରାଯାଇଛି। ପାକିସ୍ତାନ ଦଳ ୨୯ ତାରିଖରେ ଶ୍ରୀଲଙ୍କା ଗସ୍ତରେ ଯିବ।

# 'ଚାମ୍ପିୟନ୍ସ ଅଫ୍ ଟୋକିଓ'




**ଭୁବନେଶ୍ୱର, ୧୯।୮ (କ୍ରୀଡ଼ା ପ୍ରତିନିଧି):** ନିକଟରେ ଶେଷ ହୋଇଥିବା ଟୋକିଓ ଅଲିମ୍ପିକ୍ସରେ ଭାରତ ଶ୍ରେଷ୍ଠ ପ୍ରଦର୍ଶନ କରିଛି। ଏଥିରେ ଭାରତୀୟ ପ୍ରତିଯୋଗୀମାନେ ୧ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୪ ବ୍ରୋଞ୍ଜ ପଦକ ହାସଲ କରିଥିଲେ। କାଲିକଟ ମାଲବାର ଖ୍ରୀଷ୍ଟିଆନ କଲେଜର ଇତିହାସ ବିଭାଗ ମୁଖ୍ୟ ପ୍ରଫେସର ବଶିଷ୍ଠ ଏ ସମ୍ପର୍କିତ ଏକ ବୁକ୍‌ଲେଟ ପ୍ରସ୍ତୁତ କରି ଟୋକିଓ ହିରୋଙ୍କୁ ଉତ୍ସର୍ଗ କରିଛନ୍ତି। ଏହାର ଟାଇଟଲ ରଖା ଯାଇଛି 'ଚାମ୍ପିୟନ୍ସ ଅଫ୍ ଟୋକିଓ'। ଏଥିରେ ମାଲାୟାଲାମ, ତାମିଲ, ତେଲୁଗୁ, କନ୍ନଡ, ଓଡ଼ିଆ, ବେଙ୍ଗଲି, ଆସାମିଜ, ମରାଠୀ, ଗୁଜରାଟି, ପଞ୍ଜାବୀ, ହିନ୍ଦୀ ଓ ଇଂଲିଶ୍ ଭାଷାରେ ଟୋକିଓ ହିରୋଙ୍କ ଉପରେ ପ୍ରକାଶ ପାଇଥିବା ରିପୋର୍ଟକୁ ସ୍ଥାନିତ କରାଯାଇଛି। 'ଜାତୀୟ ଏକତା ପାଇଁ କ୍ରୀଡ଼ା' ବାର୍ତ୍ତା ନେଇ ସେ ଏହି ବୁକ୍‌ଲେଟ ପ୍ରସ୍ତୁତ କରିଥିବା ବଶିଷ୍ଠ ପ୍ରକାଶ କରିଛନ୍ତି।

# ଜିମ୍ବାୱେରେ ହେବ କ୍ୱାଲିଫାୟର୍ସ

**ଦୁବାଇ, ୧୯।୮ (ପି.ଟି.):** ଜିମ୍ବାୱେରେ ମହିଳା ବିଶ୍ୱକପ୍ କ୍ୱାଲିଫାୟର ନଭେମ୍ବର ୨୧ରୁ ଡିସେମ୍ବର ୫ ପର୍ଯ୍ୟନ୍ତ ହେବ। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ଗୁରୁବାର ଏହା ଘୋଷଣା କରାଯାଇଛି। ୧୦ଟି ଦଳକୁ ନେଇ ଏହି ଟୁର୍ନାମେଣ୍ଟର କାର୍ଯ୍ୟସୂଚୀ ଠିକଣା ସମୟରେ ପ୍ରକାଶ ପାଇବ। ଏଥିରୁ ୩ କ୍ୱାଲିଫାୟର୍ସ ଆସନ୍ତାବର୍ଷ ମାର୍ଚ୍ଚ ୪ରୁ ଏପ୍ରିଲ ୩ ପର୍ଯ୍ୟନ୍ତ ହେବାକୁଥିବା ମହିଳା ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବେ। ପୂର୍ବରୁ ଆଇସିସି ମହିଳା ଚାମ୍ପିୟନଶିପ୍ ଜରିଆରେ ଅଷ୍ଟ୍ରେଲିଆ, ଇଂଲଣ୍ଡ, ଭାରତ, ଦକ୍ଷିଣ ଆଫ୍ରିକା ଓ ଆୟୋଜକ ନ୍ୟୁଜିଲାଣ୍ଡ ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ୩ କ୍ୱାଲିଫାୟର୍ସ ବ୍ୟତୀତ ପରବର୍ତ୍ତୀ ଦୁଇଟି ଟିମ୍ ଆସନ୍ତାବର୍ଷ ହେବାକୁଥିବା ଆଇସିସି ମହିଳା ଚାମ୍ପିୟନଶିପ୍‌ରେ ଖେଳିବେ।

# ଚେସ୍ ଗୁରୁଙ୍କ ପିତୃବିୟୋଗ

**ଭୁବନେଶ୍ୱର, ୧୯।୮ (ସ୍ପୋର୍ଟ୍ସ ବ୍ୟୁରୋ):** ଏସ୍‌ଆର୍ ଚେସ ସେଣ୍ଟରର ସମ୍ପାଦକ ତଥା ରାଜ୍ୟର ଅନ୍ୟତମ ପ୍ରତିଷ୍ଠିତ ଚେସ୍ ଗୁରୁ ସତ୍ୟରଞ୍ଜନ ପଟ୍ଟନାୟକଙ୍କ ପିତା ଶରତଚନ୍ଦ୍ର ପଟ୍ଟନାୟକଙ୍କର ଗୁରୁବାର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୯୫ ବର୍ଷ ହୋଇଥିଲା। କଟକ ସଦର ଅନ୍ତର୍ଗତ ଉତ୍ତମାପୁରର ଶରତଚନ୍ଦ୍ର ଏଓଆର୍ ଚେସ୍‌ର ଉଦ୍‌ଘାଟକ ଏବଂ ମାର୍ଗଦର୍ଶକ ଥିଲେ। ବଡ଼ପୁଅ ମାନସରଞ୍ଜନ ପଟ୍ଟନାୟକ ମୁଖାଗ୍ନି ଦେଇଥିଲେ। ସ୍ତ୍ରୀ ଅନସୂୟା ପଟ୍ଟନାୟକ, ପୁତ୍ରବଧୂ କଲ୍ୟାଣୀ ପଟ୍ଟନାୟକ, ଶର୍ମିଷ୍ଠା ମହାନ୍ତି, ପ୍ରଗଲ୍ଭା ଦାସ, ଗାୟତ୍ରୀ ପଟ୍ଟନାୟକ, ପୁତ୍ର ମନୋଜ କୁମାର ରାୟ, ପ୍ରଦୀପ୍ତ ରଞ୍ଜନ ପଟ୍ଟନାୟକ, ସତ୍ୟରଞ୍ଜନ, ଝିଅ ମଞ୍ଜୁଶ୍ରୀ ପଟ୍ଟନାୟକ, ରଞ୍ଜୁଶ୍ରୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।

# ମନିକା ମହିଳା ସିଙ୍ଗଲ୍ସ ସେମିଫାଇନାଲରେ

ବୁଦାପେଷ୍ଟ, ୧୯।୮ (ପି.ଟି.)

ଭାରତର ଷ୍ଟାର୍ ଟେବୁଲ ଟେନିସ ଖେଳାଳି ମନିକା ବାତ୍ରା ନିଜ ଦେଶର ଶ୍ରୀଜା ଆକୁଲାଙ୍କୁ ପରାସ୍ତ କରି ଏଠାରେ ଡବ୍ଲ୍ୟୁଟିଟି କଣ୍ଟେଣ୍ଡର ମିଟ୍‌ର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପରେ ଜି. ସାଥିୟାଁଙ୍କୁ ସାଥିକରି ମିକ୍ସଡ ଡବଲ୍ସ ଟାଇଟଲ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ମହିଳା ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ମନିକା ୩-୨ (୭-୧୧, ୧୧-୧, ୮-୧୧, ୧୩-୧୧, ୧୧-୬)ରେ ଶ୍ରୀଜାଙ୍କୁ ପରାସ୍ତ କରିଥିଲେ। ମିକ୍ସଡ ଡବଲ୍ସ ଇଭେଣ୍ଟରେ ମନିକା ଓ ସାଥିୟାଁ ବେଲାରୁଷିଆନ ଯୋଡ଼ି ଆଲିଆକ୍‌ସାଣ୍ଡର ଖାନିନ୍ ଓ ଦାରିଆ ଟ୍ରିଗୋଲସ୍‌ଙ୍କୁ ୩-୦ରେ ହରାଇ ଦେଇଛନ୍ତି। ୧୧-୬, ୧୧-୫, ୧୧-୪ରେ ଜିତିଥିବା ଭାରତୀୟ ଯୋଡ଼ି ବର୍ତ୍ତମାନ ହଙ୍ଗେରିଆନ ଯୋଡ଼ି ନାନ୍ଦୋର ଏକ୍‌ସେକି ଓ ଦୋରିଆ ମାଦାରାଜଙ୍କୁ ଭେଟିବେ। ହଙ୍ଗେରିଆନ ଯୋଡ଼ି ୧୧-୫, ୧୧-୯, ୧୧-୮ରେ ରୁଷୀୟ ଯୋଡ଼ି କିରିଲ ସ୍କାଚ୍‌କୋଭ୍ ଓ ଭିକ୍ଟୋରିଆ ଭେରେଭେଭାଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି।


ମନିକା ବାତ୍ରା

# ରାଉରକେଲା, ସମ୍ବଲପୁରର ବୃହତ୍ ବିଜୟ

ଭୁବନେଶ୍ୱର, ୧୯।୮ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ୧୬ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟର ୫ଟି ଲିଗ୍ ମ୍ୟାଚ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଗୋଳ, କେନ୍ଦ୍ରାପଡ଼ା, ଗଞ୍ଜାମ, ରାଉରକେଲା, ସମ୍ବଲପୁର ଓ ମୟୂରଭଞ୍ଜ ବିଜୟ ହାସଲ କରିଛନ୍ତି। ସମ୍ବଲପୁର ଓ ରାଉରକେଲା ବୃହତ୍ ବିଜୟ ହାସଲ କରିଛି।

## ୧୬ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ

ହାଇଟେକ୍ କଲେଜ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ଅନୁଗୋଳ ୯୫ ରନରେ ବାଲେଶ୍ୱରକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଅନୁଗୋଳ ୫୦ ଓଭରରେ ୨୧୭ ରନ କରିଥିଲା। ଜବାବରେ ବାଲେଶ୍ୱର ୪୩.୧ ଓଭରରେ ୧୨୨ ରନ କରି ସମସ୍ତ ଉଇକେଟ ହରାଇଥିଲା। ବାଲେଶ୍ୱରର ରୁଦ୍ର ବିଶ୍ୱାଳ ୫ ଉଇକେଟ ସଫଳତା ପାଇଥିଲେ। ମାତ୍ର ବିଜୟୀ ଦଳର ଶ୍ରେୟାସ ଭରଦ୍ୱାଜ ୭୨ ରନ କରିବା ସହ ୩ଟି ଉଇକେଟ ନେଇ ଅଲରାଉଣ୍ଡ ସଫଳତା ପାଇଥିଲେ। ସେଞ୍ଚୁରିଅନ ପଡ଼ିଆରେ ଆୟୋଜିତ ମ୍ୟାଚରେ ମ୍ୟାଚରେ କେନ୍ଦ୍ରାପଡ଼ା ୬୩ ରନରେ ବୌଦ୍ଧକୁ ହରାଇଛି। କେନ୍ଦ୍ରାପଡ଼ା ୨୮.୫ ଓଭରରେ ୧୫୩ ରନକରି ଅଲଆଉଟ ହୋଇଥିଲା। ଜବାବରେ ବୌଦ୍ଧ ୪୧ ଓଭରରେ ୯୦ ରନରେ ସୀମିତ ରହି ଯାଇଥିଲା। ପାରାମାଉଣ୍ଟ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ଗଞ୍ଜାମ ୧୦୫ ରନରେ କଳାହାଣ୍ଡିକୁ ହରାଇଛି। ଗଞ୍ଜାମ ୩୯ ଓଭରରେ ୧୯୫ ରନରେ ସମସ୍ତ ଉଇକେଟ ହରାଇଥିଲା। କଳାହାଣ୍ଡି ୨୬.୩ ଓଭରରେ ୯୦ ରନରେ ଅଲଆଉଟ ହୋଇ ଯାଇଥିଲା।

ଟାଉନ୍ କ୍ଲବ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ରାଉରକେଲା ୨୩୮ ରନରେ ଜଗତ୍‌ସିଂହପୁରକୁ ପରାସ୍ତ କରିଛି। ଆଶିଷ ମଲିକଙ୍କ ଶତକ ସହାୟତାରେ ରାଉରକେଲା ୫୦ ଓଭରରେ ୯ ଉଇକେଟ ହରାଇ ୩୦୦ ରନ କରିଥିଲା। ଆଶିଷ ୧୩୭ ବଲ୍‌ରୁ ୧୩୬ ରନ ସଂଗ୍ରହ କରିଥିଲେ। ଜବାବରେ ଜଗତ୍‌ସିଂହପୁର ୧୮.୧ ଓଭରରେ ୬୨ ରନରେ ଅଲଆଉଟ ହୋଇ ଯାଇଥିଲା। ଖୋର୍ଦ୍ଧା ଗ୍ରାଉଣ୍ଡ ମ୍ୟାଚରେ ସମ୍ବଲପୁର ୨୯୯ ରନରେ ରାୟଗଡ଼ାକୁ ହରାଇଛି। ପ୍ରଥମେ ବ୍ୟାଟିଂ କରିଥିବା ସମ୍ବଲପୁର ଅଭିନବ ନନ୍ଦଙ୍କ ଶତକ ସତ୍ତ୍ୱେ ୪୭.୨ ଓଭରରେ ୩୨୮ ରନରେ ସମସ୍ତ ଉଇକେଟ ହରାଇଥିଲା। ଅଭିନବ ୧୫୨ ବଲ୍‌ରୁ ଦ୍ରୁତ ୧୭୯ ରନ ସଂଗ୍ରହ କରିଥିଲେ। ରାୟଗଡ଼ା ୧୭ ଓଭରରେ ମାତ୍ର ୨୯ ରନକରି ଅଲଆଉଟ ହୋଇ ଯାଇଥିଲା। କ୍ରିଶ୍ ଯାଦବ ମାତ୍ର ୫ ରନ ଦେଇ ୪ଟି ଉଇକେଟ ନେଇଥିଲେ। ସିଭି ରମଣ ପଡ଼ିଆରେ ଆୟୋଜିତ ମ୍ୟାଚରେ ମୟୂରଭଞ୍ଜ ୫ ଉଇକେଟରେ କୋରାପୁଟକୁ ହରାଇ ଦେଇଛି। କୋରାପୁଟ ମାତ୍ର ୬୯ ରନ କରିବାକୁ ସକ୍ଷମ ହୋଇଥିବାବେଳେ ମୟୂରଭଞ୍ଜ ୨୪ ଓଭରରେ ୫ ଉଇକେଟ ହରାଇ ୭୦ ରନ ସଂଗ୍ରହ କରି ନେଇଥିଲା।


ଅଭିନବ ନନ୍ଦ, ଶ୍ରେୟାସ ଭରଦ୍ୱାଜ ଓ ଆଶିଷ ମଲିକ।

# ଜାନୁୟାରୀ ୫ରୁ ରଣଜୀ ଟ୍ରଫି ଆରମ୍ଭ

**ନୂଆଦିଲ୍ଲୀ, ୧୯ା୮ (ପି.ଟି.)**

୨୦୨୧-୨୨ ଘରୋଇ କ୍ରିକେଟ ସିଜନ ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ନୂଆ କାର୍ଯସୂଚୀ ପ୍ରସ୍ତୁତ କରିଛି। ତଦନୁସାରେ ରଣଜୀ ଟ୍ରଫି ଟୁର୍ନାମେଣ୍ଟ ଆଗାମୀ ଜାନୁୟାରୀ ୫ରୁ ମାର୍ଚ୍ଚ ୨୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କୋଭିଡ-୧୯ ମହାମାରୀ ପାଇଁ ଗତ ସିଜନରେ ରଣଜୀ ଟ୍ରଫି ଆୟୋଜନ ସମ୍ଭବ ହୋଇ ନ ଥିଲା। ୩୮ଟି ଦଳ ପାଇଁ ବାୟୋ-ବବଲ ପ୍ରସ୍ତୁତ କରିବା ଏଥିରେ ମୁଖ୍ୟ ବାଧା ସାଜିଥିଲା। ବିସିସିଆଇ ଘରୋଇ କ୍ୟାଲେଣ୍ଡରକୁ ଏବେ ରଣଜୀ ଟ୍ରଫି



## ବିସିସିଆଇର ଘରୋଇ କ୍ରିକେଟ ସୂଚୀ

ଫେରିଥିବାବେଳେ ସିନିୟର ପୁରୁଷ କ୍ରିକେଟ ପ୍ରକୃତରେ ଅକ୍ଟୋବର ୨୭ରୁ ସୟଦ ମୁସ୍ତାକ ଅଲୀ ଟ୍ରଫି ସହିତ ଆରମ୍ଭ ହେବ। ଏହା ଇଣ୍ଡିଆନ ପ୍ରିମିୟର ଲିଗ୍ ପରେ ଆରମ୍ଭ ହେବ। ତେବେ ଏଥିପାଇଁ କ୍ୱାଲିଟି ଖେଳାଳି ଉପଲବ୍ଧ ହେଉଛନ୍ତି କି ନାହିଁ ତାହା ଦେଖାଯିବ। ବିଜୟ ହଜାରେ ଟ୍ରଫି (ଜାତୀୟ ଏକଦିବସୀୟ କ୍ରିକେଟ) ଡିସେମ୍ବର ୧ରୁ ୨୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସେହିପରି ସିନିୟର ମହିଳା କ୍ରିକେଟ ଖେଳାଳିମାନେ ସେମାନଙ୍କ ପ୍ରଥମ ଟୁର୍ନାମେଣ୍ଟ (ଏକଦିବସୀୟ) ଅକ୍ଟୋବର ୨୦ରୁ ନଭେମ୍ବର ୨୦ ପର୍ଯ୍ୟନ୍ତ ଖେଳିବେ। ଘରୋଇ ସିଜନ ସେପ୍ଟେମ୍ବର ୨୦ରୁ ଆରମ୍ଭ ହେବ। ଉଭୟ ମହିଳା ଓ ପୁରୁଷ ଖେଳାଳିମାନେ ୧୯ ବର୍ଷରୁ କମ୍ ଭିନୁ ମଙ୍କଡ ଏକଦିବସୀୟ କ୍ରିକେଟ ଖେଳିବେ। ଉଭୟ ମହିଳା ଓ ପୁରୁଷଙ୍କ ପାଇଁ ଚ୍ୟାଲେଞ୍ଜର ଟ୍ରଫି ଯଥାକ୍ରମେ ଅକ୍ଟୋବର ୨୫ ଓ ୨୬ରେ ଆରମ୍ଭ ହେବ। ୨୫ ବର୍ଷରୁ କମ୍ ଏକଦିବସୀୟ ନଭେମ୍ବର ୯ରୁ ଡିସେମ୍ବର ୧୦ ଏବଂ ସିକେ ନାଇଡୁ ଟ୍ରଫି ଜାନୁୟାରୀ ୬ରୁ ଆରମ୍ଭ ହେବ। ରଣଜୀ ଟ୍ରଫି, ବିଜୟ ହଜାରେ ଟ୍ରଫି ଓ ସୟଦ ମୁସ୍ତାକ ଅଲୀ ଟ୍ରଫି ସିନିୟର କ୍ରିକେଟ ପ୍ରତିଯୋଗିତା ପାଇଁ ୩୮ଟି ଦଳକୁ ୬ଟି ଗ୍ରୁପରେ ବିଭକ୍ତ କରାଯିବ। ୫ଟି ଏଲିଟ ଗ୍ରୁପ୍‌ରେ ୬ଟି ଲେଖାଏ ଦଳ ଏବଂ ଗୋଟିଏ ପ୍ଲେଟ ଗ୍ରୁପ୍‌ରେ ୮ଟି ଦଳ ରହିବେ। ୨୫ ବର୍ଷରୁ କମ୍ କ୍ଷେତ୍ରରେ ୫ଟି ଏଲିଟ ଗ୍ରୁପ୍‌ରେ ୬ଟି ଲେଖାଏ ଏବଂ ଗୋଟିଏ ପ୍ଲେଟ ଗ୍ରୁପ୍‌ରେ ୭ଟି ଦଳ ସ୍ଥାନ ପାଇବେ।

## କାମ୍ବଲି ସେମିରେ

**ନାଇରୋବି, ୧୯ା୮ (ପି.ଟି.):** ଏଠାରେ ଚାଲିଥିବା ୨୦ବର୍ଷରୁ କମ୍ ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ରୋହନ କାମ୍ବଲି କାମ୍ବଲି ୫୫.୦୦ ସେକେଣ୍ଡ ସମୟ ନେଇ ପୁରୁଷ ୪୦୦ ମିଟର ହର୍ଡଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି।

ASBM UNIVERSITY
ASBM School of Information System
CAREER OPPORTUNITIES FOR +2 SCIENCE STUDENTS
1,37,630 jobs opening in India by 2025 & about 11.5 million jobs will be created by 2026 according to US Bureau of Labour Statistics
ADMISSION 2021
B.Sc. Data Science
B.Sc. IT Management
Most reasonable Fee
For details and online application : www.asbm.ac.in
Last date to apply : 5th September 2021
Shiksha Vihar, Post : ASBM University, Bhola (Chandaka), Bhubaneswar - 754012
Tel. : 0674 - 2744881 - 882 | : 9040884628 | 7749939643 | Email : admission@asbm.ac.in

# ନ୍ୟୁଜିଲାଣ୍ଡର ପାକିସ୍ତାନ ଗସ୍ତ ନେଇ ଆଶଙ୍କା

**କରାଚୀ, ୧୯ା୮:** ଆଫଗାନିସ୍ତାନକୁ ତାଲିବାନ ନିଜ କବ୍‌ଜାକୁ ନେବା ପରେ କ୍ରିକେଟ ଏବେ ପ୍ରଭାବିତ ହେବାକୁ ଯାଉଛି। ନ୍ୟୁଜିଲାଣ୍ଡର ପାକିସ୍ତାନ ଗସ୍ତ ନେଇ ଏବେ ଆଶଙ୍କା ସୃଷ୍ଟି ହୋଇଛି। ନ୍ୟୁଜିଲାଣ୍ଡ ଖେଳାଳିମାନେ ଏ ନେଇ ଚିନ୍ତା ପ୍ରକଟ କରିବା ପରେ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ତେବେ ନିରାପତ୍ତା ପରାମର୍ଶଦାତା ରେଗ ଡିକାସନ ସ୍ୱୀକୃତି ମିଳିବା ପରେ ଏହି ଗସ୍ତ ନେଇ ନିଷ୍ପତ୍ତି ନିଆଯିବ ବୋଲି ନ୍ୟୁଜିଲାଣ୍ଡ କ୍ରିକେଟ ତରଫରୁ କୁହାଯାଇଛି।

ସେପ୍ଟେମ୍ବର ୧୧ ତାରିଖରେ ନ୍ୟୁଜିଲାଣ୍ଡ ଦଳ ଇସ୍ଲାମାବାଦ୍‌ରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ଅକ୍ଟୋବର ୩ ତାରିଖ ବେଳକୁ ନ୍ୟୁଜିଲାଣ୍ଡ ଓ ପାକିସ୍ତାନ ମଧ୍ୟରେ ୩ଟି ଦିନିକିଆ ଓ ୫ଟି ଟି୨୦ ମ୍ୟାଚ୍ ଖେଳାଯିବ। ଦିନିକିଆ ମ୍ୟାଚ୍ ରାୱଲପିଣ୍ଡିରେ ଓ ଟି୨୦ ମୁକାବିଲା ଲାହୋରରେ ଖେଳାଯିବ। ଖୁବଶୀଘ୍ର ନିରାପତ୍ତା ପରାମର୍ଶଦାତା ତଥା ବିଶେଷଜ୍ଞ ରେଗ୍ ଡିକାସନ ପାକିସ୍ତାନ ଯାଇ ସୁରକ୍ଷା ବ୍ୟବସ୍ଥା ଓ କୋଭିଡ୍-୧୯ ସ୍ଥିତି ନେଇ ସମୀକ୍ଷା କରିବେ। ତାଙ୍କ ପରାମର୍ଶ ଉପରେ ନ୍ୟୁଜିଲାଣ୍ଡର ପାକିସ୍ତାନ ଗସ୍ତ ନିର୍ଭର କରୁଛି। ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ପାଇଁ ଡିକାସନ ନିୟମିତ ଭାବେ ପାକିସ୍ତାନ ଗସ୍ତ କରିଆସିଛନ୍ତି। ତେଣୁ ସେ ଭଲ ଭାବେ ସ୍ଥିତିର ସମୀକ୍ଷା କରିବେ ଓ ତାଙ୍କ ରିପୋର୍ଟ ଉପରେ ଭରସା କରାଯାଇପାରିବ ବୋଲି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)ର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ପାକିସ୍ତାନ ଗସ୍ତରେ ଅଧିନାୟକ କେନ୍ ୱିଲିୟମସନ ସମେତ ନ୍ୟୁଜିଲାଣ୍ଡର ୭ରୁ ୮ଜଣ ଆଗଧାଡିର ଖେଳାଳି ଓହରିଯିବେ। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଖେଳିବାକୁ ଏହି ଖେଳାଳିମାନେ ଚୁକ୍ତିବଦ୍ଧ ହୋଇଥିବାରୁ ପାକସ୍ତାନ ଗସ୍ତରେ ଯାଇପାରିବେ ନାହିଁ ବୋଲି ପୂର୍ବରୁ ନ୍ୟୁଜିଲାଣ୍ଡ ସ୍ପଷ୍ଟ କରିଛି। ୱିଲିୟମସନ ସମେତ ଟ୍ରେଣ୍ଟ ବୋଲ୍ଟ, ଲୋକି ଫର୍ଗୁସନ, କାଏଲ ଜେମିସନ, ଟିମ୍ ସିଫର୍ଟ, ଜିମି ନିଶାମ, ମିଚେଲ ସାଣ୍ଟନର ଏହି ଗସ୍ତରୁ ଓହରିଯାଇଛନ୍ତି। ସେହିପରି ଟିମ ସୌଦି ଓ ଡେଭନ କନୱେ ମଧ୍ୟ ଏହି ଗସ୍ତରୁ ଓହରିଯାଇଛନ୍ତି।

ଯଦି ଖେଳାଳିମାନେ ପାକିସ୍ତାନ ଯିବାକୁ ଚାହୁଁନାହାନ୍ତି ତା'ହେଲେ ଗସ୍ତରୁ ଓହରିଯିବା ନେଇ ତାଙ୍କର ଅଧିକାର ରହିଛି ବୋଲି ନ୍ୟୁଜିଲାଣ୍ଡ କ୍ରିକେଟ ତରଫରୁ କୁହାଯାଇଛି। ସିନିୟର ବ୍ୟାଟ୍ସମ୍ୟାନ ଟମ୍ ଲାଥମଙ୍କ ନେତୃତ୍ୱରେ ନ୍ୟୁଜିଲାଣ୍ଡ ଗସ୍ତ କରିବ। ୨୦୦୩ ପରେ ପ୍ରଥମଥର ପାଇଁ ନ୍ୟୁଜିଲାଣ୍ଡ ପାକିସ୍ତାନ ଗସ୍ତ କରିବ। ବାଂଲାଦେଶ ଗସ୍ତରେ ମଧ୍ୟ ନ୍ୟୁଜିଲାଣ୍ଡର ଶ୍ରେଷ୍ଠ ଦଳ ଯାଇ ନ ଥିଲା।

# ବିପର୍ଯ୍ୟୟ ଘଟାଇପାରେ ଆଫଗାନିସ୍ତାନ: ଗମ୍ଭୀର

**ନୂଆଦିଲ୍ଲୀ, ୧୯ା୮ (ପି.ଟି.)**

ଆସନ୍ତା ଟି୨୦ କ୍ରିକେଟ ବିଶ୍ୱକପ୍ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଖେଳାଯିବ। ଅକ୍ଟୋବର ୨୪ରେ ଭାରତ ଓ ପାକିସ୍ତାନ ପ୍ରତିଯୋଗିତାରେ ସେମାନଙ୍କ ଓପନିଂ ମ୍ୟାଚ ଦୁବାଇ ଷ୍ଟାଡିୟମରେ ଖେଳିବେ। ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ମଧ୍ୟରେ ଭାରତ ଯଥେଷ୍ଟ ଉନ୍ନତ ଦଳ ବୋଲି ଭାରତର ପୂର୍ବତନ ଓପନର ଗୌତମ ଗମ୍ଭୀର କହିଛନ୍ତି। ତାଙ୍କ ମତରେ ରଶିଦ ଖାଁଙ୍କ ନେତୃତ୍ୱାଧୀନ ଆଫଗାନିସ୍ତାନ ହେଉଛି ଟୁର୍ନାମେଣ୍ଟର 'ଅଣ୍ଡରଡଗ୍' ଦଳ। ୨୦୦୭ରେ ପାକିସ୍ତାନ ବିପକ୍ଷ ଟି୨୦ ବିଶ୍ୱକପ୍ ଫାଇନାଲରେ ୭୫ରନର ଏକ ସ୍ମରଣୀୟ ଇନିଂସ ଖେଳିଥିବା ଗମ୍ଭୀର କହିଛନ୍ତି, ମ୍ୟାଚରେ ଉଭୟ ଦଳ ଚାପରେ ରହିବେ। ହେଲେ ବର୍ତ୍ତମାନ ସମୟରେ ଭାରତ ଅପେକ୍ଷାକୃତ ଯଥେଷ୍ଟ ଉନ୍ନତ ଦଳ ହୋଇଥିବାରୁ ପାକିସ୍ତାନ ଅଧିକ ଚାପରେ ରହିବା ସ୍ୱାଭାବିକ। ଗମ୍ଭୀର ତାଙ୍କର ଏକ ସାକ୍ଷାତ୍‌କାରରେ କହିଛନ୍ତି ଏକ ଟି୨୦ ଫର୍ମାଟରେ କୌଣସି ଦଳ କୌଣସି ଦଳକୁ ପରାସ୍ତ କରିପାରେ। କାରଣ ଜଣେ ଖେଳାଳିଙ୍କ ବ୍ୟକ୍ତିଗତ ପ୍ରଭାବୀ ପ୍ରଦର୍ଶନ ମ୍ୟାଚର ଫଳାଫଳକୁ ଏପଟ ସେପଟ କରିଦେଇପାରେ। ତେଣୁ କୌଣସି ଦଳ ଉପରେ ଗ୍ୟାରେଣ୍ଟି ଦେଇ ହେବନାହିଁ। ଉଦାହରଣସ୍ୱରୂପ ଆଫଗାନିସ୍ତାନର ରଶିଦ ଖାଁଙ୍କ ଭଳି ଖେଳାଳି ବିପର୍ଯ୍ୟୟ ସୃଷ୍ଟି କରିପାରନ୍ତି। ଆଇପିଏଲ୍ ଅଭିଜ୍ଞତା ହାସଲ କରିଥିବା କେତେଜଣ ଖେଳାଳିଙ୍କ ଯୋଗୁ ଆଫଗାନିସ୍ତାନ କ୍ରିକେଟ ଦଳ ଅଧିକ ଶକ୍ତିଶାଳୀ ହୋଇପାରିଛି। ରଶିଦ ଖାଁ ମୁଜିବ୍ ଓ ମହମ୍ମଦ ନବିଙ୍କ ଭଳି କେତେଜଣ ଖେଳାଳିଙ୍କୁ ହେୟଜ୍ଞାନ କରିହେବ ନାହିଁ। ଟୁର୍ନାମେଣ୍ଟର ଗ୍ରୁପ୍-୧ରେ ଅଷ୍ଟ୍ରେଲିଆ, ୱେଷ୍ଟଇଣ୍ଡିଜ, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ସ୍ଥାନ ପାଇଛନ୍ତି। ଗମ୍ଭୀର ଏହାକୁ 'ଗ୍ରୁପ୍ ଅଫ୍ ଡେଥ୍' ଆଖ୍ୟା ଦେଇଛନ୍ତି।

# ରଞ୍ଜନ, ବିଧୁ ଫିଡେ ଆର୍ବିଟର




ରଞ୍ଜନ ମହାନ୍ତି ଓ ବିଧୁ ଭୂଷଣ ମିଶ୍ର।

**ଭୁବନେଶ୍ୱର, ୧୯ା୮ (କ୍ରୀଡ଼ା ପ୍ରତିନିଧି)**

ବିଶ୍ୱ ଚେସ୍ ଫେଡେରେଶନ ପକ୍ଷରୁ ଓଡ଼ିଶାର ରଞ୍ଜନ ମହାନ୍ତି ଓ ବିଧୁ ଭୂଷଣ ମିଶ୍ରଙ୍କୁ ଫିଡେ ଆର୍ବିଟର ଟାଇଟଲ ପ୍ରଦାନ କରାଯାଇଛି। ରଞ୍ଜନ ମହାନ୍ତି ଜଣେ ଫିଡେ ଇନ୍‌ଷ୍ଟ୍ରକ୍ଟର ମଧ୍ୟ। ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସମ୍ପାଦକ ଦେବବ୍ରତ ଭଞ୍ଜ ଉଭୟ ନୂଆ ଫିଡେ ଆର୍ବିଟରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ରଞ୍ଜନ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସଭାପତି ଓ ବିଧୁ ଭୂଷଣ ଯୁଗ୍ମ ସମ୍ପାଦକ ଦାୟିତ୍ୱରେ ଅଛନ୍ତି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ଶତପଥୀ